# ସଂଚାର

THE SANCHAR

Website: sanchar.live mail Id: sancharodisha@gmail.com

RNI NO :ODIODI/2001/04811 Postal Regd No : BN/249/15-17

Vol. 33 | ISSUE 196 | ଭାଗ ୩୩ | ସଂଖ୍ୟା ୧୯୬ | Thursday 9 October 2025 | Page 8 Rs. 5.00 | ଭୁବନେଶ୍ୱର ଗୁରୁବାର ୯ ଅକ୍ଟୋବର ୨୦୨୫ | ୮ ପୃଷ୍ଠା, ମୂଲ୍ୟ ୫ ଟଙ୍କା




**ଶାହରୁଖ୍ ଓ ଗୌରୀଙ୍କୁ ହାଇକୋର୍ଟଙ୍କ ସମନ**

ପୃଷ୍ଠା ୪

### ଆଇନଶୃଙ୍ଖଳା ସ୍ଥିତିର ସମୀକ୍ଷା କଲେ ମୁଖ୍ୟମନ୍ତ୍ରୀ

# ଷଡ଼ଯନ୍ତ୍ରକାରୀଙ୍କୁ ଦୃଢ଼ ହସ୍ତରେ ଦମନ କର

- ରାଜ୍ୟ ଛବି ମଳିନ କରିବାକୁ ହେଉଛି ଚକ୍ରାନ୍ତ
- ଅସାମାଜିକ ବ୍ୟକ୍ତି, ବିଶୃଙ୍ଖଳାକାରୀଙ୍କ ଉପରେ ନଜର ରଖ
- ପୀତବାସଙ୍କ ହତ୍ୟାକାରୀଙ୍କୁ ଖୋଜି ବାହାର କର



**ଭୁବନେଶ୍ୱର,୮।୧୦(ସଂଚାର ବ୍ୟୁରୋ):** ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ଆଜି ଲୋକସେବା ଭବନରେ ରାଜ୍ୟର ଆଇନ ଶୃଙ୍ଖଳା ପରିସ୍ଥିତି ଉପରେ ସମୀକ୍ଷା କରିବା ସହ ରାଜ୍ୟର ସମସ୍ତ ଅଞ୍ଚଳରେ ଅସାମାଜିକ ବ୍ୟକ୍ତି, ବିଶୃଙ୍ଖଳାକାରୀ ତଥା ଅନ୍ୟାନ୍ୟ ସନ୍ଦିଗ୍ଧ ବ୍ୟକ୍ତିମାନଙ୍କ ଉପରେ କଡ଼ା ନଜର ରଖିବାକୁ ପୁଲିସ ପ୍ରଶାସନକୁ ନିର୍ଦ୍ଦେଶ ଦେଇଛନ୍ତି। ବୈଠକରେ ସମୀକ୍ଷା କରି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଏକ ଶାନ୍ତିପୂର୍ଣ୍ଣ ରାଜ୍ୟ ଭାବେ ପରିଚିତ ଓଡ଼ିଶାର ଛବିକୁ ମଳିନ କରିବା ପାଇଁ କେତେକ ଉଦ୍ଦେଶ୍ୟ ପ୍ରଣୋଦିତ ଗୋଷ୍ଠୀ ଉଦ୍ୟମ କରୁଛନ୍ତି। ସେମାନଙ୍କୁ ଦୃଢ଼ ହସ୍ତରେ ଦମନ କରିବାର ଆବଶ୍ୟକତା ରହିଛି ବୋଲି ମୁଖ୍ୟମନ୍ତ୍ରୀ ମତ ବ୍ୟକ୍ତ କରି ଏପରି ବ୍ୟକ୍ତିମାନଙ୍କ ଉପରେ ସତର୍କ ଦୃଷ୍ଟି ରଖିବାକୁ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ପୁଲିସ୍ ଉଚ୍ଚ ପଦାଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ।

ସେହିପରି କଟକ ସହରର ପରିସ୍ଥିତି ସ୍ୱାଭାବିକ ହେଉଛି ବୋଲି ବୈଠକରେ ସୂଚନା ଦିଆଯାଇଛି। କର୍ଫ୍ୟୁ ଉଠିବା ସହ ଇଣ୍ଟରନେଟ ସେବା ପୁନଃସ୍ଥାପିତ ହୋଇଛି। ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ପରିସ୍ଥିତି ସାମାନ୍ୟ ହେଲେ ମଧ୍ୟ ପୁଲିସକୁ ସତର୍କ ରହିବାକୁ ପଡ଼ିବ ଓ କୌଣସି ପରିସ୍ଥିତିରେ ବି କୋହଳ ମନୋଭାବ ପୋଷଣ କରାଯିବା ଅନୁଚିତ। ସାମ୍ପ୍ରତିକ ବର୍ତ୍ତମାନ ପରିସ୍ଥିତିରେ ସବୁ ସମ୍ବେଦନଶୀଳ ଅଞ୍ଚଳରେ ପୁଲିସ ଫୋର୍ସ ମୁତୟନ ରହିବା ସହ ପାଟ୍ରୋଲିଂ ଜାରି ରଖାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଏହାଛଡ଼ା ଭାଇଚାରାର ସହର କଟକରେ ଯେପରି ସାମାଜିକ ସଦ୍‌ଭାବ ଫେରିଆସିବ, ସେଥିପାଇଁ ବିଭିନ୍ନ ଗୋଷ୍ଠୀର ନେତୃବୃନ୍ଦଙ୍କ ସହ ପୁଲିସ ଉଚ୍ଚ ପଦାଧିକାରୀମାନେ ଆଲୋଚନା ଜାରି ରଖିବା ଆବଶ୍ୟକ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ଏହି ଅବସରରେ ବ୍ରହ୍ମପୁରର ବିଶିଷ୍ଟ ଆଇନଜୀବୀ ତଥା ସମାଜସେବୀ ପୀତବାସ ପଣ୍ଡାଙ୍କ ହତ୍ୟାକାଣ୍ଡ ମାମଲାରେ ଦୁଃଖ ପ୍ରକାଶ କରିବା ସହ ମୁଖ୍ୟମନ୍ତ୍ରୀ ହତ୍ୟାକାରୀମାନଙ୍କୁ ତୁରନ୍ତ ଖୋଜି ବାହାର କରିବାକୁ ପୁଲିସ୍ ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ ଅପରାଧୀମାନେ ଯେପରି ଆଇନର ସମ୍ମୁଖୀନ ହେବେ ଓ ଦୃଷ୍ଟାନ୍ତମୂଳକ ଦଣ୍ଡ ପାଇବେ, ସେଥିପ୍ରତି ମଧ୍ୟ ପଦକ୍ଷେପ ନେବାକୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି। ଏହି ବୈଠକରେ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟର ଉପଦେଷ୍ଟା ପ୍ରକାଶ ମିଶ୍ର, ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ଗୃହ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ, ପୁଲିସ ମହାନିର୍ଦ୍ଦେଶକ ୱାଇବି ଖୁରାନିଆ, ମୁଖ୍ୟମନ୍ତ୍ରୀଙ୍କ ପ୍ରମୁଖ ଶାସନ ସଚିବ ଶାଶ୍ୱତ ମିଶ୍ର ଏବଂ ବରିଷ୍ଠ ପୁଲିସ ଅଧିକାରୀମାନେ ଉପସ୍ଥିତ ଥିଲେ।

---

### ୨୦୨୫ ନୋବେଲ ପୁରସ୍କାର

## ରସାୟନ ବିଜ୍ଞାନ ପାଇଁ ୩ ବୈଜ୍ଞାନିକ ମନୋନୀତ



**ଷ୍ଟକହୋମ୍,୮।୧୦:** ଜାପାନର କ୍ୟୋଟୋ ବିଶ୍ୱବିଦ୍ୟାଳୟର ସୁସୁମୁ କିତାଗାୱା, ଅଷ୍ଟ୍ରେଲିଆର ମେଲବର୍ଣ୍ଣ ବିଶ୍ୱବିଦ୍ୟାଳୟର ରିଚାର୍ଡ ରବସନ ଏବଂ ଆମେରିକାର କାଲିଫର୍ଣ୍ଣିଆ ବିଶ୍ୱବିଦ୍ୟାଳୟ, ବର୍କଲେର ଓମାର ଏମ. ୟାଘିଙ୍କୁ ୨୦୨୫ ରସାୟନ ବିଜ୍ଞାନ ନୋବେଲ ପୁରସ୍କାର ପାଇବେ। ଏମାନେ ମେଟାଲ-ଅର୍ଗାନିକ ଫ୍ରେମୱାର୍କ (ଏମ୍‌ଏଏଫ୍) ନାମକ ଏକ ଅଭୂତପୂର୍ବ ପଦାର୍ଥ ତିଆରି କରିଥିବାରୁ ସେମାନଙ୍କୁ ଏହି ମର୍ଯ୍ୟାଦାଜନକ ପୁରସ୍କାର ପାଇଁ ମନୋନୀତ କରାଯାଇଛି। ଏହି ସ୍ଫଟିକ ପଦାର୍ଥ ଧାତୁ ଆୟନ ଓ ଜୈବିକ ଅଣୁକୁ ଯୋଡ଼ି ଅତି ଛିଦ୍ରଯୁକ୍ତ ଗଠନ ସୃଷ୍ଟି କରିଥାଏ, ଯାହା ଗ୍ୟାସ ଓ ଅଣୁକୁ ଜାଲି ରଖିବା ସହ ସଂରକ୍ଷଣ ଓ ପରିଚାଳନା କରିବାର ➭ପୃଷ୍ଠା-୬

---



## ଟାଗୋରଙ୍କ ବାସଗୃହ ହେବ ମ୍ୟୁଜିୟମ୍

**ପୁରୀ,୮।୧୦(ସଂଚାର ବ୍ୟୁରୋ):** ପୁରୀରେ ନୋବେଲ୍ ପୁରସ୍କାରପ୍ରାପ୍ତ ପ୍ରଖ୍ୟାତ କବି ରବୀନ୍ଦ୍ରନାଥ ଟାଗୋରଙ୍କ ପୈତୃକ ବାସଗୃହ ଥିବା ବେଳେ ଏହାର ବିକାଶ ପାଇଁ ରାଜ୍ୟ ସରକାର ନିଷ୍ପତ୍ତି ନେଇଛନ୍ତି। ଏହି କ୍ରମରେ ଏହି ବାସଗୃହକୁ ସରକାର ମ୍ୟୁଜିୟମ୍ ରୂପ ଦେବେ ବୋଲି ଘୋଷଣା କରିଛନ୍ତି। ଆଜି ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ମନ୍ତ୍ରୀ ସୂରଜ ସୂର୍ଯ୍ୟବଂଶୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏକ ଉଚ୍ଚସ୍ତରୀୟ ବୈଠକରେ ଏହି ନିଷ୍ପତ୍ତି ହୋଇଛି। ପୁରୀରେ ରବୀନ୍ଦ୍ର ନାଥଙ୍କ ପୈତୃକ ବାସଗୃହ 'ପାଥେର୍ ପୁରୀ' ➭ପୃଷ୍ଠା-୬

---

**ପୀତବାସ ପଣ୍ଡା ହତ୍ୟା ଘଟଣା**

## ପ୍ରି-ପ୍ଲାନ୍ ସହ ଗୁଳି କରିଥିଲେ ଶାର୍ପ-ଶୁଟର୍



- ଛାନଭିନ୍ ପାଇଁ ପୁଲିସ୍‌ର ୬ ଟିମ୍‌କୁ ଦାୟିତ୍ୱ
- ୫୦ରୁ ଊର୍ଦ୍ଧ୍ୱ ସିସିଟିଭି ଯାଞ୍ଚ ଆଧାରରେ ଯାଞ୍ଚ
- ଦୁର୍ବୃତ୍ତ ପିନ୍ଧିଥିଲେ ଧଳା ଶାର୍ଟ, ହେଲ୍‌ମେଟ୍
- ଛାତିରୁ ବାହାରିଲା ୯ ଏମ୍‌ଏମ୍ ଗୁଳି
- ଗୁରୁତ୍ୱପୂର୍ଣ୍ଣ ଡକ୍ୟୁମେଣ୍ଟ୍ ନେଇଯାଇଛନ୍ତି ଦୁର୍ବୃତ୍ତ!

**ବ୍ରହ୍ମପୁର,୮।୧୦(ସଂଚାର ବ୍ୟୁରୋ):** ଗତକାଲି ବ୍ରହ୍ମପୁରର ପ୍ରମୁଖ ବିଜେପି ନେତା ତଥା ବରିଷ୍ଠ ଆଇନଜୀବୀ ପୀତବାସ ପଣ୍ଡାଙ୍କୁ ଦୁଇ ଜଣ ଦୁର୍ବୃତ୍ତ ପଏଣ୍ଟ୍ ବ୍ଲାଙ୍କ୍‌ରୁ ଗୁଳି ଚଳାଇ ହତ୍ୟା କରିଥିବା ବେଳେ ଆଜି ଏନେଇ ବ୍ରହ୍ମପୁର ଏସ୍‌ପି ସବିଶେଷ ସୂଚନା ଦେଇଛନ୍ତି। ବିଶେଷକରି ଦୁର୍ବୃତ୍ତମାନଙ୍କ ସମ୍ପର୍କରେ ଗଣମାଧ୍ୟମକୁ ବଡ଼ ସୂଚନା ଦେଇଛନ୍ତି ବ୍ରହ୍ମପୁର ଏସ୍‌ପି ଶ୍ରବଣା ବିବେକ ଏମ୍। ସେହିପରି ପୀତବାସଙ୍କ ହତ୍ୟାକାରୀମାନଙ୍କୁ ଧରିବା ପାଇଁ ପୁଲିସ ପକ୍ଷରୁ ୬ଟି ଟିମ୍ ଗଠନ କରାଯାଇଛି। ତଦନ୍ତ ପାଇଁ ଟାଉନ୍ ଏସଡିପିଓଙ୍କ ସହ ୨ ଜଣ ଡିଏସ୍‌ପିଙ୍କୁ ନେଇ ଏହି ଟିମ୍‌ଗୁଡ଼ିକ ଗଠନ କରାଯାଇଛି। ବିଭିନ୍ନ ଦିଗରୁ ପୁଲିସ୍ ତା'ର ଛାନଭିନ୍ ଜାରି ରଖିଥିବା ବେଳେ ସିସିଟିଭି ଫୁଟେଜ୍ ଆଧାରରେ ଅପରାଧୀମାନଙ୍କ ସମ୍ପର୍କରେ କେତେକ ତଥ୍ୟ ଶେୟାର୍ କରାଯାଇଛି। ➭ପୃଷ୍ଠା-୬

---

## ବିଜେଡି ତଣ୍ଟିରେ ଭାସ୍କର କଣ୍ଟା

### ହ୍ୱିପ ମାନିବେନି ବିଜେଡି କାଉନସିଲର!



**ରାୟଗଡ଼ା,୮।୧୦(ସଂଚାର ବ୍ୟୁରୋ):** ରାୟଗଡ଼ାରେ ବିଜେଡି ତଣ୍ଟିରେ ଏଯାଏଁ ଲାଗିଛି ଭାସ୍କର କଣ୍ଟା। ଦଳ ଛାଡିବା ପରେ ବି ଏହି କଣ୍ଟା ଦଳ ପାଇଁ କାଳ ହୋଇଛି। ଭାସ୍କରଙ୍କ ଅନୁଗତ କାଉନସିଲରମାନେ ସଭାପତି ନବୀନ ପଟ୍ଟନାୟକଙ୍କ ହ୍ୱିପକୁ ବି ଅବମାନନା କରିବାକୁ ନିଷ୍ପତ୍ତି ନେଇସାରିଥିବା ଜଣାପଡିଛି। ରାୟଗଡା ପୌରାଞ୍ଚଳରେ ୨୪ କାଉନ୍‌ସିଲରଙ୍କ ମଧ୍ୟରୁ ବିଜେଡିର ୨୧, ବିଜେପିର ୨ ଓ କଂଗ୍ରେସର ଜଣେ କାଉନସିଲର ଅଛନ୍ତି। ଅଧ୍ୟକ୍ଷ ଓ ଉପାଧ୍ୟକ୍ଷା ଉଭୟ ବିଜେଡିର। ବିଜେଡିର ସବୁ କାଉନ୍‌ସିଲର ଭାସ୍କର ରାଓଙ୍କ ଅନୁଗତ ଥିଲେ। କିନ୍ତୁ ଦଳୀୟ କନ୍ଦଳରେ ଭାସ୍କର ରାଓ ଇତିମଧ୍ୟରେ ବିଜେଡି ➭ପୃଷ୍ଠା-୬

---

● ସୁଧୁରୁନି ପାକିସ୍ତାନ, ଦିବାସ୍ୱପ୍ନ ଦେଖୁଛନ୍ତି ଖ୍ୱାଜା

## ଭାରତ ସହ ଯୁଦ୍ଧ ହେବ, ଏଥିରେ ଆମେ ଜିତିବୁ

### ଔରଙ୍ଗଜେବ ସମୟରେ ଏକଜୁଟ ଥିଲା ଭାରତ



**ଇସଲାମାବାଦ,୮।୧୦:** ଗତ ଏପ୍ରିଲ୍‌ରେ ପହଲଗାମ୍‌ରେ ହୋଇଥିବା ନରସଂହାର ପରେ ଭାରତୀୟ ସେନା ପକ୍ଷରୁ ପାକିସ୍ତାନକୁ ପାନେ ଚଖାଇବା ସକାଶେ ମେ' ୭-୮ରେ 'ଅପରେସନ୍ ସିନ୍ଦୂର'କୁ ବାସ୍ତବ ରୂପ ଦିଆଯାଇଥିଲା। ଏଥିରେ ପାକିସ୍ତାନର ସାମରିକ ଭିତ୍ତିଭୂମିକୁ ଜବରଦସ୍ତ ଝଟ୍‌କା ଲାଗିବା ସହ ୯ଟି ପ୍ରମୁଖ ଆତଙ୍କୀ ସଂଗଠନର ପ୍ରମୁଖ ସ୍ଥଳଗୁଡ଼ିକ ମଧ୍ୟ ନଷ୍ଟ ହୋଇଥିଲା। କିନ୍ତୁ ଏହା ସତ୍ତ୍ୱେ ବି ପାକିସ୍ତାନ ବିଭିନ୍ନ ସମୟରେ ଏହାକୁ ସ୍ୱୀକାର ନ କରି ବରଂ ଭାରତ ଉପରେ ଦୋଷ ଲଦିଚାଲିଛି। ଏହି କ୍ରମରେ ଏବେ ଦେଶର ପ୍ରତିରକ୍ଷା ମନ୍ତ୍ରୀ ଖ୍ୱାଜା ଆସିଫ୍ ଦିବାସ୍ୱପ୍ନ ଦେଖିଛନ୍ତି। ସେ ଏକ ଟିଭିକୁ ସାକ୍ଷାତକାର ଦେବା ସମୟରେ କହିଛନ୍ତି ଯେ ଆଗାମୀ ଦିନରେ ଭାରତ ସହ ଆମର ଯୁଦ୍ଧ ହେବ ଓ ଏହି ଯୁଦ୍ଧରେ ଆମେ ବଡ଼ ଧରଣର ବିଜୟ ହାସଲ କରିବୁ। ଏଭଳି ମନ୍ତବ୍ୟ ଦେଇ ଖ୍ୱାଜା ଭାରତକୁ ଯୁଦ୍ଧ ପାଇଁ ଏକପ୍ରକାର ଧମକ ଦେଇଛନ୍ତି। ଏହି ଅବସରରେ ସେ ଭାରତର ଐକ୍ୟ ଉପରେ ମଧ୍ୟ ପ୍ରଶ୍ନବାଚୀ ଲଗାଇଛନ୍ତି। ସେ କହିଛନ୍ତି ଯେ ଭାରତରେ ସମାନତା ବା ଐକ୍ୟ ହାସଲ କରିବା ଏତେଟା ସହଜ ନୁହେଁ। କେବଳ ➭ପୃଷ୍ଠା-୬

---

## ନବୀନଙ୍କ ଟିମ୍ ନୂଆପଡ଼ାରୁ ବବି ଆଉଟ୍



- ପଶ୍ଚିମ ଓ ଦକ୍ଷିଣୀ ନେତା ସମ୍ଭାଳିବେ ଗଡ଼
- ଜୟ ଢୋଲକିଆଙ୍କ ଦାବି ମାନିଲେ ସୁପ୍ରିମୋ

**ଭୁବନେଶ୍ୱର,୮।୧୦(ସଂଚାର ବ୍ୟୁରୋ):** ନବୀନ ପଟ୍ଟନାୟକ ଆଜି ନୂଆପଡା ଉପନିର୍ବାଚନ ପାଇଁ ଟିମ ବିଜେଡି ଗଠନ କରିଛନ୍ତି। ଏଥିରେ ୬ଜଣ ବରିଷ୍ଠ ନେତାଙ୍କୁ ନେଇ ଷ୍ଟିୟରିଂ କମିଟି, ୧୦ ଜଣ ନେତାଙ୍କୁ ଜୋନାଲ ଦାୟିତ୍ୱ ଓ ତିନି ଜଣ ଜିଲ୍ଲା ନେତାଙ୍କୁ ଆଞ୍ଚଳିକ କାର୍ଯ୍ୟାନୁଷ୍ଠାନ କମିଟି ଗଠନ କରାଯାଇଛି। ତେବେ ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ନବୀନଙ୍କ ଏହି ଟିମରେ ବବି ଦାସଙ୍କୁ ରଖାଯାଇନି।

ରାଜେନ୍ଦ୍ର ଢୋଲକିଆଙ୍କ ମୃତ୍ୟୁ ପରେ ବିଜେଡି ତାଙ୍କ ପୁଅ ଜୟ ଢୋଲକିଆଙ୍କୁ ପ୍ରାର୍ଥୀ କରିବାକୁ ଏକପ୍ରକାର ନିଶ୍ଚିତ କରିଛି। ତେବେ ଚର୍ଚ୍ଚା ହେଉଥିଲା ଯେ, ଜୟ ପ୍ରାର୍ଥୀ ହବା ପାଇଁ ଏକ ସର୍ତ୍ତ ରଖିଥିଲେ। ଜୟ ସର୍ତ୍ତ ରଖିଥିଲେ ନିର୍ବାଚନ ଦାୟିତ୍ୱ ବବି ଦାସଙ୍କୁ ଦିଆଗଲେ ସେ ପ୍ରାର୍ଥୀ ହେବେନି। ଏଭଳି ସର୍ତ୍ତକୁ ନେଇ ବିଜେଡିରେ ଗତ ସପ୍ତାହେ ହେଲା ଘଣ୍ଟାଚକଟା ଚାଲିଥିଲା। ଶେଷରେ ନବୀନ ୧୯ ଜଣିଆ ମେଗା ଟିମ ଗଠନ କରିଛନ୍ତି, ଯେଉଁଥିରେ ଜୟଙ୍କ ସର୍ତ୍ତକୁ ସମ୍ମାନ ଦିଆଯାଇଛି। ନବୀନଙ୍କ ଏହି ନିଷ୍ପତ୍ତି କିଛି ବିଜୁ ପ୍ରେମୀଙ୍କୁ ଉତ୍ସାହିତ କରିଥିବା ବେଳେ ବବି ପ୍ରେମୀଙ୍କ ମୁହଁ ଫିକା ପଡିଯାଇଛି। ଅଧିକାଂଶ ସମୟରେ ଉପକୂଳିଆ ନେତାମାନେ ବିଜେଡିର ମଙ୍ଗୁଆଳ ସାଜୁଥିଲେ। କିନ୍ତୁ ଉକ୍ତ ଟ୍ରେଣ୍ଡକୁ ଏଥର ନବୀନ ଭାଙ୍ଗିଛନ୍ତି।

ଷ୍ଟିୟରିଂ କମିଟିରେ ଅଛନ୍ତି ବିଧାୟକ ପ୍ରସନ୍ନ ଆଚାର୍ଯ୍ୟ, ସ୍ନେହାଙ୍ଗିନୀ ଛୁରିଆ, ନିରଞ୍ଜନ ପୂଜାରୀ, ଟୁକୁନି ସାହୁ, ସାଂସଦ ନିରଞ୍ଜନ ବିଶି ଓ ଆୟୁବ ଖାନ। ସେହିଭଳି ବିଧାୟକ କଳିକେଶ ନାରାୟଣ ସିଂହଦେଓ ➭ପୃଷ୍ଠା-୬

---



## ମୁଖ୍ୟସ୍ରୋତକୁ ଫେରିଲେ ୧୬ ନକ୍ସଲ

### ଜଣକ ମୁଣ୍ଡରେ ଥିଲା ୭୦ ଲକ୍ଷର ପୁରସ୍କାର

**ନାରାୟଣପୁର ୮।୧୦:** ଛତିଶଗଡ଼ର ନକ୍ସଲ ପ୍ରଭାବିତ ନାରାୟଣପୁରରେ ବୁଧବାର ପୁଲିସକୁ ବଡ଼ ସଫଳତା ମିଳିଛି। ଜିଲ୍ଲାରେ ଜାରି ନକ୍ସଲ ଉନ୍ମୂଳନ ଅଭିଯାନରେ ୧୬ ଜଣ ନକ୍ସଲ ଆତ୍ମସମର୍ପଣ କରିଛନ୍ତି। ଆତ୍ମସମର୍ପଣକାରୀଙ୍କ ମଧ୍ୟରେ ଜଣେ ନକ୍ସଲ ଅଛନ୍ତି ଯାହାଙ୍କ ମୁଣ୍ଡ ଉପରେ ସରକାରଙ୍କ ୭୦ଲକ୍ଷ ଟଙ୍କାର ପୁରସ୍କାର ଥିଲା। ଏଥିରେ ୯ ଜଣ ପୁରୁଷ ଓ ୭ ଜଣ ମହିଳା ନକ୍ସଲ ଆତ୍ମସମର୍ପଣ କରିଛନ୍ତି। ଏମାନଙ୍କ ମଧ୍ୟରେ ଜଣେ ଡେପୁଟି କମାଣ୍ଡର ସ୍ତରର ନକ୍ସଲ ମଧ୍ୟ ଅଛନ୍ତି। ନାରାୟଣପୁର ପୋଲିସ ଅଧିକ୍ଷକ ରବିନସନ ଗୁଡିଆ ଏହି ଖବର ପୁଷ୍ଟି କରିଛନ୍ତି। ଏସପି ➭ପୃଷ୍ଠା-୬

---

## ଲାଞ୍ଚ ନେଉଥିଲେ ଓଏଏସ୍ ବାବୁ

## ମାଡ଼ିବସିଲା ଭିଜିଲାନ୍ସ



**ଭଞ୍ଜନଗର,୮।୧୦(ସଂଚାର ବ୍ୟୁରୋ):** ଭିଜିଲାନ୍ସ ଜାଲରେ ପଡିଲେ ଓଏଏସ୍ ଅଧିକାରୀ। ଗଞ୍ଜାମ ବେଲଗୁଣ୍ଠା ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀ ବନମାଳୀ ଶତପଥୀ ଲାଞ୍ଚ ନେଇ ଭିଜିଲାନ୍ସ ହାତରେ ଧରାପଡିଛନ୍ତି। ୨୫ ହଜାର ଟଙ୍କା ଲାଞ୍ଚ ନେବାବେଳେ ତାଙ୍କୁ ଭିଜିଲାନ୍ସ ଅଧିକାରୀମାନେ ମାଡ଼ିବସିଛନ୍ତି। ଜନୈକ କର୍ମଚାରୀଙ୍କ ରିଲିଜ୍ ଅର୍ଡର ଓ ଏରିୟର କରାଇଦେବା ପାଇଁ ସେ ଲାଞ୍ଚ ନେଉଥିଲେ। ଧରାପଡିବା ପରେ ଓଏଏସ୍ ଅଧିକାରୀଙ୍କ ୩ଟି ସ୍ଥାନରେ ରେଡ୍ ଆରମ୍ଭ ହୋଇଛି। ଭିଜିଲାନ୍ସ ଟିମ୍ ତାଙ୍କ କାର୍ଯ୍ୟାଳୟ ଏବଂ ବାସଭବନରେ ମଧ୍ୟ ଚଢ଼ାଉ କରିଛି। ଏହାପରେ ଭିଜିଲାନ୍ସ ଟିମ୍ ବନମାଳୀଙ୍କୁ ଅଧିକ ଜେରା ପାଇଁ ବ୍ରହ୍ମପୁର ଏସପି ଅଫିସକୁ ନେଇଛନ୍ତି। ପ୍ରକାଶ ଯେ ବେଲଗୁଣ୍ଠା ଏନ୍‌ଏସିରେ ଏମ୍ ଆଇ ଏସ ସରୋଜ ଜେନା ଚାକିରି କରୁଥିଲେ। ତାଙ୍କର ୩ ମାସ ପୂର୍ବେ ନୟାଗଡ଼ ମ୍ୟୁନିସିପାଲଟିକୁ ବଦଳି ହୋଇଯାଇଥିଲା। ଏହାପରେ ➭ପୃଷ୍ଠା-୬

---

## ଯୋଗାଣ ବିଭାଗରେ ଯୋଗାଡ଼ିଆ ପଦୋନ୍ନତି





ରାଜ୍ୟ ଯୋଗାଣ ବିଭାଗରେ ଲମ୍ବା ପଦୋନ୍ନତି ତାଲିକା ପ୍ରକାଶ ପାଇଥିବା ବେଳେ ଏହା ଏକ ଯୋଗାଡିଆ ପଦୋନ୍ନତି ବୋଲି ଚର୍ଚ୍ଚା ଜୋର ଧରିଛି। ବିଶେଷକରି ଏହି ଜୁମ୍ବୋ ତାଲିକାରେ ଭିଜିଲାନ୍ସ ହାତରେ ଧରାପଡିଥିବା ଜଣେ ଅଧିକାରୀ ଥିବାରୁ ତାହା ଚର୍ଚ୍ଚାକୁ ଖୋରାକ ଯୋଗାଇଛି। ହେଉଥିବା ଆଲୋଚନା ଅନୁଯାୟୀ ଗତ ୬ ତାରିଖରେ ବିଭାଗ ପକ୍ଷରୁ ୩୪ ଜଣଙ୍କୁ ସହକାରୀ ଯୋଗାଣ ଅଧିକାରୀ ପଦବୀକୁ ପଦୋନ୍ନତି ଦିଆଯାଇଛି। ତେବେ ଏହି ତାଲିକାରେ ଏଭଳି ଜଣେ ବାବୁ ଅଛନ୍ତି, ଯିଏ ଗତ ୨୦୧୭ରେ ଭିଜିଲାନ୍ସ ହାତରେ ଧରାପଡ଼ିଥିଲେ। କଟକ ଜିଲ୍ଲାରେ କାର୍ଯ୍ୟରତ ଥିବାବେଳେ ବାବୁଙ୍କୁ ଭିଜିଲାନ୍ସ ଧରିବା ସହ ଗିରଫ କରି ଜେଲ୍ ପଠାଇଥିଲା। ବିଭାଗ ବି ତାଙ୍କୁ ସରକାରୀ ନିୟମ ଅନୁଯାୟୀ ନିଲମ୍ବିତ କରିଥିଲା। ଏବେ ବି ଏହି ମାମଲା ଚାଲିଛି। ତେବେ ମାମଲା ଚାଲିଥିବା ବେଳେ ବାବୁ କିଭଳି ସୁନାପିଲା ହୋଇଗଲେ ଓ ବିଭାଗର ଅତିରିକ୍ତ ସଚିବ ହାତ କାଟି ତାଙ୍କୁ ପଦୋନ୍ନତି ଦେଇଦେଲେ, ତାହା ଏବେ ସଚିବାଳୟରେ ଆଲୋଚନା ପାଲଟିଛି। କାରଣ ପଦୋନ୍ନତି ଦେବା ପୂର୍ବରୁ ଅଧିକାରୀ ଓ କର୍ମଚାରୀମାନଙ୍କର ଅତୀତ ଓ ବର୍ତ୍ତମାନର ସବୁ ରେକର୍ଡ ଯାଞ୍ଚ ହୋଇଥାଏ। ଯୋଗାଣ ବିଭାଗ ଏଭଳି ଯାଞ୍ଚ କରିଥିଲା କି ନାହିଁ, ତାହାକୁ ନେଇ ଅନେକ ସନ୍ଦେହ କରୁଥିବା ବେଳେ ବିଭାଗର ଏଭଳି ପଦୋନ୍ନତିକୁ ଅନେକ ଯୋଗାଡ଼ିଆ ପଦୋନ୍ନତି ବୋଲି କହି ଟାହିଟାପରା କରୁଛନ୍ତି।

---



**କାନ ଡେରିଆ**

ଯାତରା ଦଳର ଯାତରା ସରୁନି
ଲଗାନ୍ତି ସେ ଠିଆ ପାଲା
ପାଲା ମଧ୍ୟେ କିଏ ବଳି ଯେ
ପଡୁଛି
ତାଙ୍କର କି ଅବା ଗଲା
ରିମୋଟ ଚିପିଲେ ହେଲା...
ବିକଳିଆ ଲୋକ ଦୁଇ କଉଡ଼ିରେ
ମୁଣ୍ଡ ଯେ ବିକନ୍ତି ଭଲା।

■ ଦେବାଶିଷ

---

## ନିଯୁକ୍ତି ଦୁର୍ନୀତି ଜାଲରେ ଛନ୍ଦିହେବେ କି କ୍ରୀତଦାସ ?

**ଭୁବନେଶ୍ୱର,୮।୧୦(ସଂଚାର ବ୍ୟୁରୋ):** ନିଯୁକ୍ତି ଦୁର୍ନୀତିରେ ଧରାପଡି ଜେଲ୍‌ରେ ଥିବା ଚାକିରି ଆଶାୟୀମାନେ ଯେଉଁ ଇସାରା ଦେଇଛନ୍ତି ସେଥିରେ ଏବେ ନିଯୁକ୍ତି ଦୁର୍ନୀତି ଜାଲରେ ଖୋଦ୍ କ୍ରୀତଦାସ ଛନ୍ଦି ହେବାକୁ ଯାଉଥିବା ନେଇ ଆଲୋଚନା ଜୋର ଧରିଛି। କାରଣ ଆଶାୟୀମାନେ ଯେଉଁମାନଙ୍କ ଆଡକୁ ଇସାରା କରିଛନ୍ତି ସେମାନଙ୍କ ମଧ୍ୟରୁ ଅଧିକାଂଶ ହେଉଛନ୍ତି କ୍ରୀତାଦାସଙ୍କ ଅତି ନିକଟତର।

ପୁଲିସ୍ ନିଯୁକ୍ତି ପରୀକ୍ଷାରେ କପି ତାଲିମ ନେବାପାଇଁ ଆନ୍ଧ୍ରପ୍ରଦେଶ ଯାଉଥିବାବେଳେ ବାଟରୁ ଗିରଫ ହୋଇ ଶତାଧିକ ଚାକିରି ଆଶାୟୀ ଜେଲ୍‌ରେ ରହିଛନ୍ତି। ଏମାନଙ୍କ ମଧ୍ୟରେ ଅନେକ ବଡ ବଡିଆଙ୍କ ପିଲା ବି ରହିଛନ୍ତି। ତେବେ ଏହି ଦୁର୍ନୀତିର ଚେର ଓପାଡିବାପାଇଁ କ୍ରାଇମବ୍ରାଞ୍ଚ କିଛି ଆଶାୟୀଙ୍କୁ ପଚରା ଉଚୁରା କରିଥିବାର ସୂଚନା ମିଳିଛି। ସେମାନେ ଯେଉଁସବୁ ସୂଚନା ଦେଇଛନ୍ତି ସେଥିରେ କ୍ରୀତଦାସ ଫସିବାଟା ଥୟ



ବୋଲି ଆଲୋଚନା ଚାଲିଛି। କାରଣ ସେମାନେ ଏହି ନିଯୁକ୍ତି କେଳେଙ୍କାରୀ ପଛରେ ଯେଉଁମାନଙ୍କ ହାତଥିବା ନେଇ ସଙ୍କେତ ଦେଇଛନ୍ତି ସେମାନଙ୍କ ମଧ୍ୟରୁ ଅନେକ କ୍ରୀତାଦାସଙ୍କ ସହିତ ବ୍ୟାବସାୟିକ ଓ ରାଜନୈତିକ ଭାବେ ଜଡିତ।

ଇତିମଧ୍ୟରେ ବିଜେଡି ସରକାର ଅମଳରୁ ପୁଲିସ୍ ପରୀକ୍ଷାରେ ଏଭଳି 'ସବ୍‌ଲେଟ୍' କାରବାର ଚାଲିଥିବାର ଗୁମର ଫିଟିବାରେ ଲାଗିଛି।

### ଗିରଫ ଅଭିଯୁକ୍ତଙ୍କ ଇସାରାରୁ ମିଳୁଛି ସଙ୍କେତ

### ଦୀର୍ଘ ଦିନରୁ ଚାଲିଥିଲା ଖେଳ

ସେତେବେଳେ ବି ପୁଲିସ୍ ନିଯୁକ୍ତି ବୋର୍ଡ କେନ୍ଦ୍ରୀୟ ସଂସ୍ଥାକୁ ଦାୟିତ୍ୱ ଦେଉଥିଲା। କେନ୍ଦ୍ରୀୟ ସଂସ୍ଥା ଗୁଜୁରାଟର ଏକ ସଂସ୍ଥାକୁ ତାହାକୁ ସବଲେଟ୍ ଦେଉଥିଲା। ଅତ୍ୟନ୍ତ ସର୍ତକତାର ସହ ଏହା ଚାଲୁଥିବାରୁ କେହି ଏହାର ଟେର୍ ପାଉନଥିଲେ। ତେବେ ଗୁଜୁରାଟୀ ସଂସ୍ଥା ଛାଡିକି ଯିବାପରେ ଓଡିଶା ସଂସ୍ଥାକୁ ସବଲେଟ୍ ମିଳିଲା ଓ ଦୁର୍ନୀତି ଧରାପଡିଲା। ତେବେ ଏହି ଦୁର୍ନୀତିର ଚେର କେତେ କୋଚିଂ ସେଣ୍ଟରକୁ ବ୍ୟାପିଥିବା ନେଇ ଆଲୋଚନା ଜୋର ଧରିଛି। ଏଭଳି କେତେକ କୋଚିଂ ସଂସ୍ଥା ସହିତ କ୍ରୀତଦାସ ଓତଃପ୍ରୋତ ଭାବେ ଜଡିତ ଥିବା ନେଇ ମଧ୍ୟ କୁହାଯାଉଛି। ଚର୍ଚ୍ଚା ଜୋର ଧରିବାପରେ ରାଜ୍ୟ ସରକାର ପୂର୍ବରୁ ବାତିଲ ହୋଇଥିବା ସମସ୍ତ ନିଯୁକ୍ତି ପରୀକ୍ଷାର ତାଲିକା ମାଗିବା ସହିତ କେଉଁ କେଉଁ କୋଚିଂ ସେଣ୍ଟର ଓ ରାଜନେତା ଏଥି ସହିତ ଜଡିତ ଥିଲେ ତାହାର ବି ଭିତିରିଆ ଖବର ସଂଗ୍ରହ କରୁଛନ୍ତି। କ୍ରାଇମବ୍ରାଞ୍ଚ ଯଦି ପୁରୁଣା ପାଠର ଆଲୋଚନା କରିବ, ତା'ହେଲେ ଆଳୁ ଖୋଳୁ ଖୋଳୁ ମହାଦେବ ବାହାରିବା ଭଳି କେବଳ କିଛି କୋଚିଂ ସେଣ୍ଟର ଫସିବେ ନାହିଁ, କ୍ରୀତଦାସଙ୍କ ପାଖରେ ବି ପୁଲିସ୍ ପହଞ୍ଚିବାର ସମ୍ଭାବନା ରହିଛି। କାରଣ ଏଭଳି କେତେକ କୋଚିଂ ସେଣ୍ଟର କ୍ରୀତଦାସଙ୍କ ଛତ୍ରଛାୟା ତଳେ ରହି ନିଜର କାୟା ବିସ୍ତାର କରିବାରେ ସଫଳ ହୋଇଛନ୍ତି। ବର୍ତ୍ତମାନ ପୁଲିସ୍ ଦୁର୍ନୀତି ପ୍ରସଙ୍ଗରେ ବିରୋଧି ଓ ଶାସକ ଦଳ ମଧ୍ୟରେ ତୁତୁ ମେମେ ଚାଲୁଥିବାବେଳେ ଖୁବ୍‌ଶୀଘ୍ର ରାଜ୍ୟର ନିଯୁକ୍ତି ବାତିଲ ପଛର ଅସଲ ରହସ୍ୟ ଉପରୁ ପରଦା ଉଠିବା ସହ ନୂଆ ପୁରୁଣା ସବୁ ନେଟୱାର୍କର ପର୍ଦ୍ଦାଫାସ ହେବ ବୋଲି କୁହାଯାଉଛି।



### ଗଜଲକ୍ଷ୍ମୀ ପୂଜାର ତୃତୀୟ ଦିବସ
## ବର୍ଷା, ଘଡ଼ଘଡ଼ି ଲାଗି ମାହୋଲ ଫିକା

**କେନ୍ଦ୍ରାପଡ଼ା, ୮।୧୦ (ସଂଚାର ବ୍ୟୁରୋ):** କେନ୍ଦ୍ରାପଡାର ପ୍ରସିଦ୍ଧ ଗଣପର୍ବ ଗଜଲକ୍ଷ୍ମୀ ପୂଜାର ଉତ୍ସାହକୁ ଅଚାନକ ବର୍ଷା ପ୍ରଭାବିତ କରିଛି। ଆଜି ତୃତୀୟ ଦିବସର ମଧାହ୍ନରେ ପ୍ରବଳ ବର୍ଷା, ବଜ୍ରପାତ ଓ ବର୍ଷା ସାଙ୍ଗକୁ ବିପରୀତ ପାଣିପାଗ ପୂଜାର ଉତ୍ସାହକୁ ପ୍ରଭାବିତ କରିଥିବା ଦେଖିବାକୁ ମିଳିଛି । ଦିନଯାକ ପାଗ ଅନୁକୂଳ ଥିବାବେଳେ ଅପରାହ୍ନ ୩ଟା ବେଳେ ଆକାଶରେ ମେଘ ଘୋଟି ଆସି ପର୍ବଳ ବର୍ଷା ହୋଇଥିଲା। ଏହାର ପ୍ରଭାବରେ ବିଦ୍ୟୁତ୍ ସରବରାହ ବ୍ୟାହତ ହୋଇ ସଂନ୍ଧ୍ୟା ୭ଟା ପର୍ଯ୍ୟନ୍ତ ଲାଇନ କଟି ଯିବାରୁ ସହର ସାରା ଅନ୍ଧକାର ଘୋଟି ରହିଥିଲା । ବାର୍ଷିକ ଏହି ଉତ୍ସବକୁ ପାଳନ କରିବା ପାଇଁ ଜନ ସାଧରଣ ଉପସ୍ଥିତ ହେଉଥିବା ବେଳେ ଏଭଳି ପ୍ରାକୃତିକ ଅସୁବିଧା ଅସ୍ୱାଭାବିକ ଭାବେ ସୃଷ୍ଟି ହୋଇ ଜନ ସାଧାରଣଙ୍କୁ ପ୍ରଭାବିତ କରିଥିବା ଦେଖିବାକୁ ମିଳିଛି। ତେବେ ଲାଇନ ଆସିବା ପରେ ଜୀବନ ଯାତ୍ରା ସ୍ୱାଭାବିକ ହେବା ସହ ଧିରେ ଧିରେ ବିଭିନ୍ନ ପୂଜା ମଣ୍ଡପରେ ଗହଳି ଦେଖିବାକୁ ମିଳିଛି। ଆନନ୍ଦ ଉଲ୍ଲାସ ସହ ଏହି ଗଣପର୍ବକୁ ପାଳନ କରି ଏଥିରେ ସାମିଲ ହେବାପାଇଁ ଥିବା ଆଗ୍ରହ ଏହି ଅଚାନକ ବର୍ଷା ପବନ, ଘଡଘଡି ପରିବେଶକୁ ସଂପୂର୍ଣ୍ଣ ପ୍ରଭାବିତ କରି ଥିବାରୁ ଆଉ ୪ ଦିନ ପର୍ବ ପାଳନ ଆଶଙ୍କା ଭିତର ଦେଇ ଗତି କରୁଥିବା ଆଶଙ୍କା ସୃଷ୍ଟି କରିଛି । ତେବେ ସଂନ୍ଧ୍ୟା ସମୟରେ ଅନେକ ପୂଜା ମଣ୍ଡପରେ ପାରମ୍ପରିକ ପୂଜାପାଠ, ଭକ୍ତ ଶ୍ରଦ୍ଧାଳୁଙ୍କ ସମାଗମ ଧିରେ ଧିରେ ବଢୁଥିବା ବେଳେ ଅଚାନକ ବର୍ଷା ବାଧକ ସାଜିଥିବା ଜଣାପଡିଛି ।

# ସରକାରୀ ଯୋଜନାରୁ ବଞ୍ଚିତ ହଜାର ହଜାର ଚାଷୀ
### ଜୁଆଣିଆ ପ୍ରାଥମିକ କୃଷି ସମବାୟ ସମିତିରେ ନିଯୁକ୍ତି ହୋଇ ପାରୁନାହାଁନ୍ତି ସଂପାଦକ

**କେନ୍ଦ୍ରାପଡ଼ା, ୮।୧୦ (ସଂଚାର ବ୍ୟୁରୋ):** କେନ୍ଦ୍ରାପଡା ଜିଲ୍ଲା ଆଳି ବ୍ଲକ ଅନ୍ତର୍ଗତ ଜୁଆଣିଆ ପ୍ରାଥମିକ କୃଷି ସମବାୟ ସମିତିରେ ହୋଇଥିବା କୋଟି କୋଟି ଟଙ୍କା ଦୁର୍ନିତିର ତଦନ୍ତ ଓ ଏଥିରେ ସଂପୃକ୍ତ ଥିବା ସଂପାଦକ ଓ ସରପଞ୍ଚଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାପାଇଁ ଶତାଧିକ ଗ୍ରାମବାସୀମାନେ ଜିଲ୍ଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି।

ଏହି ସମବାୟ ସମିତିର ସଂପାଦକ ଓ ସରପଞ୍ଚଙ୍କ ମଧୁଚନ୍ଦ୍ରିକା ଯୋଗୁ ସମିତିରେ କୋଟି କୋଟି ଟଙ୍କା ଦୁର୍ନିତି ହୋଇଥିବାର ଅଭିଯୋଗ ହେବାପରେ ସ୍ୱତନ୍ତ୍ର ଅଡିଟ ମଧ ସରିଛି । ଏଥି ସହ ସଂପାଦକ ନିଲମ୍ବନ



ହେବାପରେ ତାଙ୍କ ସ୍ଥାନରେ ଅନ୍ୟ ସଂପାଦକଙ୍କୁ ନିଯୁକ୍ତି ଦେବା ପାଇଁ ମାନ୍ୟବର ଉଚ୍ଚ ନ୍ୟାୟାଳୟ ନିର୍ଦ୍ଦେଶ ଦେବା ପରେ ମଧ ଆଜି ପର୍ଯ୍ୟନ୍ତ ସେଠାରେ ସଂପାଦକ ନିଯୁକ୍ତି ହୋଇପାରୁ ନାହାଁନ୍ତି ।

ବାରମ୍ବାର ଏ ବିଷୟରେ ଏଆରସିଏସ୍ ଓ ଡିଆରସିଏସ୍‌ଙ୍କୁ ଏବଂ ଜିଲ୍ଲାପାଳଙ୍କୁ ଅଭିଯୋଗ କଲାପରେ ମଧ ସେଠାରେ ସଂପାଦକ ନିଯୁକ୍ତି ନ ହେବାରୁ ହଜାର ହଜାର ଚାଷୀ ବିଭିନ୍ନ ସରକାରୀ ଯୋଜନା ପାଇବାରୁ ବଂଚିତ ହେଉଛନ୍ତି। ଏହା ଧେୟାଂଚଳ ହୋଇଥିବାରୁ ଫସଲ ନଷ୍ଟ ହୋଇଥିବା ଚାଷୀ ମାନଙ୍କର ସହାୟତା ବୀମା ରାଶି ଓ ଋଣ ପାଇବାର ଅସୁବିଧାର ସମ୍ମୁଖୀନ ହେଉଛନ୍ତି ।

## ବଜ୍ରପାତରେ ଯୁବକ ଗୁରୁତର

**ରାଜନଗର, ୮।୧୦ (ସଂଚାର ବ୍ୟୁରୋ):** ରାଜନଗର ଅଞ୍ଚଳରେ ଘଡଘଡି ସହିତ ବର୍ଷା ଜନଜୀବନକୁ ଅସ୍ତବ୍ୟସ୍ତ କରିଦେଇଛି। ହଠାତ ଅପରାହ୍ନରେ କଳାହାଣ୍ଡିଆ ମେଘ ଘୋଟି ଆସିବା ସହିତ ପ୍ରବଳ ବର୍ଷିଥିଲା। ବର୍ଷା ସହିତ ବଜ୍ରପାତ ଯୋଗୁ ଲୋକେ ଘରୁ ବାହାରି ପାରିନଥିଲେ। ଖମାରସାହି ଗାଁର ଶୁଭ୍ରାଂଶୁ ସ୍ୱାଇଁ (୫୪ ବର୍ଷ ) ଘରୁ ବଜାରକୁ ଆସୁଥିଲେ। ହଠାତ ବର୍ଷା ସହିତ ବଜ୍ରପାତ ହୋଇଥିଲା। ଶୁଭ୍ରାଂଶୁଙ୍କ ନିକଟରେ ବଜ୍ରପାତ ପଡିଥିଲା। ବଜ୍ରପାତ ଯୋଗୁ ଶୁଭ୍ରାଂଶୁ ତଳେ ପଡିଯାଇଥିଲେ। ଶୁଭ୍ରାଂଶୁ ଚେତା ହରାଇ ପଡିବା ସହିତ ତାଙ୍କର କାନରୁ ରକ୍ତ ବାହାରିଥିଲା। ତାଙ୍କୁ ସଙ୍ଗେ ସଙ୍ଗେ ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ତାଙ୍କର ଚିକିତ୍ସା ଚାଲିଥିବା ଜଣାପଡିଛି।

# ନିମ୍ନମାନର ରାସ୍ତା କାମ ଯୋଗୁଁ ଚାଲିଗଲା ମହିଳାଙ୍କ ଜୀବନ

**କେନ୍ଦ୍ରାପଡ଼ା,୮।୧୦(ସଂଚାର ବ୍ୟୁରୋ):** ସଦର ଥାନା ଅନ୍ତର୍ଗତ ଗଣ୍ଡାଖିଆରେ ଠିକାଦାରଙ୍କ ନିମ୍ନମାନର ରାସ୍ତା କାମ ଯୋଗୁଁ ଜଣେ ମହିଳାଙ୍କ ଜୀବନ ଚାଲିଯାଇଛି । ମୃତ ମହିଳା ଜଣଙ୍କ ହେଲେ ପଟ୍ଟାମୁଣ୍ଡାଇ ଗ୍ରାମାଳ ଥାନା ଅଧିନ ବିଲିକଣା ପାୟତର ପାଳିଆପଲ୍ଲୀ ଗ୍ରାମର ଉର୍ମିଳା ପ୍ରଧାନ ।

ଖବରରୁ ଜଣାପଡିଛି ଦୁଇବର୍ଷ ତଳେ ୧୧କୋଟି ଟଙ୍କାରେ ଶିବ ପ୍ରସାଦ ପରିଡା ନାମକ ଠିକାଦାର ସାନ୍ତସାହି ପୋଲ-ଗଣ୍ଡାଖିଆ ରାସ୍ତା କାମ କରିଥିଲେ । ଏହି କାମଟି ପ୍ରଧାନମନ୍ତ୍ରୀ ଗ୍ରାମ ସଡକ ଯୋଜନା ଅଧିନରେ ହୋଇଥିବାରୁ ନିୟମ ଅନୁଯାୟୀ ୫ବର୍ଷ ପର୍ଯ୍ୟନ୍ତ ରାସ୍ତାର ସ୍ଥାୟୀତ୍ୱ ରହିବା। କିନ୍ତୁ ଠିକାଦାର ଏଭଳି ନିମ୍ନମାନର କାମ କରିଥିଲେ ଯାହାଫଳରେ ମାତ୍ର ୬ମାସ ମଧରେ ସେହି ରାସ୍ତାରୁ ପିଚୁ ଉଠିଯାଇ ଖାଲଖମାରେ ପରିଣତ ହୋଇଯାଇଥିଲା। ଏବେ ନିକଟରେ ପୂଜା ପାଇଁ ପୁନର୍ବାର ସେହି ରାସ୍ତା ମରାମତି ହୋଇଥିଲା। ଏହାସତ୍ୱେ ମାତ୍ର ଏକସପ୍ତାହ ପୁରିନି କିନ୍ତୁ ରାସ୍ତାରେ ଖାଲଖମା ସୃଷ୍ଟି ହୋଇଥିଲା।

ଏହି ରାସ୍ତାଦେଇ ମହିଳା ଜଣଙ୍କ ସ୍କୁଟିରେ ଯାଉଥିବା ବେଳେ ସ୍କୁଟିଟି ରାସ୍ତାରେ ହୋଇଥିବା ଖାଲରେ ପଡିଯାଇଥିଲା । ଫଳରେ ମହିଳା ଜଣଙ୍କ ଗୁରୁତର ଆହତ ହୋଇଥିଲେ । ତାଙ୍କୁ ଚିକିତ୍ସା ପାଇଁ ପ୍ରଥମେ କେନ୍ଦ୍ରାପଡା ଓ ପରେ କଟକ ବଡ ଡାକ୍ତରଖାନାକୁ ପଠାଇଯାଇଥିଲା। ଚିକିତ୍ସାଧିନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଯାଇଛି। ନିମ୍ନମାନର ରାସ୍ତାକାମ ଯୋଗୁଁ ବିଭିନ୍ନ ପାୟତର ଲୋକମାନେ ଠିକାଦାରଙ୍କ ବିରୋଧରେ ଆନ୍ଦୋଳନ କରିବେ ବୋଲି ଚେତାବନୀ ଦେଇଛନ୍ତି ।

## ଅସହାୟ ମହିଳାଙ୍କୁ ମିଳିଲା ରାସନ କାର୍ଡ



**କେନ୍ଦ୍ରାପଡା,୮।୧୦(ସଂଚାର ବ୍ୟୁରୋ):** ଜିଲ୍ଲା ଆଇନସେବା ପ୍ରାଧିକରଣର ହସ୍ତକ୍ଷେପ ଫଳରେ ଜଣେ ଅସହାୟ ମହିଳାଙ୍କୁ ରାସନ କାର୍ଡ ମିଳିଥିବା ଜଣାପଡିଛି। ମଳିଥିବା ସୂଚନା ଅନୁଯାଇ ଆଳି ବ୍ଲକ ଅନ୍ତର୍ଗତ ନଅ ମୌଜା ନୂଆଗାଁ ଗ୍ରାମର ବିରେନ୍ଦ୍ର ଦାସଙ୍କ ପତ୍ନୀ ପାର୍ବତୀ ଦାସ ଅସହାୟ ମହିଳା ରାସନ କାର୍ଡ ନ ପାଇବାରୁ ବାରମ୍ବାର ଜିଲ୍ଲା ଓ ବ୍ଲକ ପ୍ରଶାସନକୁ ଅଭିଯୋଗ ଦେବା ପରେ ନିରାଶ ହୋଇ ଜିଲ୍ଲା ଆଇନସେବା ପ୍ରାଧିକରଣର ଦ୍ୱାରସ୍ଥ ହୋଇଥିଲେ । ଜିଲ୍ଲା ଆଇନସେବା ପ୍ରାଧିକରଣ ସଚିବ ସନ୍ତୋଷ କୁମାର ମହାପାତ୍ରଙ୍କ ହସ୍ତକ୍ଷେପ ଫଳରେ ଆଳି ମଣ୍ଡଳ ଅଧିକାରୀ ମହିଳାଙ୍କୁ ରାସନ କାର୍ଡ ଦେବାପାଇଁ ବ୍ୟବସ୍ଥା କରିଥିଲେ। ଉକ୍ତ ମହିଳା ଆଇନସେବା ପ୍ରାଧିକରଣ କାର୍ଯ୍ୟାଳୟ ରେ ପହଁଚି ତାଙ୍କର ରାସନ କାର୍ଡ ଗ୍ରହଣ କରିଥିବା ଜଣାପଡିଛି ।

## ବାଟିପଡ଼ାରେ ଗଜଲକ୍ଷ୍ମୀ ପୂଜା ପାଳିତ



**ଆଳି, ୮।୧୦ (ସଂଚାର ବ୍ୟୁରୋ):** ଆଳି ବ୍ଲକ ଅନ୍ତର୍ଗତ ବାଟିପଡ଼ାରେ ମହାସାମରୋହରେ ମା ଗଜଲକ୍ଷ୍ମୀ ପୂଜା ଅନୁଷ୍ଠିତ ହେଉଅଛି। ବାଟିପଡ଼ା ବଣିକସଂଘ ତରଫରୁ ବହୁ ଆଡମ୍ବରରେ ଲକ୍ଷ୍ମୀ ପୂଜା ୬ ତାରିଖରୁ ଆରମ୍ଭ ହୋଇ ୮ ତାରିଖ ଦିନ ପର୍ଯ୍ୟନ୍ତ ଚାଲିବ। ପ୍ରତ୍ୟୁଷରୁ କଳସ ଶୋଭାଯାତ୍ରା ଅନୁଷ୍ଠିତ ହୋଇ ବୈଦିକ ରୀତିନୀତି ଅନୁସାରେ ପୂଜା ପାଠ ପ୍ରତ୍ୟେହ ଚାଲୁଅଛି। ବହୁ ଭକ୍ତଙ୍କ ସମାଗମ ଦେଖିବାକୁ ମିଳୁଛି। ପ୍ରତ୍ୟେହ ସନ୍ଧ୍ୟାରେ ସଂକୀର୍ତନ ଓ ପରେ ପରେ ଭଜନ ସମାରୋହ କାର୍ଯ୍ୟକ୍ରମ ଚାଲୁଅଛି। ଏହାକୁ ଦେଖିବା ପାଇଁ ଆଖପାଖ ଗ୍ରାମ ମହାଦେଇପାଟଣା, ସାନମଙ୍ଗ, ଠାକୁରସାହି, ସହିରା, ତିନିଘରିଆ, ବାଟିପଡ଼ା, ପାଚଂଣପଡ଼ା ଆଦି ବିଭିନ୍ନ ଗ୍ରାମରୁ ଆସୁଥିବା ଭକ୍ତଙ୍କ ସମାଗମ ଭିଡ ଜମି ରହୁଛି। ବାଟିପଡ଼ା ବଜାର କମିଟି ଶାନ୍ତିଶୃଙ୍ଖଳାର ସହ ପୂଜା ଉତ୍ସବ ମନାଉଛନ୍ତି। ମା'ଙ୍କୁ ଦୈନିକ ଅନ୍ନପ୍ରସାଦ ଲାଗି ହେଲା ପରେ ଭକ୍ତମାନେ ପ୍ରସାଦ ସେବନ କରୁଛନ୍ତି। ଦୋକାନ ବଜାର ଗହଳିଚହଳି ଦେଖିବାକୁ ମିଳୁଛି।

● ବରିଷ୍ଠ ଆଇନଜୀବୀଙ୍କୁ ହତ୍ୟା ଘଟଣା
## ୫କୋଟି ଟଙ୍କା କ୍ଷତିପୂରଣ ଦାବି

**କେନ୍ଦ୍ରାପଡ଼ା,୮।୧୦(ସଂଚାର ବ୍ୟୁରୋ):** ରାଜ୍ୟ ବାର କାଉନସିଲ ର ସଦସ୍ୟ ତଥା ବ୍ରହ୍ମପୁର ର ବରିଷ୍ଠ ଆଇନଜିବୀ ପିତବାସ ପଣ୍ଡାଙ୍କୁ ଗୁଳିକରି ହତ୍ୟା କରିଥିବା ଘଟଣାର ତୀବ୍ର ନିନ୍ଦା କରାଯାଇ କେନ୍ଦ୍ରାପଡା ଜିଲ୍ଲା ଓକିଲ ସଂଘ ତରଫରୁ ଜିଲ୍ଲା ସଂଘର ସଭାପତି ଗୋବର୍ଦ୍ଧନ ରାଉତଙ୍କ ଅଧକ୍ଷତା ରେ ଏକ ଶୋକ ସଭା ଅନୁଷ୍ଠିତ ହୋଇଯାଇଛି । ଏହି ଶୋକ ସଭାରେ ବରିଷ୍ଠ ଆଇନଜିବୀ ତଥା ସଂପାଦକ ନୃସିଂହ ଚରଣ ରାଉତଙ୍କ ସମେତ ଧ୍ରୁବଚରଣ ଜେନା, ଭୀମସେନ



ଭୂୟାଁ, ହାଡିବନ୍ଧୁ ସିଂହ, ନିରଞ୍ଜନ ବଳ, ରମଣୀ ରଞ୍ଜନ ରାଉତରାୟ, ସେକ ଅଜିମୁଦ୍ଦିନ ପ୍ରମୁଖ ଉପସ୍ଥିତ ରହି ସ୍ୱର୍ଗତ ପଣ୍ଡାଙ୍କ ପାଇଁ ୨ ମିନିଟ୍ ନିରବ ପ୍ରାର୍ଥନା କରାଯିବା ସହିତ ତାଙ୍କ ପରିବାରକୁ ୫ କୋଟି ଟଙ୍କା କ୍ଷତିପୂରଣ ଦେବାପାଇଁ ଦାବି କରାଯାଇଛି । ଏଥି ସହିତ ଆଇନଜୀବୀ ମାନଙ୍କର ନିରାପତା ଦୃଷ୍ଟିରୁ ତାଙ୍କୁ ସୁରକ୍ଷା ପ୍ରଦାନ କରିବାକୁ ଦାବି କରାଯାଇଛି । ଆସନ୍ତା ୨ ଦିନ ମଧରେ ହତ୍ୟାକାରୀଙ୍କୁ ଗିରଫ ନକଲେ ଓକିଲ ସଂଘ ରାଜରାସ୍ତାକୁ ଓହ୍ଲାଇବ ବୋଲି ଜଣାପଡିଛି । ଦାବିପତ୍ର ମାନ୍ୟବର ଉଚ୍ଚ ନ୍ୟାୟାଳୟ ର ମୁଖ୍ୟ ବିଚାରପତିଙ୍କ ଉଦ୍ଦେଶ୍ୟରେ ବିଚାର ବିଭାଗୀୟ ତଦନ୍ତ କରିବାକୁ ପ୍ରଦାନ କରାଯାଇଛି ।

## ମଦ ବନ୍ଦ ପାଇଁ ମହିଳାଙ୍କ ଦାବି



**କେନ୍ଦ୍ରାପଡ଼ା,୮।୧୦(ସଂଚାର ବ୍ୟୁରୋ):** ଦିନକୁ ଦିନ ପାଟକୁରା ଏବଂ କୁଦାନଗରି ଥାନା ଅଂଚଳରେ ବେଆଇନ୍ ଚୋରା ମଦ ବ୍ୟବସାୟ ବୃଦ୍ଧି ପାଇବାରେ ଲାଗିଛି। ଯାହା ଫଳରେ ସ୍ଥାନୀୟ ଅଞ୍ଚଳର ଲୋକେ ବିଭିନ୍ନ ସମସ୍ୟା ର ସମ୍ମୁଖୀନ ହେଉଛନ୍ତି । ନିଶାଡି ଙ୍କ ପାଦୁର୍ଭାବ ଦୈନିକ ବୃଦ୍ଧି ପାଉଥିବାରୁ ଚିନ୍ତା ରେ ପଡିଯାଇଛନ୍ତି । କେନ୍ଦ୍ରାପଡା ଜିଲ୍ଲା ଗରଦପୁର ବ୍ଲକ ଅନ୍ତର୍ଗତ ରାମଚନ୍ଦ୍ରପୁର ଗ୍ରାମରେ ବିଭିନ୍ନ ଶିକ୍ଷାନୁଷ୍ଠାନ ଓ ଧାର୍ମିକ ଅନୁଷ୍ଠାନ ନିକଟରେ ଚୋରା ମଦ ବିକ୍ରି ହେଉଥିବାରୁ ସ୍ଥାନୀୟ ଅଂଚଳରେ ଏହାର କୁ ପ୍ରଭାବ ପଡୁଛି । ଏହାକୁ ବନ୍ଦ କରିବା ପାଇଁ ଗ୍ରାମର ଶତାଧିକ ମହିଳା ଅତିରିକ୍ତ ଜିଲ୍ଲାପାଳଙ୍କୁ ଭେଟି ଗ୍ରାମରେ ବିକ୍ରି ହେଉଥିବା ଚୋରା ମଦ ବନ୍ଦ କରିବାକୁ ଦାବି କରିଛନ୍ତି । ଏହି ଦାବିପତ୍ରରେ ମହିଳା ମାନେ ଜଣାଇଛନ୍ତି ଯେ, ଚୋରା ମଦ ବିକ୍ରି ହେବା ଯୋଗୁଁ ଗ୍ରାମର ଯୁବକ, ଯୁବତୀ ଏବଂ ମହିଳାମାନେ ଯାତାୟତରେ ଅସୁବିଧା ଭୋଗିବା ସହ ଏହାକୁ ବନ୍ଦ କରିବା ପଇଁ ଦାବି କଲେ ଚୋରା ମଦ ବେପାରୀ ମାନେ ହତ୍ୟା କରିବା ପଇଁ ଧମକ ଦେଉଛନ୍ତି । ତୁରନ୍ତ ଏହି ଚୋରା ମଦ ବିକ୍ରି ବନ୍ଦ କରିବ ପାଇଁ ଗ୍ରାମର ରୋଜାଲିନ ସେଠୀ, ବାସନ୍ତୀ ସିଂହ, ରଶ୍ମିତା ନାଥ, ସରପଂଚ ନିର୍ମଳା ନାୟକ, ସୁମିତ୍ରା ପଣ୍ଡା, ବିଳାସିନୀ ଦାସ, ସୌଦାମିନୀ ଦାସ, ରଙ୍ଗଲତା ଦସ ପ୍ରମୁଖ ଦାବି କରିଛନ୍ତି ।

## ମର୍ଣ୍ଣିଂ ୱାକ୍ କରୁଥିବା ସମୟରେ ଶିକ୍ଷକଙ୍କ ମୃତ୍ୟୁ



**ସାଲେପୁର,୮।୧୦(ସଂଚାର ବ୍ୟୁରୋ):** ମୃତ୍ୟୁବି ଏମିତି ଆସେ ମର୍ଣ୍ଣିଂ ୱାର୍କ କରୁଥିବା ସମୟରେ ଏକ ଟ୍ରକ୍‌ରୁ ଚକା ବାହାରି ଶିକ୍ଷକଙ୍କ ଦେହରେ ପିଟି ହୋଇଯିବାରୁ ଶିକ୍ଷକ ଜଣକଙ୍କ ମୃତ୍ୟୁ ଘଟିଥିବା ଜଣାଯାଇଛି। ଶିକ୍ଷକଙ୍କ ଅକାଳ ବିୟୋଗରେ ଶିକ୍ଷକ ଓ ଛାତ୍ର ଛାତ୍ରୀମାନଙ୍କ ମଧରେ ଶୋକର ଛାୟା ଖେଳିଯାଇଛି। ଖବରରୁ ପ୍ରକାଶ ଯେ ଗତକାଲି ସକାଳ ମାଛୁଆତି ଅଞ୍ଚଳରେ ସପରିବାରେ ରହୁଥିବା ମିର୍ଜାପୁର ପଞ୍ଚାୟତରର ଦାରିଆପୁର ପ୍ରାଥମିକ ବିଦ୍ୟାଳୟର ଶିକ୍ଷକ ପ୍ରଦୀପ୍ତ କୁମାର ମହାରଣା କଟକ ସାଲେପୁର ରାସ୍ତର ଶିଶୁଆ ବଜାର ନିକଟରେ ମଣିଙ୍ଗ୍ ୱାର୍କ କରୁଥିବା ଉକ୍ତ ସମୟରେ ଏହି ରାସ୍ତାଦେଇ ଯାଉଥିବା ଏକ ଟ୍ରକ୍‌ରୁ ଚକା ବାହାରି ଆସି ଶିକ୍ଷକ ମହାରଣାଙ୍କ ଦେହରେ ପିଟିହୋଇଯିବାରୁ ଶିକ୍ଷକ ମହାରଣା ଘଟଣା ସ୍ଥଳରେ ଗୁରୁତ୍ୱର ଆହାତ ହୋଇଥିଲେ। ତାଙ୍କୁ ପ୍ରଥମେ ସାଲେପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଓ ପରେ କଟକର ଏକ ଘରୋଇ ଚିକିତ୍ସାଳୟରେ ଚିକିତ୍ସାନିମନ୍ତେ ଭର୍ତ୍ତି କରାଯାଇଥିଲା। ଚିକିତ୍ସାଧିନ ଅବସ୍ଥାରେ ସେଠାରେ ତାଙ୍କ ମୃତ୍ୟୁ ଘଟିଛି ତାଙ୍କର ମୃତ୍ୟୁ ଖବର ପ୍ରଚାରିତ ହେବା ପରେ ସ୍ଥାନୀୟ ଅଞ୍ଚଳର ଶିକ୍ଷକ ଶିକ୍ଷୟିତ୍ରୀ ଓ ଛାତ୍ର ଛାତ୍ରୀ ମାନଙ୍କ ମଧରେ ଶୋକର ଛାୟା ଖେଳିଯାଇଛି।

## ହୃଦ୍‌ଘାତରେ ଗୁରୁତର ଯୁବ ସାମ୍ବାଦିକ

**ଗରଦପୁର,୮।୧୦(ସଂଚାର ବ୍ୟୁରୋ):** ପାଟକୁରା ଅଞ୍ଚଳରେ କାର୍ଯ୍ୟରତ ସାମ୍ବାଦିକ ଅରୁଣ କୁମାର ମହାପାତ୍ର ହୃଦଘାତରେ ଗୁରୁତର ଭାବେ ଅସୁସ୍ଥ ହୋଇ ଚିକିତ୍ସାଧୀନ ଅବସ୍ଥାରେ ଅଛନ୍ତି । ତାଙ୍କ ଜୀବନ ରକ୍ଷା ପାଇଁ ତୁରନ୍ତ ହୃଦ ସମ୍ବନ୍ଧୀୟ ଓପନ ହାର୍ଟ ସର୍ଜରୀ ଆବଶ୍ୟକ ବୋଲି ଡ଼ାକ୍ତର କହିଛନ୍ତି । ଦୀର୍ଘଦିନ ଧରି ସାମ୍ବାଦିକତା ମାଧମରେ ଅଞ୍ଚଳର ଜନସମସ୍ୟା, ଚାଷୀ ଦୁଃଖ, ଓ ସାମାଜିକ ଅନ୍ୟାୟ ବିଷୟରେ ସତ୍ୟକୁ ଉଜାଗର କରି ଆସୁଥିବା ଅରୁଣ ମହାପାତ୍ର ଏବେ ନିଜ ଜୀବନ ଯୁଦ୍ଧରେ ନିମଗ୍ନ ହୋଇପଡିଛନ୍ତି । ମିଳିଥିବା ଖବର ମୁତାବକ ଅପରେସନ ପାଇଁ ଅଧିକ ଅର୍ଥ ଆବଶ୍ୟକ । ଏନେଇ ଅଞ୍ଚଳର ସାମ୍ବାଦିକମାନେ ସାମାଜିକ ସଂଗଠନ ଓ ଦାତା ବ୍ୟକ୍ତିମାନଙ୍କ ସହଯୋଗ ଆଶା କରିଛନ୍ତି ।

## ସାହସପୁରରେ ଗଜଲକ୍ଷ୍ମୀ ପୂଜା



**କେନ୍ଦ୍ରାପଡ଼ା, ୮।୧୦ (ସଂଚାର ବ୍ୟୁରୋ):** କେନ୍ଦ୍ରାପଡା ବ୍ଲକର କଂସାର ପଂଚାୟତ ଅନ୍ତର୍ଗତ ସାହସପୁର ଗ୍ରାମରେ ମା' ଗଜଲକ୍ଷ୍ମୀଙ୍କ ପୂଜା ଅବସରରେ ଶିବଶକ୍ତି ପୂଜା ପାଉଛନ୍ତି । ଏହି ଅବସରରେ ମା'ଙ୍କୁ ଷୋଡଶ ଉପଚାରରେ ପୂଜା କରାଯିବା ସହ ହୋମଯଜ୍ଞ, କୀର୍ତ୍ତନ ଭଜନ ପ୍ରଭୃତି କରାଯାଉଛି। ସଭାପତି ସରୋଜପ୍ରସାଦ ନାୟକ,ସମ୍ପାଦକ ଦୀପ୍ତିରଞ୍ଜନ ମହାପାତ୍ର, ସଭ୍ୟ ଇଂ ପ୍ରିୟବ୍ରତ ଦାସ, ଅଶୋକ ମହାପାତ୍ର, ପ୍ରଭଞ୍ଜନ ସାମଲ, ଚନ୍ଦ୍ରକାନ୍ତ ବେହେରା, ସରୋଜକାନ୍ତ ସାହୁ, ସୁଶାନ୍ତ ଓଝା, ପ୍ରତାପ ନାୟକ, ରଜନୀକାନ୍ତ ଲେଙ୍କା, ଦେବେନ୍ଦ୍ର ବିଶ୍ୱାଳ, ସୁମନ ସ୍ୱାଇଁ, ନିର୍ମଳ ଓଝା, ଅମୀୟ ବେହେରା, ପ୍ରମୁଖ ଆନନ୍ଦ ଉଲ୍ଲାସର ସହିତ ୫ ଦିନ ବ୍ୟାପି ନୀତି ନିୟମରେ ମା'ଙ୍କ ପୂଜା କାର୍ଯ୍ୟ କରାଯିବା ସହିତ ଦୈନିକ ଭଜନ ଓ ମନୋରଞ୍ଜନ କାର୍ଯ୍ୟକ୍ରମ ଏବଂ ପ୍ରସାଦ ସେବନ ବ୍ୟବସ୍ଥା କରାଯାଇଛି ।

# ଆଇନ୍‌ଜୀବୀଙ୍କ ମୃତ୍ୟୁ ଘଟଣାର ବିଚାର ବିଭାଗୀୟ ତଦନ୍ତ ଦାବି

**ସାଲେପୁର,୮।୧୦(ସଂଚାର ବ୍ୟୁରୋ):** ବ୍ରହ୍ମପୁରର ବିଶିଷ୍ଟ ଆଇନ୍‌ଜୀବୀ ପୀତବାସ ପଣ୍ଡାଙ୍କର ହତ୍ୟାକାଣ୍ଡ ନେଇ ସାଲେପୁର ଓକିଲ ସଂଘ ପକ୍ଷରୁ କୋର୍ଟ କାର୍ଯ୍ୟାଳୟ ପରିସରରେ କଲମ ଛାଡ ଆନ୍ଦୋଳନ ଅନୁଷ୍ଠିତ ହୋଇଯାଇଛି।

ଓକିଲ ସଂଘର ସଭାପତି ବିକ୍ରମ କେଶରୀ ବଳଙ୍କ ଅଧକ୍ଷତାରେ ଗତ ୬ତାରିଖରେ ବରିଷ୍ଠ ଆଇନ୍‌ଜୀବୀ ତଥା ଓଡ଼ିଶା ରାଜ୍ୟ ବାର୍‌କାଉନ୍‌ସିଲ୍ ସଭ୍ୟ ପୀତବାସ ପଣ୍ଡାଙ୍କୁ ତାଙ୍କ ଘର ନିକଟରେ ଯେଭଳି ଗୁଳିକାଣ୍ଡ କରାଯାଇ ତାଙ୍କୁ ହତ୍ୟା କରାଗଲା ତାର ଦୃଢ଼ ନିନ୍ଦା କରାଯିବା ସହ ତାଙ୍କ ପରିବାରକୁ ଭଗବାନ୍ ସହାୟ ହୁଅନ୍ତୁ ବୋଲି ପ୍ରର୍ଥନା କରାଯାଇଥିଲା। ଏହି ଅବସରରେ ତାଙ୍କ ପରିବାରକୁ ୨୦ହଜାର ଟଙ୍କାର ଆର୍ଥିକ ସହାୟତା



ପ୍ରଦାନ କରାଯିବା ସହ ଏହି ଘଟଣାର ବିଚାର ବିଭାଗୀୟ ତଦନ୍ତ ଦାବି କରାଯାଇ ସାଲେପୁର ତହସିଲ କାର୍ଯ୍ୟାଳୟ ଆଗରେ ଏକ ଶାନ୍ତିପୂର୍ଣ୍ଣ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ମୁଖ୍ୟ ମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଓକିଲ ସଂଘ ପକ୍ଷରୁ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା।

## ଆଡଭୋକେଟ ପୀତବାସ ପଣ୍ଡାଙ୍କ ବିୟୋଗରେ ଶୋକସଭା

**ପଟ୍ଟାମୁଣ୍ଡାଇ,୮।୧୦(ସଂଚାର ବ୍ୟୁରୋ):** ବ୍ରହ୍ମପୁର ବରିଷ୍ଠ ଆଡ଼ଭୋକେଟ ପୀତବାସ ପଣ୍ଡାଙ୍କୁ ଦୁର୍ବୃତ୍ତମାନେ ଅତି ନିକଟରୁ ଗୁଳି କରି ହତ୍ୟା କରିଛନ୍ତି । ଏଭଳି ଜଘନ୍ୟ ହତ୍ୟାକାଣ୍ଡକୁ ପଟ୍ଟାମୁଣ୍ଡାଇ ଓକିଲ ସଂଘ ପକ୍ଷରୁ କଡା ଭାଷାରେ ନିନ୍ଦା କରାଯିବା ସହିତ ଅଭିଯୁକ୍ତ ମାନଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଦାବୀ କରାଯାଇଛି। ଆଡ଼ଭୋକେଟ ପୀତବାସ ପଣ୍ଡା ହତ୍ୟାକାଣ୍ଡ ପ୍ରତିବାଦରେ ପଟ୍ଟାମୁଣ୍ଡାଇ ଓକିଲ ସଂଘ ପକ୍ଷରୁ କଲମ ଛାଡ଼ ସହ ସ୍ୱର୍ଗତ ପଣ୍ଡାଙ୍କ ସ୍ମୃତି ଉଦେଶ୍ୟରେ ଏକ ଶୋକ ସଭା କରାଯାଇଥିଲା। ପଟ୍ଟାମୁଣ୍ଡାଇ ଓକିଲ ସଂଘ ଉପସଭାପତି ଆଡ଼ଭୋକେଟ ସୁରେଶ କୁମାର ନରେନ୍ଦ୍ରଙ୍କ ପୌରହିତ୍ୟରେ ଆୟୋଜିତ ଶୋକ ସଭାରେ ଦିବଂଗତ ଆଡ଼ଭୋକେଟ ପୀତବାସ ପଣ୍ଡାଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଥିଲା। ଏଇ ଅବସରରେ ତାଙ୍କ ଆତ୍ମାର ସଦଗତି ପାଇଁ ୨ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା ।

## ଜଗନ୍ନାଥ ପୂଜା କମିଟି ପକ୍ଷରୁ ଦଶହରା ଭସାଣି ସମ୍ପନ୍ନ

**ନିଶ୍ଚିନ୍ତକୋଇଲି,୮।୧୦(ସଂଚାର ବ୍ୟୁରୋ):** ନିଶ୍ଚିନ୍ତକୋଇଲି ବଜାର ଦଶହରା ଭଷାଣି ଉତ୍ସବ ସୋମବାର ରାତ୍ରିରେ ଶାନ୍ତି ଶୃଙ୍ଖଳାର ସହ ଅନୁଷ୍ଠିତ ହୋଇଯାଇଛି । ନିଶ୍ଚିନ୍ତକୋଇଲି ବଜାର ବ୍ୟବସାୟୀ ମାନଙ୍କ ତରଫରୁ ହୋଇଥିବା ପ୍ରାୟ ୧୫ଗୋଟି ମେଢ଼ ମଧରୁ ତିନୋଟି ମେଢ଼ ତଥା ସ୍ୱବତେବଟ ପୂଜା କମିଟିର ମହାବୀର ହନୁମାନ ଜୀଉଙ୍କ ମୁଣ୍ମୟୀ ମୂର୍ତ୍ତି ,ଜଗନ୍ନାଥ ପୂଜା କମିଟିର ରାଧାକୃଷ୍ଣ ମୁଣ୍ମୟୀ ମୂର୍ତ୍ତି ଓ ଗୌରୀ ଶଙ୍କର ପୂଜା କମିଟିର ମହାବୀରଙ୍କ ମୁଣ୍ମୟୀ ମୂର୍ତ୍ତି ସମେତ ସମସ୍ତ ମୂର୍ତ୍ତି ମାନଙ୍କୁ ବିରାଟ ଶୋଭାଯାତ୍ରାରେ ନିଆଯାଇ ବିସର୍ଜନ କରାଯାଇଥିଲା। ତିନୋଟି ମେଢ଼କୁ ମେଡ଼ିକାଲ ଛକରୁ ବଉଳ ବଜାର ପର୍ଯ୍ୟନ୍ତ ଶୋଭାଯାତ୍ରାରେ ଅଣାଯାଇ ୮ନମ୍ବର କେନାଲରେ ବିଷର୍ଜନ କରାଯାଇଥିଲା। ଏମାନଙ୍କ ମଧରେ ଜଗନ୍ନାଥ ପୂଜା କମିଟିର କର୍ମକର୍ତ୍ତା ମାନଙ୍କ ମଧରେ ବେଶ୍ ଉତ୍ସାହ ଦେଖିବା ପାଇଁ ମିଳିଥିଲା। ପୂଜା କମିଟି ସଭାପତି ଗୌରୀ ଶଙ୍କର ଦାସ, ଉପସଭାପତି ସୌମ୍ୟରଂଜନ ସାହୁ, ମୁଖ୍ୟ ଉପଦେଷ୍ଟା ଜ୍ୟୋତି ରଞ୍ଜନ ସାହୁ,ସମ୍ପାଦକ ସମିର ରଂଜନ ଦାସ, ସହ ସଂପାଦକ ବ୍ରହ୍ମଜ୍ୟୋତି ନାରାୟଣ ଦାସ, କୋଷାଧକ୍ଷ ସୂର୍ଯ୍ୟ ନାରାୟଣ ସାହୁ, ଯୁଗ୍ମ ସମ୍ପାଦକ ଚନ୍ଦନ କୁମାର ବେହେରାଙ୍କ ସମତେ ସମସ୍ତ କର୍ମକର୍ତ୍ତା, ଗୌରୀ ଶଙ୍କର ପୂଜା କମିଟିର ସମସ୍ତ କର୍ମକର୍ତ୍ତା, ନିଶ୍ଚିନ୍ତକୋଇଲି ଥାନା ଅଧିକାରୀ ଯୁଗଳ କିଶୋର ଦାସଙ୍କ ସମେତ ଥାନାର ସମସ୍ତ ପୋଲିସ କର୍ମଚାରୀମାନେ ଭସାଣୀ କାର୍ଯ୍ୟ ସମ୍ପାଦନରେ ପୂର୍ଣ୍ଣ ସହଯୋଗ କରିଥିଲେ।



# ଚାଷୀଙ୍କ କ୍ଷେତକୁ ଯାଉନି କେନାଲ ପାଣି
### ରାଜପଥ ସମ୍ପ୍ରସାରଣରେ ତ୍ରୁଟି, ଜିଲ୍ଲାପାଳଙ୍କ ଘଟଣାସ୍ଥଳ ପରିଦର୍ଶନ



**ମାର୍ଶାଘାଇ,୮।୧୦(ସଂଚାର ବ୍ୟୁରୋ):** ଜାତୀୟ ରାଜପଥ ସମ୍ପ୍ରସାରଣ କାର୍ଯ୍ୟ ଚାଲୁ ରହିଥିବା ବେଳେ ନିର୍ମାଣରେ ତ୍ରୁଟି ଯୋଗୁଁ ୧୮ (ସି) ଶାସନ ଶାଖା କେନାଲର ପାଣି ଚାଷ ଜମିରେ ପହଞ୍ଚି ପାରୁନାହିଁ ଏ ନେଇ ଶିଳିପୁର, ସଂଗ୍ରାମପୁର ଶାସନ, ଉଅଁରମୁଣ୍ଡ ଗ୍ରାମର ଚାଷୀମାନେ ରାଜପଥ ସାମ୍ପ୍ରସାରଣ କାରୀ ଠିକାସଂସ୍ଥା, ଭାରତୀୟ ଜାତୀୟ ରାଜପଥ ପ୍ରାଧିକରଣ ଅଧିକାରୀଙ୍କ ଠାରୁ ଆରମ୍ଭ କରି ଜଳସମ୍ପଦ ବିଭାଗ, ଜିଲ୍ଲାପ୍ରଶାସନ ନିକଟରେ ଅଭିଯୋଗ କରିଥିଲେ ବି କୌଣସି ସୁଫଳ ମିଳିପାରିଲାନାହିଁ।

କେନାଲ ଉପରେ ପୂର୍ବରୁ ୫ଟି କଲଭର୍ଟ ଥିଲା, ସାମ୍ପ୍ରସାରଣ ବେଳେ କଲଭର୍ଟକୁ ଠିକସଂସ୍ଥା ଭାଙ୍ଗିଦେଇଥିଲେ ବି ଢ଼ଳେଇ ୱାଲ ହେବା ପରେ କଲଭର୍ଟ ନିର୍ମାଣ କରିଲା ନାହିଁ, ଫଳରେ ଚାଷୀମାନେ ଚାଷପାଇଁ ଆବଶ୍ୟକୀୟ ଉପକରଣ ଟ୍ରାକ୍ଟର, ପାୱାରଟ୍ରିଲର ନେଇ ନ ପାରି ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ବୁଧବାର କେନ୍ଦ୍ରାପଡ଼ା ଜିଲ୍ଲାପାଳ ରଘୁରାମ ଆର ଆୟାର ସେହି ସ୍ଥାନ ପରିଦର୍ଶନ କରିଥିଲେ। ଏକ ସପ୍ତାହମଧରେ ଶାଖା କେନାଲରେ ତଳଭାଗକୁ ସମତୁଳ କରିବା ସହିତ କଲଭର୍ଟ ନିର୍ମାଣ କରିବାକୁ ତାଗିଦ କରିଛନ୍ତି। ଶିଳିପୁରରୁ ମାର୍ଶାଘାଇକୁ ଯାତାୟାତ ପାଇଁ ନିର୍ମାଣ ସାରିଥିବା ଗଳାପୋଲ କୁ ସଫା କରି ଯାତାୟାତ କରିବା ପାଇଁ ଖୋଲିଦେବାକୁ ନିର୍ଦ୍ଦେଶ ଦେଇଥିଲେ । ୧୮ (ସି) ଶାସନ ଶାଖା କେନାଲକୁ ତୁରନ୍ତ କାର୍ଯ୍ୟକ୍ଷମ କରିବା ପାଇଁ ସମସ୍ତ ନିର୍ମାଣକାମ ଚଳିତ ମାସ ଶେଷସୁଦ୍ଧା ଶେଷ କରିବାକୁ କହିଥିଲେ ।

● ଆଇନଜୀବୀଙ୍କୁ ହତ୍ୟା ଘଟଣା
## ରାଜନଗର ବାର ଆସୋସିଏସନର କଲମଛାଡ ଆନ୍ଦୋଳନ

**ରାଜନଗର,୮।୧୦(ସଂଚାର ବ୍ୟୁରୋ):** ରାଜନଗର ବାର ଆସୋସିଏସନ ପକ୍ଷରୁ ବୁଧବାର ଦିନ କଲମ ଛାଡ ଆନ୍ଦୋଳନ ଆରମ୍ଭ ହୋଇଛି । ଓଡିଶା ବାର କାଉନସିଲ ସଦସ୍ୟ ଆଇନଜିବୀ ପୀତବାସ ପଣ୍ଡାଙ୍କୁ ହତ୍ୟା କରାଯିବା ପ୍ରତିବାଦରେ ରାଜ୍ୟ ବାର ଆସୋସିଏସନ ଆହ୍ୱାନକ୍ରମେ ଏହି କଲମ ଛାଡ ଆନ୍ଦୋଳନ ଆରମ୍ଭ ହୋଇଥିଲା। ଏହି ଡାକରାକୁ ସମର୍ଥନ ଜଣାଇ ରାଜନଗର ବାର ଆସୋସିଏସନ ପକ୍ଷରୁ ଆଇନଜିବୀମାନେ ଜେଏମଏଫସିଙ୍କୁ ଭେଟି ଦାବୀପତ୍ର ଦେବା ସହ କଲମଛାଡ ଆନ୍ଦୋଳନର ସୂଚନା ଦେଇଥିଲେ । ୪୮ଘଟାଂ ମଧରେ ହତ୍ୟାକାରୀଙ୍କ ଧରିବା ସହ ଆମାସୀମାନଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସେମାନେ ଦାବୀ କରିଛନ୍ତି । ଏହାପରେ ବାରଆସୋସିଏସନ ହଲରେ ଏକ ଶୋକସଭା ଅନୁଷ୍ଠିତ ହୋଇଥିଲା । ୧ମିନିଟ୍ ନୀରବ ପ୍ରାର୍ଥନା କରାଯାଇ ସ୍ୱର୍ଗତ ପଣ୍ଡାଙ୍କ ଆତ୍ମାର ସଦଗତି କାମନା କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ବାରଆସୋସିଏସନର ସଭାପତି ଉମେଶଚନ୍ଦ୍ର ଦାସ, ସଂପାଦକ ଭଜକୃଷ୍ଣ ମିଶ୍ର, କୋଷାଧକ୍ଷ ମନ୍ମଥ ରାଉତ, ପ୍ରଦୀପ ଦାସ, ବିଶ୍ୱନାଥ ବାରିକ ମହେଶ୍ୱର ସେଠୀ, ଦେବଦତ ସେଠୀ, ମନୋରଂଜନ କବି, ଲକ୍ଷ୍ମଣ ରାଉତ, ଦିଲ୍ଲୀପକୁମାର ଦାସ, ବିନ୍ଦୁରେଖା ବେହେରା, ରଶ୍ମିରଂଜିତା ସ୍ୱାଇଁ, ସୁଜାତା ପ୍ରିୟଦର୍ଶନୀ ଜେନା, ତୈଲୋକ୍ୟନାଥ ସ୍ୱାଇଁ, ରଂଜନ କୁମାର ସେଠୀ, ଦେବଦତ ରାଉଳ, ନୟନାନନ୍ଦ ବେହୁରା, ସୁଶାନ୍ତ କୁମାର ଜେନା, ସୁଶାନ୍ତ ରାଉତ, ଅମର କୁମାର ଦାସ, ଜନ୍ମେଜୟ ବେହେରା, ସୁଧାଶୁଂ ଦାସ, ଅରୂପାନନ୍ଦ ପାତ୍ର, ସରୋଜକୁମାର ମହାନ୍ତି ପ୍ରମୁଖ ଆଇନଜିବୀମାନେ ଅଂଶଗ୍ରହଣ କରିଥିଲେ ।


## କେନ୍ଦ୍ରାପଡା ପୌର ପରିଷଦ, କେନ୍ଦ୍ରାପଡା

**'ଗଜଲକ୍ଷ୍ମୀ ପୂଜା ୨୦୨୫'** ପାଳନ ଅବସରରେ କେନ୍ଦ୍ରାପଡା ପୌର ପରିଷଦ ତାହାର ସମସ୍ତ କର ଦାତା ଓ ପୌରାଞ୍ଚଳବାସୀଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଜଣାଇବା ସଂଗେ ସଂଗେ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟରେ ସହଯୋଗ ନିମନ୍ତେ ଅନୁରୋଧ କରୁଛି।

: ନିବେଦନ :

୧. ସହରର ସ୍ୱଚ୍ଛତା ଓ ବର୍ଯ୍ୟବସ୍ତୁ ପରିଚାଳନା ନିମନ୍ତେ ବ୍ୟାଟେରୀ ଚଳିତ ଅଳିଆ ଗାଡ଼ିରେ ଶୃଙ୍ଖଳା ଓ ଓଦା ଅଳିଆ ଅଲଗା ଅଲଗା କରି ଦିଅନ୍ତୁ । ଦିନକୁ ୨ ଥର ଆପଣଙ୍କ ଅଂଚଳକୁ ଏହି ଗାଡି ଅଳିଆ ସଂଗ୍ରହ ନିମନ୍ତେ ଯାଉଛି । ଅଳିଆ ସଂଗ୍ରହ ଗାଡି ଯିବା ପୂର୍ବରୁ କିମ୍ବା ପରେ ରାସ୍ତା ଉପରେ ଘରର ଅଳିଆ ପକାନ୍ତୁ ନାହିଁ ।
୨. ରାସ୍ତା ଅବରୋଧ କରି ଇଟା, ଗୋଡି, ମାଟି କିମ୍ବା ବାଲି ରଖନ୍ତୁ ନାହିଁ।
୩. ପ୍ଲାଷ୍ଟିକ ଜରି, ଥରମୋକୁଲ (ସୋଲ ) ଗିନା, ଥାଳି ଓ କାଗଜ ନିର୍ମିତ ଚା କପ ବ୍ୟବହାରକୁ ନିଷିଦ୍ଧ କରାଯାଇଛି । ଏସବୁ ବ୍ୟବହାର କରୁଥିବାର ଦେଖାଗଲେ, ଆଇନ ଅନୁଯାୟୀ ଦଣ୍ଡିତ ହେବେ । ଏଣୁ ଏ ସବୁ ବ୍ୟବହାର ନ କରି ସହରକୁ ସୁନ୍ଦର ରଖିବାରେ ସାହାଯ୍ୟ କରନ୍ତୁ ।
୪. ସ୍ୱଚ୍ଛ ଭାରତ ଅଭିଯାନ (ସହରାଞ୍ଚଳ) ଯୋଜନା ବର୍ଯ୍ୟବସ୍ତୁ ପରିଚାଳନା ଅଧିନିୟମ ୨୦୧୬ ଉପବିଧ ୧୫ ଅନ୍ତର୍ଗତ ଆଇନ ଭାଗ ୬ ଅନୁଯାୟୀ ୟୁଜର ଫି' ସଂଗ୍ରହ ନିମନ୍ତେ ଉଲ୍ଲେଖ ରହିଛି, ଯାହାକୁ ସ୍ୱଚ୍ଛ ସାଥି, ସୁପର ଭାଇଜର, ସ୍ୱଚ୍ଛ କର୍ମୀଙ୍କ ମାସିକ ପ୍ରୋତ୍ସାହନ ରାଶି, ବୈଭବକେନ୍ଦ୍ରର ରକ୍ଷଣାବେକ୍ଷଣ ସହିତ ସଫେଇ ନିମନ୍ତେ ଖର୍ଚ୍ଚ କରାଯିବାର ବ୍ୟବସ୍ଥା ଅଛି। ଏଣୁ ଅନୁରୋଧ ଧାର୍ଯ୍ୟ ୟୁଜର ଫି' କୁ ପୌରସଂସ୍ଥା ର କର୍ମଚାରୀଙ୍କ ନିକଟରେ ପୈଠ କରି ପୌର ପରିଷଦର ଉନ୍ନତିରେ ସାମିଲ ହୁଅନ୍ତୁ ।
୫. ନୂତନ ବାସଗୃହ, ଦୋକାନ ଗୃହ ଆଦି ନିର୍ମାଣ କରିବା ପୂର୍ବରୁ ପୌର ସଂସ୍ଥାର ଗୃହର ନକ୍ସା ଅନୁମୋଦନ କରି ନିଅନ୍ତୁ । ଯଦି ପୂର୍ବରୁ ପୌର ସଂସ୍ଥା ର ବିନା ଅନୁମୋଦନ ଘର ନିର୍ମାଣ କରିସାରିଛନ୍ତି, ଆଗାମୀ ଦିନରେ ଓଡିଶା ସରକାରଙ୍କ ଗୃହ ଓ ନଗର ଉନ୍ନୟନ ବିଭାଗ ଦ୍ୱାରା ହେବାକୁ ଥିବା ସର୍ବକ୍ଷମା ଯୋଜନାରେ ଗୃହର ନକ୍ସା ଓ ପ୍ଲାନ ଅନୁମୋଦନ କରି ନିଅନ୍ତୁ ।

| | | |
|---|---|---|
| ଶ୍ରୀଯୁକ୍ତ ଅଜିତ ନାରାୟଣ ପ୍ରସାଦ ଗିରି | ଆକବରୀ ଖାତୁନ | ଶ୍ରୀମତୀ ସରିତା ସାହୁ |
| ନିର୍ବାହୀ ଅଧିକାରୀ | ଉପାଧକ୍ଷା | ଅଧକ୍ଷା |

# ହବିଷ୍ୟାଳି କେନ୍ଦ୍ର ବୁଲିଲେ ଜିଲ୍ଲାପାଳ

## ସମସ୍ତ କାର୍ଯ୍ୟର ସୁପରିଚାଳନା ନିମନ୍ତେ ନିର୍ଦ୍ଦେଶ ଦେଲେ



ପୁରୀ,୮।୧୦(ସଂଚାର ବ୍ୟୁରୋ): ମଙ୍ଗଳବାର ଠାରୁ ଆରମ୍ଭ ହୋଇଛି ଚଳିତ ବର୍ଷର ହବିଷ୍ୟାଳ ବ୍ରତ। ଏକ ମାସ ଧରି ଚାଲିବାକୁ ଥିବା ଏହି ବ୍ରତକୁ ଶୃଙ୍ଖଳିତ ଭାବେ ପାଳନ ପାଇଁ ପ୍ରଶାସନ ନିଷ୍ଠାପର ଭାବେ କାର୍ଯ୍ୟ କରୁଛି। ପୂର୍ବରୁ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡା ସମସ୍ତ ହବିଷ୍ୟାଳୀ କେନ୍ଦ୍ର ବୁଲି ସ୍ଥିତି ଅନୁଧ୍ୟାନ ସହ ଦାୟିତ୍ୱରେ ଥିବା ବରିଷ୍ଠ ଅଧିକାରୀମାନଙ୍କୁ ସମସ୍ତ କାର୍ଯ୍ୟର ସୁପରିଚାଳନା ନିମନ୍ତେ ନିର୍ଦ୍ଦେଶ ଦେଇଥିଲେ। ବୁଧବାର ଜିଲ୍ଲାପାଳ ଶ୍ରୀ ପରିଡା ପ୍ରତ୍ୟେକ ହବିଷ୍ୟାଳୀ କେନ୍ଦ୍ର ପରିଦର୍ଶନ କରିବା ସହ ସୁବିଧା ଅସୁବିଧା ସମ୍ପର୍କରେ ଅନୁଧ୍ୟାନ କରିଥିଲେ।ବିଶେଷ କରି ପାନୀୟ ଜଳ, ସ୍ୱଚ୍ଛତା, ପରିମଳ ବ୍ୟବସ୍ଥା, ମନ୍ଦିର ଦର୍ଶନ ପାଇଁ ଗାଡି ବ୍ୟବସ୍ଥା, ଶୃଙ୍ଖଳିତ ମନ୍ଦିର ଦର୍ଶନ, ମହାପ୍ରସାଦ ସେବନ ବ୍ୟବସ୍ଥାକୁ ଅନୁଧ୍ୟାନ କରିଥିଲେ। ପରେ ହବିଷ୍ୟାଳୀ ମା'ମାନଙ୍କ ସହ ଜିଲ୍ଲାପାଳ ଆଲୋଚନା କରିଥିଲେ।ମା'ମାନଙ୍କ ସଂପୃକ୍ତ କେନ୍ଦ୍ରମାନଙ୍କରେ ରହଣୀରେ ସୁବିଧା ଅସୁବିଧା, ମନ୍ଦିର ଦର୍ଶନ,ମହାପ୍ରସାଦ ସେବନ ସମ୍ପର୍କରେ ପଚାରି ବୁଝିଥିଲେ। ହବିଷ୍ୟାଳୀ କେନ୍ଦ୍ରରେ ରହିବା, ବୃନ୍ଦାବତୀ ପୂଜା କରିବା,ମନ୍ଦିର ଦର୍ଶନ କରିବା, ମହାପ୍ରସାଦ ସେବନ କରିବା,ଭଜନ, କୀର୍ତ୍ତନ, ପ୍ରବଚନ ଶୁଣିବା ବ୍ୟବସ୍ଥା ଅତ୍ୟନ୍ତ ସୁନ୍ଦର ହୋଇଛି ବୋଲି ମା'ମାନେ ଜିଲ୍ଲାପାଳଙ୍କୁ କହିଥିଲେ। ମା'ମାନେ ହୁଳହୁଳି ପକାଇ ଜିଲ୍ଲାପାଳଙ୍କୁ ସ୍ୱାଗତ କରିବା ସହ ଆଶୀର୍ବାଦ ପ୍ରଦାନ କରିଥିଲେ। ଏହାକୁ ଯେପରି ଆହୁରି ଅଧିକ ଶୃଙ୍ଖଳିତ କରାଯାଇ ପାରିବ ସେଥି ପ୍ରତି ଯତ୍ନ ବାନ ହେବାକୁ ସମସ୍ତ ଅଧିକାରୀ ମାନଙ୍କୁ ଜିଲ୍ଲାପାଳ ଶ୍ରୀ ପରିଡା ନିର୍ଦ୍ଦେଶ ଦେଇଥିଲେ।




ବ୍ରହ୍ମପୁରରେ ଆଇନଜୀବୀ ପୀତବାସ ପଣ୍ଡାଙ୍କ ନିର୍ମମ ହତ୍ୟା ପ୍ରତିବାଦରେ ଖୋର୍ଦ୍ଧା ଜିଲ୍ଲା ଜୁଡିସିଆଲ୍ କମ୍ପ୍ଲେକ୍ସଠାରେ ଆଇନଜୀବୀମାନେ କଲମ ଛାଡ଼ ଆନ୍ଦୋଳନରେ ଭାଗ ନେଇଛନ୍ତି।

### ରାଜ୍ୟସ୍ତରୀୟ ତାଲିମ କର୍ମଶାଳା ଅନୁଷ୍ଠିତ

## ପ୍ଲାଣ୍ଟ ଶ୍ରମିକଙ୍କ ସୁରକ୍ଷା ଓ ବୃତ୍ତିଗତ ସ୍ୱାସ୍ଥ୍ୟକୁ ଗୁରୁତ୍ୱ

ଭୁବନେଶ୍ୱର,୮।୧୦(ସଂଚାର ବ୍ୟୁରୋ): କାରଖାନା ଓ ବାଷ୍ପୀତ୍ର ନିର୍ଦ୍ଦେଶାଳୟ ପକ୍ଷରୁ ପ୍ରଥମ ଥର ପାଇଁ କାଜୁ କାରଖାନାମାନଙ୍କରେ ଶ୍ରମିକଙ୍କ ସୁରକ୍ଷା ଓ ବୃତ୍ତିଗତ ସ୍ୱାସ୍ଥ୍ୟ ବିଷୟରେ ଏକ ଦିନିକିଆ ରାଜ୍ୟସ୍ତରୀୟ ତାଲିମ କର୍ମଶାଳା ଆୟୋଜିତ ହୋଇଛି।

କର୍ମଶାଳାଟି ସ୍ଥାନୀୟ ରାଜ୍ୟ ଶ୍ରମ ସଂସ୍ଥାନର ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଥିବା ବେଳେ ପୂର୍ବାହ୍ନ ସଭାରେ ମୁଖ୍ୟ ଅତିଥି ଭାବେ ରାଜ୍ୟ ଶ୍ରମ କମିଶନର୍, କାରଖାନା ଓ ବାଷ୍ପୀତ୍ର ନିର୍ଦ୍ଦେଶକ ଓ ରାଜ୍ୟ ଶ୍ରମ ସଂସ୍ଥାନ ନିର୍ଦ୍ଦେଶକ ଇନ୍ଦ୍ରମଣି ତ୍ରିପାଠୀ ଉପସ୍ଥିତ ରହିବା ସହ କର୍ମଶାଳାକୁ ଉଦଘାଟନ କରିଥିଲେ। ଏହି ଅବସରରେ ସେ କହିଥିଲେ ଯେ କାଜୁ କାରଖାନାମାନଙ୍କରେ ବୃତ୍ତିଗତ ସ୍ୱାସ୍ଥ୍ୟ ଆହ୍ୱାନପୂର୍ଣ୍ଣ ହୋଇଥିବାରୁ ଉଭୟ ଶ୍ରମିକ ଓ ପରିଚାଳନା କର୍ତ୍ତୃପକ୍ଷ ଏ କ୍ଷେତ୍ରରେ ଦାୟିତ୍ୱବାନ ଓ ସଚେତନ ହେଲେ ସୁରକ୍ଷା ସହ ବୃତ୍ତିଗତ ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହୋଇପାରିବ।

ସେହିପରି ସମ୍ମାନିତ ଅତିଥି ଉପ ନିର୍ଦ୍ଦେଶକ (ସୁରକ୍ଷା) ଡଃ ମଳୟ କୁମାର ପ୍ରଧାନ କାରଖାନା ନିୟମାବଳୀ-୧୯୫୦ ଅନୁଯାୟୀ ସମସ୍ତ ସୁରକ୍ଷା ପଦକ୍ଷେପ ନିର୍ବାହ କରିବା ଉପରେ ଗୁରୁତ୍ୱ ଦେଇଥିଲେ। ଏହି କର୍ମଶାଳାରେ ଚୌଦ୍ୱାର ଇଏସ୍ଆଇ ହସ୍ପିଟାଲ୍ ଅଧୀକ୍ଷକ ଡଃ ଜଗତଜୀବନ ପତି, ରାୟଗଡ଼ା ମଣ୍ଡଳ ଉପ ମୁଖ୍ୟ ନିର୍ଦ୍ଦେଶକ ରଞ୍ଜନ ବେଉରା ଓ ସଦର ମହକୁମା ସହକାରୀ ନିର୍ଦ୍ଦେଶ ଅନୀଲ କୁମାର ନନ୍ଦ କର୍ମଶାଳା ପରିଚାଳନା କରିଥିଲେ।

ସେହିପରି ଅପରାହ୍ଣ ସଭାରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶ୍ରୀ ତ୍ରିପାଠୀ ମୋଟ ୬୦ ଜଣ ଅଂଶଗ୍ରହଣକାରୀ, କାଜୁ ପ୍ଲାଣ୍ଟ ମାଲିକ, ସୁପରଭାଇଜର ଓ ଅପରେଟରମାନଙ୍କୁ ରାଜ୍ୟ ଶ୍ରମ ସଂସ୍ଥାନ ପକ୍ଷରୁ ପ୍ରମାଣପତ୍ର ପ୍ରଦାନ କରିଥିଲେ।

### ■ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ବୈଠକ

## ବାଲିଯାତ୍ରାରେ ନିର୍ମାଣ ହେବ ଥିମ୍ ପ୍ୟାଭିଲିଅନ୍

ଭୁବନେଶ୍ୱର,୮।୧୦(ସଂଚାର ବ୍ୟୁରୋ): ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ସମ୍ମିଳନୀ କକ୍ଷରେ ବିଭାଗୀୟ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କ ଅଧ୍ୟକ୍ଷତାରେ ଏକ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଛି। ଏହି ବୈଠକରେ ଅନେକ ଗୁଡ଼ିଏ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ଗ୍ରହଣ କରାଯାଇଛି। ଏହି ଅନୁସାରେ ପୁରୀସ୍ଥିତ ଗୁରୁ ରବୀନ୍ଦ୍ରନାଥ ଟାଗୋରଙ୍କ ବାସଗୃହ 'ପାଥେର ପୁରୀ'ର ପୁନରୁଦ୍ଧାର କରାଯାଇ ଏହାକୁ ଗୁରୁଦେବଙ୍କ ସ୍ମୃତି ଉଦ୍ଦେଶ୍ୟରେ ଏକ ସଂଗ୍ରହାଳୟରେ ପରିଣତ କରାଯିବ। ସେହିପରି ଆସନ୍ତା ୫ ତାରିଖରୁ ଆରମ୍ଭ ହେଉଥିବା କଟକ ବାଲିଯାତ୍ରାରେ ଓଡ଼ିଆ ସାହିତ୍ୟର ଯୋଗଜନ୍ମା ଲେଖକ ଓ ସେମାନଙ୍କ କୃତିକୁ ନେଇ ଏକ ବିଷୟବସ୍ତୁ ମଣ୍ଡପ 'ଥିମ୍ ପ୍ୟାଭିଲିଅନ୍' ନିର୍ମାଣ କରାଯିବ। ସେହିପରି ଇଣ୍ଡୋନେସିଆକୁ ଚଳିତ ବର୍ଷ ସହଭାଗୀ ଦେଶ ହିସାବରେ ଆମନ୍ତ୍ରିତ କରାଯିବ ଓ 'ଏକ ଭାରତ ଶ୍ରେଷ୍ଠ ଭାରତ' ଅଧୀନରେ ଦେଶର ଏକ ପ୍ରମୁଖ ରାଜ୍ୟକୁ ମଧ୍ୟ ସହଭାଗୀ ରାଜ୍ୟ ହିସାବରେ ଆମନ୍ତ୍ରିତ କରାଯିବ। ଦକ୍ଷିଣ ଏସିଆର କେତେକ ରାଷ୍ଟ୍ରଙ୍କୁ ସେମାନଙ୍କ ସାଂସ୍କୃତିକ ଦଳ ପଠାଇବା ନିମନ୍ତେ ମଧ୍ୟ ନିବେଦନ କରାଯିବ। ଆହୁରି ଢେଙ୍କାନାଳର ଗଜଲକ୍ଷ୍ମୀ ପୂଜାକୁ ସହାୟତା ପ୍ରଦାନ ପରେ କେନ୍ଦ୍ରାପଡ଼ାର ମହାକାଳପଡ଼ାର ବିଧାୟକଙ୍କ ଅନୁରୋଧ କ୍ରମେ କେନ୍ଦ୍ରାପଡ଼ା ଗଜଲକ୍ଷ୍ମୀ ପୂଜା ନିମନ୍ତେ ସଂସ୍କୃତି ବିଭାଗ ତରଫରୁ ଆର୍ଥିକ ସହାୟତା ରାଶି ଯୋଗାଇଦିଆଯିବ। ଏହାଛଡ଼ା ସଂସ୍କୃତି ବିଭାଗ ଅଧୀନସ୍ଥ ସଂସ୍କୃତି ବିଶ୍ୱବିଦ୍ୟାଳୟ, ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟ, ବିଭୁତି କାନୁନଗୋ ଏବଂ ଖଲ୍ଲିକୋଟ ଚାରୁ ଓ କାରୁକଳା ମହାବିଦ୍ୟାଳୟରେ ଖାଲି ଥିବା ସମସ୍ତ ପଦବୀ ଅତିଶୀଘ୍ର ପୂରଣ କରାଯିବ। କେନ୍ଦ୍ରାପଡ଼ା ଜିଲ୍ଲାର କାଳିଦାସ ମନ୍ଦିରର ପୁନରୁଦ୍ଧାର ଦାୟିତ୍ୱ ରାଜ୍ୟ ପ୍ରତ୍ନତତ୍ତ୍ୱ ଗ୍ରହଣ କରିବାକୁ ଥିବା ବେଳେ ସ୍ଥାନୀୟ ସୈନିକ ସ୍କୁଲ ନିକଟରେ ହେବାକୁ ଥିବା ଓଡ଼ିଆ ଅସ୍ମିତା ଭବନର ନିର୍ମାଣ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ଓଡ଼ିଶା ସେତୁ ଓ ନିର୍ମାଣ ନିଗମକୁ ନିର୍ଦ୍ଦେଶ ଦିଆଯାଇଛି।

### ● ମାଲ୍ ପରିବହନରେ ପୂର୍ବତଟ ରେଳପଥର ସଫଳତା

## ଚଳିତ ଆର୍ଥିକ ବର୍ଷ ପ୍ରଥମାର୍ଦ୍ଧରେ ୧୧.୩୩ ପ୍ରତିଶତ ଅଭିବୃଦ୍ଧି

ଭୁବନେଶ୍ୱର,୮।୧୦(ସଂଚାର ବ୍ୟୁରୋ): ପୂର୍ବତଟ ରେଳପଥ ଚଳିତ ଆର୍ଥିକ ବର୍ଷ ୨୦୨୫-୨୬ର ପ୍ରଥମାର୍ଦ୍ଧ (ଏପ୍ରିଲ-ସେପ୍ଟେମ୍ବର)ରେ ମାଲ ପରିବହନ ଓ ଯାତ୍ରୀ ପରିବହନରେ ପ୍ରଭାବଶାଳୀ ପ୍ରଦର୍ଶନ ହାସଲ କରିଛି। ଏହା ପୂର୍ବ ବର୍ଷର ସମାନ ସମୟ ତୁଳନାରେ ଉଲ୍ଲେଖନୀୟ ଅଭିବୃଦ୍ଧି। ଚଳିତ ବର୍ଷର ଏପ୍ରିଲ-ସେପ୍ଟେମ୍ବରରେ ପୂର୍ବତଟ ରେଳପଥ ୧୩୭.୬ ନିୟୁତ ଟନ ମାଲ ପରିବହନ କରିଛି। ଏହା ଗତ ବର୍ଷର ସମାନ ଅବଧି ତୁଳନାରେ ୧୧.୩୩ ପ୍ରତିଶତ ଅଧିକ। କାରଣ ଗତ ବର୍ଷ ସମାନ ଅବଧିରେ ରେଳପଥ ପକ୍ଷରୁ ୧୨୩.୬ ନିୟୁତ ଟନ୍ ମାଲ୍ ପରିବହନ ହୋଇଥିଲା। ସେହିପରି ମାଲ ପରିବହନ ମଧ୍ୟ ରାଜସ୍ୱ ବୃଦ୍ଧିରେ ଯଥେଷ୍ଟ ଅବଦାନ ରଖିଛି। ପୂର୍ବତଟ ରେଳପଥ ସାମଗ୍ରୀ ପରିବହନରୁ ୧୪,୧୬୨.୫୮ କୋଟି ଆୟ କରିଛି। ଗତବର୍ଷ ସମାନ ଅବଧିରେ ଏହି ଆୟ ୧୨,୮୮୦.୩୦ କୋଟି ଥିଲା। ତେଣୁ ଚଳିତ ଆର୍ଥିକ ବର୍ଷର ପ୍ରଥମ ତ୍ରୈମାସରେ ରେଳପଥ ୧୦.୫୭ ପ୍ରତିଶତ ଅଭିବୃଦ୍ଧି ହାସଲ କରିଛି। ଏହାଛଡ଼ା ଚଳିତ ବର୍ଷର ପ୍ରଥମାର୍ଦ୍ଧରେ ଜୋନ୍‌ର ମୋଟ ରାଜସ୍ୱ ଆୟ ୧୫,୫୭୧.୦୮ କୋଟି ଥିବା ବେଳେ ଗତ ବର୍ଷ ୧୪,୨୨୭.୧୮ କୋଟି ଥିଲା। ତେଣୁ ଚଳିତ ଆର୍ଥିକ ବର୍ଷରେ ରେଳପଥ ଏ କ୍ଷେତ୍ରରେ ୯.୪୫ ପ୍ରତିଶତ ଅଭିବୃଦ୍ଧିକୁ ହାସଲ କରିବାରେ ସକ୍ଷମ ହୋଇଛି। ଏହାଛଡ଼ା ଯାତ୍ରୀ ପରିବହନ କ୍ଷେତ୍ରରେ ପୂର୍ବତଟ ରେଳପଥ ଏପ୍ରିଲ-ସେପ୍ଟେମ୍ବରରେ ୪୮.୨୧ ନିୟୁତ ନିୟୁତ ଯାତ୍ରୀ ପରିବହନ କରିଥିବା ବେଳେ ପୂର୍ବ ଆର୍ଥିକ ବର୍ଷର ସମାନ ଅବଧିରେ ଏହା ୪୫.୫୬ ନିୟୁତ ଥିଲା, ଯାହାକି ଚଳିତ ବର୍ଷଠାରୁ ୫.୮୧ ପ୍ରତିଶତ କମ୍।

## ସ୍ଥାପନାର ଆୟୁର୍ବେଦ ଓ ବୈଦ୍ୟ କର୍ମଶାଳା ଅନୁଷ୍ଠିତ

### ● ଆୟୁର୍ବେଦରେ ରହିଛି ସବୁ ରୋଗର ନିଦାନ

ଭୁବନେଶ୍ୱର,୮।୧୦(ସଂଚାର ବ୍ୟୁରୋ): ଆଜିର ବ୍ୟସ୍ତବହୁଳ ଜୀବନଶୈଳୀ ଓ ଅନିୟମିତ ତଥା ବେପରୁଆ ଜୀବନଧାରା ସକାଶେ ମଣିଷ ବିଭିନ୍ନ ରୋଗରେ ଘାଣ୍ଟି ହେଉଛି। ଏଥିରୁ ମୁକ୍ତି ପାଇଁ ଡାକ୍ତରଙ୍କ ପାଖକୁ ଦୌଡ଼ି ଦୌଡ଼ି ନୟାନ୍ତ ହେଉଛି। ଡାକ୍ତର ଔଷଧ ବଦଳେଇ ଚାଲିଛନ୍ତି ହେଲେ ରୋଗ ଭଲ ହେବାର ନାଁ ଧରୁନାହିଁ। ମାତ୍ର ଆମ ପୂର୍ବପୁରୁଷମାନେ ଆପଣାଉଥିବା ପାରମ୍ପରିକ ଆୟୁର୍ବେଦ ଯୋଗ ଓ ଚେରମୂଳି ଔଷଧରେ କର୍କଟ, ମଧୁମେହ ଆଦି ରୋଗର ଚିକିତ୍ସା ହୋଇପାରିବ ବୋଲି ବୈଦ୍ୟ କର୍ମଶାଳାରେ ମତ ପ୍ରକାଶ ପାଇଛି। ଆଜି ସ୍ଥାନୀୟ ବୁଦ୍ଧ ମନ୍ଦିରଠାରେ ଆୟୋଜିତ ବୈଦ୍ୟଶାଳାରେ ଯୋଗଦେଇ ପ୍ରକୃତିବନ୍ଧୁ ତଥା



ବିଶିଷ୍ଟ ବୈଦ୍ୟ ଗଣେଶ ମହାକୁଡ଼ କହିଛନ୍ତି ଯେ ଆୟୁର୍ବେଦରେ ରହୁଛି ସବୁ ରୋଗର ନିଦାନ। କର୍କଟ, ମଧୁମେହ, ବାତରୋଗ ବା ପେଟରୋଗ ସବୁକିଛିର ଚିକିତ୍ସା ଆୟୁର୍ବେଦରେ ସମ୍ଭବପର ହୋଇପାରିବ ବୋଲି ଶ୍ରୀ ମହାକୁଡ଼ କହିବା ସହ ଔଷଧର ସେବନ ପ୍ରଣାଳୀ ବତାଇଛନ୍ତି। ଏଥିସହ ସେ ନିଜେ ପ୍ରସ୍ତୁତ କରି ଆଣିଥିବା ଔଷଧର ଉପକାରିତା ସମ୍ପର୍କରେ ବି ବୁଝାଇଥିଲେ। ଏହି ଅବସରରେ ବୈଦ୍ୟଙ୍କ ଚିକିତ୍ସାରେ ସୁସ୍ଥ ହୋଇଥିବା ଦୁଇ ଜଣ ମହିଳା ମଧ୍ୟ ସେମାନଙ୍କ ଅନୁଭୂତି ବାଣ୍ଟିଥିଲେ। ଏହି ଅବସରରେ ସ୍ଥାପନା ଅଧ୍ୟକ୍ଷା ନିବେଦିତା ବଳିୟାରସିଂ ନାୟକଙ୍କ ପକ୍ଷରୁ ଆୟୋଜିତ ଏକ ସଭାରେ ଲେଫ୍ଟନାଣ୍ଟ ଜେନେରାଲ ଡ. ନାରାୟଣ ମହାନ୍ତି, ପୂର୍ବତନ ସାଂସଦ ପ୍ରଭାସ ସିଂ, ସୁଶୀଲ କୁମାର ରାଉତରାୟ, ସିଏ ମୋହନ କୁମାର ନନ୍ଦ, ଯୋଗଗୁରୁ ସୁହାସ ହୋତା ପ୍ରମୁଖ ଆୟୁର୍ବେଦର ଉପକାରିତା ସମ୍ପର୍କରେ ସୂଚନା ଦେଇଥିଲେ। କାର୍ଯ୍ୟକ୍ରମର ସଂଯୋଜନା ସରୋଜ ଭୂୟାଁ କରିଥିଲେ।

## ଗ୍ରାହକ ମାର୍ଗଦର୍ଶନ ସେବା କେନ୍ଦ୍ର ଉଦଘାଟିତ




ଭୁବନେଶ୍ୱର,୮।୧୦(ସଂଚାର ବ୍ୟୁରୋ): ଅଖିଳ ଭାରତୀୟ ଗ୍ରାହକ ପଞ୍ଚାୟତ ଓ ସାଇ ଶକ୍ତି ମହିଳା ସମିତି ସହଯୋଗରେ ସ୍ଥାନୀୟ ବଡ଼ବଡ଼ ବ୍ରିଟ୍ କଲୋନୀରେ ଗ୍ରାହକ ମାର୍ଗଦର୍ଶନ ସେବା କେନ୍ଦ୍ର ଉଦ୍‌ଘାଟିତ ହୋଇଛି। କାର୍ଯ୍ୟକ୍ରମରେ ଅଖିଳ ଭାରତୀୟ ଗ୍ରାହକ ପଞ୍ଚାୟତର ଭୁବନେଶ୍ୱର ମହାନଗରର ସଭାପତି ଅଜୟ କୁମାର ଚୌଧୁରୀ, ଉପସଭାପତି ପ୍ରିୟଦର୍ଶୀ ବରାଳ, ସମ୍ପାଦକ ଉଜ୍ଜ୍ୱଳ କୁମାର ପଣ୍ଡା, ମହିଳା ପ୍ରମୂଖ ସସ୍ମିତା ମଙ୍ଗରାଜ ଓ ବିଭିନ୍ନ ଅଞ୍ଚଳର ଅଖିଳ ଭାରତୀୟ ଗ୍ରାହକ ପଞ୍ଚାୟତ ପ୍ରମୁଖ ଉପସ୍ଥିତ ଥିଲେ। ଏହି ମାର୍ଗଦର୍ଶନ ସେବା କେନ୍ଦ୍ର ଏବେ ସପ୍ତାହରେ ୨ ଦିନ ସୋମବାର ଓ ଶୁକ୍ରବାର ସନ୍ଧ୍ୟା ୫ଟାରୁ ୭ଟା ପର୍ଯ୍ୟନ୍ତ ଖୋଲା ରହିବ। ଏହି କେନ୍ଦ୍ରରେ ଯେ କୌଣସି ଗ୍ରାହକ ସମ୍ବନ୍ଧୀୟ ସମସ୍ୟାର ସରଳ ସମାଧାନ ପାଇଁ ପରାମର୍ଶ ନିଶୁଳ୍କ ପ୍ରଦାନ କରାଯିବ ବୋଲି ସଂଗଠନର ସମ୍ପାଦକ ଉଜ୍ଜ୍ୱଳ କୁମାର ପଣ୍ଡା କହିଛନ୍ତି।

## ବାପାକୁ ହାଣି ମାଟିରେ ପୋତିଦେଲା

ଦେବଗଡ଼,୮।୧୦(ସଂଚାର ବ୍ୟୁରୋ): ଜନ୍ମଦାତାକୁ ଟାଙ୍ଗିଆରେ ଅତି ନୃଶଂସ ଭାବେ ହାଣିବା ସହ ମୃତଦେହକୁ ମାଟିରେ ପୋତିଦେଇଛି ପୁଅ। ଏଭଳି ଏକ ଅଭାବନୀୟ କାଣ୍ଡ ଘଟିଛି ଦେବଗଡ଼ ଜିଲ୍ଲାର ବାରକୋଟ ଥାନା ଅନ୍ତର୍ଗତ ଔତଳ ଗାଁରେ। ମିଳିଥିବା ସୂଚନାନୁସାରେ, ଆଜି ସକାଳେ ହୃଦାନନ୍ଦ ବେହେରା ଘରେ ଥିବା ଏକ ମେଣ୍ଢାକୁ ବିକ୍ରି କରିବା ସକାଶେ ଜିଦ୍ ଧରିଥିଲେ। କିନ୍ତୁ ତାଙ୍କ ବାପା ବଳଭଦ୍ର ପୁଅର ଏପରି ନିଷ୍ପତ୍ତିକୁ ବିରୋଧ କରିଥିଲେ। ତେବେ ଏଥିରେ ହୃଦାନନ୍ଦ ଏତେ ମାତ୍ରାରେ ଉତ୍‌କ୍ଷିପ୍ତ ହୋଇପଡ଼ିଥିଲେ ଯେ ଶେଷରେ ସେ ତାଙ୍କ ବାପାଙ୍କୁ ଏକ ଟାଙ୍ଗିଆରେ ଆକ୍ରମଣ କରିଥିଲା। ଏହି ଆକ୍ରମଣରେ ଘଟଣାସ୍ଥଳରେ ବଳଭଦ୍ରଙ୍କର ମୃତ୍ୟୁ ହୋଇଯାଇଥିଲା। ଅଧିକନ୍ତୁ ନିଜ ବାପାଙ୍କୁ ହତ୍ୟା କରିଥିଲେ ମଧ୍ୟ ହୃଦାନନ୍ଦ ବଳଭଦ୍ରଙ୍କ ମୃତଦେହକୁ ନିକଟସ୍ଥ ଜମି ହିଡ଼ରେ ଗାତ ଖୋଳି ପୋତିଦେଇଥିଲେ। ଖବର ପାଇ ବାରକୋଟ ପୁଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ ଗାତରୁ ବାହାର କରିବା ସହ ହୃଦାନନ୍ଦଙ୍କୁ ଅଟକ ରଖିଛି। ଏଥିସହ ପୁଲିସ ହତ୍ୟାକାଣ୍ଡରେ ବ୍ୟବହୃତ ହୋଇଥିବା ଟାଙ୍ଗିଆକୁ ଜବତ କରିଛି। ଘଟଣାର ଗୁରୁତ୍ୱ ଦୃଷ୍ଟିରୁ ପୁଲିସ ସାଇଣ୍ଟିଫିକ୍ ଟିମ୍‌ର ସହାୟତା ନେଇ ତଦନ୍ତ ଆରମ୍ଭ କରିଛି।

### ପୋଶ ଆଇନ ପ୍ରଶିକ୍ଷଣ କାର୍ଯ୍ୟକ୍ରମ

## ଦ୍ୱିତୀୟ ପର୍ଯ୍ୟାୟରେ ଭାଗନେଲେ ୧୧୦୦ ଅଧିକାରୀ



ଭୁବନେଶ୍ୱର,୮।୧୦(ସଂଚାର ବ୍ୟୁରୋ): ଆଜି ମହିଳା ଓ ଶିଶୁ ବିକାଶ ପକ୍ଷରୁ ଲୋକସେବା ଭବନ ସମ୍ମେଳନ କକ୍ଷଠାରେ କର୍ମକ୍ଷେତ୍ରରେ ମହିଳାଙ୍କ ପ୍ରତି ଯୌନ ଉତ୍ପୀଡନ (ସୁରକ୍ଷା, ନିଷେଧ ଓ ନିରାକାରଣ) ଆଇନ (ପୋଶ୍) ୨୦୧୩ ସମ୍ବନ୍ଧରେ ଏକ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମହିଳା ଓ ଶିଶୁ ବିକାଶ ପ୍ରମୁଖ ଶାସନ ସଚିବ ଶୁଭା ଶର୍ମା ମୁଖ୍ୟ ଅତିଥି ଭାବେ ଯୋଗ ଦେଇ କର୍ମକ୍ଷେତ୍ରରେ ପୋଶ୍ ଆଇନର ଗୁରୁତ୍ୱ ବିଷୟରେ ଆଲୋକପାତ କରିଥିଲେ। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନିର୍ଦ୍ଦେଶରେ ଲୋକସେବା ଭବନର ଉପବିଭାଗ ଅଧିକାରୀ ଓ ସହକାରୀ ଉପବିଭାଗ ଅଧିକାରୀମାନଙ୍କୁ ପୋଶ୍ ଆଇନର ଆଇନଗତ ବ୍ୟବସ୍ଥା ବିଷୟରେ ଜଣାଇବା ସହ ସଚେତନ କରିବା ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମର ମୂଳ ଲକ୍ଷ୍ୟ ବୋଲି ସେ ମତ ଦେଇଛନ୍ତି। ସେହିପରି ଉପମୁଖ୍ୟମନ୍ତ୍ରୀ ତଥା ମହିଳା ଓ ଶିଶୁ ବିକାଶ ବିଭାଗ ମନ୍ତ୍ରୀ ଶ୍ରୀମତୀ ପ୍ରଭାତୀ ପରିଡାଙ୍କ ପରାମର୍ଶକ୍ରମେ ଦ୍ୱିତୀୟ ପର୍ଯ୍ୟାୟରେ ଦୁଇଟି ଅଧିବେଶନରେ ୧୧୦୦ ଲୋକସେବା ଭବନ ଅଧିକାରୀମାନଙ୍କୁ ଯୌନ ଉତ୍ପୀଡନ (ପ୍ରତିରୋଧ, ନିଷେଧ ଓ ପ୍ରତିକାର) ଆଇନ ୨୦୧୩ ସମ୍ପର୍କରେ ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମର ଆୟୋଜନ କରାଯାଉଛି। ବିଶିଷ୍ଟ ଆଇନଜୀବୀ ମାନସୀ ପାଢ଼ୀ ଆଇନ ସମ୍ବନ୍ଧରେ ବିସ୍ତୃତ ବିବରଣୀ ଉପସ୍ଥାପନ କରିଥିଲେ। ଦ୍ୱିତୀୟ ଅଧିବେଶନରେ ସୁସ୍ମିତା ଦାସ ଅଧିକାରୀମାନଙ୍କୁ ଆଇନ ବିଷୟରେ ଅବଗତ କରାଇଥିଲେ। କାର୍ଯ୍ୟକ୍ରମରେ ବିଭାଗୀୟ ନିର୍ଦ୍ଦେଶିକା ମୋନିଷା ବାନାର୍ଜୀ, ଅତିରିକ୍ତ ଶାସନ ସଚିବ ସୁମିତ୍ରା ପଟ୍ଟନାୟକଙ୍କ ସହ ଅନ୍ୟାନ୍ୟ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

### ● ପୁଲିସ୍ ଏସ୍ଆଇ ନିଯୁକ୍ତି କେଳେଙ୍କାରୀ ପ୍ରସଙ୍ଗରେ ଗର୍ଜିଲା ବିଜୁ ଯୁବ ଓ ଛାତ୍ର ଜନତା ଦଳ

## ରାଜ୍ୟବ୍ୟାପୀ ନ୍ୟାୟ ଆନ୍ଦୋଳନ ପାଇଁ ନିଷ୍ପତ୍ତି



ଭୁବନେଶ୍ୱର,୮।୧୦ (ସଂଚାର ବ୍ୟୁରୋ): ପୁଲିସ ଏସ୍ଆଇ ପରୀକ୍ଷାରେ ଜାଲିଆତି ଘଟଣାରେ ବିଜୁ ଯୁବ ଓ ଛାତ୍ର ଜନତା ଦଳ ପକ୍ଷରୁ ରାଜ୍ୟବ୍ୟାପୀ ଯୁବ ଛାତ୍ର ନ୍ୟାୟ ଆନ୍ଦୋଳନ କରାଯିବ ବୋଲି ଆଜି ଘୋଷଣା କରାଯାଇଛି। ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ବିଜୁ ଯୁବ ଜନତା ଦଳ ସଭାପତି ଚିନ୍ମୟ ସାହୁ କହିଛନ୍ତି ଯେ କ୍ୟାସ୍ ଫର୍ ଜବ୍ ସ୍କାମ୍ ରାଜ୍ୟର ଯୁବ ଓ ଛାତ୍ର ସମାଜକୁ ବ୍ୟଥିତ କରିଛି। ତେଣୁ ଏହି ମହାଦୁର୍ନୀତିକୁ ପଦାକୁ ଆଣିବା ସକାଶେ ସିବିଆଇ ତଦନ୍ତ ଦାବି କରାଯାଇଛି। କିନ୍ତୁ ରାଜ୍ୟ ସରକାର ଏଥିରେ ସମ୍ପୃକ୍ତ ବଡ଼ମୁଣ୍ଡମାନଙ୍କୁ ଖସାଇ ଦେବା ପାଇଁ ତଦନ୍ତଭାର କ୍ରାଇମବ୍ରାଞ୍ଚକୁ ଦେଇଛନ୍ତି। ଏହି ମହାଦୁର୍ନୀତିର ଚେର ରାଜ୍ୟର ମନ୍ତ୍ରିମଣ୍ଡଳର ସଦସ୍ୟଙ୍କଠାରୁ ଆରମ୍ଭ କରି ମୁଖ୍ୟମନ୍ତ୍ରୀଙ୍କ ପର୍ଯ୍ୟନ୍ତ ଲମ୍ବିଛି। ମୁଖ୍ୟ ଅଭିଯୁକ୍ତର ଫଟୋ ମୁଖ୍ୟମନ୍ତ୍ରୀଙ୍କ ସମେତ ମନ୍ତ୍ରିମଣ୍ଡଳର ସଦସ୍ୟଙ୍କ ସହ ଥିବା ଫଟୋ ଜାରି କରାଯାଇଛି। କ୍ରାଇମବ୍ରାଞ୍ଚ ତଦନ୍ତ କରିବା ପରିବର୍ତ୍ତେ ତଥ୍ୟ ପ୍ରମାଣକୁ ନଷ୍ଟ କରିବା ସକାଶେ ସରକାର ଉଦ୍ୟମ ଚଳାଇଛନ୍ତି। ରାଜ୍ୟ ସରକାରଙ୍କ ପ୍ରଯୋଜନାରେ ଚାକିରି ବିକ୍ରିର ନିଲାମ ପାଇଁ ଦୁଇଟି ସଂସ୍ଥାକୁ ଦାୟିତ୍ୱ ଦିଆଯାଇଥିଲା। ଓପିଆରବି କେଉଁ ନିୟମରେ ଏହି ସଂସ୍ଥାଗୁଡ଼ିକୁ ପରୀକ୍ଷା ପାଇଁ ନିଯୁକ୍ତି ଦେଇଥିଲା, ସେ ନେଇ ସରକାର କିଛି ବି ଉତ୍ତର ରଖୁନାହାନ୍ତି। ଏବେ ଲୋକସେବା ଭବନକୁ ବିଜେପି ଚାକିରି ବିକ୍ରି କେନ୍ଦ୍ରରେ ପରିଣତ କରିଦେଇଛି। ତେଣୁ ଏହି ମହାଦୁର୍ନୀତିର ସିବିଆଇ ତଦନ୍ତ ସହ ଏହି ମାମଲାରେ ମୁଖ୍ୟମନ୍ତ୍ରୀ ଇସ୍ତଫା ଦେବାକୁ ଦାବି କରାଯାଇଛି। ଏଥିସହ ଏହି ମହାଦୁର୍ନୀତି ପ୍ରତିବାଦରେ ଦଳ ପକ୍ଷରୁ ରାଜ୍ୟବ୍ୟାପୀ ଯୁବ ଛାତ୍ର ନ୍ୟାୟ ଆନ୍ଦୋଳନ ଆରମ୍ଭ ହେବ ଓ ଏହା ଦାବି ପୂରଣ ପର୍ଯ୍ୟନ୍ତ ଜାରି ରହିବ ବୋଲି ଶ୍ରୀ ସାହୁ କହିଛନ୍ତି।

ସେହିପରି ବିଜୁ ଛାତ୍ର ଜନତା ଦଳ ସଭାପତି ଇପ୍ସିତା ସାହୁ କହିଛନ୍ତି ଯେ ନିଯୁକ୍ତି ଆଶାରେ ଥିବା ରାଜ୍ୟର ହଜାର ହଜାର ଯୁବକଯୁବତୀ ଏବେ ହତାଶ ହୋଇଛନ୍ତି। ସେମାନଙ୍କୁ ନ୍ୟାୟ ଦେବାକୁ ବିଜୁ ଯୁବ ଛାତ୍ର ଜନତା ଦଳ ପକ୍ଷରୁ ଏହି ନ୍ୟାୟ ଆନ୍ଦୋଳନ ପାଇଁ ଡାକରା ଦିଆଯାଇଛି। ସେହିପରି ବିଜେପି କ୍ଷମତାକୁ ଆସିଲେ ଦୁଇ ବର୍ଷରେ ଦେଢ଼ ଲକ୍ଷ ସରକାରି ଚାକିରି ଦେବାକୁ ପ୍ରତିଶ୍ରୁତି ଦେଇଥିଲେ ହେଁ ଚାକିରି ଦେବା ପରିବର୍ତ୍ତେ ଦଳ ଏବେ ଚାକିରି ବିକ୍ରି କରୁଛି। ଓଡ଼ିଶାର ଯୁବ ଓ ଛାତ୍ରମାନେ ଏହି ଅନ୍ୟାୟ ବିରୋଧରେ ସ୍ୱର ଉତ୍ତୋଳନ କରିବା ସହ ସରକାରଙ୍କୁ ଉଚିତ ଜବାବ ଦେବାକୁ ସେ ଆହ୍ୱାନ ଦେଇଛନ୍ତି।

## ବାଲିଯାତ୍ରା ପଡ଼ିଆ ହେବ 'ନୋ ଡ୍ରୋନ୍ ଜୋନ୍'

### ନଭେମ୍ବର ୧ରୁ ୧୫ ପର୍ଯ୍ୟନ୍ତ କଟକଣା



କଟକ,୮।୧୦(ସଂଚାର ବ୍ୟୁରୋ): ବାଲିଯାତ୍ରା ସମୟରେ ବାଲିଯାତ୍ରା ପଡ଼ିଆଠାରୁ ୫ କି.ମି. ପରିଧି ଭିତରେ ଉଡିପାରିବନି ଡ୍ରୋନ୍। ନଭେମ୍ବର ୧ରୁ ନଭେମ୍ବର ୧୫ ପର୍ଯ୍ୟନ୍ତ ତଳ ଓ ଉପର ବାଲିଯାତ୍ରା ପଡ଼ିଆକୁ ନୋ ଡ୍ରୋନ୍ ଜୋନଭାବେ ଘୋଷଣା କରିଛି ଜିଲ୍ଲା ପ୍ରଶାସନ। ବାଲିଯାତ୍ରା ୫ ନଭେମ୍ବରରୁ ୧୨ ନଭେମ୍ବର ଯାଏ ଚାଲିବ। ୬୦ ଏକ ଜାଗାରେ ବାଲିଯାତ୍ରା ଅନୁଷ୍ଠିତ ହେଉଛି। ଆଶା କରାଯାଉଛି ୫୦ ଲକ୍ଷରୁ ଅଧିକ ଜନସମାଗମ ହେବ। ଅନେକ ଭିଆଇପି ଓ ଭିଭିଆଇପି ଆସିବେ। ତେଣୁ ସୁରକ୍ଷା ଦୃଷ୍ଟିରୁ ନଭେମ୍ବର ୧ରୁ ନଭେମ୍ବର ୧୫ ଯାଏ ବାଲିଯାତ୍ରା ପଡ଼ିଆଠାରୁ ୫ କି.ମି ପର୍ଯ୍ୟନ୍ତ ଅଞ୍ଚଳକୁ ନୋ ଡ୍ରୋନ୍ ଜୋନ ଘୋଷଣା ହୋଇଛି। ବାଲିଯାତ୍ରା ସମୟରେ ସେହି ଅଂଚଳରେ ପାରା ଗ୍ଲାଇଡର୍ସ, ପାରା ମୋଟର୍ସ, ପାୱାର ହ୍ୟାଙ୍ଗ ଗ୍ଲାଇଡର୍ସ, ମାଇକ୍ରୋ ଲାଇଟ୍ ଏୟାରକ୍ରାଫ୍ଟ, ହଟ ଏୟାର ବେଲୁନ, ୟୁଏଭି କିମ୍ବା ଡ୍ରୋନ ଉଡାଣ ନିଷେଦ୍ଧ ହେବ।

# କାଳିପୂଜା ଓ ବାଲିଯାତ୍ରା, କଟକରେ ନଜର



ଭୁବନେଶ୍ୱର,୮।୧୦: ଗଣ୍ଡଗୋଳ ଯୋଗୁଁ କଟକରେ କୁମାର ଉତ୍ସବ ଓ ଦଶହରା ଭଷାଣି କାର୍ଯ୍ୟକ୍ରମ ଫିକା ପଡିଯାଇଥିବାବେଳେ ଆଗକୁ ଆସୁଥିବା କାଳିପୂଜା, କାର୍ତ୍ତିକେଶ୍ୱର ପୂଜା ଓ ବାଲିଯାତ୍ରା ଯେଭଳି ସୁରୁଖୁରୁରେ ସମ୍ପନ୍ନ ହୁଏ ସେଥିପାଇଁ ପ୍ରଶାସନିକ, ରାଜନୈତିକ ଓ ସାମାଜିକ ସ୍ତରରେ ବ୍ୟାପକ ପ୍ରସ୍ତୁତି ଚାଲିଛି। ଉଲ୍ଲେଖନୀୟ ଯେ ଗତ ୨ ତାରିଖ ପର୍ଯ୍ୟନ୍ତ ଦୁର୍ଗାପୂଜା କାର୍ଯ୍ୟକ୍ରମ କଟକରେ ଶାନ୍ତିଶୃଙ୍ଖଳାର ସହ ଚାଲିଥିବାବେଳେ ତିନି ତାରିଖ ରାତିରେ ଏକ ନିର୍ଦ୍ଦିଷ୍ଟ ଅଞ୍ଚଳରେ ଭସାଣି ଶୋଭାଯାତ୍ରାବେଳେ ଅଭାବନୀୟ ଘଟଣା ଉପୁଜିବାରୁ ଭାଇଚାରାର ସହର କଟକ ମହାନଗର ଅଶାନ୍ତ ହୋଇପଡିଥିଲା। ଏହା ପରେ ପରେ ବନ୍ଦ ଡାକରା ଦିଆଯାଇ ଶୋଭାଯାତ୍ରା ବାହାରିଥିବାବେଳେ ପୁଲିସ୍ ଫଉଜଙ୍କ ସହ ଧସ୍ତାଧସ୍ତି ଯୋଗୁଁ ପରିସ୍ଥିତି ବିଗିଡିଥିଲା। ସ୍ଥିତି ନିୟନ୍ତ୍ରଣକୁ ଆଣିବାପାଇଁ ପ୍ରଶାସନ କଟକରେ କର୍ଫ୍ୟୁ ଜାରି ସହିତ ଇଣ୍ଟରନେଟ୍ ସେବା ବନ୍ଦ କରିଥିଲା। ଏହି ଗଣ୍ଡଗୋଳ ଯୋଗୁଁ କଟକର ଅନେକ ସାହି ବସ୍ତିରେ ହେବାକୁ ଥିବା କୁମାର ଉତ୍ସବ କାର୍ଯ୍ୟକ୍ରମ ବ୍ୟାହତ ହୋଇଥିଲା।

ଆଗକୁ ଦୀପାବଳୀ ଅବସରରେ କଟକରେ କାଳୀପୂଜା ହେବାର ଅଛି। ପ୍ରତିବର୍ଷ କଟକରେ କାଳୀପୂଜା ବି ବେଶ୍ ଧୂମ୍‌ଧାମ୍‌ରେ ପାଳିତ ହୁଏ। ଏଥି ସହିତ ମା' କଟକଚଣ୍ଡି, ଗଡଚଣ୍ଡି ଆଦିଙ୍କ ପୀଠରେ ମଧ୍ୟ ପୂଜାର୍ଚ୍ଚନା ପାଇଁ ବେଶ୍ ଜନସମାଗମ ହୋଇଥାଏ। ଅବଶ୍ୟ କଟକ ମହାନଗରରେ ବିଭିନ୍ନ ସମ୍ପ୍ରଦାୟର ପର୍ବପର୍ବାଣି ସମସ୍ତଙ୍କ ସହଯୋଗରେ ଶହ ଶହ ବର୍ଷ ଧରି ପାଳିତ ହୋଇଆସୁଛି। ତେଣୁ ପୂର୍ବ ଧାରାକୁ ବଜାୟ ରଖିବାପାଇଁ ଦୀପାବଳୀ ଓ କାଳୀପୂଜା ଯେଭଳି ଶୃଙ୍ଖଳାର ସହ ପାଳିତ ହୁଏ ତାହା ଉପରେ ଜିଲ୍ଲା ପ୍ରଶାସନ ଓ ପୁଲିସ୍ ଧ୍ୟାନ କେନ୍ଦ୍ରୀତ କରିଛନ୍ତି। କର୍ଫ୍ୟୁ ପ୍ରତ୍ୟାହାର ହୋଇଯାଇଥିଲେ ମଧ୍ୟ ସହରରେ ପୁଲିସ୍ ପଇଁତରା ବ୍ୟବସ୍ଥା ଜାରି ରହିଛି ଏବଂ ଗୁଇନ୍ଦା ସଂସ୍ଥା ଅଧିକ ସକ୍ରିୟ ହୋଇପଡିଛି। ଇଣ୍ଟରନେଟ୍ ସେବା ସ୍ୱାଭାବିକ ହୋଇଥିବାବେଳେ ଯଦି କେହି ସାମାଜିକ ଗଣମାଧ୍ୟମରେ ଉତ୍ତେଜନା ଉଦ୍ରେକକାରୀ ପୋଷ୍ଟ କରନ୍ତି ସେମାନଙ୍କ ଉପରେ ମଧ୍ୟ କର୍ତ୍ତୃପକ୍ଷ ନଜର ରଖିଛନ୍ତି।

ଇତିମଧ୍ୟରେ କଟକ ବାଲିଯାତ୍ରାକୁ କେନ୍ଦ୍ର ସରକାର ମାନ୍ୟତା ପ୍ରଦାନ କରିଛନ୍ତି। ଶହ ଶହ ବର୍ଷ ଧରି କଟକ ବାଲିଯାତ୍ରା କେବଳ ଓଡିଶା କାହିଁକି ଦେଶର ମଧ୍ୟ ପ୍ରମୁକ ଆକର୍ଷଣ ହୋଇଆସିଛି। ବାଲିଯାତ୍ରା ଲାଗି ପ୍ରସ୍ତୁତିପର୍ବ ଆରମ୍ଭ ହୋଇଥିବାବେଳେ ଭସାଣି ଅଘଟଣ ଯୋଗୁଁ ଲୋକଙ୍କ ମନରେ ଆଶଙ୍କା ଉପୁଜିଥିଲା। ତେବେ ବାଲିଯାତ୍ରାପାଇଁ ଆଉ ପାଖାପାଖି ମାସେ ସମୟ ରହିଥିବାରୁ ପ୍ରଶାସନିକ ସ୍ତରରେ ଏଥିଲାଗି ବିଶେଷ ତତ୍ପରତା ପ୍ରକାଶ ପାଉଛି। ବିଭିନ୍ନ ସାହି ବସ୍ତିର ମୁରବିମାନେ ପୂଜା କମିଟି ଓ ଶାନ୍ତି କମିଟି ସହ ଜଡିତ ବ୍ୟକ୍ତିବିଶେଷ ମଧ୍ୟ ଶାନ୍ତି ଶୃଙ୍ଖଳାର ସହ ଯେଭଳି ସମସ୍ତଙ୍କ ସହଯୋଗରେ କାଳୀପୂଜା ଓ କାର୍ତ୍ତିକେଶ୍ୱର ପୂଜା ସହିତ ବାଲିଯାତ୍ରାପର୍ବ ସମାହିତ ହୁଏ ସେ ସଂକ୍ରାନ୍ତରେ ଚର୍ଚ୍ଚା କରୁଛନ୍ତି।

ଏବେ ପରିସ୍ଥିତି ସମ୍ପୂର୍ଣ୍ଣ ନିୟନ୍ତ୍ରଣାଧିନ ଥିବାରୁ ଆଗାମୀ ଦିନରେ ଏହି ଉତ୍ସବାନୁଷ୍ଠାନ ସବୁ ସୁରୁଖୁରୁରେ ସମ୍ପନ୍ନ ହେବ ବୋଲି ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ମହାନଗରବାସୀ ଆଶା ରଖିଥିବାବେଳେ ଲୋକ ପ୍ରତିନିଧିଙ୍କ ଠାରୁ ଆରମ୍ଭ କରି ରାଜ୍ୟ ଓ ଜିଲ୍ଲା ପ୍ରଶାସନ ମଧ୍ୟ ଏହା ଉପରେ ଗୁରୁତ୍ୱାରୋପ କରୁଛନ୍ତି। (ତଥ୍ୟ)

ଜୀବନ ଅମୃତ ଅନୁଚିନ୍ତା

ପ୍ରକୃତ ଧନ-ଆଜି ପର୍ଯ୍ୟନ୍ତ କେହି ପାର୍ଥିବ ଧନ ସଂସାରରୁ ନେଇ ଆର ପାରିକୁ ଯାଇ ନାହାଁନ୍ତି। ଯାହା ନେଇଛନ୍ତି ତାହା ସତ କର୍ମ ବା ପୁଣ୍ୟର ଫଳ। ଏହା ହିଁ ପ୍ରକୃତ ଧନ ଯାହା ଆର ପାରିରେ ସହାୟକ ହୋଇଥାଏ।

sanchar.live

ସମ୍ପାଦକୀୟ

SANCHAR ସଂଚାର



# ଶକ୍ତିଶାଳୀ ଭାରତୀୟ ବାୟୁସେନା



ଭାରତୀୟ ବାୟୁସେନା ଦେଶର ସୁରକ୍ଷା ଓ ସମ୍ମାନର ଏକ ଅମର ପ୍ରତୀକ। ୧୯୩୨ ମସିହାରେ ପ୍ରତିଷ୍ଠିତ ଏହି ସେନା ଆଜି ବିଶ୍ୱର ଚତୁର୍ଥ ବୃହତ୍ତମ ବାୟୁସେନା ଭାବେ ନିଜର ସ୍ଥାନ ଅଧିକାର କରିଛି। ଏହାର ଅତ୍ୟାଧୁନିକ ପ୍ରଯୁକ୍ତି, ସୁଶିକ୍ଷିତ ଯୋଦ୍ଧା ଏବଂ ଅଜଣା ସାହସ ଏହାକୁ ଏକ ଅଜେୟ ଶକ୍ତିରେ ପରିଣତ କରିଛି। ଭାରତୀୟ ବାୟୁସେନାର ଶକ୍ତି କେବଳ ଯୁଦ୍ଧକ୍ଷେତ୍ରରେ ନୁହେଁ, ମାନବୀୟ ସେବା ଓ ଜାତୀୟ ସୁରକ୍ଷାରେ ମଧ ପ୍ରତିଫଳିତ ହୁଏ।

ଭାରତୀୟ ବାୟୁସେନାର ଶକ୍ତିର ମୂଳ ରହିଛି ଏହାର ଅତ୍ୟାଧୁନିକ ଯୁଦ୍ଧ ବିମାନ ଓ ଅସ୍ତ୍ରଶସ୍ତ୍ରରେ। ସୁଖୋଇ ଏସ୍‌ୟୁ-୩୦ ଏମକେଆଇ, ରାଫେଲ, ତେଜସ ଭଳି ବିମାନ ଏବଂ ବ୍ରହ୍ମୋସ ମିସାଇଲ ଭଳି ଅସ୍ତ୍ର ଏହାର ଆକାଶ ଆଧିପତ୍ୟକୁ ଅଧିକ ସୁଦୃଢ଼ କରିଛି। ରାଫେଲ ବିମାନର ଅନ୍ତର୍ଭୁକ୍ତି ଭାରତୀୟ ବାୟୁସେନାର ଆକ୍ରମଣ ଓ ପ୍ରତିରକ୍ଷା କ୍ଷମତାକୁ ନୂଆ ଉଚ୍ଚତା ଦେଇଛି। ଏହା ସହିତ ଡ୍ରୋନ ପ୍ରଯୁକ୍ତି ଓ ଆକାଶରୁ ଆକାଶକୁ ମାରୁ ମିସାଇଲ ଭଳି ଅସ୍ତ୍ର ଏହାକୁ ଆଧୁନିକ ଯୁଦ୍ଧରେ ଅଗ୍ରଣୀ ରଖିଛି। ଏହି ପ୍ରଯୁକ୍ତିଗତ ଶ୍ରେଷ୍ଠତ୍ୱ ଦେଶର ସୀମାକୁ ସୁରକ୍ଷିତ ରଖିବାରେ ଏକ ମୁଖ୍ୟ ଭୂମିକା ଗ୍ରହଣ କରେ।

ବାୟୁସେନାର ଶକ୍ତି କେବଳ ଯନ୍ତ୍ରପାତିରେ ସୀମିତ ନୁହେଁ; ଏହାର ପାଇଲଟ ଓ କର୍ମଚାରୀମାନେ ହେଉଛନ୍ତି ଏହାର ପ୍ରକୃତ ଶକ୍ତି। ସୁଶିକ୍ଷିତ ଓ ଅନୁଶାସିତ ଏହି ଯୋଦ୍ଧାମାନେ କଠିନ ପରିସ୍ଥିତିରେ ମଧ ନିଜର ଦକ୍ଷତା ଓ ସାହସ ପ୍ରଦର୍ଶନ କରିଛନ୍ତି। ୧୯୬୫ ଓ ୧୯୭୧ ର ଭାରତ-ପାକିସ୍ତାନ ଯୁଦ୍ଧରେ ବାୟୁସେନାର ଭୂମିକା ଇତିହାସରେ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ। ୧୯୯୯ରେ କାର୍ଗିଲ ଯୁଦ୍ଧରେ ଅପରେସନ ସଫେଦ ସାଗର ଏବଂ ୨୦୧୯ରେ ବାଲାକୋଟ ଏୟାର ଷ୍ଟ୍ରାଇକ ଭାରତୀୟ ବାୟୁସେନାର ସାମର୍ଥ୍ୟ ଓ ନିର୍ଭୀକତାର ଉଜ୍ଜ୍ୱଳ ଉଦାହରଣ।

ଯୁଦ୍ଧ ବ୍ୟତୀତ, ବାୟୁସେନା ମାନବୀୟ କାର୍ଯ୍ୟରେ ମଧ ଅଗ୍ରଣୀ। ପ୍ରାକୃତିକ ବିପର୍ଯ୍ୟୟ ସମୟରେ, ଯେପରିକି ବନ୍ୟା, ଭୂମିକମ୍ପ କିମ୍ବା ସୁନାମି, ବାୟୁସେନାର ହେଲିକପ୍ଟର ଓ ବିମାନ ଦୁର୍ଗମ ଅଞ୍ଚଳରେ ସାହାଯ୍ୟ ପହଞ୍ଚାଇ ଜୀବନ ରକ୍ଷା କରିଛି। ୨୦୧୩ରେ ଉତ୍ତରାଖଣ୍ଡ ବନ୍ୟା ଏବଂ ୨୦୧୮ରେ କେରଳ ବନ୍ୟା ସମୟରେ ବାୟୁସେନାର ତ୍ୱରନ୍ତ କାର୍ଯ୍ୟାନୁଷ୍ଠାନ ଲକ୍ଷ ଲକ୍ଷ ଲୋକଙ୍କ ପାଇଁ ଆଶାର କିରଣ ହୋଇଥିଲା। ଏହା ସହିତ, କୋଭିଡ-୧ ମହାମାରୀ ସମୟରେ ଅକ୍ସିଜେନ, ଔଷଧ ଓ ଅନ୍ୟାନ୍ୟ ଆବଶ୍ୟକ ସାମଗ୍ରୀ ପରିବହନରେ ବାୟୁସେନାର ଭୂମିକା ଅନନ୍ୟ ଥିଲା।

ଭାରତୀୟ ବାୟୁସେନା କେବଳ ଏକ ସାମରିକ ଶକ୍ତି ନୁହେଁ, ଏହା ଜାତୀୟ ଗର୍ବ ଓ ଐକ୍ୟର ପ୍ରତୀକ। ଏହାର ମୂଳମନ୍ତ୍ର "ନଭଃ ସ୍ପୃଶତି ଦୀପ୍ତମ୍" ଏହାର ଉଚ୍ଚାଭିଳାଷ ଓ ଦୃଢ଼ସଙ୍କଳ୍ପକୁ ପ୍ରତିଫଳିତ କରେ। ଆଗାମୀ ଦିନରେ ଆହୁରି ଅଧିକ ଆଧୁନିକ ପ୍ରଯୁକ୍ତି ଓ ନୂତନ ପିଢ଼ିର ଯୋଦ୍ଧାଙ୍କ ସହାୟତାରେ ଭାରତୀୟ ବାୟୁସେନା ନିଶ୍ଚିତ ଭାବେ ନୂଆ ଉଚ୍ଚତା ଛୁଇଁବ। ଏହାର ଶକ୍ତି ଓ ସମର୍ପଣ ଭାରତକୁ ବିଶ୍ୱ ମାନଚିତ୍ରରେ ଏକ ଶକ୍ତିଶାଳୀ ରାଷ୍ଟ୍ର ଭାବେ ସ୍ଥାପନ କରିଛି।

# ସେବାର ମୂର୍ତ୍ତିମନ୍ତ ପ୍ରତୀକ ଉତ୍କଳମଣି ଗୋପବନ୍ଧୁ



**ଅରୁନ୍ଧତୀ ଦେବୀ**

ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କର ଆଦର୍ଶ ତ୍ୟାଗ ଓ ସମାଜ ସେବା ସମଗ୍ର ଓଡ଼ିଆ ଜାତି ପାଇଁ ଚିରସ୍ମରଣୀୟ ହୋଇ ରହିଛି ଓ ରହିଥିବ। ତାଙ୍କ ଜୀବନୀ ପ୍ରତ୍ୟେକ ଓଡ଼ିଶାବାସୀଙ୍କୁ ପ୍ରଭାବିତ କରିଥାଏ। ଜନ୍ମ ହେଲେ ସମସ୍ତେ ମୃତ୍ୟୁବରଣ କରନ୍ତି। କାଳର କରାଳ ଗର୍ଭରେ ସବୁକିଛି ବିଲୀନ ହୋଇଯାଏ। ସମୟର ସ୍ରୋତ ସମସ୍ତଙ୍କୁ ଭସାଇ ନିଏ। ଯେତେ ଯାହା ହେଲେ ମଧ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସ ତାଙ୍କର ନିଷ୍ଠାପର ଆନ୍ତରିକ ସେବା କାର୍ଯ୍ୟ ପାଇଁ ପ୍ରତ୍ୟେକ ଓଡ଼ିଆଙ୍କ ନିକଟରେ ଅଭୁଲା ହୋଇ ରହିଥିବେ। ଗୋପବନ୍ଧୁ ଜନ୍ମ ଲାଭ କରିଥିଲେ ପୁରୀ ଜିଲ୍ଲାର ସୁଆଣ୍ଡୋ ନାମକ ଏକ ଗ୍ରାମରେ ୧୮୭୭ ମସିହା ଅକ୍ଟୋବର ମାସ ୯ ତାରିଖରେ। ତାଙ୍କ ପିତାଙ୍କ ନାମ ଥିଲା ଦୈତାରୀ ଦାସ ଓ ମାତାଙ୍କ ନାମ ଥିଲା ସ୍ୱର୍ଣ୍ଣମୟୀ ଦେବୀ। ଜନ୍ମର ଅଳ୍ପ ଦିନ ପରେ ସେ ମା'ଛେଉଣ୍ଡ ହୋଇ ପିଉସୀ କମଳା ଦେବୀଙ୍କ ତତ୍ତ୍ୱାବଧାନରେ ପ୍ରତିପାଳିତ ହୋଇଥିଲେ। ଗ୍ରାମରେ ଥିବା ଉଚ୍ଚପ୍ରାଥମିକ ବିଦ୍ୟାଳୟରେ ଶିକ୍ଷା ଲାଭ କଲାପରେ ରୂପଦେଇପୁରରେ ଥିବା ମଧଇଂରାଜୀ ବିଦ୍ୟାଳୟରେ ପଢ଼ିଲେ। ପୁରୀ ଜିଲ୍ଲା ସ୍କୁଲରୁ ୧୮୯୯ ମସିହାରେ ସେ ମେଟ୍ରିକ୍ୟୁଲେସନ ପରୀକ୍ଷାରେ କୃତକାର୍ଯ୍ୟ ହେଲେ। ତାଙ୍କର କଲେଜ ଶିକ୍ଷା ଆରମ୍ଭ ହେଲା କଟକ ରେଭେନ୍ସା ମହାବିଦ୍ୟାଳୟରେ। ୧୯୦୨ ମସିହାରେ ସେ ଏଫ୍.ଏ. ପରୀକ୍ଷାରେ ଓ ୧୯୦୪ ମସିହାରେ ବି.ଏ. ପରୀକ୍ଷାରେ କୃତକାର୍ଯ୍ୟ ହେଲେ। ରେଭେନ୍ସା କଲେଜରେ ପଢୁଥିବା ସମୟରେ ସେ ଆଚାର୍ଯ୍ୟହରିହର ଆଦି ଦେଶ ସେବକ ମାନଙ୍କ ସଂସ୍ପର୍ଶରେ ଆସି ଦେଶ ସେବାରେ ଆଗ୍ରହୀ ହେଲେ। ୧୯୦୨ ମସିହାରେ ବ୍ରହ୍ମପୁରରେ ହୋଇଥିବା ଉତ୍କଳ ସମ୍ମିଳନୀରେ ଯୋଗ ଦେଇ ସ୍ୱରଚିତ ପ୍ରାରମ୍ଭିକ ସଙ୍ଗୀତ ଗାନ କରି ଉତ୍କଳ ଗୌରବ ମଧୁସୂଦନ ଦାସ ଆଦି ବିଶିଷ୍ଟ ବ୍ୟକ୍ତିମାନଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ରେଭେନ୍ସା ମହାବିଦ୍ୟାଳୟରୁ ବି.ଏ. ପାଶ କଲାପରେ ସେ କଲିକତା ବିଶ୍ୱବିଦ୍ୟାଳୟରୁ ଆଇନ ପରୀକ୍ଷାରେ କୃତକାର୍ଯ୍ୟ ହୋଇଥିଲେ। ଦେଶର ଶିକ୍ଷାର ପ୍ରସାର ପାଇଁ ସେ ନିଳଗିରି ଠାରେ ସ୍ଥାପିତ ଉଚ୍ଚ ଇଂରାଜୀ ବିଦ୍ୟାଳୟରେ ପ୍ରଧାନ ଶିକ୍ଷକ ଭାବେ ଯୋଗ ଦେଲେ। ଜଣେ ଆଦର୍ଶ ଶିକ୍ଷକଙ୍କର ଭୂମିକା ସମ୍ବନ୍ଧରେ ଅନ୍ୟ ଶିକ୍ଷକମାନଙ୍କୁ ପ୍ରଶିକ୍ଷଣ ଦେଲାପରେ ସେ ଆଇନଜ୍ଞ ଭାବେ କଟକରେ କାର୍ଯ୍ୟକଲେ ଓ ପରେ ପୁରୀ ଯାଇ ଓକିଲାତି କରିଥିଲେ। ମିଥ୍ୟାକୁ ତିଳେ ମାତ୍ର ପ୍ରଶୟ ନ ଦେଇ ସତ୍ୟକୁ ସମ୍ବଳ କରି ଓକିଲାତି କରିବା ପାଇଁ ସେ ଅନ୍ୟ ଓକିଲ ମାନଙ୍କୁ କହୁଥିଲେ। ସେତେବେଳେ ଓଡ଼ିଶା ଏକ ସ୍ୱତନ୍ତ୍ର ପ୍ରଦେଶ ନଥିଲା। ବିହାର ଓ ଓଡ଼ିଶା ଏକ ଶାସନାଧୀନ ଥିଲା। ଗୋପବନ୍ଧୁ ୧୯୧୭ରୁ ୧୯୨୦ ମସିହା ପର୍ଯ୍ୟନ୍ତ ବିହାର ଓଡ଼ିଶା ବିଧାନ ସଭାର ସଭ୍ୟ ରହି ବହୁତ ଉନ୍ନତି ମୂଳକ କାର୍ଯ୍ୟ କରିଯାଇଛନ୍ତି। ବିଶେଷତଃ ପରାଧୀନ ଦେଶରେ ଦେଶବାସୀଙ୍କର ପ୍ରକୃତ ଉନ୍ନତି କିପରି ହେବ ସେଥିପାଇଁ ସେ ଚିନ୍ତିତ ଥିଲେ। ଓଡ଼ିଶାରେ ଜାତୀୟ କଂଗ୍ରେସର ସେ ସଭାପତି ହେଲେ। ମହାତ୍ମାଗାନ୍ଧୀଙ୍କ ଦ୍ୱାରା ପ୍ରଚାରିତ ଅସହଯୋଗ ଆନ୍ଦୋଳନରେ ଯୋଗ ଦେଇ ସେ ୧୯୨୨ରୁ ଦୁଇବର୍ଷ ପାଇଁ ହଜାରିବାଗ ଜେଲରେ ବନ୍ଦୀ ଜୀବନ ବିତାଇ ଥିଲେ। ଓଡ଼ିଆ ଭାଷାରେ ଲିଖିତ ତାଙ୍କର ଦେଶପ୍ରେମର ବାର୍ତ୍ତା ଦେଶବାସୀଙ୍କ ମଧରେ ଦେଶପ୍ରେମ ଓ ସ୍ୱାଧୀନତାର ବହ୍ନି ଜାଳି ଦେଇଥିଲା। ୧୯୨୪ ମସିହାରେ କଟକ ଠାରେ ଅନୁଷ୍ଠିତ ହୋଇଥିବା ଉତ୍କଳ ସମ୍ମିଳନୀରେ ତାଙ୍କୁ ଉତ୍କଳମଣି ଉପାଧି ପ୍ରଦାନ କରାଯାଇଥିଲା। ସେ ଲୋକ ସେବକ ମଣ୍ଡଳର ସଦସ୍ୟ ଓ ଉପସଭାପତି ଥିଲେ। ନିଃସ୍ୱାର୍ଥ ସେବାକୁ ସେ ଜୀବନର ବ୍ରତ ରୂପେ ଗ୍ରହଣ କରିଥିଲେ। ରେଭେନ୍ସା କଲେଜରେ ଛାତ୍ରଥିବା ସମୟରେ ସେ ଗରିବ ଛାତ୍ର ମାନଙ୍କ ପାଇଁ ବିଭିନ୍ନ ବ୍ୟକ୍ତି ବିଶେଷଙ୍କ ଠାରୁ ଅର୍ଥ ସଂଗ୍ରହ କରି ଅଭାବି ଛାତ୍ର ମାନଙ୍କ ପାଇଁ ବହି ଖାତା କିଣିବା ଓ ଖାଇବା ବନ୍ଦୋବସ୍ତ କରୁଥିଲେ। ବନ୍ୟାବାତ୍ୟା ଓ ନାନା ପ୍ରକାର ଦୁର୍ବିପାକ ସମୟରେ ସେ ଲୋକମାନଙ୍କର ଉଦ୍ଧାର କାର୍ଯ୍ୟ କରିବା ସହ ଖାଦ୍ୟପେୟର ସୁବନ୍ଦୋବସ୍ତ କରିବା ପାଇଁ ନିଜ ସୁଖ ସୁବିଧାକୁ ଜଳାଞ୍ଜଳି ଦେଇ ସେବାରେ ଲାଗିପଡୁଥିଲେ। ନିଜ ପରିବାରକୁ ମଧ ଗୌଣ ସ୍ଥାନ ଦେଇ ଅସହାୟଙ୍କ ସେବାକୁ ପ୍ରାଧାନ୍ୟ ଦେଉଥିଲେ। ତାଙ୍କ ନିଜ ପୁଅ ରୋଗଗ୍ରସ୍ତ ଥିବା ସମୟରେ ସେ ଖବର ପାଇଲେ ବନ୍ୟା ଯୋଗୁଁ ଅନେକ ଅଞ୍ଚଳ ଜଳମଗ୍ନ ହୋଇ ଯାଇଥିବାରୁ ଲୋକମାନେ ଘରଦ୍ୱାରା ହରାଇ ଭୋକ ଉପାସରେ ପଡ଼ିରହି କଷ୍ଟ ଭୋଗୁଛନ୍ତି। ନିଜର ଗୁରୁତର ଅବସ୍ଥାରେ ପଡ଼ିଥିବା ରୋଗଗ୍ରସ୍ତ ପୁଅକୁ ଛାଡ଼ି ବନ୍ୟା ପ୍ରପୀଡ଼ିତ ଲୋକମାନଙ୍କ ଥଇଥାନ ଓ ଅନ୍ନ ସଂସ୍ଥାନ କରିବା ପାଇଁ ଚାଲିଗଲେ। ଗୋଟିଏ ପୁଅ ତୁଳନାରେ ହଜାର ହଜାର ଲୋକଙ୍କ କଷ୍ଟ ଦୂର କରିବା ତାଙ୍କ ପାଇଁ ଅଧିକ ଉପଯୋଗୀ ମନେହେଲା। ବନ୍ୟା ପ୍ରପୀଡ଼ିତ ଲୋକମାନଙ୍କ ସେବା କରି ଘରକୁ ଫେରି ଆସିଲା ବେଳକୁ ପୁଅ ଶେଷ ବିଦାୟ ନେଇ ସାରିଥିଲା। ବାସ୍ତବିକ ଏ ପ୍ରକାର ସେବା କେତେ ଜଣ କରିପାରିବେ ? ନିଜ ପର ମଧରେ ପ୍ରଭେଦ ସେ ଦେଖୁନଥିଲେ। ମାନବ ସେବାକୁ ମାଧବଙ୍କ ସେବା ବୋଲି ସେ ଗ୍ରହଣ କରିଥିଲେ। ଲୋକମାନଙ୍କ ନିକଟରେ ବିଭିନ୍ନ ସମ୍ବାଦ ପହଞ୍ଚାଇବାକୁ ସେ ସେବା ରୂପେ ଗ୍ରହଣ କରିଥିଲେ। ସେଥିପାଇଁ ୧୯୧୫ ମସିହାରେ ନିଜ ଗ୍ରାମରୁ କିଛି ଦୂରରେ ଥିବା ସାକ୍ଷୀଗୋପାଳରୁ 'ସତ୍ୟବାଦୀ' ନାମରେ ଗୋଟିଏ ପତ୍ରିକା ପ୍ରକାଶ କରି ଲୋକମାନଙ୍କ ମଧରେ ବିତରଣ କଲେ। ୧୯୧୯ ମସିହାରେ 'ସମାଜ' ପତ୍ରିକା ପ୍ରକାଶ କଲେ। ପ୍ରଥମରେ ଏହା ସପ୍ତାହରେ ଥରେ ପ୍ରକାଶିତ ହେଉଥିଲା। ପରେ ଏହା ଦୈନିକ ସମ୍ବାଦପତ୍ର ରୂପେ ପ୍ରକାଶିତ ହୋଇ ଖୁବ୍ ଲୋକପ୍ରିୟ ହେଲା। ରାଜନୀତି ଠାରୁ ଆରମ୍ଭ କରି ବିଭିନ୍ନ ସମ୍ବାଦ ପରିବେଷଣ ଦ୍ୱାରା ଲୋକମାନଙ୍କର ଯେଉଁ ସେବା ସେ ଆରମ୍ଭ କଲେ ସେଥିପାଇଁ ସେ ଚୀର ସ୍ମରଣୀୟ ହୋଇ ରହିଛନ୍ତି। ଓଡ଼ିଶାରେ ଅନେକ ସମ୍ବାଦପତ୍ର ପ୍ରକାଶିତ ହେଉଥିଲେ ହେଁ ସମାଜର ଲୋକପ୍ରିୟତା ଗୋପବନ୍ଧୁଙ୍କର ଆଶୀର୍ବାଦରୁ ଅତୁଟ ରହିଛି। ପରାଧୀନ ଦେଶରେ ଲୋକ ମାନଙ୍କୁ ସ୍ୱାଧୀନତା ସମ୍ବନ୍ଧରେ ଉଦ୍‌ବୃଦ୍ଧ କରିବାକୁ ଏକ ବଡ଼ ସେବା ବୋଲି ସେ ଗ୍ରହଣ କରିଥିଲେ। ଦେଶ ଓ ଦଶର ସେବା ବ୍ରତ ପାଇଁ ସେ ଚିରଦିନ ଓଡ଼ିଆ ମାନଙ୍କ ମନରେ ବଞ୍ଚି ରହିଥିବେ।

**ନିର୍ଦ୍ଦେଶିକା-ସମ୍ପାଦିକା, ଆନ୍ତର୍ଜାତିକ ଅଶୋଭନୀୟତା ନିରୋଧ ଆନ୍ଦୋଳନ କଟକ, ଦୂରଭାଷ : ୯୯୩୭୧୭୨୮୧୦**

# ଶିକ୍ଷା ବ୍ୟବସ୍ଥାରେ ଉତ୍କଳମଣି ଗୋପବନ୍ଧୁଙ୍କ ଭୂମିକା



**ପ୍ରସନ୍ନ କୁମାର ପାଇକରାୟ**

ପଣ୍ଡିତ ଗୋପବନ୍ଧୁଙ୍କର ନିଃସ୍ୱାର୍ଥପର ସେବା ,ମହନୀୟ ତ୍ୟାଗ କରୁଣା, ଅପୂର୍ବ ଦେଶଭକ୍ତି,ନ୍ୟାୟ ପରାୟଣତା ,ସତ୍ୟନିଷ୍ଠା ମାନବପ୍ରୀତିର ପଟାନ୍ତର ନାହିଁ ସେ ଯଥାର୍ଥରେ ଦରିଦ୍ରର ବନ୍ଧୁ ଥିଲେ। ଦରିଦ୍ର ନାରାୟଣ ସେବାରେ ନିଜର ଜୀବନକୁ ସମ୍ପୂର୍ଣ୍ଣ ଉତ୍ସର୍ଗ କରିଥିଲେ। ସେ ପରର ଦୁଃଖ ମୋଚନକୁ ଜୀବନର ବ୍ରତ ରୂପେ ଗ୍ରହଣ କରି ନେଇଥିଲେ। କେବଳ ଜଣେ ସମାଜ ସେବୀ ରୂପେ ନୁହେଁ, ଜଣେ ମାନବବାଦୀ କବି,ପ୍ରାବନ୍ଧିକ, ସତ୍ୟନିଷ୍ଠ ସାମ୍ବାଦିକ, ଆଦର୍ଶ ରାଜନୀତିକ ତଥା ଆଇନ ବିଶାରଦ ରୂପେ ମଧ ବେଶ ଖ୍ୟାତି ଅର୍ଜନ କରିଥିଲେ। ସେ ଓଡ଼ିଶାର ମୁକୁଟ ବିହୀନ ରାଜା ଥିଲେ। ଆଧୁନିକ ଓଡ଼ିଶାର ନିର୍ମାତା,ଓଡ଼ିଆଙ୍କ ପ୍ରେରଣା ଓ ଆଦର୍ଶର ଉତ୍ସ। ଓଡ଼ିଆ ଅସ୍ମିତାର ସମର୍ଥ ସାରଥୀ ଥିଲେ ଉତ୍କଳମଣି ଗୋପବନ୍ଧୁ ଦାସ। ତାଙ୍କ ଜୀବନ ଥିଲା ସେବା ଓ ତ୍ୟାଗର ଏକ ଅନିର୍ବାଣ ଯଜ୍ଞ । ଉନବିଂଶ ଶତାବ୍ଦୀର ଶେଷାର୍ଦ୍ଧ ଥିଲା ଓଡ଼ିଆ ଜାତି ପାଇଁ ଏକ ସନ୍ଦିଗ୍ଧ କାଳଖଣ୍ଡ। ନ'ଅଙ୍କ ଦୁର୍ଭିକ୍ଷ ଓ ଓଡ଼ିଆ ଭାଷା ବିଲୋପ ଆନ୍ଦୋଳନର କବଳରେ ଜାତୀୟ ଜୀବନରେ ହତାଶର ସ୍ୱର ସ୍ୱରିତ ହୋଇଥିଲା। ଓଡ଼ିଶାର ଏପରି ଚରମ ଦୁର୍ଦ୍ଦଶା ବେଳେ ନବଚେତନାରେ ଓଡ଼ିଆ ଜାତିକୁ ଉଦ୍ଦିପିତ କରିଥିଲେ ଗୋପବନ୍ଧୁ। ଉତ୍କଳମଣି କାୟୋମନୋବାକ୍ୟରେ ଦାରିଦ୍ର୍ୟ, ଅଶିକ୍ଷାମୁକ୍ତ ସ୍ୱତନ୍ତ୍ର ଓଡ଼ିଶା ଚାହୁଁଥିଲେ ଯେଉଁଠି ଓଡ଼ିଶାର ଲୋକ ସମ୍ମାନର ସହ ବଞ୍ଚିବା ସହିତ ସଚେତନ ସ୍ତରକୁ ଉନ୍ନୀତ ହେବେ। ଏହି ମହତ ଉଦ୍ଦେଶ୍ୟ ରଖି ସେ ନିଜର ସମଗ୍ର ଜୀବନକୁ ଦେଶ ପାଇଁ ଉତ୍ସର୍ଗ କରି ଦେଇଥିଲେ। ପ୍ରକୃତରେ ସେହି ପୁଣ୍ୟବନ୍ତ ଯୁଗପୁରୁଷ ଜନ୍ମ ନେଇଥିଲେ ଏକ ଘଡିସନ୍ଧି ମୁହୂର୍ତ୍ତରେ ପୁରୀ ଜିଲ୍ଲା ସାକ୍ଷୀଗୋପାଳ ନିକଟସ୍ଥ ଅଖ୍ୟାତ ପଲ୍ଲୀ ସୁଆଣ୍ଡୋ ଗ୍ରାମରେ। ହେଲେ ଆଜି ସେହି ଗାଁ ସୁଆଣ୍ଡୋ ଆଜି ଉତ୍କଳମଣି ଗୋପବନ୍ଧୁଙ୍କ ପାଇଁ ବିଶ୍ୱବିଦିତ ହୋଇପାରିଛି। ନିଜର ସୁକର୍ମ ,ତ୍ୟାଗ, ନିଷ୍ଠା, ସେବା, ପରୋପକାର ବଳରେ ସେ ହୋଇଗଲେ ମହାନ, ବିଶ୍ୱବନ୍ଦୀତ ଉତ୍କଳର ମଣି। ଜିବନରେ ସବୁକିଛି ହାତ ପାଆନ୍ତରେ ଥିଲେ ମଧ ସବୁକୁ ହେୟ ମନେକରି ନିଜ ଜୀବନକୁ ଉତ୍ସର୍ଗ କରିଥିଲେ ଦେଶ,ଜାତି ତଥା ମାତୃଭୂମି ପାଇଁ। ଗୋପବନ୍ଧୁ ବିଂଶ ଶତାବ୍ଦୀର ପ୍ରଥମ ଦଶନ୍ଧିରେ ଚିନ୍ତା କରିଥିଲେ ଲର୍ଡ ମ୍ୟାକେଲ ପ୍ରଣୀତ ଶିକ୍ଷା ନୀତି ଓ ଶିକ୍ଷା ବ୍ୟବସ୍ଥାର କୁପରିଣାମ ସମ୍ପର୍କରେ। ତେଣୁ ସେ ଚାହିଁଥିଲେ ଶିକ୍ଷା ଓ ଶିକ୍ଷା ବ୍ୟବସ୍ଥାର ମୁକ୍ତି ସମ୍ପର୍କରେ । ମାଟି, ମା' ଓ ମାତୃଭାଷା ପ୍ରତି ଅନ୍ତରର ଶ୍ରଦ୍ଧା ନିବେଦନ କରି ଇଂରେଜ-ଶିକ୍ଷା-ବ୍ୟବସ୍ତାର ପ୍ରତିସ୍ରୋତରେ ସତ୍ୟବାଦୀ ବନ ବିଦ୍ୟାଳୟ ପ୍ରତିଷ୍ଠା କରିଥିଲେ। ଦୂର ଦୃଷ୍ଟି ସମ୍ପନ୍ନ ଗୋପବନ୍ଧୁ ତାଙ୍କ ସମ୍ପାଦିତ ସତ୍ୟବାଦୀରେ ଲେଖିଥିଲେ "ବିଦ୍ୟା ଶିକ୍ଷା ମାନବର ସର୍ବନିମ୍ନ ଅଧିକାର"। ସମାଜରେ ଆଧୁନିକୀକରଣ ପାଇଁ ଶିକ୍ଷାର ଯଥେଷ୍ଟ ଆବଶ୍ୟକତା ରହିଛି। ସମାଜର ପରିବର୍ତ୍ତନ ପାଇଁ ସେ ଶିକ୍ଷାକୁ ଏକ ଅସ୍ତ୍ର ଭାବରେ ଗ୍ରହଣ କରିଥିଲେ। ସମାଜକୁ ସୁଧାରିବା ପାଇଁ ଏବଂ ସମାଜକୁ ମୁଖ୍ୟ ସୋତ୍ରରେ ସାମିଲ କରିବା ପାଇଁ ଗୋପବନ୍ଧୁ ବାଛି ନେଇଥିଲେ ଶିକ୍ଷା ରୂପକ ଅସ୍ତ୍ରକୁ । ସେହି ଶିକ୍ଷାକୁ ଅସ୍ତ୍ର କରି ଗଢ଼ିଥିଲେ'ସତ୍ୟବାଦୀ ବନ ବିଦ୍ୟାଳୟ' ଯାହାକୁ କୁହାଯାଏ ମଣିଷ ଗଢ଼ା କାରଖାନା। ଜଣେ ଆଦର୍ଶ ଶିକ୍ଷକ ତଥା ଶିକ୍ଷାବିତ ଭାବରେ ମଧ ଗୋପବନ୍ଧୁ ବେଶ ପରିଚିତ। ଶିକ୍ଷା ପ୍ରତି ତାଙ୍କର ଅବଦାନ ଅତୁଳନୀୟ। ଶିକ୍ଷା ହେଉଛି ଜ୍ଞାନର ଆଲୋକ, ମୌଳିକ ଅଧିକାର ଏବଂ ସମାଜରେ ଉନ୍ନତିର ମୂଳ ଆଧାର। ଶିକ୍ଷା ପଢ଼ିବା, ଶିଖିବା ପର୍ଯ୍ୟନ୍ତ ସୀମିତ ନୁହେଁ, ଶିକ୍ଷା ହେଉଛି ଜୀବନର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଅଂଶ। ଶିକ୍ଷା ବିନା ଜୀବନ ଅନ୍ଧକାର ମୟ। ଗୋପବନ୍ଧୁ ମଣିଷର ବିକାଶ କ୍ଷେତ୍ରରେ ଶିକ୍ଷାକୁ ହିଁ ଶ୍ରେଷ୍ଠ ମାଧମ ରୂପେ ଗ୍ରହଣ କରିଥିଲେ। ଶିକ୍ଷା ମନୁଷ୍ୟକୁ ନୈତିକତା ଜ୍ଞାନ, ଆତ୍ମନିର୍ଭରଶୀଳ ହେବା ଦକ୍ଷତା ଅର୍ଜନ କରିବାରେ ସାହାଯ୍ୟ କରିଥାଏ। ସ୍ୱାମୀ ବିବେକାନନ୍ଦ ଉକ୍ତିର ଅନୁସରଣରେ ସେ ଗୁରୁତ୍ୱ ଦେଲେ ଜୀବନ-ନିର୍ମାଣ (LIFE-BUILDING), ମଣିଷ ନିର୍ମାଣ (MAN-MAKING) ଓ ଚରିତ୍ର ଗଠନ (CHARACTER BUILDING) ଶିକ୍ଷାକୁ ଗୁରୁତ୍ୱ ଦେଉଥିଲେ। ସର୍ବ ପ୍ରଥମେ ମାତୃଭାଷାରେ ଶିକ୍ଷା ଗ୍ରାମାଞ୍ଚଳରେ ସାମାଜିକ କୁସଂସ୍କାର ଦୂର ହୋଇପାରିବ ବୋଲି ଅନୁଭବ କରୁଥିଲେ । ନିଜ ଭାଷାରେ ଶିକ୍ଷା ପ୍ରବର୍ତ୍ତନ ନ ହେଲେ ତାହା ଜାତୀୟ ଶିକ୍ଷାର ମାନ୍ୟତା ପାଇବା ପାଇଁ ଅଯୋଗ୍ୟ ହେବ। ଜୀବନର ମୂଳଧାରା ହେଉଛି ଶିକ୍ଷା ବୋଲି ଅନୁଭବ କରିଥିଲେ। ଗୋପବନ୍ଧୁଙ୍କର ଶିକ୍ଷା ନୀତିର ଲକ୍ଷ୍ୟ ଥିଲା ବିବେକର ଜାଗରଣ, ଜାତୀୟ ଅସ୍ମିତା ବୋଧର ପ୍ରତିଷ୍ଠା । ତାହା ବୁଦ୍ଧିର କସରତ ନଥିଲା; ଥିଲା ହୃଦୟର ଆହ୍ୱାନ। ତେଣୁ ସେ ଚାହୁଁଥିଲେ ସମାଜ, ରାଷ୍ଟ୍ର ଓ ମଣିଷ ମାନଙ୍କୁ ସୁସ୍ଥ ରଖିବାକୁ ହେଲେ ଶିକ୍ଷା ସହିତ ପ୍ରକୃତି ପ୍ରତି ଶ୍ରଦ୍ଧା ରଖିବାକୁ ହେବ। ଦେଶରେ ଗୁଣାତ୍ମକ ଶିକ୍ଷା ବିକାଶରେ ଗୋପବନ୍ଧୁଙ୍କ ଭୂମିକା ଅତୁଳନୀୟ। ସେଥିପାଇଁ ସେ ସତ୍ୟବାଦୀ ବନବିଦ୍ୟାଳୟ, ଛୁରିଅନାସ କୁଞ୍ଜରେ ୧୯୦୯ ମସିହା ଅଗଷ୍ଟ ୧୨ ତାରିଖରେ ମାତ୍ର ୯ ଜଣ ଛାତ୍ରଙ୍କୁ ନେଇ ବିଦ୍ୟାଳୟ ଆରମ୍ଭ କରିଥିଲେ। ଏହି ବିଦ୍ୟାଳୟରେ ସେତେବେଳେ ଗୋପବନ୍ଧୁ ଦାସ ସମେତ ପଣ୍ଡିତ ନୀଳକଣ୍ଠ ଦାସ, ପଣ୍ଡିତ ଗୋଦାବରୀଶ ମିଶ୍ର, ପଣ୍ଡିତ ଆଚାର୍ଯ୍ୟ ହରିହର, ଓ କୃପାସିନ୍ଧୁ ମିଶ୍ର ଶିକ୍ଷକ ମାନଙ୍କୁ ନେଇ ଶିକ୍ଷାଦାନ ଆରମ୍ଭ ହୋଇଥିଲା। ପରବର୍ତ୍ତୀ କାଳରେ ଅନେକ ବିଶିଷ୍ଟ ଶିକ୍ଷାବିତ ଏଥିରେ ଯୋଗ ଦେଇଥିଲେ। ମହାତ୍ମାଗାନ୍ଧୀ, ଶ୍ରୀ ଅରବିନ୍ଦ ଓ ରବୀନ୍ଦ୍ର ନାଥ ଟାଗୋରଙ୍କ ଶିକ୍ଷା ସମ୍ବନ୍ଧୀୟ ନୀତି ଓ ଆଦର୍ଶକୁ ପାଥେୟ କରି ସେ ଅଗ୍ରସର ହେଉଥିଲେ। ଶିକ୍ଷା ସହିତ ସାମିଲ ହୋଇଥିଲା ଦେଶପ୍ରେମ ଓ ସମାଜସେବା। ଶିକ୍ଷକ ଗୋପବନ୍ଧୁ ଦାସଙ୍କ ଶିକ୍ଷାର ଅନ୍ୟତମ ବୈଶିଷ୍ଟ୍ୟ ହେଉଛି କର୍ମାଭିମୁଖୀ । କର୍ମ ଓ ଶ୍ରମ ଦ୍ୱାରା ଶିକ୍ଷା ଅର୍ଜନ କଲେ ସେ ଶିକ୍ଷା ମାନବ ଉପଯୋଗୀ ହୋଇଥାଏ। ଆଜିର ଶିକ୍ଷା କିନ୍ତୁ ପ୍ରକୃତିକୁ ବିନାଶ କରି, ମଣିଷ ମାନଙ୍କୁ ବିସ୍ଥାପିତ କରି ଶିଳ୍ପ ପ୍ରତିଷ୍ଠା ପାଇଁ ପ୍ରେରଣା ଦେଉଛି। ସ୍ୱାଧୀନତାର ଅଭିବ୍ୟକ୍ତ କରିବାକୁ ଯାଇ ସେ ଚେତାଇ ଦେଇଥିଲେ " ସ୍ୱାଧୀନତା ମାନବର ଜନ୍ମ ଅଧିକାର ସ୍ୱାଧୀନ ଭାଷଣ ଆଉ ସ୍ୱାଧୀନ ବିହାର / ସ୍ୱାଧୀନ ଜୀବନ ପୁଣି ସ୍ୱାଧୀନ ସମିତି, ଚାରି ସ୍ତମ୍ଭ ମାନବର ସମାଜ ସଂସ୍ଥିତି(କାରା କବିତା)। ସ୍ୱାଧୀନତା ପୂର୍ବବର୍ତ୍ତୀ ସମୟରେ ଶିକ୍ଷା ବ୍ୟବସ୍ଥାକୁ ଅନୁଧାନ କଲେ ଜଣାଯାଏ ଯେ ସେହି ସମୟରେ ମୁଖ୍ୟତଃ ଗୁରୁକୂଳ ମାଧମରେ ଶିକ୍ଷା ପ୍ରଦାନ କରାଯାଉଥିଲା। ଛାତ୍ରମାନେ ଗୁରୁଙ୍କ ଘରକୁ ଯାଉଥିଲେ ଏବଂ ସେଠାରେ ରହି ଶିକ୍ଷା ଅଧୟନ କରୁଥିଲେ। ଏହି ଶିକ୍ଷା ମୁଖ୍ୟତଃ ଧାର୍ମିକ ,ନୈତିକ ଆଧାରରେ ଆଧାରିତ ଥିଲା। ଇଂରେଜ ମାନେ ଯେତେବେଳେ ଭାରତକୁ ଆସିଲେ ସେତେବେଳେ ପ୍ରାଚୀନ ଶିକ୍ଷା ବ୍ୟବସ୍ଥାରେ ପରିବର୍ତ୍ତନ ପରିଲକ୍ଷିତ ହୋଇଥିଲା। ଇଂରେଜ ସରକାର ଭାରତରେ ପ୍ରବେଶ କରିବା, ଦେଶର ଆର୍ଥିକ, ସାମାଜିକ, ସାଂସ୍କୃତିକ ଶିକ୍ଷା ବ୍ୟବସ୍ଥାରେ ବହୁଳମାତ୍ରାରେ ତାର ପ୍ରଭାବ ପକାଇଥିଲା । ଧୀରେ ଧୀରେ ଗୁରୁକୂଳ ଶିକ୍ଷା ବ୍ୟବସ୍ଥା ବନ୍ଦ ହୋଇଗଲା। ଫଳରେ ଭାରତୀୟ ସମାଜର ବିଭିନ୍ନ କ୍ଷେତ୍ରରେ ଖରାପ ପ୍ରଭାବ ପକାଇଥିଲା। ଇଂରେଜ ମାନେ ଭାରତର ପୁରୁଣା ଶିକ୍ଷା ପ୍ରଣାଳୀକୁ ଅବହେଳା କରି ନୂତନ ଶିକ୍ଷା ବ୍ୟବସ୍ଥା କଲେ। ଭାରତୀୟ ଭାଷା ଓ ପରମ୍ପରାଗତ ଶିକ୍ଷାକୁ ତ୍ୟାଗ କରି ଇଂରାଜୀକୁ ମୁଖ୍ୟ ଭାବେ ଗ୍ରହଣ କରିଥିଲେ। ଇଂରେଜ ଲୋକଙ୍କ ଏହି ଶିକ୍ଷା ପ୍ରଣାଳୀ କେବଳ ସହର ଏବଂ ଉଚ୍ଚବର୍ଗର ଲୋକଙ୍କ ପାଇଁ ଉଦ୍ଦିଷ୍ଟ ଥିଲା ,ଏହା ଗ୍ରାମୀଣ ଲୋକମାନଙ୍କୁ ଶିକ୍ଷାରୁ ଦୂର କରିଦେଲା। ଏପରି ସମୟରେ ଗୋପବନ୍ଧୁ ନୂତନ ଶିକ୍ଷା ପ୍ରଣାଳୀକୁ ଆପଣାର ନ କରି ପୁରୁଣା ଶିକ୍ଷା ନୀତିର ଢାଞ୍ଚାରେ ଗଢ଼ିଥିଲେ 'ସତ୍ୟବାଦୀ ବନ ବିଦ୍ୟାଳୟ'। ସତ୍ୟବାଦୀ ବନ ବିଦ୍ୟାଳୟକୁ ନେଇ ଗୋପବନ୍ଧୁ ଅନେକ ସ୍ୱପ୍ନ ଦେଖିଥିଲେ। ସତ୍ୟବାଦୀ ବନ ବିଦ୍ୟାଳୟ ଥିଲା ତାଙ୍କ ସାଧନାର ସ୍ଥଳ,ଶିକ୍ଷାର ପ୍ରାୟୋଗଶାଳା। ବିଦ୍ୟାଳୟକୁ ସାଧାରଣ ବିଦ୍ୟାଳୟ ଭାବରେ ଗଢ଼ିବା ଏବଂ କିଛି ନୀତିନିୟମ ଘୋଷଣା କରିଥିଲେ। ବିଦ୍ୟାଳୟର ଛାତ୍ରମାନେ ସରଳ ଜୀବନଯାପନ, ଶିକ୍ଷା ସହିତ ରୋଜଗାର, କାରୁକାର୍ଯ୍ୟ ଶିଖିବେ। ଗୋପବନ୍ଧୁ ଶିକ୍ଷାର ଅନ୍ୟ ଏକ ଦିଗ ଥିଲା ମାତୃଭାଷା ଶିକ୍ଷା, ଶିଶୁମାନେ ପ୍ରାଥମିକ ଶିକ୍ଷା ମାତୃଭାଷାରେ ଗ୍ରହଣ କରିବେ। ଗୋପବନ୍ଧୁଙ୍କ ଅନ୍ତରରେ ଯେଉଁ ଶିକ୍ଷାର ପ୍ରସାର ଘଟିଥିଲା ତାହା ଆତ୍ମଜ୍ଞାନର ନୂତନତା ଉଦୟ ହୋଇଥିଲା, ମାନବ ଆତ୍ମା ଚିତଲୋକ ଉଦଭାସିତ ହୋଇ ଉଠିଥିଲା ଆଲୋକର ଦୀପ ଶିଖାରେ। ଶିକ୍ଷା ଦ୍ୱାରା ଶିକ୍ଷାଦାତା ଶିକ୍ଷାର୍ଥୀ ମଧରେ ପବିତ୍ର ସମ୍ପର୍କ ସ୍ଥାପନ ହୋଇଥାଏ। ଶିକ୍ଷକ ସହଜ ଓ ସରଳ ଭାଷାରେ ଶିକ୍ଷା ପ୍ରଦାନ କରିବା ଉଚିତ। ଏହା ଦ୍ୱାରା ଛାତ୍ରଟିଏ ସଠିକ ମାର୍ଗରେ ପରିଚାଳିତ ହୋଇପାରିବ। ଉଭୟ ଶିକ୍ଷକ ଓ ଶିକ୍ଷାର୍ଥୀଙ୍କ ମଧରେ ନିବିଡ଼ ସମ୍ପର୍କ ସ୍ଥାପନ ହୋଇପାରିବ। ଆଜିର ଏହି ପୁଣ୍ୟ ତିଥିରେ ସେହି "ଅହଂ ବିବର୍ଜିତ ଜଣେ ଯୋଗଜନ୍ମା ଯୁଗପୁରୁଷ ଉତ୍କଳମଣି ଗୋପବନ୍ଧୁଙ୍କୁ କୋଟି କୋଟି ନମନ।

**ରାଜ୍ୟ ସମ୍ପାଦକ**
**ଓଡ଼ିଶା ସାମ୍ବାଦିକ ୟୁନିୟନ**
**୭୦୦୮୯୩୬୩୭୩**

# ମା' ମଙ୍ଗଳଘରିଆଣୀ



**ଡକ୍ଟର ବିଜ୍ଞାନ ମହାନ୍ତି**

ପରିବାର ସହ ରାୟଗଡ଼ା ବୁଲି ଯିବାର ସୁଯୋଗ ଥରେ ମୋତେ ମିଳିଥିଲା। ସମୟଥିଲା ଚୈତ୍ର ମାସ। ସବୁଆଡେ ଝାମୁଯାତ ଚାଲିଥାଏ। ଠାକୁରାଣୀ ଯାତ୍ରା ଦକ୍ଷିଣ ଓଡିଶା ପଟେ ବଡ଼ ଧୁମ୍ ଧାମ୍ ରେ ପାଳନ ହେଉଥାଏ। ଆମେ ଚାରିଜଣ ମୁଁ, ମୋ ବୋଉ, ସ୍ତ୍ରୀ ଏବଂ ସାନଝିଅ ଗୁରୁବାର ଦିନ ସକାଳ ସାତଟାରୁ ଭୁବନେଶ୍ୱରରୁ ରାୟଗଡ଼ା ଅଭିମୁଖେ କାରରେ ବାହାରିଲୁ ବାଟରେ ଗଲାବେଳେ ମା ଉଗ୍ରତାରାଙ୍କ ପୀଠ ଭୂଷଣ୍ଡପୁର ପଡ଼ିଲା। ସେଠାରେ ଆମେ ମାଆଙ୍କ ଦର୍ଶନ କଲୁ। ଗୁରୁବାର ମାଆଙ୍କର ବାରା ଦର୍ଶନ ପରେ ପୁଣିଥରେ ରାୟଗଡ଼ା ଅଭିମୁଖେ ଗାଡି ଗଡ଼ିଚାଲିଲା। ବାଟରେ କେଶପୁର ଠାରେ ଟିକେ ଜଳପାନ କରି ବ୍ରହ୍ମପୁର ଦେଇ ଦିଗପହଣ୍ଡି ବାଟଦେଇ ତପ୍ତପାଣିରେ କନ୍ଧୁଣୀ ମାଆଙ୍କୁ ଦର୍ଶନ କଲୁ। ତପ୍ତପାଣି ଘାଟି ଦେଇ ମୋହନାରେ ଯାଇ ପହଞ୍ଚିଲୁ। ସେଠାରୁ ଅଡ଼ଭା ହ୍ରଦ ଦେଇ ଆମେ ଯାଇ ଦିନ ଦୁଇଟାରେ ରାୟଗଡ଼ାର ରାମନାଗୁଡା ବ୍ଲକ୍ ରେ ପହଞ୍ଚିଲୁ। ସେଠାରେ ମୋର ଜଣେ କ୍ଷେତ୍ର କର୍ମଚାରୀ ଆମକୁ ଅପେକ୍ଷା କରିଥିଲା। ମଧାହ୍ନ ଭୋଜନ ସାରି ରାୟଗଡ଼ା ଅଭିମୁଖେ ବାହାରି ପଡ଼ିଲୁ ଦିନ ତିନିଟା ବେଳକୁ। ଅପରାହ୍ନ ଚାରିଟା ସୂର୍ଯ୍ୟଦେବଙ୍କ ତେଜ କମିକମି ଆସୁଥାଏ, ଆମେଯାଇ ରାୟଗଡ଼ାର ସର୍କିଟ୍ ହାଉସରେ ପହଞ୍ଚିଲୁ। ତା ପରେ ରାୟଗଡ଼ାର ଅଧିକାରୀମାନଙ୍କ ସହ ଆଗାମୀ କାର୍ଯ୍ୟକ୍ରମ ବିଷୟରେ ଆଲୋଚନା କଲି। ଆମର ପ୍ରୋଗ୍ରାମ୍ ହେଲା ସଂଧ୍ୟା ବେଳକୁ ରାୟଗଡ଼ାର ଅଧିଷ୍ଠାତ୍ରୀ ଦେବୀ ମା ମାଝୀ ଘରିଆଣୀଙ୍କୁ ଦର୍ଶନ କରିବୁ। ପତ୍ନୀଙ୍କର ମାଆଙ୍କ ପାଖରେ ଗୋଟେ ମାନସିକ ଥିଲା। ମାନସିକ ଉଜାଇବାକୁ ସେ ମୋ ସହ ରାୟଗଡ଼ା ଯାଇଥିଲେ। ସଂଧ୍ୟା ସାତଟା ବେଳେ ମାଆଙ୍କୁ ଦର୍ଶନ କରିବାପାଇଁ ବ୍ୟବସ୍ଥା ହୋଇଥିଲା, ସେ ଦିନ ଥିଲା ଚୈତ୍ରମାସ ଶେଷ ଗୁରୁବାର। ମାଆଙ୍କ ପାଖରେ ଭାରିଭିଡ଼। ଲୋକମାନେ ମାଆଙ୍କୁ ଦର୍ଶନ କରିବା ପାଇଁ ଲମ୍ବା ଧାଡିରେ ଆପେକ୍ଷା କରିଥାନ୍ତି। ଆମେ କିନ୍ତୁ ମନ୍ଦିର ଟ୍ରଷ୍ଟକୁ କହି ଅନ୍ୟବାଟରେ ମାଆଙ୍କୁ ଦର୍ଶନ କରିବାପାଇଁ ଯାଉଥାଉ, ମା' ପାଖରେ ନିଜର ଦୁଃଖ ଜଣାଇବା ପାଇଁ, ମନସ୍କାମନା ପୂରଣ ପାଇଁ। ଠିକ୍ ମୋ ଆଗରେ ଜଣେ ଭକ୍ତ ହାତରେ ଗୋଟେ ଛେଳିକୁ ଧରି ଧାଡିରେ ମାଆଙ୍କ ଦର୍ଶନ ପାଇଁ ଅପେକ୍ଷା କରିଥାନ୍ତି। ମୁଁ ପଚାରିଲି ଛେଳିକୁ କାହିଁକି ଧରି ଧାଡିରେ ଅଛ। ସେ କହିଲା କାଲି ଶୁକ୍ରବାର ମାଆଙ୍କ ପାଖରେ ବଳି ଦେବାର ଦିନ। ସେଥିପାଇଁ ମାଆଙ୍କ ପାଖରେ ସମର୍ପଣ ପାଇଁ ଆଣିଛି। ବିଚିତ୍ର ଏ ଦୁନିଆଁ ଯେଉଁଠି ଭକ୍ତ ଯାଉଛି ମାଆଙ୍କୁ ଦର୍ଶନ କରିବାକୁ, ତାର ଦୁଃଖ କଷ୍ଟ ଦୂର ପାଇଁ, ସେଠି ନିରୀହ ଛେଳି ମଧ ଅନ୍ୟର ଦୁଃଖ ଦୂର ପାଇଁ ମାଆ ପାଖରେ ବଳି ଚଢିବା ପାଇଁ ଭିଡ ଠେଲୁଛି। ସେ ପ୍ରାଣୀଟି କଥା କହିପାରୁନି ସିନା କିନ୍ତୁ ଅନୁଭବତ କରିପାରୁଥିବ। କେତେ ନୃଶଂସ ଏ ମଣିଷ ଗୁଡାକ, କେତେ ସ୍ୱାର୍ଥପର ଏମାନେ, ନିଜର ହିତପାଇଁ ଅନ୍ୟକୁ ବଳି ଦେବାକୁ ପଛଘୁଞ୍ଚା ଦେଉନାହାଁନ୍ତି। ଧାଡି ଆଗେଇ ଚାଲିଲା। ଆମେ ସମସ୍ତେ ମାଆ ମାଝୀଘରିଆଣୀଙ୍କ ସାମ୍ନାରେ ଠିଆହୋଇ ମାଆଙ୍କୁ ଆଖିପୁରାଇ ଦର୍ଶନ କରି ନିଜର ଦୁଃଖ ଜଣାଉ ଥାଉ, ଠିକ୍ ସେହିସମୟରେ ସେଇ ଛେଳିକୁ ଭକ୍ତ ଜଣକ ମାଆର ଆଗରେ ଜୋର ଜବରଦସ୍ତ ମୁଣ୍ଡିଆ ମରାଇ ତା ବେକରେ ମନ୍ଦାର ମାଳ ପକାଇ, ମୁଣ୍ଡରେ ସିନ୍ଦୁର ଲଗାଇ ଦର୍ଶନ କରାଉଥାଏ। ବୋଧହୁଏ ମନେ ମନେ ଭାବୁଥିବ କାଲି ରାତି ପାହିଲେ ମାଆଙ୍କୁ ପ୍ରସାଦ ଲଗାଇବି ଏହି କଥା-କହି ପାରୁନଥିବା ନିରୀହ, ଅସହାୟ ପ୍ରାଣୀଟିକୁ। ମାଆବି ବଡ ଦୟାଳୁ, ସତେକ'ଣ ଭକ୍ତର ଡାକ ଶୁଣି ଏହି ନିରୀହ ପ୍ରାଣୀଟିକୁ ଏହି ଜନ୍ମରୁ ଉଦ୍ଧାର କରି ଦେବା ପାଇଁ ମାଆ ପ୍ରସ୍ତୁତ। ଭକ୍ତର ମଙ୍ଗଳ ହେବା ସଙ୍ଗେ ସଙ୍ଗେ ଛେଳି ଛୁଆଟିର ମଧ ପଶୁ ଜନ୍ମରୁ ଉଦ୍ଧାର ମିଳିବକି ? ମନରେ ଅନେକ ଗ୍ଲାନୀ ନେଇ ଫେରି ଆସିଲି ସେହିଦିନ ସର୍କିଟ୍ ହାଉସକୁ ରାତ୍ରୀ ଯାପନ ପାଇଁ। ରାତିସାରା ନିଦ ନାହିଁ, ଖାଲି ଆଖି ଆଗରେ ନାଚି ଉଠୁଥିଲା ସେଇ ନିରୀହ ଛେଳିର ମୁହଁଟି। କେତେ ନିଷ୍ପାପ ଜୀବଟିଏ, କାହାର ସେ କ୍ଷତି କିରନି ତଥାପି ନିଷ୍ଠୁର ମଣିଷ ତାକୁ ଘୋସାରି ଘୋସାରି ବଳି ମୁହଁକୁ ନେଇ ଯାଉଚି। ଯଦି ସେ କଥା କହିପାରୁଥାନ୍ତା, ସେ ତା ଦୁଃଖ ମାଆଙ୍କୁ ଜଣାଇ ପାରିଥାନ୍ତା। ଏମିତି ଏମିତି ରାତି ପାହିଗଲା, ସକାଳ ହେଲା ପୁଣିଥରେ ମାଆଙ୍କ ପାଖକୁ ଆମେ ଦୁହେଁ ଦର୍ଶନ ପାଇଁ ବାହାରିଲୁ। ମନ୍ଦିର ପାଖରେ ପହଁଚି ଯାହା ଦେଖିଲୁ, ସେ ବା ବଡ ବିଚିତ୍ର କଥା। ପ୍ରାୟତଃ ସବୁ ମନ୍ଦିର ପାଖରେ ଠାକୁରଙ୍କ ପାଇଁ ଭୋଗ, ଦୀପ, ନଡିଆ ବିକ୍ରିର ଧାଡି ଧାଡି ପସରା ମେଲିଥାଏ। ମାଝୀ ଘରିଆଣୀଙ୍କ ପାଖରେ କିନ୍ତୁ ଟିକେ ଅଲଗା ନିଆରା କଥା। ନଡିଆ, ଧୂପ, ଦୀପ, ଫୁଲ ଓ ସିନ୍ଦୁର ତ ବିକ୍ରି ହେଉଥିଲା ତା ସହିତ ମନ୍ଦିର ଦୁଆର ମୁହଁରେ ଧାଡି ଧାଡି ହୋଇ ଲୁହା ଜାଲି ଭିତରେ ନାଲି ଦେଶି କୁକୁଡା ବିକ୍ରି ହେଉଥିଲା ମାଆ ପାଖରେ ବଳି ପାଇଁ। ସେହି ପାଖରେ ନହେଲେ ବି ଦୂର ଗଛମୂଳେ ଛେଳି ଗୁଡିକ ମଧ ବନ୍ଧା ହୋଇଥିଲେ। ସେମାନେ ବି ବୋଧେ ମାଙ୍କ ବଳିପାଇଁ ଉପଚାର। ମୋର ଆଉ ଧୈର୍ଯ୍ୟ ନଥିଲା ସେ ସବୁ ପଚାରି ବୁଝିବାକୁ। ବଳି ପକାଇବା ଅର୍ଥ ଦେବତାଙ୍କ ଆଗରେ ପଶୁବଳି ଦେବା। ଏହାର ମର୍ମାଥ ହେଲା ଦେବ ଦେବୀଙ୍କ ଆଗରେ ନିଜର ପାଶବୀକ ପ୍ରକୃତିକୁ ତ୍ୟାଗ କରିବା। ସତରେ କଣ ମାଆଙ୍କ ପାଖରେ ପଶୁବଳି ଦେଲେ ମାଆ ଖୁସି ହୁଏ। ବୋଧହୁଏ ଏହା ଏକ ପରମ୍ପରା। ପିଢି ପିଢି ଧରି ଏହି ପ୍ରଥା ଚାଲିଆସିଛି। ସେଥିପାଇଁ ମାଆ ମାଝୀ ଘରିଆଣୀଙ୍କ ପାଖରେ ସହସ୍ର ଛେଳି ଓ କୁକୁଡା ବଳି ଦିଆଯାଉଛି। ଶୁକ୍ରବାର ଦିନ ମାଆ ପାଖରେ ବଳି ଭୋଗ ଲାଗେ। ଶାସ୍ତ୍ର କହେ ମାଆ ସ୍ୱୟଂ ପରମ ବୈଷ୍ଣବୀ। ବୋଧହୁଏ ମାଆ ଏହି ବଳି ମାଧମରେ ଜୀବମାନଙ୍କୁ ଏହି ପାପି ଜୀବନରୁ ମୁକ୍ତି କରି ବୈକୁଣ୍ଠ ପ୍ରାପ୍ତି କରିଥାନ୍ତି। ଆଉ ଜନ୍ମରେ ସେ ଯେପରି ପଶୁଜନ୍ମ ଆଉ ନ ପାଉ। ଧନ୍ୟ ତୁ ମାଆ, ତୋର କରୁଣା, କେଉଁ ରୂପେ ତୁ ଏ ଜୀବଜଗତକୁ ମୁକ୍ତି ଦେଉ ତାହା ତୁ ଏକା ଜାଣୁ। ବଳି ପ୍ରଥା ବହୁ ପୁରାତନ ଯୁଗରୁ ଚାଲି ଆସିଚି। କିନ୍ତୁ ଆଜିର ଦୁନିଆରେ ଦନକୁ ଦିନ ଏହାର ପ୍ରକୋପ କମିକମି ଗଲାଣି। ମଣିଷ ବଳିରୁ କୁକୁଡା/ ଛେଳି ବଳି ପର୍ଯ୍ୟନ୍ତ ବଦଳି ଗଲାଣି। ତଥାପି କିଛି କିଛି ଶକ୍ତି ପୀଠରେ ଏହି ପ୍ରଥା ଏବେ ସୁଧା ଚାଲିଛି। ସରକାରଙ୍କ ପ୍ରଚେଷ୍ଟାରେ ଜୀବ ବଳିକୁ ବନ୍ଦକରି ଖାଲି ପାଣିକଖାରୁ ବଳି ମା'ଙ୍କ ପାଖରେ ଦିଆଯାଉଛି। ମା' ମଧ ଏଥିରେ ସନ୍ତୁଷ୍ଟା। ଦେଶ, ରାଜ୍ୟ ଓ ଜନସମାଜର ମଙ୍ଗଳ ପାଇଁ ଏବଂ ଜୀବେ ଦୟାଳୁ ଆଧାର କରି ବଳି ପ୍ରଥାର ନୃସଂସତା ଦନକୁଦିନ ଲୋପ ପାଇଲାଣି। ମଣିଷର ମାନସିକତା ଏବେ ବି ସେ ସଂସ୍କାରରେ ବଶ୍ୱାସ କରୁନି। ଯାହା ପ୍ରାଣୀର ଅହେତୁକ କ୍ଷତି କରୁଚି। ତଥାପି ମଣିଷ ନିର୍ବିକାର-ମନରେ ଟିକିଏ ବି ଗ୍ଲାନୀ ନାହିଁ। ଏହି କର୍ମପାଇଁ ପଶ୍ଚାତାପ ନାହିଁ।

**ମୋବାଇଲ୍: ୯୮୬୧୨୫୬୭୭୦**

# ଗୋପବନ୍ଧୁ ଦୀନବନ୍ଧୁ



**ଇନ୍ଦୁ ଭୂଷଣ ଭୂୟାଁ ବାଦଲ**

ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସ ଉତ୍କଳମାତାର ଯୋଗ୍ୟତମ ସନ୍ତାନ। ସମାଜ ସେବା କ୍ଷେତ୍ରରେ ଗୋପବନ୍ଧୁଙ୍କ ଦାନ ଅତୁଳନୀୟ। ତୁଳସୀ ଦୁଇ ପତ୍ରରୁ ବାସିବା ପରି ଗୋପବନ୍ଧୁଙ୍କ ସେବା ମନୋବୃତ୍ତିର ପରିପ୍ରକାଶ ପିଲାଟି ଦିନରୁ ଘଟିଥିଲା। ଗୋପବନ୍ଧୁ ଥିଲେ ରୂପାଦେଈପୁର ଭର୍ଣ୍ଣାକୁଲାର ସ୍କୁଲର ଛାତ୍ର। ଏକଦା ସ୍କୁଲ ପଣ୍ଡିତଙ୍କ ଦେହ ଅସୁସ୍ଥ ହୋଇପଡ଼ିବାରୁ ତାଙ୍କ ପାଇଁ ଲେମ୍ବୁଟିଏ ଯୋଗାଡ଼ କରିବାକୁ ଗୋପବନ୍ଧୁ ଭାର୍ଗବୀ ନଦୀର ଖଇଫୁଟା ବାଲି ଉପରେ ଚାଲିଥିଲେ। ପଣ୍ଡିତଙ୍କୁ ଲେମ୍ବୁ ପାଣି ପିଆଇବା ପରେ ପଣ୍ଡିତ ସେଦିନ କହିଥିଲେ 'ଗୋପ ଦିନେ ଭାରି ବଡ଼ ଲୋକ ହେବ। ଦୀନ, ଦୁଃଖୀ, ଦରିଦ୍ରଙ୍କ ସେବାରେ ଜୀବନ ଉତ୍ସର୍ଗ କରିବ।' ପଣ୍ଡିତଙ୍କ କଥା ସତ ହେଲା। ଦୀନ, ଦୁଃଖୀଙ୍କ ସେବାରେ ଗୋପବନ୍ଧୁ ସଳିତା ଭଳି ଆଜୀବନ ଜଳିଥିଲେ ଏବଂ ପାଲଟିଯାଇଥିଲେ ସମଗ୍ର ଉତ୍କଳର ତ୍ରାଣକର୍ତ୍ତା। ଗୋପବନ୍ଧୁ କେବଳ ଜନସେବକ ନଥିଲେ; ଏକାଧାରରେ ସେ ଦେଶପ୍ରେମୀ, ସଂଗଠକ, ସଂସ୍କାରକ, ସାହିତ୍ୟିକ ଓ ବାଗ୍ମୀ ଥିଲେ। ୧୯୦୯ରେ ପ୍ରତିଷ୍ଠା କରିଥିଲେ ସାକ୍ଷୀଗୋପାଳ ବନ ବିଦ୍ୟାଳୟ। ଏହାଥିଲା ଆଦର୍ଶ ମାନବ ନିର୍ମାଣ କାରଖାନା। ୧୯୨୧ରେ ମହାତ୍ମା ଗାନ୍ଧୀ ପ୍ରଥମ ଥର ଓଡ଼ିଶା ଆସିଥିବାବେଳେ ବନ ବିଦ୍ୟାଳୟ ପରିଦର୍ଶନ କରିଥିଲେ। ପରେ ସେ ୟଙ୍ଗ ଇଣ୍ଡିଆରେ ଲେଖିଥିଲେ ଏ ଭଳି ନିଷ୍ଠାପର ଶିକ୍ଷକ ଓ ଛାତ୍ର ଯଦି ଦେଶରେ ସୃଷ୍ଟି ହୁଅନ୍ତେ, ତେବେ ବର୍ଷକ ମଧରେ ସ୍ୱରାଜ୍ୟ ଲାଭ କରିବା କିଛି ବିସ୍ମୟକର କଥା ନୁହେଁ ବୋଲି ମୋର ବିଶ୍ୱାସ। ଗୋପବନ୍ଧୁ ଥିଲେ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନର ବିନ୍ଧାଣି। ବୈଜ୍ଞାନିକ ଆଚାର୍ଯ୍ୟ ପ୍ରଫୁଲ୍ଲ ଚନ୍ଦ୍ର ରାୟ ଗୋପବନ୍ଧୁଙ୍କୁ ଉତ୍କଳମଣି ଉପାଧି ଦେଇଥିଲେ। ଗୋପବନ୍ଧୁଙ୍କ ପ୍ରସିଦ୍ଧ ସାରସ୍ୱତ ସୃଷ୍ଟି ମଧ୍ୟରୁ ବନ୍ଦୀର ଆତ୍ମକଥା, ଧର୍ମପଦ, କାରା କବିତା, ଗୋ-ମାହାତ୍ମ୍ୟ, ନଚିକେତା ଉପାଖ୍ୟାନ, ଅବକାଶ ଚିନ୍ତା ଅନ୍ୟତମ। ୧୮୭୭, ଅକ୍ଟୋବର ୯ ତାରିଖ ଦିନରେ ସାକ୍ଷୀଗୋପାଳ ଥାନା ଅନ୍ତର୍ଗତ ସୁଆଣ୍ଡୋ ଗ୍ରାମରେ ଜନ୍ମ ହୋଇଥିଲେ ଓଡ଼ିଶାର ମଉଡମଣି ଗୋପବନ୍ଧୁ ଦାସ। ଓଡ଼ିଶାର ପଡ଼ୋଶୀ ରାଜ୍ୟ ଝାଡ଼ଖଣ୍ଡ ଥିଲା ଉତ୍କଳ ପ୍ରାଣ ଗୋପବନ୍ଧୁଙ୍କ କର୍ମ ଓ ତ୍ୟାଗର କ୍ଷେତ୍ର। ଓଡ଼ିଆ ଭାଷା ଆଜି ଏଠାରେ ଦ୍ୱିତୀୟ ରାଜ୍ୟ ଭାଷାର ମର୍ଯ୍ୟାଦା ପାଇଛି। ଉତ୍କଳମଣିଙ୍କ ପ୍ରଧାନ ଓ ପ୍ରଥମ କର୍ମଭୂମି ଥିଲା ସିଂହଭୂମ। କଟକ, ପୁରୀ, ବାଲେଶ୍ୱର ଅଞ୍ଚଳରେ ୧୯୨୦ ପର୍ଯ୍ୟନ୍ତ ସେଥିଲେ ଜଣେ ସମାଜସେବୀ। ଗାଁ ଗାଁ ବୁଲି ବଢ଼ି, ମରୁଡ଼ି ସମୟରେ ସ୍ୱେଚ୍ଛାସେବୀ ମାନଙ୍କୁ ଧରି ଚୁଡ଼ା, ଚାଉଳ ବାଣ୍ଟୁଥିଲେ। ସିଂହଭୂମର ଚକ୍ରଧରପୁର ଠାରେ ତାଙ୍କ ରାଜନୈତିକ ଜୀବନର ଆରମ୍ଭ ହୋଇଥିଲା କହିଲେ ଭୁଲ ହେବନାହିଁ। ଏଠାରେ ହୋଇଥିବା ଉତ୍କଳ ସମ୍ମିଳନୀ ଅଧିବେଶନରେ ସେ ସମୟର ରାଜନେତା ମାନଙ୍କୁ ବିରୋଧ ଏଇ ସିଂହଭୂମ ମାଟିରୁ କରିଥିଲେ। କଂଗ୍ରେସ ଦଳର ବାର୍ତ୍ତାକୁ ପ୍ରଚାର ପ୍ରସାର କରି ସେ ସମୟର ନେତା ମାନଙ୍କ ଭିତରେ ମଧରେ ହୋଇପାରିଥିଲେ ଅଗ୍ରଣୀ। ଗୋପବନ୍ଧୁଙ୍କ ଅତି ଆଦରର କର୍ମପୀଠ ସିଂହଭୂମ ଓଡ଼ିଆ ଜାତି ପାଇଁ ଏକ ତୀର୍ଥ ଭୂମିଠୁଁ କମ ନଥିଲା। ୧୯୨୩ ବେଳର କଥା। ସେ ସମୟରେ ଜମିଦାର ମାନଙ୍କର ସେପରି ଥାଟବାଟ ନଥାଏ। ନାମ ଓ ସଜ୍ଞା ସାର ହୋଇ ରହିଯାଇଥିଲେ ରାଜ ପରିବାର, କର୍ପୁର ଉଡିଯାଇ କନା ପଡ଼ି ରହିଥିବା ପରି କଥା। ନାଁ ଥିଲା ଅର୍ଥର ପ୍ରାବଲ୍ୟ ନାଁ କ୍ଷମତା, ପ୍ରତିପତ୍ତି। ଇଂରେଜ ମାନଙ୍କ କଡ଼ା ଶାସନ ଫଳରେ ଜମିଦାର ମାନଙ୍କର ଗୌରବ, ଗାଥା ସବୁ ଅସ୍ତମିତ ହୋଇ ଆସିଥିଲା। ୧୯୧୨ ମସିହାରେ ବିହାର ସହିତ ଏ ଅଞ୍ଚଳକୁ ମିଶେଇ ଦେବା ଫଳରେ ଓଡ଼ିଆ ଭାଷା, କଳା, ସଂସ୍କୃତି ସୁବ ଲୋପ ପାଇବା ଉପରେ ଥିଲା। କେରା ଆସି ଗୋପବନ୍ଧୁ ଦେଖିଲେ ବିହାରୀମାନେ ଓଡ଼ିଆ ଭାଷାର କଣ୍ଠରୋଧ କରିବା ପାଇଁ ଯେଉଁ ପ୍ରପଞ୍ଚ ଚଳେଇଛନ୍ତି ଜମିଦାର ଠାକୁର ଲକ୍ଷ୍ମୀ ନାରାୟଣଙ୍କଠୁ ଶୁଣି ସେ ସ୍ତବ୍ଧ ହୋଇଯାଇଥିଲେ। ଓଡ଼ିଆ ମାରଣ ନୀତି ତାଙ୍କ ମନ ମଗଜକୁ ଦଗ୍ଧ କରିଦେଇଥିଲା। ସିଂହଭୂମର ବିସ୍ତୃତି ଅଞ୍ଚଳ ଭ୍ରମଣ କରି, ଚାଇବସା, ଚକ୍ରଧରପୁର, ପୋଡାହାଟ, ଷଢ଼େଇକଳା, ଖରସୁଆଁ ଓ ବହଳାଗୋଡ଼ାର ପଞ୍ଚରୁଳିଆ, ଚୟନପୁର, ଆନନ୍ଦପୁର, ଧଳଭୂମ ଆଦି ଅଞ୍ଚଳକୁ ଆସି ସେଠାକାର ବିଶିଷ୍ଟ ଓଡ଼ିଆ ମାନଙ୍କ ସହିତ ସମନ୍ୱୟ ରକ୍ଷା କରି କିପରି ଓଡ଼ିଆ ଭାଷା, ସାହିତ୍ୟ, ସଂସ୍କୃତିର ସୁରକ୍ଷା ହୋଇପାରିବ ତାର ସରଜମିନ ତଥ୍ୟ ଗ୍ରହଣ କରି ଉପରସ୍ଥ ବ୍ରିଟିଶ ଶାସକ ମାନଙ୍କୁ ବୁଝାଇ ଥିବାର କଥା ନଜରକୁ ଆସେ। ୟୁରୋପରେ ବିଶ୍ୱଯୁଦ୍ଧ ଲାଗି ରହିଥିଲା ବେଳେ ସେ ଏଠାରେ ପଇସିକିଆ ଫଣ୍ଡର ଅବଧାରଣା ଆରମ୍ଭ କରିଥିଲେ। କାରଣ ତାଙ୍କ ଦ୍ୱାରା ସ୍ଥାପିତ ଓଡ଼ିଆ ବିଦ୍ୟାଳୟ ସବୁ ଅର୍ଥ ଅଭାବରୁ ବନ୍ଦ ହୋଇନଯାଉ। ୧୭.୧୧.୧୯୨୭ ତାରିଖ ସମାଜରେ ସେ ଲେଖିଥିଲେ ଅର୍ଥ ଅଭାବପରୁ ସିଂହଭୂମ, ଫୁଲଝର ପ୍ରଭୃତି ସ୍ଥାନରେ କରାଯାଇଥିବା ଓଡ଼ିଆ ସ୍କୁଲ ଗୁଡ଼ିକ ଏତେ ବେଳକୁ ଭାଙ୍ଗିଗଲାଣି। ମୁଁ ସେଥିରେ ମର୍ମାହତ। ୧୯୨୨ ପରେ ଗୋପବନ୍ଧୁ ସିଂହଭୂମ ଆଡ଼କୁ ଆଉ ପ୍ରାୟ ଆସି ନାହାନ୍ତି। ତଥାପି କଟକ, ପୁରୀ ଆଦି ଅଞ୍ଚଳରେ ରହି ମଧ ସେ ସିଂହଭୂମ ଓଡ଼ିଆ ଆନ୍ଦୋଳନ ପ୍ରତି ଆନ୍ତରିକ ଦୃଷ୍ଟି ରଖିଥିଲେ। ଏ ବିଷୟରେ ୨୨.୧୧.୧୯୨୭ ସଂଖ୍ୟା ସମାଜରେ ପ୍ରକାଶିତ। ସିଂହଭୂମର ବିଶିଷ୍ଟ କବି ଦିଲ୍ଲୀପ ଷଡ଼ଙ୍ଗୀ, ଦେବାନନ୍ଦ ବଟ କବିତାରେ ଗୋପବନ୍ଧୁଙ୍କ ବିଷୟରେ ଲେଖିଥିଲେ, କଟକ ଠୁ ଶହ ଶହ ମାଇଲ ଏ ପାରେ, ଏଇ ସିଂହଭୂମରେ ଯେବେ ଥାପେ ତୁମ ଘଟ, ପୂଜା ପାଇଁ ତୁମରି କଳସ, ଜଣେ ମତେ ପ୍ରଶ୍ନ କଲେ କିଏ ଥିଲେ ଗୋପବନ୍ଧୁ ଦାସ? ଜଣେ ସମ୍ବାଦିକ ଗୋପବନ୍ଧୁ ଶତ ବାର୍ଷିକ ପାଳିତ ପାଳନ ଅବସରରେ ପଚାରିଥିବା ପ୍ରଶ୍ନ ଗୋପବନ୍ଧୁ କିଏ ଥିଲେ? ଉତ୍ତରରେ କବି ଦିଲ୍ଲୀପ ଷଢ଼ଙ୍ଗୀ ଏକଥା ଲେଖିଥିଲେ। ଆଜି ପ୍ରବାସର ଏହି ସୁଦୂର ଝାଡ଼ଖଣ୍ଡର ଟାଟାନଗରରେ ପ୍ରବାସୀ ଓଡ଼ିଆ ମାନଙ୍କ ସହିତ ଗୋପବନ୍ଧୁଙ୍କ ଜୟନ୍ତୀ ବିଭିନ୍ନ କାର୍ଯ୍ୟକ୍ରମ ମଧରେ ପାଳିତ ହେଉଛି।

**ପ୍ରତିଷ୍ଠାତା ସମ୍ପାଦକ 'ସିଂହଭୂମ', ୪ଜି ପ୍ରତାପ ଆପାର୍ଟମେଣ୍ଟ, ୭ ଏକ୍ସଟେନସନ ରୋଡ଼, ପୁରୁଣା ସୋନାରୀ, ଜାମସେଦପୁର, ଦୂରଭାଷ : ୭୪୮୮୯୯୮୫୩୨ / ୯୨୦୪୬୫୨୦୬୫, E-MAIL : BADAL009BHUYAN@GMAIL.COM**

# ବାଣ କାରଖାନାରେ ଅଗ୍ନିକାଣ୍ଡ ୭ ମୃତ



**ଅମରାବତି, ୮।୧୦:** ଆନ୍ଧ୍ରପ୍ରଦେଶରେ ଥିବା ବାଣ କାରଖାନାରେ ଲାଗିଲା ନିଆଁ। ଚାଲିଗଲା ୭ଜଣଙ୍କ ଜୀବନ। ଏହି ଦୁର୍ଘଟଣାରେ ୮ଜଣ ଆହତ ହୋଇଥିବା ଜଣାଯାଇଛି। ବୁଧବାର ଅପରାହ୍ନରେ ଆନ୍ଧ୍ରପ୍ରଦେଶର ପୂର୍ବ ଗୋଦାବରୀରେ ଏହି ଛାତିଥରା ଘଟଣା ଘଟିଛି। ଶ୍ରମିକମାନେ ବାଣ ତିଆରି କରୁଥିବା ସମୟରେ ଅଗ୍ନିକାଣ୍ଡ ଘଟିଥିଲା ଏବଂ ଉତ୍ପାଦନରେ ବ୍ୟବହୃତ ଅତ୍ୟଧିକ ଜ୍ୱଳନଶୀଳ ରାସାୟନିକ ପଦାର୍ଥ ଯୋଗୁଁ ନିଆଁ ଦ୍ରୁତ ଗତିରେ ବ୍ୟାପି ଯାଇଥିଲା। ନିଆଁ ଲାଗିବା ପରେ ଅନେକ ଶ୍ରମିକ ଫସି ରହିଯିବାରୁ ଏବେ ମୃତ୍ୟୁସଂଖ୍ୟା ବଢ଼ିପାରେ ବୋଲି କୁହାଯାଉଛି।

ରାୟାବରମ୍ ମଣ୍ଡଳର କୋମାରିପାଲେମ୍ ଗାଁରେ ଥିବା ଲକ୍ଷ୍ମୀ ଗଣପତି ବାଣ ୟୁନିଟ୍‌ରୁ ଘନ ଧୂଆଁ ବାହାରିବା ଦେଖି ସ୍ଥାନୀୟ ବାସିନ୍ଦାମାନେ କର୍ତ୍ତୃପକ୍ଷଙ୍କୁ ସତର୍କ କରିଥିଲେ। ଅଗ୍ନିଶମ କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାରକାର୍ଯ୍ୟ ଆରମ୍ଭ କରିଥିଲେ ବି ଅଗ୍ନିକାଣ୍ଡର ତୀବ୍ରତା ଉଦ୍ଧାରକାର୍ଯ୍ୟକୁ ଅତ୍ୟନ୍ତ କଷ୍ଟକର କରିଦେଇଛି। ପୁଲିସ, ରାଜସ୍ୱ ଅଧିକାରୀ ଏବଂ ଜରୁରୀକାଳୀନ କର୍ମଚାରୀମାନେ ଉଦ୍ଧାର ଏବଂ ରିଲିଫ କାର୍ଯ୍ୟ ତଦାରଖ କରୁଛନ୍ତି। ଆହତମାନଙ୍କୁ ଚିକିତ୍ସା ପାଇଁ ରାଜମୁନ୍ଦ୍ରି ସରକାରୀ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି।

ଅଧିକାରୀମାନେ କହିଛନ୍ତି ଯେ ମୁଖ୍ୟମନ୍ତ୍ରୀ ଚନ୍ଦ୍ରବାବୁ ନାଇଡୁ ଘଟଣା ବିଷୟରେ କର୍ତ୍ତୃପକ୍ଷଙ୍କ ସହ କଥା ହୋଇଛନ୍ତି। ଏହା ସହ ମୁଖ୍ୟମନ୍ତ୍ରୀ, ଅଧିକାରୀମାନଙ୍କୁ ବ୍ୟକ୍ତିଗତ ଭାବରେ ଘଟଣାସ୍ଥଳ ପରିଦର୍ଶନ କରି ଉଦ୍ଧାର ଏବଂ ରିଲିଫ୍ କାର୍ଯ୍ୟରେ ଅଂଶଗ୍ରହଣ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି।

# ଫାଟିଲା ୨୦୦ ସିଲିଣ୍ଡର ଟ୍ରକ ପୋଡ଼ି ପାଉଁଶ



**ଜୟପୁର,୮।୧୦:** ୨ଘଣ୍ଟାରେ ନିଆଁ ପିଣ୍ଡୁଳା ପାଲଟିଲା ୨୦୦ ସିଲିଣ୍ଡର। ମଙ୍ଗଳବାର ବିଳମ୍ବିତ ରାତିରେ ରାଜସ୍ଥାନର ଜୟପୁର-ଆଜମେର ରାଜପଥରେ ଏକ ବଡ଼ ଦୁର୍ଘଟଣା ଘଟିଛି। ଜାତୀୟ ରାଜପଥରେ ଏଲପିଜି ସିଲିଣ୍ଡର ବୋଝେଇ ଟ୍ରକ୍ ଏକ ଟ୍ୟାଙ୍କର ସହିତ ଧକ୍କା ଖାଇବା ପରେ ଟ୍ରକ୍ ନିଆଁ ପୁଞ୍ଜୁଳାରେ ପରିଣତ ହୋଇଥିଲା। ଧକ୍କା ଏତେ ଭୟଙ୍କର ଥିଲା ଯେ, ଟ୍ରକ୍‌ରେ ନିଆଁ ଲାଗିଯିବା ସହ ସେଥିରେ ଥିବା ଗୋଟିଏ ପରେ ଗୋଟିଏ ୨୦୦ ସିଲିଣ୍ଡର ଫାଟିଥିଲା। ଏହାର ଶବ୍ଦ ଅନେକ କିଲୋମିଟର ଦୂର ପର୍ଯ୍ୟନ୍ତ ଶୁଭିଥିଲା ବୋଲି କୁହାଯାଉଛି। ଏହି ଘଟଣାରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଥିବା ଏବଂ ଅନ୍ୟ ଦୁଇଜଣ ଆହତ ହୋଇଥିବା ଜଣାପଡ଼ିଛି।

କିଛି ପ୍ରତ୍ୟକ୍ଷଦର୍ଶୀ କହିଛନ୍ତି ଯେ, ଜାତୀୟ ରାଜପଥରେ ଆରଟିଓ ଅଧିକାରୀ ଯାଞ୍ଚ କରୁଥିଲେ। ଏହି ଯାଞ୍ଚରୁ ବଞ୍ଚିବା ପାଇଁ ଟ୍ୟାଙ୍କର୍ ଡ୍ରାଇଭର ହଠାତ୍ ଏକ ଢାବା ଆଡକୁ ଗାଡ଼ି ମୋଡ଼ିଥିଲେ। ଏହି ସମୟରେ ଟ୍ୟାଙ୍କର୍‌ଟି ସିଲିଣ୍ଡର ବୋଝେଇ ଟ୍ରକ୍ ସହିତ ଧକ୍କା ଖାଇଥିଲା, ଯାହା ଫଳରେ ଏହି ଭୟଙ୍କର ସଡ଼କ ଦୁର୍ଘଟଣା ଘଟିଥିଲା। ଏବେ ଦୁର୍ଘଟଣାଗ୍ରସ୍ତ ଗାଡ଼ିର ଡ୍ରାଇଭରଙ୍କୁ ପ୍ରାଥମିକ ଚିକିତ୍ସା ପାଇଁ ନିକଟସ୍ଥ ହସ୍ପିଟାଲକୁ ନିଆଯାଇଛି।

# ଶାହରୁଖ ଓ ଗୌରୀଙ୍କୁ ଦିଲ୍ଲୀ ହାଇକୋର୍ଟଙ୍କ ସମନ



**ନୂଆଦିଲ୍ଲୀ,୮।୧୦:** ବଲିଉଡ ଅଭିନେତା ଶାହରୁଖ ଖାନ ଏବଂ ପତ୍ନୀ ଗୌରୀ ଖାନଙ୍କୁ ଦିଲ୍ଲୀ ହାଇକୋର୍ଟଙ୍କ ସମନ। ମାନହାନୀ ମାମଲାରେ ଶାହରୁଖଙ୍କ ମାଲିକାନାରେ ଥିବା କମ୍ପାନୀ ରେଡ ଚିଲ୍ଲି ଏବଂ ଓଟିଟି ପ୍ଲାଟଫର୍ମ ନେଟଫ୍ଲିକ୍ସକୁ ଏହି ସମନ ଜାରି ହୋଇଥିବା ଜଣାପଡିଛି। ଏନସିବିର ପୂର୍ବତନ ଅଧିକାରୀ ସମୀର ୱାଙ୍ଖେଡେଙ୍କ ଆବେଦନ ଉପରେ ସମନ ଜାରି କରିଛନ୍ତି ଦିଲ୍ଲୀ ହାଇକୋର୍ଟ। ସାତ ଦିନ ମଧ୍ୟରେ ସମସ୍ତ ପକ୍ଷକୁ ନିଜ ଉତ୍ତର ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି କୋର୍ଟ। ସମୀର ୱାଙ୍ଖେଡେ ଅଭିଯୋଗ କରିଛନ୍ତି, ୧୮ ସେପ୍ଟେମ୍ବରରେ ନେଟଫ୍ଲିକ୍ସରେ ରିଲିଜ ହୋଇଥିବା ୱେବସିରିଜରେ ତାଙ୍କ ସମ୍ମାନ ହାନି ହୋଇଛି। ଏନସିବି ଭଳି ଆଣ୍ଟି ଡ୍ରଗ ଏଜେନ୍ସୀର ଭ୍ରମାତ୍ମକ ଓ ନକାରାତ୍ମକ ଛବି ୱେବ ସିରିଜରେ ପ୍ରଦର୍ଶନ କରାଯାଇଥିବା ଆବେଦନରେ ଦର୍ଶାଯାଇଥିଲା। ନେଟଫ୍ଲିକ୍ସ ସିରିଜ ବ୍ୟାଡସ ଅଫ ବଲିଉଡରେ ମନ୍ଦ ଉଦ୍ଦେଶ୍ୟ ଓ ମାନହାନିସୂଚକ ଚିତ୍ରଣ କରାଯାଇଥିବା ଅଭିଯୋଗ କରିଛନ୍ତି ସମୀର। ଏନେଇ ମାନହାନି ମକଦ୍ଦମା ରୁଜୁ କରିବା ସହ ୨ କୋଟି ଟଙ୍କା କ୍ଷତିପୂରଣ ଦାବି କରିଛନ୍ତି। ଏହାସହିତ ଶୋ କଣ୍ଟେଣ୍ଟକୁ ମାନହାନିକାରକ ଘୋଷଣା କରାଯିବାକୁ ଦାବି କରିଛନ୍ତି। ଏହି ଶୋ ପ୍ରସାରିତ ହେବା ପରେ ସୋସିଆଲ ମିଡିଆରେ ଅନେକ ଆପତ୍ତିଜନକ ପ୍ରତିକ୍ରିୟାର ସାମ୍ନା କରିବାକୁ ପଡିଛି। ତେଣୁ ତାଙ୍କ ପ୍ରତିଷ୍ଠାରେ ଆଞ୍ଚ ଆସିଥିବା ଅଭିଯୋଗ କରିଛନ୍ତି ସମୀର। ଆଗାମୀ ୩୦ ତାରିଖରେ ମାମଲାର ଶୁଣାଣି ଅଛି।

# ନବି ମୁମ୍ବାଇ ଅନ୍ତର୍ଜାତୀୟ ବିମାନବନ୍ଦର ଉଦ୍‌ଘାଟିତ





**ମୁମ୍ବାଇ,୮।୧୦ :** ନବି ମୁମ୍ବାଇ ଅନ୍ତର୍ଜାତୀୟ ବିମାନବନ୍ଦରର ପ୍ରଥମ ପର୍ଯ୍ୟାୟକୁ ଉଦଘାଟନ କରିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି। ଏହି ବିମାନବନ୍ଦର ପ୍ରାୟ ୧୯,୬୫୦ କୋଟି ଟଙ୍କା ବ୍ୟୟରେ ନିର୍ମିତ ଏକ ଐତିହାସିକ ଗ୍ରୀନଫିଲ୍ଡ ପ୍ରକଳ୍ପ।ମୁମ୍ବାଇ ମହାନଗରରେ ଦ୍ୱିତୀୟ ଇଣ୍ଟରନ୍ୟାସନାଲ ଏୟାରପୋର୍ଟ ଭାବେ ଏନଏମଆଇଏ ଛତ୍ରପତି ଶିବାଜୀ ମହାରାଜା ଇଣ୍ଟରନ୍ୟାସନାଲ ବିମାନ ବନ୍ଦର ସହିତ ମିଶି କାମ କରିବ। ଏହାଦ୍ୱାରା ଛତ୍ରପତି ଶିବାଜୀ ମହାରାଜା ବିମାନବନ୍ଦରରେ ଭିଡ଼ କମ୍ ହେବ। ୧୧୬୦ ହେକ୍ଟର ଜମିରେ ବିସ୍ତାରିତ ଏହି ନୂତନ ବିମାନବନ୍ଦର ଭାରତର ବିମାନ ଚଳାଚଳ କ୍ଷମତାକୁ ଉଲ୍ଲେଖନୀୟ ଭାବରେ ବୃଦ୍ଧି କରିବ। ନବି ମୁମ୍ବାଇରେ ବିମାନ ପରିଚାଳନା ଡିସେମ୍ବର ୨୦୨୫ରୁ ହେବ। ଟିକେଟ ବିକ୍ରି ଅକ୍ଟୋବର ଶେଷ ଆଡକୁ ହେବାର ସମ୍ଭାବନା ରହିଛି। ଆକାଶ ଏୟାର ଏବଂ ଏୟାର ଇଣ୍ଡିଆ ଏକ୍ସପ୍ରେସ ବିମାନ ଏଠାରୁ ଉଡ଼ାଣ ଭରିବ। ଏହି ବିମାନବନ୍ଦରରେ ଘରୋଇ ଏବଂ ଇଣ୍ଟରନ୍ୟାସନାଲ ଯାତ୍ରୀଙ୍କ ପାଇଁ ଷ୍ଟେଟ ଅଫ ଦ ଆର୍ଟ ସୁବିଧା ରହିଛି। ଏଥିରେ ଲାର୍ଜ କର୍ମସିଆଲ ଏୟାରକ୍ରାଫ୍ଟକୁ ହ୍ୟାଣ୍ଡେଲ କରିବା ପାଇଁ ୩,୭୦୦ ମିଟର ଲମ୍ବା ରନୱେ, ମଡର୍ନ ପାସେଞ୍ଜର ଟର୍ମିନାଲ ଏବଂ ଆଡଭାନ୍ସ ଏୟାର ଟ୍ରାଫିକ କଣ୍ଟ୍ରୋଲ ସିଷ୍ଟମ ସାମିଲ ରହିଛି।

### ବିହାରରେ ଆସନ ଭାଗବଣ୍ଟାକୁ ନେଇ ବିବାଦ

# ପାଶ୍ୱାନଙ୍କ ପରେ ଜିଦରେ ଅଟଳ ଜିତନରାମ



**ପାଟନା,୮।୧୦:** ବିହାର ବିଧାନସଭା ନିର୍ବାଚନ ପୂର୍ବରୁ, ଆସନ ବଣ୍ଟନକୁ ନେଇ ଏନଡିଏ ଭିତରେ ଫାଟ ସୃଷ୍ଟି ହୋଇଛି। ଚିରାଗ ପାଶ୍ୱାନ ତାଙ୍କ ଦାବିରେ ଅଟଳ ଥିବା ବେଳେ, ଏଚଏଏମ ପାର୍ଟି ମୁଖ୍ୟ ଜିତନ ରାମ ମାଂଝୀ ମଧ୍ୟ ବିଜେପି ପାଇଁ ଅସୁବିଧା ସୃଷ୍ଟି କରୁଛନ୍ତି। ସେ ସ୍ପଷ୍ଟ ଭାବରେ କହିଛନ୍ତି, ଯଦି ତାଙ୍କ ଦଳ ୧୫ ଆସନ ନ ମିଳିଲେ ନିର୍ବାଚନ ଲଢ଼ିବ ନାହିଁ। ସେ କହିଛନ୍ତି, "ମୁଁ ସବୁବେଳେ ଏନଡିଏକୁ ସମର୍ଥନ କରିଆସିଛି। ଏପରି ପରିସ୍ଥିତିରେ, ଏନଡିଏର କର୍ତ୍ତବ୍ୟ ହେଉଛି ଆମକୁ ଯେପରି ଅପମାନିତ ଅନୁଭବ କରା ନଯିବା ଆବଶ୍ୟକ। ଗତ ନିର୍ବାଚନରେ ଆମକୁ ୭ ଆସନ ଦିଆଯାଇଥିଲା, ଯାହା ମଧ୍ୟରୁ ଆମେ ୪ ଜିତିଥିଲୁ। ଆମର ଷ୍ଟ୍ରାଇକ୍ ହାର ୬୦% ଥିଲା। ଏଥର ଆମେ ୧୫ ଆସନ ଚାହୁଁଛୁ। ଯାହା ଦ୍ୱାରା ୬୦% ଆସନ ଜିତିବା ପରେ, ଆମକୁ ଏକ ସ୍ୱୀକୃତିପ୍ରାପ୍ତ ରାଜନୈତିକ ଦଳର ମାନ୍ୟତା ମିଳିଯିବ। କେନ୍ଦ୍ରମନ୍ତ୍ରୀ ଜିତନ୍ ରାମ କହିଛନ୍ତି, ଯଦି ମୁଁ ୧୫ ଆସନ ପାଏ, ତେବେ ମୁଁ ୮ ରୁ ୯ଟି ଆସନ ଜିତିପାରିବି। ଯଦି ମୁଁ ୧୫ଟି ଆସନ ନ ପାଏ, ତେବେ ମୁଁ ନିର୍ବାଚନ ଲଢ଼ିବି ନାହିଁ।"

ଜିତନଙ୍କ ବ୍ୟତୀତ, ଚିରାଗ ପାଶ୍ୱାନ ମଧ୍ୟ ବିଜେପିର ଅସୁବିଧା ବଢ଼ାଇ ଦେଉଛନ୍ତି। ସେ ୪୦ଟି ଆସନ ଚାହୁଁଛନ୍ତି। ଏହି ସମୟରେ, ବିଜେପି ଏହି ସହଯୋଗୀମାନଙ୍କୁ ସନ୍ତୁଷ୍ଟ କରିବାରେ ଚିନ୍ତିତ। ବିଜେପି ଏବଂ ଜେଡିୟୁ ପ୍ରତ୍ୟେକ ୧୦୩ ଟି ଆସନରେ ଲଢ଼ିବାକୁ ଚାହୁଁଛନ୍ତି। କୁଶୱାହାଙ୍କ ଦଳ ୧୫ ଟି ଆସନ ଦାବି କରୁଛି।

# ୟୁକ୍ରେନ କବଜାରେ ଭାରତୀୟ ଯୁବକ



**ନୂଆଦିଲ୍ଲୀ, ୮।୧୦:** ୟୁକ୍ରେନ ସୈନ୍ୟଙ୍କ ଆଗରେ ଆତ୍ମସମର୍ପଣ କଲେ ଭାରତୀୟ ଯୁବକ। ପଢ଼ିବା ପାଇଁ ଯାଇଥିଲେ ଋଷିଆ। କିନ୍ତୁ ସୈନ୍ୟ ବାହିନୀରେ ହେଲେ ସାମିଲ। ବର୍ତ୍ତମାନ ୟୁକ୍ରେନ ସାମ୍ନାରେ ଆତ୍ମସମର୍ପଣ କରିଥିବା ଜଣାପଡ଼ିଛି। ଭାରତୀୟ ଯୁବକ ଜଣକ ହେଲେ ୨୨ ବର୍ଷୀୟ ମାଜୋଟି ସାହିଲ୍ ମହମ୍ମଦ୍ ହୁସେନ୍। ସେ ଗୁଜୁରାଟ୍‌ର ବାସିନ୍ଦା। ପଢ଼ିବା ପାଇଁ ଋଷିଆ ଯାଇଥିଲେ। ତେବେ ତାଙ୍କର ଅନିଚ୍ଛା ସତ୍ତ୍ୱେ ସେ ଋଷିଆ ସୈନ୍ୟ ବାହିନୀରେ ଗତ ଅକ୍ଟୋବର ୧ ତାରିଖରେ ଯୋଗ ଦେଇଥିଲେ। ଏହାର ମାତ୍ର ୩ ଦିନ ପରେ ସେ ୟୁକ୍ରେନ ସାମ୍ନାରେ ଆତ୍ମସମର୍ପଣ କରିଥିଲେ।

ହୁସେନ୍ ପଢ଼ିବା ପାଇଁ ଋଷିଆ ଯାଇଥିଲେ। ତେବେ ପରେ ସେ ଡ୍ରଗ୍ସ ମାମଲାରେ ଛନ୍ଦି ହୋଇଯାଇଥିଲେ। ଏଥିରେ ତାଙ୍କୁ ୭ ବର୍ଷ କାରା ଦଣ୍ଡାଦେଶ ହୋଇଥିଲା। ଜେଲ୍‌ରୁ ବର୍ତ୍ତିବା ପାଇଁ ସେ 'ସ୍ପେସାଲ୍ ମିଲିଟାରୀ ଅପରେସନ୍' ରେ ଚୁକ୍ତି କରିଥିଲେ। ମାତ୍ର ୧୬ ଦିନର ପ୍ରାଥମିକ ତାଲିମ ପରେ ତାଙ୍କୁ ଯୁଦ୍ଧକ୍ଷେତ୍ରକୁ ପଠାଇ ଦିଆଯାଇଥିବା ସେ ଅଭିଯୋଗ କରିଛନ୍ତି। ଏହା ସହ ଉଦ୍ଧାର ପାଇଁ ସେ ଭାରତ ସରକାରଙ୍କୁ ନିବେଦନ କରିଛନ୍ତି।

### ■ ଶିଳ୍ପା ସେଟ୍ଟୀ ଏବଂ ରାଜ କୁନ୍ଦ୍ରାଙ୍କୁ ହାଇକୋର୍ଟରୁ ଝଟକା

# ୬୦ କୋଟି ଜମା ନ କରିବା ଯାଏଁ ବିଦେଶ ଯାତ୍ରା ମନା



**ମୁମ୍ବାଇ,୮।୧୦ :** ଦିନକୁ ଦିନ ବଢ଼ୁଛି ଅଭିନେତ୍ରୀ ଶିଳ୍ପା ସେଟ୍ଟୀଙ୍କ ଅଡୁଆ। ବମ୍ବେ ହାଇକୋର୍ଟ ଆଜି ଶିଳ୍ପା ସେଟ୍ଟୀ ଏବଂ ରାଜକୁନ୍ଦ୍ରାଙ୍କ ୬୦ କୋଟି ଟଙ୍କା ଠକେଇ ମାମଲାରେ ଶୁଣାଣି କରିଛନ୍ତି। ବମ୍ବେ ହାଇକୋର୍ଟ ସେମାନଙ୍କୁ କହିଛନ୍ତି, ଯଦି ସେମାନେ ବିଦେଶ ଯାତ୍ରା କରିବାକୁ ଚାହୁଁଛନ୍ତି, ତେବେ ପ୍ରଥମେ ୬୦ କୋଟି ଟଙ୍କା ଜମା କରିଦିଅନ୍ତୁ। ଦୁହେଁ କୋର୍ଟରେ ସେମାନଙ୍କ ବିରୋଧରେ ଦାୟର ହୋଇଥିବା ୬୦ କୋଟି ଟଙ୍କା ଠକେଇ ମାମଲାରେ ଲୁକଆଉଟ ସର୍କୁଲାରକୁ ରଦ୍ଦ କରିବାକୁ ଦାବି କରିଥିଲେ। ଏହି ମାମଲାରେ ଆଗାମୀ ଶୁଣାଣି ୧୪ ଅକ୍ଟୋବରରେ ହେବ। ମୁମ୍ବାଇ ପୋଲିସର ଆର୍ଥିକ ଅପରାଧ ଶାଖା ୬୦ କୋଟି ଟଙ୍କା ଠକେଇ ମାମଲାରେ ଯାଞ୍ଚ କରୁଛି। ତେବେ ଏହି ମାମଲାରେ ଦମ୍ପତି ବ୍ୟବସାୟିକ ଏବଂ ବ୍ୟକ୍ତିଗତ ଯାତ୍ରା ପାଇଁ ଲସ୍ ଏଞ୍ଜେଲସ ଯିବାକୁ ଅଦାଲତକୁ ଅନୁମତି ମାଗିଥିଲେ। କିନ୍ତୁ ହାଇକୋର୍ଟ ବେଞ୍ଚ କୋର୍ଟରେ ୬୦ କୋଟି ଟଙ୍କା ଜମା କରିବା ପରେ ଯାତ୍ରା କରିବାକୁ ଅନୁମତି ଦେଇଛନ୍ତି। ନ ହେଲେ ବିଦେଶ ଯାତ୍ରା ପାଇଁ ଅନୁମତି ମିଳିବ ନାହିଁ ବୋଲି କହିଛନ୍ତି।

# ମାଲବାହୀ ଟ୍ରେନ ଲାଇନଚ୍ୟୁତ

● ଟ୍ରାକରୁ ଖସିଲା ୩୬ରୁ ଅଧିକ ବଗି, ଅନେକ ଟ୍ରେନ ପ୍ରଭାବିତ



**ଶ୍ରୀମାଧୋପୁର,୮।୧୦ :** ରାଜସ୍ଥାନର ଶ୍ରୀମାଧୋପୁରର ନ୍ୟୁ ରେଲୱେ ଷ୍ଟେସନ ନିକଟରେ ଘଟିଛି ବଡ଼ ଦୁର୍ଘଟଣା। ମାଲବାହୀ ଟ୍ରେନ ଲାଇନଚ୍ୟୁତ ହୋଇପଡ଼ିଛି। ଫଳରେ ଟ୍ରାକରୁ ୩୬ରୁ ଅଧିକ ଡବା ଲାଇନଚ୍ୟୁତ ହୋଇଥିବା ଜଣାପଡିଛି। ଟ୍ରେନ ବଗିଗୁଡ଼ିକ ପରସ୍ପର ଉପରେ ମାଡ଼ି ହୋଇପଡିଛି। ଏହି ଘଟଣା ପରେ ଟ୍ରେନ ଚଳାଚଳ ବାଧାପ୍ରାପ୍ତ ହୋଇଛି। ଖବର ମୁତାବକ, ମାଲବାହୀ ଟ୍ରେନ ଫୁଲେରାରୁ ରିୱାଡ଼ିକୁ ଯାଉଥିଲା। ମାଲବାହୀ ଟ୍ରେନ ସ୍ଲୋ ଥିବା ଯୋଗୁଁ ସାମ୍ନାକୁ ଏକ ଷଣ୍ଢ ପଶିଆସିଥିଲା। ଷଣ୍ଢକୁ ବଞ୍ଚାଇବା ପାଇଁ ମାଲଗାଡ଼ି ଲାଇନଚ୍ୟୁତ ହୋଇଥିବା ଜଣାପଡିଛି। ତେବେ ଘଟଣାର ସତ୍ୟାସତ୍ୟ ଜଣାପଡିନାହିଁ। ଘଟଣାରେ ୩୬ରୁ ଅଧିକ ଡବା ଲାଇନଚ୍ୟୁତ ହୋଇଛି। ଘଟଣା ବିଷୟରେ ଜଣାପଡିବା ପରେ ରେଲୱେ ଅଧିକାରୀ ଜିଆରପି ତଥା କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚିଛନ୍ତି। ଟ୍ରାକରୁ ବଗି ଉଠାଇବାକୁ କାମ ଆରମ୍ଭ ହୋଇଛି। କୌଣସି ଜୀବନହାନୀ ହୋଇନାହିଁ। ଅନେକ ଟ୍ରେନ ବିଳମ୍ବ ରହିଥିବା ବେଳେ ଅନେକର ରୁଟ୍ ପରିବର୍ତ୍ତନ କରାଯାଇଛି।

# ପାକ୍ ଯବାନଙ୍କ ଗାଡ଼ି ଉପରେ ଆକ୍ରମଣ, ୧୧ ମୃତ



**ଇସଲାମାବାଦ, ୮।୧୦ :** ପାକିସ୍ତାନରେ ଇସଲାମିଷ୍ଟ ଆତଙ୍କବାଦୀଙ୍କ ଆକ୍ରମଣ। ଆଫଗାନିସ୍ତାନ ସୀମାରେ ଆମ୍ସ୍ଡ୍ ପାକିସ୍ତାନ ପାରାମିଲିଟାରୀ ଯବାନଙ୍କ ଗାଡ଼ି ଉପରେ ହୋଇଛି ଭୟଙ୍କର ଆକ୍ରମଣ। ଏଥିରେ ୯ ଜଣ ପାରାମିଲିଟାରୀ ଯବାନ ଏବଂ ଦୁଇ ଜଣ ଅଧିକାରୀଙ୍କ ମୃତ୍ୟୁ ଘଟିଛି। ପାକିସ୍ତାନୀ ତାଲିବାନ ହତ୍ୟା ପାଇଁ ନିଜକୁ ଦାୟୀ କରିଛି। ପାରାମିଲିଟାରୀ ଗାଡ଼ି ଉପରେ ବୋମା ବିସ୍ଫୋରଣ ସହ ଆଖିବୁଜା ଗୁଳିମାଡ଼ କରିଥିଲେ ଆତଙ୍କବାଦୀ। ପାକିସ୍ତାନ କୁରମ ଜିଲ୍ଲାରେ ଏହି ଆକ୍ରମଣ ହୋଇଛି। ଘଟଣା ସ୍ଥଳରେ ୧୧ ଜଣଙ୍କ ମୃତ୍ୟୁ ହୋଇଛି। ଗତ କିଛି ମାସ ମଧ୍ୟରେ ପାକିସ୍ତାନ ସେନା ଉପରେ ହୋଇଥିବା ଭୟଙ୍କର ଆକ୍ରମଣ ମଧ୍ୟରୁ ଏହା ଅନ୍ୟତମ। ତେହେରିକ-ଏ-ତାଲିବାନ ପାକିସ୍ତାନ ୨୦୨୧ରୁ ପାକିସ୍ତାନ ସେନା ଉପରେ ଆକ୍ରମଣ ବଢ଼ାଇଛି। ଖୈବର ଓ ବଲୁଚିସ୍ତାନ ଅଞ୍ଚଳରେ ଏହି ବର୍ଷ ୨୦୦ ରୁ ଅଧିକ ଥର ଆକ୍ରମଣ କରିଛି ଟିଟିପି। ଗତ ୩ ମାସ ମଧ୍ୟରେ ୯୦୧ ଲୋକ ମରିଥିବା ବେଳେ ୫୯୧ରୁ ଅଧିକ ଆହତ ହୋଇଛନ୍ତି। ଏହି ଆତଙ୍କବାଦୀ ଆକ୍ରମଣ ଏବଂ ସେନାର ଅପରେସନ ସାମିଲ ରହିଛି।

# ଆମେରିକା ପାକିସ୍ତାନକୁ ଯୋଗାଇବ ଘାତକ ମିସାଇଲ




**ୱାଶିଂଟନ, ୮।୧୦:** ଅପରେସନ୍ ସିନ୍ଦୂର ପରେ ଆମେରିକା ଏବଂ ପାକିସ୍ତାନ ମଧ୍ୟରେ ସମ୍ପର୍କ ଗଭୀର ହେବାରେ ଲାଗିଛି। ଆମେରିକା ପାକିସ୍ତାନକୁ କ୍ଷେପଣାସ୍ତ୍ର ଯୋଗାଇବାକୁ ପ୍ରସ୍ତୁତି ଆରମ୍ଭ କରିଛି। ଏହାରି ମଧ୍ୟରେ ଚୀନ୍ ମଧ୍ୟ ବାଂଲାଦେଶକୁ ୨୦ ଟି ନୂଆ ଯୁଦ୍ଧ ବିମାନ ବିକ୍ରି କରିବାକୁ ଯାଉଛି ବୋଲି ସୂଚନା ମିଳିଛି । ଯାହା ଭାରତ ପାଇଁ ଏବେ ବଡ଼ ଚ୍ୟାଲେଞ୍ଜ ହୋଇଛି। ସୂଚନାନୁଯାୟୀ, ପାକିସ୍ତାନକୁ ଆମେରିକା ପାଖରୁ 'ଏଆଇଏମ-୧୨୦' ଆଡଭାନ୍ସ ମିଡିଲ ରେଞ୍ଜର ମିସାଇଲ ଏଏମଆରଏଏମ ମିଳିବାର ସମ୍ଭାବନା ରହିଛି। ଯାହା ଆକାଶରେ ଆକାଶରେ ଶତ୍ରୁକୁ ନାଶ କରିଦେବ। ଏହି ମିସାଇଲ କିଣିବା ପାଇଁ ପାକିସ୍ତାନ ସମେତ ବ୍ରିଟେନ୍, ପୋଲାଣ୍ଡ, ଜର୍ମାନୀ, ଫିନଲ୍ୟାଣ୍ଡ, ଅଷ୍ଟ୍ରେଲିଆ, ରୋମାନିଆ, କତାର, ଓମାନ, କୋରିଆ, ଗ୍ରୀସ, ସ୍ୱିଜରଲ୍ୟାଣ୍ଡ, ପର୍ତ୍ତୁଗାଲ, ସିଙ୍ଗାପୁର, ନେଦରଲ୍ୟାଣ୍ଡ, ଚେକ୍ ଗଣରାଜ୍ୟ, ଜାପାନ, ସ୍ଲୋଭାକିଆ, ଡେନମାର୍କ, କାନାଡା, ବେଲଜିୟମ, ବାହାରିନ, ସାଉଦି ଆରବ, ଇଟାଲୀ, ନରୱେ, ସ୍ପେନ, କୁଏତ, ଫିନଲ୍ୟାଣ୍ଡ, ସ୍ୱିଡେନ, ତାଇୱାନ, ଲିଥୁନିଆ, ଇସ୍ରାଏଲ, ବୁଲଗେରିଆ, ହଙ୍ଗେରୀ ଏବଂ ତୁର୍କୀ ବିଦେଶୀ ବିକ୍ରିରେ ସାମିଲ ରହିଛି। କିନ୍ତୁ ପାକିସ୍ତାନକୁ କେତେ ନୂଆ ଏଏମଆରଏଏମ ମିସାଇଲ ମିଳିବ ତାହା ସ୍ପଷ୍ଟ ହୋଇନାହିଁ । କିନ୍ତୁ ଏହି ଖବର ପରେ ପାକିସ୍ତାନୀ ବାୟୁସେନାର ଏଫ-୧୬ ଫାଇଟର ଉନ୍ନତି ସମ୍ପର୍କରେ ଆଲୋଚନା କରାଯାଉଛି।

# ପୱନ ସିଂଙ୍କୁ ମିଳିଲା ୱାଇ କ୍ୟାଟେଗୋରୀ ସୁରକ୍ଷା



**ପାଟନା, ୮।୧୦ :** ଭୋଜପୁରୀ ସୁପରଷ୍ଟାର ପୱନ ସିଂଙ୍କୁ କେନ୍ଦ୍ର ଗୃହ ମନ୍ତ୍ରଣାଳୟ ୱାଇ କ୍ୟାଟେଗୋରୀ ସୁରକ୍ଷା ପ୍ରଦାନ କରିଛି। ତାଙ୍କ ଜୀବନକୁ ବିପଦ ଥିବା ନେଇ ଆଇବିକୁ କିଛି ସୂଚନା ମିଳିବା ପରେ ଗୃହ ମନ୍ତ୍ରଣାଳୟ ସୁରକ୍ଷା ବଢ଼ାଇଛି। ଏହି ସମୟରେ ସିଆରପିଏଫ କମାଣ୍ଡୋ ପୱନ ସିଂହଙ୍କ ସୁରକ୍ଷା ପାଇଁ ନିୟୋଜିତ ରହିବେ। ୱାଇ କ୍ୟାଟେଗୋରୀରେ ୮ ରୁ ୧୧ ଜଣ ସୁରକ୍ଷାକର୍ମୀ ନିୟୋଜିତ ରହିଥାନ୍ତି। ଏଥିରେ ସିଆରପିଏଫ କିମ୍ବା ସିଆଇଏସଏଫ ଟ୍ରେନିଂ କମାଣ୍ଡୋ ସାମିଲ ରହିଥାନ୍ତି। ଏହି କମାଣ୍ଡୋ ବ୍ୟକ୍ତିଗତ ସୁରକ୍ଷା, ଯାତ୍ରା, ଇଭେଣ୍ଟ ଏବଂ ପବ୍ଲିକ ଆପିଏରାନ୍ସ ସମୟରେ ରହିଥାନ୍ତି। ପୱନ ସିଂହ ଏହି ମାମଲାରେ ଗୃହ ମନ୍ତ୍ରଣାଳୟ ସିଆରପିଏଫର ସ୍ପେଶାଲ ୟୁନିଟ୍ ଦାୟିତ୍ୱ ନେଇଛି। ଯାହା ସମଗ୍ର ଦେଶକୁ ସୁରକ୍ଷା ଯୋଗାଇଥାଏ। ସେପ୍ଟେମ୍ବରରେ ବାବା ଖାନଙ୍କ ଗ୍ୟାଙ୍ଗ ପୱନ ସିଂହଙ୍କୁ ଖୋଲାଖୋଲି ଭାବେ ଧମକ ଦେଇଥିଲେ। ଏହି ଧମକର ଭିଡିଓ ସୋସିଆଲ ମିଡିଆରେ ଭାଇରଲ ହୋଇଥିଲା। ଏଥିରେ ବାବା ଖାନ ଗ୍ୟାଙ୍ଗର ସଦସ୍ୟ କହିଥିଲେ କି, ଯଦି ଦମ୍ ଅଛି, ତେବେ ସାମ୍ନାକୁ ଆସି କିଛି କହିକି ଦେଖାଅ। ଭିଡିଓ ସାମ୍ନାକୁ ଆସିବା ପରେ ଇଣ୍ଟେଲିଜେନ୍ସୀ ବ୍ୟୁରୋ ଗମ୍ଭୀରତାର ସହିତ ନେଇ ସୁରକ୍ଷା ବଢ଼ାଇଛନ୍ତି।

# ୨୦ ଟପିଲା କଫ ସିରପ ଜନୀତ ଶିଶୁ ମୃତ୍ୟୁ

**ନୂଆଦିଲ୍ଲୀ,୮।୧୦:** ମଧ୍ୟପ୍ରଦେଶ ଏବଂ ରାଜସ୍ଥାନରେ କଫ ସିରପ୍ କୋଲଡ୍ରିଫ୍ ସହିତ ଜଡିତ ଶିଶୁ ମୃତ୍ୟୁ ମାମଲା ଥମିବାର ନାଁ ଧରୁନାହିଁ। କଫ୍ ସିରପଜନୀତ ଶିଶୁ ମୃତ୍ୟୁ ମାମଲାକୁ ସପ୍ତାହେ ବିତିଗଲା ପରେ ବି ଏପର୍ଯ୍ୟନ୍ତି ଶୋକାକୁଳ ପିତାମାତା ଉତ୍ତର ଖୋଜି ବୁଲୁଛନ୍ତି। ତେବେ ଏହି ମାମଲାରେ ଏବେ ସୁଦ୍ଧା ମାତ୍ର ଜଣଙ୍କୁ ଗିରଫ କରାଯାଇଛି। ଗିରଫ ହୋଇଥିବା ଅଭିଯୁକ୍ତ ଜଣକ ହେଉଛନ୍ତି ଏକ ସରକାରୀ ହସ୍ପିଟାଲର ଜଣେ ଶିଶୁ ବିଶେଷଜ୍ଞ। ତେବେ ରିପୋର୍ଟରୁ ଜଣାପଡ଼ିଛି ଯେ ଏପର୍ଯ୍ୟନ୍ତ, କୋଲଡ୍ରିଫ୍ ଖାଇବା ପରେ ୨୦ରୁ ଅଧିକ ଶିଶୁଙ୍କ ମୃତ୍ୟୁ ହୋଇ ସାରିଲାଣି। ଯାହା କିଡନୀ ଫେଲ ହେବାର କାରଣ ହୋଇଥିବା ବେଳେ ଏହା ଅତ୍ୟନ୍ତ ବିଷାକ୍ତ ଶିଳ୍ପ ରାସାୟନିକ ପଦାର୍ଥ ଡାଏଥିଲିନ୍ ଗ୍ଲାଇକଲ୍ ପଜିଟିଭ୍ ବୋଲି ପରୀକ୍ଷା ପରେ ଜଣାପଡ଼ିଥିଲା। ମଧ୍ୟପ୍ରଦେଶ ପୁଲିସ ଡାକ୍ତର ପ୍ରବୀଣ ସୋନିଙ୍କୁ ଗିରଫ କରିଥିଲା, କିନ୍ତୁ ଇଣ୍ଡିଆନ୍ ମେଡିକାଲ ଆସୋସିଏସନ୍ ଏହି ପଦକ୍ଷେପକୁ ଦୃଢ଼ ନିନ୍ଦା କରିଥିଲା। ଔଷଧ କମ୍ପାନିକୁ କାହିଁକି କ୍ଲିନ୍ ଚିଟ୍ ଦିଆଗଲା ବୋଲି ପ୍ରଶ୍ନ କରିଥିଲା। ଡାକ୍ତରମାନେ ଗିରଫଦାରୀର ପ୍ରତିବାଦ କରିବା ସହିତ ଔଷଧ ନିୟାମକଙ୍କଠାରୁ ଦାୟିତ୍ୱ ଦାବି କରିଥିଲେ।

### ବ୍ରିଟେନ ପ୍ରଧାନମନ୍ତ୍ରୀଙ୍କ ଦୁଇଦିନିଆ ଭାରତ ଗସ୍ତ

# ବାଣିଜ୍ୟ ଚୁକ୍ତି ଉପରେ ହୋଇପାରେ ଆଲୋଚନା



**ନୂଆଦିଲ୍ଲୀ,୮।୧୦:** ଆମେରିକା ସହିତ ଚାଲିଥିବା ଉତ୍ତେଜନାରେ ଭାରତ ଏବଂ ବ୍ରିଟେନ ମଧ୍ୟରେ ବନ୍ଧୁତା ଗଭୀର ହେଉଥିବା ମନେ ହେଉଛି। ବ୍ରିଟେନ ପ୍ରଧାନମନ୍ତ୍ରୀ କୀର ଷ୍ଟାରମର ଦୁଇଦିନିଆ ଭାରତ ଗସ୍ତରେ ଅଛନ୍ତି। ସେ ବୁଧବାର ସକାଳେ ମୁମ୍ବାଇରେ ପହଞ୍ଚିଛନ୍ତି। ଆମେରିକା ଶୁଳ୍କ ନେଇ ଉତ୍ତେଜନା ବୃଦ୍ଧି କରିଥିବା ବେଳେ, ବ୍ରିଟେନ କିଛି ବଡ଼ ଖବର ଆଣିଛି। ଭାରତ ଏବଂ ବ୍ରିଟେନ ମଧ୍ୟରେ ଅନେକ ବାଣିଜ୍ୟ ଚୁକ୍ତି ଉପରେ ଆଲୋଚନା ହୋଇପାରେ।

ଆମେରିକା ଭାରତ ଉପରେ ୫୦% ଶୁଳ୍କ ଲାଗୁ କରିଛି, କିନ୍ତୁ ଭାରତ ଏବଂ ବ୍ରିଟେନ ମଧ୍ୟରେ ଏକ ମୁକ୍ତ ବାଣିଜ୍ୟ ଚୁକ୍ତି ସ୍ୱାକ୍ଷରିତ ହୋଇଛି। ତେଣୁ, ଭାରତୀୟ ବ୍ୟବସାୟଗୁଡ଼ିକ ଏଥିରୁ ଯଥେଷ୍ଟ ଲାଭ ପାଇବେ। ପ୍ରଧାନମନ୍ତ୍ରୀ ମୋଦି ଚଳିତ ବର୍ଷ ଅଗଷ୍ଟରେ ବ୍ରିଟେନ ଗସ୍ତ କରିଥିଲେ। ଏବେ ଷ୍ଟାରମର ଭାରତ ଆସିଛନ୍ତି। ଏହି ଗସ୍ତର ଉଦ୍ଦେଶ୍ୟ ହେଉଛି ଦୁଇ ଦେଶ ମଧ୍ୟରେ ସମ୍ପର୍କକୁ ଆହୁରି ମଜବୁତ କରିବା। ଭାରତ ଏବଂ ୟୁକେ ମଧ୍ୟରେ ସ୍ୱାକ୍ଷରିତ ଫ୍ରି ଟ୍ରେଡ୍ ଏଗ୍ରିମେଣ୍ଟ ମାଧ୍ୟମରେ, ଉଭୟ ଦେଶ ୨୦୩୦ ସୁଦ୍ଧା ସେମାନଙ୍କର ବାଣିଜ୍ୟକୁ ଦ୍ୱିଗୁଣିତ କରିବାକୁ ଲକ୍ଷ୍ୟ ରଖିଛନ୍ତି। ଭାରତ-ୟୁକେ ବାଣିଜ୍ୟ ୧୨୦ ଡଲାର ବିଲିୟନରେ ପହଞ୍ଚିବାର ଲକ୍ଷ୍ୟ ରଖିଛି । ଏଥିରେ କପଡା, ଚମଡା ଏବଂ କୃଷି ଉତ୍ପାଦ ସାମିଲ୍। ଷ୍ଟାରମରଙ୍କ ଏଜେଣ୍ଡାରେ ଫିନଟେକ୍ (ଡିଜିଟାଲ୍ ପେମେଣ୍ଟ), ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସି, କ୍ୱାଣ୍ଟମ୍ କମ୍ପ୍ୟୁଟିଂ ଏବଂ ସାଇବର ସିକ୍ୟୁରିଟି ମଧ୍ୟ ସାମିଲ୍ ହେବ, ଯେଉଁଠାରେ ଦୁଇ ଦେଶ ଏକାଠି କାମ କରିବେ। ବ୍ରିଟିଶ ପ୍ରଧାନମନ୍ତ୍ରୀ ଗୁରୁବାର ମୁମ୍ବାଇର ରାଜଭବନରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସହ ସାକ୍ଷାତ କରିବେ ଏବଂ ତା'ପରେ ଜିଓ ୱାର୍ଲ୍ଡ ସେଣ୍ଟରରେ ସିଇଓ ଫୋରମ୍ ଏବଂ ଗ୍ଲୋବାଲ୍ ଫିନଟେକ୍ ଫେଷ୍ଟ ୨୦୨୫ କାର୍ଯ୍ୟକ୍ରମରେ ଯୋଗଦେବେ।

● ପିକନିକ ହେଲା କାଳ

## ହଠାତ୍ ମାଡ଼ି ଆସିଲା ପାଣି, ଭାସିଗଲେ ୭

**ବେଙ୍ଗାଲୁରୁ,୮।୧୦:** ପିକନିକ ପାଇଁ ଆସିଥିବା ୧୫ ଜଣଙ୍କ ମଧ୍ୟରୁ ୭ଜଣ ମାରକୋନାହାଲି ଡ୍ୟାମରୁ ନିର୍ଗତ ହେଉଥିବା ପାଣିର ପ୍ରଖର ସ୍ରୋତରେ ଭାସି ଯାଇ ନିଖୋଜ ହୋଇଯାଇଛନ୍ତି। ମହିଳା, ଛୋଟ ପିଲାଙ୍କୁ ମିଶାଇ ୧୫ ଜଣ ଲୋକ ପିକନିକ କରିବାକୁ ଡ୍ୟାମ ନିକଟକୁ ଯାଇଥିଲେ। ସାଙ୍ଗସାଥୀଙ୍କ ଉପସ୍ଥିତିରେ ପିକନିକର ଆନନ୍ଦ ଉଠାଇଥିଲେ। ପିକନିକ ପାଇଁ ଆସିଥିବା ୧୫ ଜଣଙ୍କ ମଧ୍ୟରୁ ପାଣିର ପ୍ରଖର ସ୍ରୋତରେ ଭାସି ଯାଇଛନ୍ତି ୭ ଜଣ। ସେମାନଙ୍କ ମଧ୍ୟରୁ ଜଣଙ୍କୁ ଉଦ୍ଧାର କରାଯାଇଥିବା ବେଳେ ବାକି ୭ ଜଣ ଅକାତକାତ ପାଣିରେ ନିଖୋଜ ହୋଇଯାଇଥିଲେ।

ପରବର୍ତ୍ତୀ ଅବସ୍ଥାରେ ୨ ଜଣଙ୍କ ମୃତଦେହ ମିଳିଛି। ବାକି ୫ ଜଣଙ୍କୁ ଖୋଜା ଖୋଜି ଚାଲିଥିଲେ ହେଁ ଏଯାଏ କୌଣସି ପତ୍ତା ମିଳିନାହିଁ। ଉଦ୍ଧାରକାରୀ ଟିମ ଜୀବିତ ଅବସ୍ଥାରେ ଏଯାଏ କେବଳ ଜଣେ ବ୍ୟକ୍ତିଙ୍କୁ ଉଦ୍ଧାର କରିପାରିଛି। କର୍ଣ୍ଣାଟକାର ଟୁମକୁରୁରେ ଏପରି ଘଟଣା ଘଟିଛି। ଟୁମକୁରୁ ଏସ୍‌ପି ଅଶୋକ କେଭିଙ୍କ କହିବା କଥା ଯେ, କିଛି ଲୋକ ଡ୍ୟାମର ତଳିଆ ଅଞ୍ଚଳରେ ଅଳ୍ପ ପାଣି ଥିବାରୁ ସେଠାକୁ ଯାଇଥିଲେ। ସେଠାରେ ସେମାନେ ଫଟୋ ଉଠାଇବା ସହ ମଜାମସ୍ତି କରୁଥିଲେ। ଏତିକି ବେଳେ ହଠାତ୍ ଡ୍ୟାମରୁ ପାଣି ରିଲିଜ କରି ଦିଆଯାଇଥିଲା। ଉଦ୍ଧାରକାରୀ ଟିମ ଓ ଅଗ୍ନିଶମ କର୍ମଚାରୀମାନେ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ଖୋଜାଖୋଜି ଆରମ୍ଭ କରିଥିଲେ।

## ୩ ହାଇୱେ ଲୁଟେରା ଓ ୩ ସହଯୋଗୀ ଗିରଫ

**ଧର୍ମଶାଳା,୮।୧୦(ସଂଚାର ବ୍ୟୁରୋ):** ଧର୍ମଶାଳା ପୁଲିସ ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇ ୩ ହାଇୱେ ଲୁଟେରା ଓ ୩ ଜଣ ସହଯୋଗୀଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତଙ୍କ ନିକଟରୁ ପୁଲିସ ୪୬ ଗ୍ରମ ସୁନା, ଏକ ନମ୍ବର ବିହୀନ କଳାପଲସର ବାଇକ, ଗୋଟିଏ ଭୁଜଲି, ନଗଦ ୭୫୦୦ ଟଙ୍କା ଓ ଦୁଇଗୋଟି ମୋବାଇଲ ଫୋନ ଜବତ କରିଛି। ଗିରଫ ଅଭିଯୁକ୍ତମାନେ ଭଣ୍ଡାରୀ ପୋଖରୀ ଥାନା କୋଳିପଦି ଗ୍ରାମର କୃଷ୍ଣ ଦାସ ଆଲିୟାସ ଲକି (୨୪), ଧାମନଗର ଥାନା ନୁଆପଡ଼ା ଗ୍ରାମର ବଳରାମ ଦାସ ଅଲିୟାସ ବଳିଆ (୨୨), ଧାମନଗର ଥାନା ନୁଆପଡ଼ା ଗ୍ରାମର ଜଗନ ଦାସ ଅଲିୟାସ ଜଗନ(୨୨) ଏବଂ ଏମାନଙ୍କୁ ସହଯୋଗ କରୁଥିବା ଅଭିଯୁକ୍ତମନେ ଧାମନଗର ଥାନା ସୋଡା ଗ୍ରାମର ଅନନ୍ଦ କୁଣ୍ଡୁ(୩୨), ଧାମନଗର ଥାନା ସୋଡା ଗ୍ରାମର ଗୌତମ କୁଣ୍ଡୁ (୫୬) ଓ କେନ୍ଦ୍ରାପଡ଼ା ଥାନା ଠାକୁରପାଟଣା ଗ୍ରାମର ଅନନ୍ତ ବେହେରା (୩୮) ବୋଲି ଜଣାପଡ଼ିଛି। ଧର୍ମଶାଳା ଥାନାରେ ଏମାନଙ୍କ ନାମରେ ଚଳିତ ବର୍ଷ ଛିନତାଇର ଏକାଧିକ ମାମଲା ରହିଥିବା ବେଳେ ବଡଚଣା, କୁଆଖିଆ, ପାଣିକୋଇଲି ଓ ଯାଜପୁର ଥାନାରେ ଏମାନଙ୍କ ନାମରେ ଏକାଧିକ କେସ ରହିଛି। ରାସ୍ତାରେ ବାଇକ କିମ୍ବା କାରରେ ଯାଉଥିବା ଯାତ୍ରୀମାନଙ୍କୁ ଏହି ଲୁଟେରାମାନେ ଟାର୍ଗେଟ କରିଥାନ୍ତି। ଅଜିର ଏହି ସାମ୍ବାଦିକ ସମ୍ମିଳନୀରେ ଥାନା ଅଧିକରୀ ରଞ୍ଜନ କୁମାର ମାଝି ଓ ଏସଆଇ ରମାକାନ୍ତ ନାୟକ ଉପସ୍ଥିତ ରହିଥିଲେ। ଗିରଫ ୬ ଅଭିଯୁକ୍ତଙ୍କୁ ଅଜି ଚଣ୍ଡିଖୋଲ କୋର୍ଟକୁ ଚାଲାଣ କରାଯାଇଛି ବୋଲି ପୁଲିସ ସୂଚନା ଦେଇଛି।

## ବୁଲା ଷଣ୍ଢକୁ ତୀର ମାଡ଼

**କେନ୍ଦୁଝର,୮।୧୦(ସଂଚାର ବ୍ୟୁରୋ):** କେନ୍ଦୁଝର ସହର ବ୍ଲକ୍ ଅନ୍ତର୍ଗତ ଶିରିଷପାଳ ଗ୍ରାମ ମାଟିଟାଙ୍ଗିରୀ ସାହିରେ ଏକ ବୁଲା ଷଣ୍ଢକୁ କିଛି ଦୁର୍ବୃତ୍ତ ତୀରରେ ଆକ୍ରମଣ କରିଥିଲେ। ବିଗତ ୮ରୁ ୧୦ ଦିନ ଧରି ତୀର ବାଜିଥିବା ଷଣ୍ଢଟିକୁ ବିନାୟକ ଯୁବକ ସଂଘର ଯୁବ ଗୋଷ୍ଠୀ ନିରୀକ୍ଷଣ କରୁଥିଲେ ବହୁ ବାଧାବିଘ୍ନ ପରେ ଏହି ଷଣ୍ଢଟିକୁ ଧରିବାରେ ସଫଳ ହୋଇ ତୁରନ୍ତ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିଭାଗ, ଓଡ଼ିଶା ପକ୍ଷରୁ ଜାରି ହୋଇଥିବା ହେଲ୍ପ ଲାଇନ-୧୯୬୨କୁ ଯୋଗାଯୋଗ କରାଯାଇଥିଲା। ଡାକ୍ତରୀ ଟିମ୍ ପହଞ୍ଚି ଷଣ୍ଢଟିର ଦେହରେ ଲାଗିଥିବା ତୀରକୁ ଅଲଗା କରିଥିଲେ। ଏହା ସହିତ କ୍ଷତ ସ୍ଥାନକୁ ଭଲ ଭାବେ ସଫା କରିଥିଲେ ଦରକାରୀ ଚିକିତ୍ସା କରିବା ସହ ତାହାର ଆଶୁ ଆରୋଗ୍ୟ ନିମନ୍ତେ କିଛି ଔଷଧ ମଧ୍ୟ ଦେଇଥିଲେ।

### କୋରୁକୋଣ୍ଡା ବ୍ଲକର କଣ୍ଡେଲ ବିଦ୍ୟାଳୟରେ ଦୟନୀୟ ସ୍ଥିତି

# ୩ କୋଠରୀରେ ପଢ଼ୁଛନ୍ତି ୯ ଶ୍ରେଣୀର ପିଲା

**ମାଲକାନଗିରି, ୮।୧୦(ସଂଚାର ବ୍ୟୁରୋ):** ଗୋଟିଏ ଶ୍ରେଣୀରେ ବସିଛନ୍ତି ୩ଟି ଶ୍ରେଣୀର ପିଲା। ଆଉ ପାଠ ପଢ଼ାଉଛନ୍ତି ୨ ଶିକ୍ଷକ। କିଏ କାହା କଥା ଶୁଣିବେ, କେଉଁ ଶିକ୍ଷକ କ'ଣ ପଢ଼ାଉଥିବେ, କିଛି ଜଣାନାହିଁ। ଏମିତି ୯ଟି ଶ୍ରେଣୀର ପିଲା ୩ଟି କୋଠରୀରେ ଭାଗବାଣ୍ଟି ବସୁଛନ୍ତି। ଏ ଚିତ୍ର ହେଉଛି ମାଲକାନଗିରି ଜିଲ୍ଲା କୋରୁକୋଣ୍ଡା ବ୍ଲକ କଣ୍ଡେଲ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର। ଗତ ଗୁରୁଦିବସରେ ଏହି ବିଦ୍ୟାଳୟର ପ୍ରଧାନଶିକ୍ଷକ ବସନ୍ତ କୁମାର ରଣା ଜାତୀୟ ଶିକ୍ଷକ ପୁରସ୍କାର ପାଇଥିଲେ। ହେଲେ ବିଦ୍ୟାଳୟର ଭିତିଭୂମି ଅତ୍ୟନ୍ତ ବିପର୍ଯ୍ୟସ୍ତ। କଣ୍ଡେଲ ସମେତ ସୋମନାଥପୁର ପଞ୍ଚାୟତର ୧୪ଟି ଗାଁର ପିଲା ଏଠାରେ ପାଠ ପଢ଼ୁଛନ୍ତି। ହେଲେ ଶ୍ରେଣୀଗୃହର ଅଭାବ ପାଇଁ ରନ୍ଧାଶାଳକୁ ପଢ଼ା ଘର ଭାବେ ବ୍ୟବହାର କରାଯାଉଛି। ମାଲକାନଗିରି ଜିଲ୍ଲାରେ ମୋଟ୍ ୧୨୪୦ ସରକାରୀ ବିଦ୍ୟାଳୟ ରହିଛି। ସେଥିରୁ ପ୍ରାୟ ୮୦୦ ପ୍ରାଥମିକ ଓ ୩୫୦ ପ୍ରାଥମିକ ବିଦ୍ୟାଳୟ ରହିଛି। ସେଥିରୁ ୩୦୦ ପ୍ରାଥମିକ ଓ ୧୦୦ରୁ ଅଧିକ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଶ୍ରେଣୀଗୃହର ରହିଛି ଅଭାବ। ଏଥିସହ ବାଲବାଟିକାର ବୋଝ। ଶିକ୍ଷକ ଅଭାବ କଥା ତ' ନ କହିବା ଭଲ। ଆଉ ୩୦୦ ଅଭାବ ସ୍ଥାନରେ ପ୍ରତି ବର୍ଷ ୨୦ ରୁ ୩୦ ଶ୍ରେଣୀ ଗୃହ ବିଭିନ୍ନ ଯୋଜନାରେ ନିର୍ମାଣ ହେଉଥିବା କହିଛନ୍ତି ଜିଲ୍ଲା ଶିକ୍ଷା ଅଧିକାରୀ।

# ଓଡ଼ିଶା ହ୍ୱିଲ ଚେୟାର ରଗବୀ ଦଳକୁ ସମ୍ବର୍ଦ୍ଧନା

● ଟିମରେ ଅଛନ୍ତି ତିନି ଜଣ ସଡ଼କ ଦୁର୍ଘଟଣା ପୀଡ଼ିତ



**ଭୁବନେଶ୍ୱର,୮।୧୦(ସଂଚାର ବ୍ୟୁରୋ):** ଓଡ଼ିଶା ହ୍ୱିଲଚେୟାର ରଗବି ଦଳ ୭ମ ଜାତୀୟ ହ୍ୱିଲଚେୟାର ରଗବି ଚାମ୍ପିଅନସିପ୍ ୨୦୨୫ରେ ବିଜୟୀ ହୋଇ ରାଜ୍ୟ ପାଇଁ ଗୌରବ ଆଣିଛନ୍ତି। ଅତୁଳନୀୟ ଉତ୍ସାହ, ଶୃଙ୍ଖଳା ଏବଂ ଦଳଗତ କାର୍ଯ୍ୟ ପାଇଁ ସେମାନେ ଜାତୀୟ ସ୍ତରରେ ସୁନାମ ଅର୍ଜନ କରିପାରିଛନ୍ତି। ଏହି ଟିମରେ ଏମିତି ତିନି ଜଣ ସଦସ୍ୟ ରହିଥିଲେ, ଯେଉଁମାନେ ଦିନେ ସଡ଼କ ଦୁର୍ଘଟଣା ଯୋଗୁଁ ଦିବ୍ୟାଙ୍ଗ ପାଲଟିଯାଇଛନ୍ତି। କିନ୍ତୁ, ହାର୍ ନ ମାନି ଜୀବନରେ ଜୟଯାତ୍ରା ସହ ଆଗକୁ ବଢ଼ୁଛନ୍ତି।

ଏହି ଉଲ୍ଲେଖନୀୟ ସଫଳତାକୁ ପାଳନ କରିବା ପାଇଁ, ବାଣିଜ୍ୟ ଓ ପରିବହନ ବିଭାଗ ପକ୍ଷରୁ ଚାମ୍ପିଅନ ଦଳର ସମସ୍ତ ସଦସ୍ୟ, କୋଚ୍ ଓ ମେଣ୍ଟରଙ୍କୁ ସମ୍ମାନିତ କରାଯାଇଛି। ବାଣିଜ୍ୟ ଓ ପରିବହନ ବିଭାଗର ପ୍ରମୁଖ ସଚିବ ଉଷା ପାଢ଼ୀ, ପରିବହନ ଆୟୁକ୍ତ ଅମିତାଭ ଠାକୁର, କ୍ରୀଡ଼ା ନିର୍ଦ୍ଦେଶକ ଯେଦୁଲା ବିଜୟ ପ୍ରମୁଖ ଉତ୍କୃଷ୍ଟ ପ୍ରଦର୍ଶନ ପାଇଁ ଟିମକୁ ଅଭିନନ୍ଦନ ଓ ସମ୍ବର୍ଦ୍ଧନା ଜଣାଇଥିଲେ। ଓଡିଶା ହ୍ୱିଲଚେୟାର ରଗବି ଦଳର ଅଧିନାୟକ ଗୌତମ ସିଂଙ୍କ ସମେତ ବିକ୍ରମାଦିତ୍ୟ ଜେନା, ପ୍ରଶାନ୍ତ ନାୟକ, ସୁଜିତ କୁମାର ନନ୍ଦ, ଆକାଶ ବନଛୋର, ଲିଟନ ସାହୁ, ସୁଧୀର ମଲିକ, ମୁରଲୀ ବେନିଆଁ ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ପରିବହନ ବିଭାଗର ବରିଷ୍ଠ କର୍ମଚାରୀ ଏବଂ ଓଡ଼ିଶା ପାରା ସ୍ପୋର୍ଟ୍ସ ଆସୋସିଏସନ ସମ୍ପାଦକ କମଳାକାନ୍ତ ରଥ ମଧ୍ୟ ଯୋଗଦେଇ ଚାମ୍ପିଅନ ଟିମକୁ ଶୁଭେଚ୍ଛା ଜଣାଇଥିଲେ।

## ଟାଟା ଏସି ପାଣିଟାଙ୍କି ଧକ୍କାରେ ଚାଷୀ ମୃତ

**ଧର୍ମଶାଳା,୮।୧୦(ସଂଚାର ବ୍ୟୁରୋ):** ଯାଜପୁର ଜିଲା ବରୁହାଁ-କୃଷ୍ଣଦାସପୁର ମୁଖ୍ୟ ରାସ୍ତା କଲେଜ ଛକ ନିକଟରେ ହୋଇଛି ଦୁର୍ଘଟଣା। ସାଇକେଲ ଚାଳକଙ୍କୁ ପଛ ପଟୁ ଧକ୍କା ଦେଲା ଟାଟା ଏସି ପାଣି ଟାଙ୍କି ଗାଡି। ଫଳରେ ସାଇକେଲ ଚାଳକ ଗୁରୁତର ହୋଇପଡ଼ିଥିଲେ। ତାଙ୍କୁ କଟକ ବଡ ମେଡିକାଲକୁ ନେବା ସମୟରେ ବଡଚଣା ନିକଟରେ ତାଙ୍କର ମୃତ୍ୟୁ ହୋଇଥିଲା। ମୃତକ ଜଣକ ହେଲେ ବ୍ରହ୍ମବରଦା ପଞ୍ଚାୟତସ୍ଥ ବେଲଗୁଡି ଗ୍ରାମର ନବଘନ ବେହେରା(୫୫) ବୋଲି ଜଣାପଡ଼ିଛି।

## ଅସୀ ଚାଳନାରେ ଗୌତମୀ ବାର୍ଲାଙ୍କୁ ସ୍ୱର୍ଣ୍ଣ ପଦକ

**ସମ୍ବଲପୁର, ୮।୧୦(ସଂଚାର ବ୍ୟୁରୋ):** କଟକ ଜବାହାରଲାଲ୍ ନେହେରୁ ଇଣ୍ଡୋର ଷ୍ଟାଡିୟମ ପରିସରରେ ଆୟୋଜିତ ଚତୁର୍ଥ ଓଡ଼ିଶା ରାଜ୍ୟ ଅସୀଚାଳନା ପ୍ରତିଯୋଗିତାରେ ପ୍ରଥମ ଦିନରେ ସମ୍ବଲପୁରକୁ ସ୍ୱର୍ଣ୍ଣ ପଦକ ମିଳିଛି। ସବ ଜୁନିଅର ସେବରରେ ବରେନ୍ୟା ଗୌତମୀ ଭାଗ ନେଇଥିଲେ। ସେ ଏଥିରେ ପ୍ରଥମ ସ୍ଥାନ ଅଧିକାର କରି ଜିଲ୍ଲା ପାଇଁ ଗର୍ବ ସୃଷ୍ଟି କରାଇଛନ୍ତି ସ୍ୱର୍ଣ୍ଣ ପଦକ ହାସଲ କରି ସ୍ୱର୍ଣ୍ଣ ପଦକ ହାସଲ କରି ସମଗ୍ର ଜିଲ୍ଲା ପାଇଁ ଗୌରବ ଆଣିଛନ୍ତି। ଏଥିସହ ସେ ଜାତୀୟ ସ୍ତରୀୟ ଅସୀଚାଳନା ପାଇଁ ମଧ୍ୟ ମନୋନୀତ ହୋଇଛନ୍ତି। ପଦକ ବିଜେତାଙ୍କୁ ଜିଲ୍ଲା କ୍ରୀଡ଼ା ଅଧିକାରୀ ଡ଼ଃ ସତ୍ୟନାରାୟଣ ତାଣ୍ଡି ଓ କ୍ରୀଡାବିତ୍ ମାନେ ଅଶେଷ ଧନ୍ୟବାଦ ଓ ଅଭିନନ୍ଦନ ଜଣାଇଛନ୍ତି। ଏହି ଖବର ପାଇ ସମଗ୍ର ସମ୍ବଲପୁର ଜିଲ୍ଲାରେ ଖୁସିର ଲହରୀ ଖେଳିଯାଇଛି।

● ମରଣଯନ୍ତା ଗୁଣ୍ଡିଚା ଘାଗି ଜଳପ୍ରାପତ

## ୬ବର୍ଷରେ ମଲେଣି ୧୨ପର୍ଯ୍ୟଟକ

**ଘଟଗାଁ,୮।୧୦(ସଂଚାର ବ୍ୟୁରୋ):** କେନ୍ଦୁଝର ଜିଲ୍ଲା ଅନ୍ତର୍ଗତ ଘଟଗାଁ ଏବଂ ହରିଚନ୍ଦନପୁର ବ୍ଲକ ସୀମାନ୍ତ ବଣ ଚକୁଳିଆ ଗ୍ରାମ ନିକଟବର୍ତ୍ତି ମୂଷଳ ନଦୀରେ ସୃଷ୍ଟି ହୋଇଥିବା ଗୁଣ୍ଡିଚା ଘାଗି ଜଳ ପ୍ରପାତ ଜଳରେ ବୁଡି ୬ବର୍ଷରେ ୧୨ଜଣ ପର୍ଯ୍ୟଟକ ପ୍ରାଣ ହରାଇ ଥିବା ନେଇ ସାଧାରଣରେ ଉଦବେଗ ପ୍ରକାଶ ପାଇଛି। ଚଳିତ ବର୍ଷ ସେପ୍ଟେମ୍ବର ମାସ ୧୨ତାରିଖ ଦିନ ବାଲେଶ୍ୱର ଜିଲ୍ଲା ସୋର ଅଞ୍ଚଳରୁଏବଂ ଅକ୍ଟୋବର ମାସ ୫ତାରିଖ ଦିନ କେନ୍ଦୁଝର ଜିଲ୍ଲା ହରିଚନ୍ଦନପୁର ଥାନା ଅଧୀନସ୍ଥ ବଡସିଆଡ଼ିମାଳ ଅଞ୍ଚଳରୁ ଆସିଥିବା କେତେକ ଯୁବକ ମଧ୍ୟରୁ ସତ୍ୟପ୍ରକାଶ ମହାନ୍ତ ନାମକ ଜଣେ ଯୁବକ ଜଳପ୍ରପାତରେ ଗାଧୋଉ ଥିବାବେଳେ ବୁଡି ପ୍ରାଣ ହରାଇ ଥିବା ପ୍ରକାଶ ପାଇଛି। ସେହିପରି ସୋର ଅଞ୍ଚଳରୁ ଆସି ଥିବା ପର୍ଯ୍ୟଟକଙ୍କ ମଧ୍ୟରୁ ଦେବେଶ କୁମାର ବେହେରା ନାମକ ଯୁବକ ପାଣିରେ ବୁଡି ପ୍ରାଣ ହରାଇଛନ୍ତି। ଜଳ ପ୍ରପାତ ଚତୁର୍ପାଶ୍ୱରେ ସୁରକ୍ଷା ବାଡ ନଥିବା ଓ ପ୍ରଶାସନ ପକ୍ଷ୍ୟରୁ ସଚେତନତା ନ ଥିବାରୁ ଏପରି ଅଭାବନୀୟ ଅଘଟଣ ଦୁର୍ଘଟଣା ଘଟୁଥିବା ପ୍ରକାଶ ପାଇଛି। ଏପରି ଅସନ୍ତୋଷ ପ୍ରକାଶ ପାଇଛି। ଏପରି ପ୍ରକାଶ ପାଇବା ପରେ ପ୍ରଶାସନ ଚେଇଁ ଉଠି ମୁକୁନ୍ଦପୁର ପଞ୍ଚାୟତପ୍ରଶାସନ ପକ୍ଷ୍ୟରୁ ସଚେତନତା ଜାରି କରିଥିବା ସହିତ ଅମାନିଆ ହୋଇ ଜଳ ପ୍ରପାତରେ ଗାଧୋଇଲେ ୫ହଜାର ଟଙ୍କା ଜୋରିମାନା ଦେବାକୁ ପଡ଼ିବ ବୋଲି କଠୋର ନିଷ୍ପତି ନିଆ ଯାଇ ଥିବା ସରପଞ୍ଚ ଅର୍ଣ୍ଣପୂର୍ଣ୍ଣା ଦେହୁରୀ ପ୍ରକାଶ କରିଛନ୍ତି।

## ଜୁଆ ଆଡ୍ଡା ଉପରେ ଚଢ଼ାଉ, ୧୭ ଗିରଫ

**ଜୟପୁର, ୮।୧୦(ସଂଚାର ବ୍ୟୁରୋ):** ଜୟପୁର ଟାଉନ ପୋଲିସ ସହରର ବିଭିନ୍ନ ସ୍ଥାନରେ ଚଢାଉ କରି ୧୭ଜଣ ଜୁଆଡିଙ୍କୁ ଗିରଫ କରିବା ସହ ସେମାନଙ୍କ ଠାରୁ ୭୦ ହଜାର ୧୩୦ଟଙ୍କା ଜବତ କରିଛି। ପୁଲିସ ରାତି ପାଟ୍ରୋଲିଂ କରୁଥିବା ସମୟରେ ଏନକେଟି ରୋଡରେ ଚାଲିଥିବା ଜୁଆ ଆଡ୍ଡାରୁ ୯ଜଣ ଜୁଆଡିକୁ ଗିରଫ କରିଥିବା ବେଳେ ସେମାନଙ୍କ ଠାରୁ ୨୯, ୫୮୦ ଟଙ୍କା ଜବତ କରିଥିଲା। ସେହିପରି ହେଲୋ ଜୟପୁର ନିକଟସ୍ଥ ଲୋରି ଏସୋସିଏସନ ନିକଟରେ ଚାଲିଥିବା ଜୁଆ ଆଡ୍ଡାରୁ ୫ଜଣକୁ ଗିରଫ କରି ସେମାନଙ୍କ ଠାରୁ ୬, ୦୫୦ ଟଙ୍କା ଜବତ କରିଥିଲା। ସେହିପରି ଲିଙ୍ଗରାଜନଗର ନଥିଲା। ସମସ୍ତ ଜୁଆଡି ମାନଙ୍କୁ ନିକଟସ୍ଥ ଏକ ଘରେ ଚାଲିଥିବା ଜୁଆ ଖେଳରୁ ୩ଜଣକୁ ଗିରଫ କରି ସେମାନଙ୍କ ଠାରୁ ୩୪, ୫୦୦ ଟଙ୍କା ଜବତ କରାଯାଇଥିବା ଟାଉନଥାନା ଅଧିକାରୀ ଉଲ୍ଲାସ ଚନ୍ଦ୍ର ରାଉତ ସୂଚନା ଦେଇଛନ୍ତି।

## ଆମ୍ବୁଲାନ୍ସକୁ ଧକ୍କା ଦେଲା କାର: ଅଳ୍ପକେ ବର୍ତ୍ତିଲେ ୫

**ଧର୍ମଶାଳା,୮।୧୦(ସଂଚାର ବ୍ୟୁରୋ):** ଯାଜପୁର ଜିଲା ଧର୍ମଶାଳା ଥାନା କୋଟପୁର ଫାଣ୍ଡି ଅନ୍ତର୍ଗତ କାଏମା-ରମାପୁର କେଲୁଅ-ନଦୀ ବନ୍ଧ ରାସ୍ତା ସାପ୍ତାହିକ ହାଟ ଗଡ଼ା ନିକଟରେ ଏକ ୧୦୮ ଆମ୍ବୁଲାନ୍ସକୁ ଧକ୍କା ଦେଲା ମାରୁତି ସୁଇଫ୍ଟ କାର। ଫଳରେ ଉଭୟ ଗାଡିରେ ଥିବା ୫ ଜଣ ଏକ ବଡ ବିପଦରୁ ବର୍ତି ଯାଇଛନ୍ତି। ଘଟଣାସ୍ଥଳରୁ କୋଟପୁର ପୋଲିସ ଦୁଇଟି ଦୁର୍ଘଟଣାଗ୍ରସ୍ତ ଗାଡିକୁ ଜବତ କରି ଘଟଣାର ତଦନ୍ତ ଚଳାଇଛି। ମିଳିଥିବା ସୂଚନା ମୁତାବକ, ଆଜି ଦିନ ୧୨ଟା ସମୟରେ ଏକ ୧୦୮ଆମ୍ବୁଲାନ୍ସ (ଓଡିଠ୨ବିଜେ୬୭୭୨) ରସୁଲପୁର ବ୍ଲକ ବନ୍ଧଡିହ ଅଞ୍ଚଳରୁ ରୋଗୀ ଓ ରୋଗୀ ସମ୍ପର୍କୀୟଙ୍କୁ ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇଥିଲା। ତେବେ ସେମାନଙ୍କୁ ଛାଡି ବରୀ ଅଞ୍ଚଳକୁ ଆମ୍ବୁଲାନ୍ସଟି ଫେରୁ ଥିବା ସମୟରେ କାଏମା-ରମାପୁର କେଲୁଅ ନଦୀ ବନ୍ଧ କୋଟପୁରସ୍ଥିତ ସାପ୍ତାହିକ ହାଟ ଗଡ଼ା ନିକଟରେ ଏକ ମାରୁତି ସୁଇଫ୍ଟ କାର(ଓଡିଠସିଟି୨୮୯୮) ନଦୀ ବନ୍ଧକୁ ଉଠିବା ସମୟରେ ଆମ୍ବୁଲାନ୍ସକୁ ଧକ୍କା ଦେଇଥିଲା। ଉଭୟ ଗାଡିର ଆଗ ଭାଙ୍ଗି ଚୁରମାର ଯାଇଥିବା ବେଳେ ଆମ୍ବୁଲାନ୍ସର ଡ୍ରାଇଭର, ଫାର୍ମସିଷ୍ଟ ଓ ଆଟେନ୍ଡାଣ୍ଟଙ୍କ ସହ କାର ଭିତରେ ଥିବା ଜଣେ ଚାଳକ ସହ ଜଣେ ଯୁବକ ଏକ ବଡ ବିପଦରୁ ବର୍ତି ଯାଇଥିବା ଜଣାପଡ଼ିଛି। ସ୍ଥାନୀୟ ଲୋକେ ସେମାନଙ୍କୁ ଉଭୟ ଗାଡି ଭିତରୁ ଉଦ୍ଧାର କରି ଥିଲେ। ତେବେ ଏହି ଦୁର୍ଘଟଣାରେ ଆମ୍ବୁଲାନ୍ସ ଡ୍ରାଇଭର ଓ କାର ଭିତରେ ବସିଥିବା ଜଣେ ଯୁବକ ସାମାନ୍ୟ ଆହତ ହୋଇଥିବା ଜଣାପଡ଼ିଛି। ଖବର ପାଇ କୋଟପୁର ଫାଣ୍ଡି ଅଧିକାରୀ ପ୍ରେମାନନ୍ଦ ପୃଷ୍ଟି ଘଟଣାସ୍ଥଳରୁ ଗାଡି ୨ଟିକୁ ଜବତ କରିବା ସହ ଘଟଣାର ତଦନ୍ତ ଚଳାଇଛି।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ପ୍ରି-ପ୍ଲାନ୍...

ଗୁଳି ଚଳାଇବା ସମୟରେ ଉକ୍ତ ଦୁଇ ଦୁର୍ବୃତ୍ତ ଧଳା ଶାର୍ଟ ପିନ୍ଧି ଆସିଥିବା ବେଳେ ଉଭୟଙ୍କ ମୁଣ୍ଡରେ ହେଲମେଟ୍ ଥିଲା। ତେବେ ଏହାକୁ ଏକ ପ୍ରି-ପ୍ଲାନ୍ ମର୍ଡର ବୋଲି କୁହାଯାଉଥିବା ବେଳେ ପୀତବାସଙ୍କୁ ସେମାନେ ଅତି ନିକଟରୁ ଗୁଳି କରିଥିଲେ। ଅଦ୍ୟାବଧି ପୁଲିସ୍ ଏହି ମାମଲାରେ ୫୦ରୁ ଅଧିକ ସିସିଟିଭି ଯାଞ୍ଚ କରିସାରିଥିବା ବେଳେ ଖୁବଶୀଘ୍ର ଅପରାଧୀମାନଙ୍କୁ ଠାବ କରାଯିବ ବୋଲି ଏସପି କହିଛନ୍ତି।

ସେହିପରି ଏହି ଘଟଣାରେ ପୁଲିସ ମଧ୍ୟ ଏକାଧିକ ସନ୍ଦିଗ୍ଧଙ୍କୁ ଜେରା କରିସାରିଛି। ଶୀଘ୍ର ମାମଲାର ମୂଳକୁ ଯାଇ ଦୁର୍ବୃତ୍ତଙ୍କୁ ପୁଲିସ ଧରିବ। ମୃତ ପୀତବାସଙ୍କ ଫୋନ୍‌କୁ ମଧ୍ୟ ପୁଲିସ ଯାଞ୍ଚ କରୁଛି। ସେପଟେ ପୀତବାସଙ୍କ ଏକ୍ସ-ରେ ରିପୋର୍ଟ ସାମ୍ନାକୁ ଆସିଛି। ଅତି ନିକଟରୁ ପୀତବାସଙ୍କୁ ଗୁଳି କରାଯାଇଥିବା ବେଳେ ଗୁଳି ପୂରାପୂରି ତାଙ୍କ ମେରୁହାଡ଼ ପର୍ଯ୍ୟନ୍ତ ଯାଇଥିବା ଜଣାପଡ଼ିଛି।

ସେହିପରି ଅଟୋପ୍ସି ପରେ ତାଙ୍କ ଶରୀରରୁ ଗୋଟିଏ ୯ ଏମ୍‌ଏମ୍ ଗୁଳି ମଧ୍ୟ ବାହାରିଛି। ଗୁଳିଟି ଛାତିର ଉପରି ଭାଗ ଦେଇ ସିଧା ମେରୁଦଣ୍ଡରେ ଯାଇ ଅଟକି ରହିଥିଲା। ପ୍ରଚୁର ରକ୍ତସ୍ରାବ ଓ ମସ୍ତିଷ୍କାଘାତ ଯୋଗୁଁ ପୀତବାସଙ୍କ ମୃତ୍ୟୁ ଘଟିଥିବା ଡାକ୍ତର କହିଛନ୍ତି। ପୀତବାସଙ୍କୁ ଅତି ନିକଟରୁ ଗୁଳି ହୋଇଥିବା ବେଳେ ଡାହାଣ ପଟ ଛାତିରେ ଗୁଳି ବାଜି ମେରୁ ହାଡ଼ ପର୍ଯ୍ୟନ୍ତ ପଳାଇଯାଇଥିଲା। ପୁଲିସର ତଦନ୍ତ ଭିତରେ ସିସିଟିଭି ଫୁଟେଜ୍‌ରେ ଅନେକ ପ୍ରମାଣ ରହିଥିବା ଅନୁମାନ କରାଯାଉଛି, ଯାହାକି ପୀତବାସଙ୍କ ହତ୍ୟା ଏକ ଯୋଜନାବଦ୍ଧ ଓ ସୁଚିନ୍ତିତ ଷଡ଼ଯନ୍ତ୍ର ବୋଲି କରାଯାଉଥିବା ସନ୍ଦେହକୁ ଦୃଢ଼ୀଭୂତ କରିଛି।

ସେହିପରି ଗୁଳିମାଡ଼ କରିଥିବା ଦୁର୍ବୃତ୍ତ ଗୋଟିଏ ରାସ୍ତା ଦେଇ ଆସିଥିଲେ ହେଁ ଗୁଳିମାଡ଼ କରିବା ପରେ ଅନ୍ୟ ରାସ୍ତାରେ ପଳାଇଯାଇଛନ୍ତି। ସିସିଟିଭି ଫୁଟେଜ୍ ଅନୁସାରେ, ରାତି ପ୍ରାୟ ୯ଟା ୪୨ରେ ଉକ୍ତ ଦୁଇ ଶୁଟର ପ୍ରଥମେ ଆସି ରେକି କରିଥିଲେ। ଗେଟ୍ ବଜାର ଛକରୁ ପୀତବାସଙ୍କ ଘର ଗଳି ପର୍ଯ୍ୟନ୍ତ ସେମାନେ ବୁଲାବୁଲି କରିଥିଲେ। ପରେ ଯୋଜନାନୁଯାୟୀ ସେମାନେ ରାସ୍ତାରେ ପୀତବାସଙ୍କୁ ଅଟକାଇ ତାଙ୍କ ସହ ବି କଥା ହୋଇଥିଲେ। ରେକିର ଠିକ୍ ୧୦ ମିନିଟ୍ ଅର୍ଥାତ୍ ୯ଟା ୫୧ ମିନିଟ୍‌ରେ ପୀତବାସ ତାଙ୍କ ଚ୍ୟାମ୍ବରରୁ ଘର ଅଭିମୁଖେ ବାହାରିଥିଲେ ଆଉ ଏହି ସମୟରେ ବୈକୁଣ୍ଠନଗର ଛକରେ ଦୁଇ ଦୁର୍ବୃତ୍ତ ଗ୍ଲାମରରେ ଆସି ତାଙ୍କୁ ଅଟକାଇଥିଲେ। ଦୁର୍ବୃତ୍ତଙ୍କ ସହ କିଛି ଆଲୋଚନା କରିବା ସହ ପୀତବାସ ସ୍କୁଟିର ଡିକି ଖୋଲିଥିଲେ। ତେବେ ଡିକିରୁ ଡକ୍ୟୁମେଣ୍ଟ ବାହାର କରିବା ସମୟରେ ପୀତବାସଙ୍କୁ ଗୁଳି କରିଥିଲେ ବାଇକ୍ ପଛପଟେ ବସିଥିବା ଦୁର୍ବୃତ୍ତ ଜଣଙ୍କ। ତେବେ ଗୁଳିମାଡ଼ ବେଳେ ପୀତବାସଙ୍କ ଗାଡ଼ିର ଡିକି ଖୋଲା ରହିଥିବାରୁ ଏହା ଅନେକ ସନ୍ଦେହ ସୃଷ୍ଟି କରୁଛି। ପୀତବାସଙ୍କ ଡିକିରେ କିଛି ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ରହିଥିବା ଅନୁମାନ କରାଯାଉଛି। ଏଥିସହ ଗୁଳିମାଡ଼ ପରେ ଡିକି ଖୋଲା ଥିବାରୁ ଦୁର୍ବୃତ୍ତ କୌଣସି ଦସ୍ତାବିଜ୍ ନେଇଯାଇଥିବା ସନ୍ଦେହ କରାଯାଉଛି।

## ବିଜେଡି...

ଛାଡ଼ିସାରିଛନ୍ତି। ସେ ବିଜେଡି ଛାଡିବା ପରେ ଗତ ୧୨ ତାରିଖରେ ୧୯ ଜଣ ବିଜେଡି କାଉନସିଲର ଉପାଧ୍ୟକ୍ଷା ଶୁଭ୍ରା ପଣ୍ଡାଙ୍କ ବିରୋଧରେ ଅନାସ୍ଥା ଆଗତ କରିଥିଲେ। ଆସନ୍ତାକାଲି ଏହି ଅନାସ୍ଥା ପ୍ରସ୍ତାବ ଉପରେ ଭୋଟିଂ ହେବ। ଆସନ୍ତାକାଲିର ଭୋଟିଂ ପୂର୍ବରୁ ଆଜି ନବୀନ ଦଳୀୟ କାଉନ୍‌ସିଲରଙ୍କ ପାଇଁ ହ୍ୱିପ ଜାରି କରିଛନ୍ତି। ନବୀନ ବିଜେଡି କାଉନ୍‌ସିଲରଙ୍କୁ ଅନାସ୍ଥା ବିରୋଧରେ ଭୋଟ ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। କିନ୍ତୁ ସୂଚନା ଅନୁଯାୟୀ, ଅନାସ୍ଥା ପ୍ରସ୍ତାବ ଆଗତ କରିଥିବା କାଉନସିଲରମାନେ ଏବେ ଅଜ୍ଞାତବାସରେ ଅଛନ୍ତି। ତେଣୁ ସେମାନେ ହ୍ୱିପ ମାନିବେନି ବୋଲି ଭାସ୍କରଙ୍କ ଗୋଷ୍ଠୀ ଦାବି କରୁଛନ୍ତି।

## ମୁଖ୍ୟସ୍ରୋତକୁ...

କହିଛନ୍ତି ଆତ୍ମସମର୍ପଣ କରିଥିବା ନକ୍ସଲମାନେ ଦୀର୍ଘ ସମୟରୁ ପୋଲିସ ଓ ସୁରକ୍ଷା ବଳଙ୍କ ନିମନ୍ତେ ଚିନ୍ତାର କାରଣ ଥିଲେ। ଏମାନେ ସମସ୍ତେ ଅଲଗା ଅଲଗା ନକ୍ସଲ ଗୋଷ୍ଠୀରେ ଥିଲେ ଓ ନାରାୟଣପୁର, ଅବୁଝମାଡ଼, ଓର୍ଛା ଏବଂ ବସ୍ତର କ୍ଷେତ୍ରରେ ସକ୍ରିୟ ଥିଲେ। ସୂତ୍ର ଅନୁସାରେ ଆତ୍ମସମର୍ପଣ କରିଥିବା ନକ୍ସଲମାନେ ଦୀର୍ଘ ବର୍ଷରୁ ଗ୍ରାମୀଣ ବିକାଶ କାର୍ଯ୍ୟ ଉପରେ ଆକ୍ରମଣ, ଲ୍ୟାଣ୍ଡମାଇନ ବିସ୍ଫୋରଣ ଓ ହତ୍ୟା ଭଳି ଗୁରୁତର ମାମଲାରେ ସାମିଲ ଥିଲେ। ଏମାନଙ୍କ ମଧ୍ୟରେ କେତେକଙ୍କ ଉପରେ ଛତିଶଗଡ଼ ସରକାର ଲକ୍ଷଲକ୍ଷ ଟଙ୍କାର ପୁରସ୍କାର ଘୋଷଣା କରିଥିଲେ। ତେବେ ନକ୍ସଲମାନେ ଆତ୍ମସମର୍ପଣ ପାଇଁ ଯେଉଁ କାରଣ କହିଛନ୍ତି ତାହା ହେଉଛି ସରକାର ଚଳାଇଥିବା ପୁନର୍ବାସ ନୀତି ଓ ସାମାଜିକ ମୁଖ୍ୟଧାରାକୁ ଫେରିବା। ପୋଲିସ ଅଧିକାରୀଙ୍କ ଅନୁସାରେ ଜଙ୍ଗଲରେ ବଢୁଥିବା ଚାପ, ସୁରକ୍ଷା ବଳଙ୍କ ସକ୍ରିୟତା ଓ ଲୋକଙ୍କ ନିକଟକୁ ବିକାଶ କାର୍ଯ୍ୟ ପହଞ୍ଚିବା ନକ୍ସଲଙ୍କୁ ଅସ୍ତ୍ରଶସ୍ତ୍ର ଛାଡିବାକୁ ବାଧ୍ୟ କରିଛି। ଏସପି ରବିନସନ ଗୁଡିଆ କହିଛନ୍ତି ଯେ ଆତ୍ମସମର୍ପଣ କରିଥିବା ସବୁ ନକ୍ସଲଙ୍କୁ ସରକାରଙ୍କ ପକ୍ଷରୁ ଥଇଥାନ ନୀତିରେ ସହାୟତା ଓ ସୁରକ୍ଷା ଉଭୟ ପ୍ରଦାନ କରାଯିବ। ଆତ୍ମସମର୍ପଣ କରିଥିବା ସବୁ ନକ୍ସଲଙ୍କୁ ଡକାଇ ପଚରା ଉଚରା କରାଯିବ। ଏହା ଦ୍ୱାରା ରାଜ୍ୟରେ ସେମାନଙ୍କ ସଙ୍ଗଠନର ସ୍ଥିତି ଓ ନେଟୱାର୍କ ସମ୍ପର୍କରେ ଗୁରୁତ୍ୱପୂର୍ଣ୍ଣ ସୂଚନା ମିଳିପାରିବ। ବସ୍ତର ରେଞ୍ଜ ପାଇଁ ଏହା ଏକ ବଡ଼ ସଫଳତା ମନେ କରାଯାଉଛି। କାରଣ ଗତ କିଛିମାସ ହେଲା ପୋଲିସ ଓ ସିଆରପିଏଫ ନକ୍ସଲଙ୍କ ବିରୋଧରେ କେତେକ ସଫଳ ଅଭିଯାନ ଚଳାଇଥିଲେ। ଏଥିରେ ନକ୍ସଲଙ୍କ ଅନେକ ବଡ଼ ବଡ଼ ଆଡ୍ଡା ଧ୍ୱଂସ ହୋଇଥିଲା।

## ରସାୟନ...

ଦକ୍ଷତା ରଖେ। ଏହା କାର୍ବନ ଡାଇଅକ୍ସାଇଡ୍ ଧରିବା, ଜଳ ଶୁଦ୍ଧିକରଣ, ରାସାୟନିକ ପ୍ରତିକ୍ରିୟା ତ୍ୱରାନ୍ୱିତ କରିବା ଓ ହାଇଡ୍ରୋଜେନ ଇନ୍ଧନ ସଂରକ୍ଷଣ ଆଦି କ୍ଷେତ୍ରରେ ଏକ ବିପ୍ଳବ ଆଣିଛି। ଗତ ୧୯୮୯ରେ ରିଚାର୍ଡ ରବସନ ଏହି ଗଠନର ପ୍ରାରମ୍ଭିକ ପରୀକ୍ଷଣ କରିଥିଲେ। ପରେ ୧୯୯୦ରେ ସୁସୁମୁ କିଟାଗାୱା ଏହାର ଗ୍ୟାସ ଶୋଷଣ ଓ ମୁକ୍ତି କ୍ଷମତା ପ୍ରଦର୍ଶନ କରିଥିଲେ। ଓମାର ୟାଘି ଅଧିକ ସ୍ଥାୟୀ ଏମ୍‌ଓଏଫ୍ ତିଆରି କରି ଏହାର ନିର୍ଦ୍ଦିଷ୍ଟ ଗୁଣ ନିୟନ୍ତ୍ରଣ ପାଇଁ ପଦ୍ଧତି ପ୍ରତିଷ୍ଠା କରିଥିଲେ। ଏହି ଆବିଷ୍କାର ପରିବେଶ ଓ ଶକ୍ତି ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ନୂତନ ସମ୍ଭାବନା ସୃଷ୍ଟି କରିଛି।

## ଟାଗୋର୍‌ଙ୍କ ...

ସମୁଦ୍ର କୂଳରେ ରହିଥିବା ବେଳେ ଏହାକୁ ପୂର୍ବରୁ ସାମନ୍ତ ଚନ୍ଦ୍ରଶେଖର ମହାବିଦ୍ୟାଳୟର ଛାତ୍ରାବାସ ଭାବେ ବ୍ୟବହାର କରାଯାଉଥିଲା। କିନ୍ତୁ ଏହା ଜରାଜୀର୍ଣ୍ଣ ଅବସ୍ଥାରେ ପହଞ୍ଚିଯିବା ଫଳରେ ସେଠାରୁ ଛାତ୍ରାବାସକୁ ସ୍ଥାନାନ୍ତର କରାଯାଇଛି। ସୂଚନାଯୋଗ୍ୟ ଯେ ରବୀନ୍ଦ୍ରନାଥଙ୍କୁ ୧୯୩୩ ମସିହାର ତତ୍କାଳୀନ ବ୍ରିଟିଶ୍ ଇଣ୍ଡିଆ ଅଧୀନସ୍ଥ ଓଡ଼ିଶା ପ୍ରଧାନମନ୍ତ୍ରୀ ଚକ୍ରତୀର୍ଥ ରୋଡ୍‌ଠାରେ ଆବଣ୍ଟିତ କରିଥିଲେ। ଟାଗୋର୍ ପରିବାର ଏଠାରେ ଏକ କୋଠା ନିର୍ମାଣ କରି କିଛି ବର୍ଷ ଅବସ୍ଥାନ କରିବା ପରେ ଏହାକୁ ଶିକ୍ଷାର ବିକାଶ ନିମନ୍ତେ ସରକାରଙ୍କୁ ହସ୍ତାନ୍ତର କରିଦେଇଥିଲେ।

## ଭାରତ...

ଔରଙ୍ଗଜେବଙ୍କ ଶାସନ କାଳ ସମୟରେ ଦେଶ ଏକଜୁଟ୍ ହୋଇଥିଲା।

ଖ୍ୱାଜା କହିଛନ୍ତି ଯେ ଭାରତର ସାମ୍ପ୍ରତିକ ସ୍ଥିତି ଉପରେ ପାକିସ୍ତାନ ସେନା ନଜର ରଖିଛି। ସୀମାରେ ମଧ୍ୟ ସେନା ମୁତୟନ କରାଯାଇଛି। ତେଣୁ ଆଗାମୀ ଦିନରେ ଭାରତ ସହ ଯୁଦ୍ଧ ସମ୍ଭାବନା ନିଶ୍ଚିତ ଭାବେ ବାସ୍ତବ। ଅବଶ୍ୟ ପାକିସ୍ତାନ କଦାପି ଉତ୍ତେଜନା ସୃଷ୍ଟି କରିବା ସପକ୍ଷରେ ନାହିଁ କିନ୍ତୁ ଭାରତ ପକ୍ଷରୁ ଆମ ପ୍ରତି ବିପଦ ରହିଛି। ତେଣୁ କୌଣସି ଯୁଦ୍ଧ ସମ୍ଭାବନାକୁ ଏଡ଼ାଇବା ସମ୍ଭବପର ନୁହେଁ। ଅଧିକନ୍ତୁ ଏଥର ଯୁଦ୍ଧ ହେଲେ ପୂର୍ବାପେକ୍ଷା ପାକିସ୍ତାନକୁ ଅଧିକ ଉତ୍ସାହଜନକ ସଫଳତା ମିଳିବ ବୋଲି ଶ୍ରୀ ଖ୍ୱାଜା ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି। ଏହି ଅବସରରେ ସେ ପାକିସ୍ତାନକୁ ସମର୍ଥନ କରୁଥିବା ଦେଶ ସଂଖ୍ୟା ଗତ ୬ ମାସ ତୁଳନାରେ ଯଥେଷ୍ଟ ଅଧିକ ହୋଇଛି। ଅନ୍ୟପକ୍ଷରେ ଭାରତ ଏ କ୍ଷେତ୍ରରେ ଯଥେଷ୍ଟ ପଛକୁ ଚାଲିଯାଇଛି। କିନ୍ତୁ ସେ କେଉଁସବୁ ଦେଶର ସମର୍ଥନ ପାକିସ୍ତାନ ହାସଲ କରିଛି ଓ କେଉଁ ଦେଶମାନେ ଭାରତଠାରୁ ସମର୍ଥନ ପ୍ରତ୍ୟାହର କରିଛନ୍ତି, ସେନେଇ ଖ୍ୱାଜା କିଛି ବି କହିନାହାନ୍ତି। ସେହିପରି ଭାରତ ବିପକ୍ଷରେ ଯୁଦ୍ଧରେ ପାକିସ୍ତାନର ଐକ୍ୟ ଉପରେ ସେ କହିଛନ୍ତି ଯେ ଆମେ ଘରୋଇ ପରିବେଶରେ ପରସ୍ପର ବିରୋଧରେ ଲଢୁଥିଲେ ବି ଭାରତ ବିପକ୍ଷରେ ଯୁଦ୍ଧ ସମୟରେ ଏକାଠି ହେବୁ ବୋଲି ପାକ୍ ପ୍ରତିରକ୍ଷା ମନ୍ତ୍ରୀ କହିଛନ୍ତି।

ଗତ କିଛି ଦିନ ହେବ ଭାରତର ସେନା ମୁଖ୍ୟ ଜେନେରାଲ ଉପେନ୍ଦ୍ର ଦ୍ୱିବେଦୀ ପାକିସ୍ତାନକୁ ଚେତାବନୀ ଦେଇ କହିଥିଲେ ଯେ ପାକିସ୍ତାନ ନିଜକୁ ବିଶ୍ୱକପ୍ ମ୍ୟାପ୍‌ରେ ବଜାୟ ରଖିବାକୁ ହେଲେ, ତାକୁ ଆତଙ୍କବାଦର ସମର୍ଥନ ବନ୍ଦ କରିବାକୁ ହେବ। ଏହି ପ୍ରସଙ୍ଗରେ ଖ୍ୱାଜା କହିଛନ୍ତି ଯେ ହିନ୍ଦୁସ୍ତାନ କେବେ ବି ଗୋଟିଏ ଦେଶ ନଥିଲା। ଭାରତୀୟ ଉପମହାଦେଶରେ ୫୪୦ଟି ଗଡ଼ଜାତ ରାଜ୍ୟ ଥିଲା। କିନ୍ତୁ ପାକିସ୍ତାନ ଆଲ୍ଲାହଙ୍କ ନାମରେ ନିର୍ମିତ ହୋଇଥିଲା। ଏହା ଏକକ ଦୃଷ୍ଟିକୋଣ ଉପରେ ଆଧାରିତ। ଆମ ଦେଶରେ କେତେ ବି ଝଗଡା ହେଉଥିଲେ ବି ଭାରତ ସହ ଲଢେଇ ସମୟରେ ସାରା ଦେଶ ୪/୫ ଦିନ ଏକଜୁଟ୍ ହୋଇଥିଲା ବୋଲି ସେ କହିଛନ୍ତି।

## ନବୀନଙ୍କ...

ଓ ସାରଦା ନାୟକଙ୍କୁ ନୂଆପଡା ଏନଏସି ଦାୟିତ୍ୱ ଦିଆଯାଇଥିବା ବେଳେ ପୂର୍ବତନ ବିଧାୟକ ରୋହିତ ପୂଜାରୀ ଓ ବିକ୍ରମ ପଣ୍ଡା ଖରିଆର ରୋଡ଼ ଏନଏସି ଗଡ଼ ଜଗିବା ଦାୟିତ୍ୱ ପାଇଛନ୍ତି। ଆହୁରି ସୁଦାମ ମାର୍ଣ୍ଡି, ଦେବେଶ ଆଚାର୍ଯ୍ୟ, ସରୋଜ ମେହେର, ମନୋହର ରାନ୍ଧାରୀ, ପ୍ରଦୀପ ମାଝୀ ଓ ଯୋଗେଶ ସିଂ ମଧ୍ୟ ବିଭିନ୍ନ ଜୋନ୍ ଜଗିବେ। ସେପଟେ ପଡୋଶୀ ଖଡିଆଳ ବିଧାୟକ ଅଧିରାଜ ପାଣିଗ୍ରାହୀ, ଜିଲ୍ଲା ସଭାପତି ଅବନୀ ଯୋଶୀ ଓ ବରିଷ୍ଠ ନେତା ମନୋଜ ମିଶ୍ରଙ୍କୁ ସ୍ଥାନୀୟ କାର୍ଯ୍ୟାନୁଷ୍ଠାନ ଦାୟିତ୍ୱ ଦିଆଯାଇଛି। ଅର୍ଥାତ୍ ବିଜେଡି ଟିମକୁ ଦେଖିଲେ, କେବଳ ସୁଦାମଙ୍କୁ ବାଦ ଦେଲେ ସବୁ ପଶ୍ଚିମ ଓ ଦକ୍ଷିଣ ଓଡ଼ିଶା ନେତାଙ୍କୁ ନୂଆପଡା ଗଡ଼ ଜଗିବାକୁ ଛାଡିଛନ୍ତି ନବୀନ।

## ମାଡ଼ିବସିଲା...

ସରୋଜ ନୟାଗଡ଼ ଚାଲିଯାଇଥିଲେ। କିନ୍ତୁ ତାଙ୍କର ଏଲପିସି ଯାଇନଥିଲା। ଏନେଇ ସରୋଜ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ଭେଟି ଏଲପିସି ପଠାଇବା ପାଇଁ ବହୁବାର ଅନୁରୋଧ କରିଥିଲେ। କିନ୍ତୁ କାର୍ଯ୍ୟ ନିର୍ବାହୀ ଅଧିକାରୀ ଶତପଥି ଏଲପିସି ପଠାଇବା ପାଇଁ ୨୫ ହଜାର ଟଙ୍କା ଦାବି କରିଥିଲେ। ଫଳରେ ସରୋଜ ବ୍ରହ୍ମପୁର ଭିଜିଲାନ୍ସ ଟିମ୍ର ସହଯୋଗ ଲୋଡିଥିଲେ। ଆଜି ସକାଳ ପ୍ରାୟ ୯ଟା ସମୟରେ ପୂର୍ବ ଯୋଜନା ଅନୁସାରେ ସରୋଜ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ରସାୟନ ବୋଲା ଟଙ୍କା ଅଫିସ୍ ଛକରେ ଦେଇଥିଲେ। ଏଥିସହ ଶ୍ରୀ ଶତପଥୀ ଆହୁରି ଆୟ ବହିର୍ଭୂତ ସମ୍ପତ୍ତି ଠୁଳ କରିଥିବା ସନ୍ଦେହରେ ତାଙ୍କ ସହ ଜଡ଼ିତ ୪ଟି ସ୍ଥାନରେ ଭିଜିଲାନ୍ସ ପକ୍ଷରୁ ଏକକାଳୀନ ଚଢ଼ାଉ ଜାରି ରହିଛି।

### ଭାରତ-ଅଷ୍ଟ୍ରେଲିଆ ସିରିଜ

# ଲଣ୍ଡନରୁ ଅଷ୍ଟ୍ରେଲିଆ ଯିବେନି ବିରାଟ



**ମୁମ୍ବାଇ,୮।୧୦:** ଭାରତୀୟ କ୍ରିକେଟ ଦଳ ଆଗାମୀ ୧୫ରୁ ଅଷ୍ଟ୍ରେଲିଆ ଗସ୍ତ ଆରମ୍ଭ କରିବ। ଏହି ଗସ୍ତରେ ଭାରତ ଘରୋଇ ଦଳ ବିପକ୍ଷରେ ତିନୋଟି ଦିନିକିଆ ଓ ପାଞ୍ଚଟି ଟି-୨୦ ମ୍ୟାଚ ଖେଳିବ। ଏ ସଂକ୍ରାନ୍ତରେ ସାମ୍ନାକୁ ଆସିଥିବା ଏକ ରିପୋର୍ଟ ଅନୁଯାୟୀ, ଆଲୋଚ୍ୟ ସିରିଜ୍ ପାଇଁ ଭାରତୀୟ ଖେଳାଳିମାନେ ଦୁଇଟି ବ୍ୟାଚରେ ଅଷ୍ଟ୍ରେଲିଆ ଯାତ୍ରା କରିବେ। ପ୍ରଥମ ଦଳ ୧୫ ଅକ୍ଟୋବର ସକାଳେ ଓ ଦ୍ୱିତୀୟ ଦଳ ଉକ୍ତ ଦିନ ସନ୍ଧ୍ୟାରେ ଉଡ଼ାଣ ଭରିବ। ଭାରତୀୟ ଷ୍ଟାର ଖେଳାଳି ବିରାଟ କୋହଲି ବର୍ତ୍ତମାନ ଲଣ୍ଡନରେ ତାଙ୍କ ପରିବାର ସହ ଅଛନ୍ତି। ସେ ଅଷ୍ଟ୍ରେଲିଆ ବିପକ୍ଷ ଦିନିକିଆ ସିରିଜରେ ଖେଳିବେ। ବିସିସିଆଇ ପକ୍ଷରୁ ମିଳିଥିବା ସୂଚନାନୁସାରେ, କୋହଲି ଲଣ୍ଡନରୁ ପ୍ରଥମେ ଦିଲ୍ଲୀ ଫେରିବେ ଏବଂ ସେ ରୋହିତ ଶର୍ମା ଓ ଶ୍ରେୟସ ଆୟାରଙ୍କ ସହ ଦଳରେ ଯୋଗ ଦେଇ ୧୫ ତାରିଖ କିମ୍ବା ତା' ପୂର୍ବ ଦିନ ଅଷ୍ଟ୍ରେଲିଆ ଯାତ୍ରା କରିବେ।

## ଗମ୍ଭୀରଙ୍କ ଘରେ ଡିନର ପାର୍ଟି, ମଜାନେଲେ ଭାରତୀୟ ଖେଳାଳି



**ନୂଆଦିଲ୍ଲୀ,୮।୧୦:** ଭାରତ ଓ ୱେଷ୍ଟଇଣ୍ଡିଜ ମଧ୍ୟରେ ଦ୍ୱିତୀୟ ଟେଷ୍ଟ ମ୍ୟାଚ ଆସନ୍ତା ୧୦ରୁ ଏଠାର ଅରୁଣ ଜେଟଲୀ ଷ୍ଟାଡିୟମରେ ଖେଳାଯିବ। ଏହା ପୂର୍ବରୁ ଭାରତୀୟ ଦଳର ମୁଖ୍ୟ କୋଚ ଗୌତମ ଗମ୍ଭୀର ଦିଲ୍ଲୀରେ ତାଙ୍କ ବିଳାସପୂର୍ଣ୍ଣ ବାସଭବନରେ ଦଳର ସମସ୍ତ ଖେଳାଳି ଓ ଷ୍ଟାଫ ସଦସ୍ୟଙ୍କୁ ଡିନର ପାର୍ଟି ପାଇଁ ଆମନ୍ତ୍ରଣ କରିଥିଲେ। ଆଜି ରାତିରେ ଆୟୋଜିତ ଏହି ପାର୍ଟିରେ ଟେଷ୍ଟ ଦଳର ଅଧିନାୟକ ଶୁଭମନ ଗିଲ, କେଏଲ ରାହୁଲ, ମହମ୍ମଦ ସିରାଜ, ଜସପ୍ରୀତ ବୁମରାହ, ଯଶସ୍ୱୀ ଜୟସ୍ୱାଲ, ପ୍ରସିଦ୍ଧ କ୍ରିଷ୍ଣ, ୱାଶିଂଟନ ସୁନ୍ଦର ଓ କୁଲଦୀପ ଯାଦବଙ୍କ ସମେତ ସମସ୍ତ ଖେଳାଳି ଏବଂ ଷ୍ଟାଫ ବି ଉପସ୍ଥିତ ଥିଲେ। ଖେଳାଳିମାନେ କାଜୁଆଲ ପୋଷାକରେ ଏକାଠି ବସ୍‌ରେ ଗମ୍ଭୀରଙ୍କ ଘରେ ପହଞ୍ଚିଥିବା ଦେଖିବାକୁ ମିଳିଥିଲା। ସୂଚନାଯୋଗ୍ୟ ଯେ ଭାରତ ୱେଷ୍ଟଇଣ୍ଡିଜ୍ ବିପକ୍ଷ ଚଳିତ ଦୁଇ ମ୍ୟାଚ ବିଶିଷ୍ଟ ଟେଷ୍ଟ ସିରିଜରେ ୧-୦ରେ ଆଗୁଆ ରହିଛି।

# କାର୍ତ୍ତିକ ଆରମ୍ଭରୁ ପରିବା ଦର ଆକାଶଛୁଆଁ

**ସବୁ ପନିପରିବା ୬୦ ଟଙ୍କାରୁ ଉର୍ଦ୍ଧ୍ୱ**
**କଞ୍ଚା କଦଳୀ ଡଜନ ୧୪୦ଟଙ୍କା**
**ମଧ୍ୟବିତ୍ତଙ୍କ ରୋଷଶାଳରେ ମହଙ୍ଗା ମାଡ଼**



**କାକଟପୁର/ଅସ୍ତରଙ୍ଗ,୮।୧୦ (ସଂଚାର ବ୍ୟୁରୋ):** କାର୍ତ୍ତିକ ମାସ ଆରମ୍ଭ ହୋଇଯାଇଛି। କିନ୍ତୁ ଧର୍ମର ମାସ ଆରମ୍ଭରୁ ପୁରୀ ଜିଲ୍ଲା ଅସ୍ତରଙ୍ଗ ମୁଖ୍ୟ ବଜାରରେ ପରିବା ଦର ଆକାଶ ଛୁଆଁ ହୋଇଛି। ଗତ ୧୫ଦିନ ଧରି ଚାଲିଥିବା ଲଘୁଚାପ ବର୍ଷାରେ ବିଭିନ୍ନ ସ୍ଥାନରେ ପରିବା ଚାଷ ପ୍ରଭାବିତ ହୋଇଥିବାରୁ ଏଭଳି ସ୍ଥିତି ହୋଇଥିବା ପରିବା ବ୍ୟବସାୟୀମାନେ ମତ ଦେଇଛନ୍ତି। ଅଧିକାଂଶ ପରିବା ଦର କିଲୋ ପିଛା ୬୦ରୁ ଉର୍ଦ୍ଧ୍ୱ ରହିଛି। ବିନ୍ସ, ସଜନା ଛୁଇଁ କିଲଗ୍ରାମ ପିଛା ଦର ଶହେ ଟଙ୍କା ଟପିଛି। ଆଳୁ କିଛି ଦିନ ପୂର୍ବେ ୨୦ଟଙ୍କାରେ ବିକ୍ରି ହେଉଥିବା ବେଳେ ଅନେକ ସ୍ଥାନରେ ୨୫ଟଙ୍କାରେ ବିକ୍ରି ହେଉଛି। ସେହିପରି ଟମାଟୋ ୪୦ଟଙ୍କା, ବାଇଗଣ ୬୦ଟଙ୍କା, ଭେଣ୍ଡି ୬୦ଟଙ୍କା, କଲରା ୬୦ଟଙ୍କା,ଦେଶି ପୋଟଳ ୮୦ଟଙ୍କା, ଜହ୍ନି ୭୦ଟଙ୍କା, ଝୁଡ଼ଙ୍ଗ ୭୦ଟଙ୍କା, କାକୁଡି ୫୦ଟଙ୍କା, କଞ୍ଚା କଦଳୀ ଡଜନ ୧୨୦ଟଙ୍କା ବିକ୍ରି ହେଉଛି। ୫ଶହ ଟଙ୍କାରେ ମଧ ପରିବା ବ୍ୟାଗ ଭର୍ତ୍ତି ହେଉନାହିଁ।

ଏଭଳି ପରିବା ଦରରେ କେବଳ ହବିଶ୍ୟାଳି ନୁହନ୍ତି, ଗରିବ ଓ ଦିନ ମଜୁରିଆଙ୍କ ମୁଣ୍ଡରେ ମଧ ଚଡକ ପଡିଛି। ଆଗକୁ ଏଭଳି ଦର ଲାଗି ରହିଲେ ଲୋକେ ବହୁ ଅସୁବିଧାର ସମ୍ମୁଖୀନ ହେବା ଆଶଙ୍କା ରହିଛି।



## ବୁଦ୍ଧିପଡ଼ାରେ ଗଜଲକ୍ଷ୍ମୀ ପୂଜା

**ବାଲିଅନ୍ତା,୮।୧୦ (ସଂଚାର ବ୍ୟୁରୋ):**ପ୍ରତି ବର୍ଷ ଭଳି ଚଳିତ ବର୍ଷ ମଧ ବାଲିଅନ୍ତା ବ୍ଲକ ପୁରାଣ ପ୍ରଧାନ ଗ୍ରାମ ପଞ୍ଚାୟତର ବୁଦ୍ଧିପଡ଼ା ଗ୍ରାମରେ ଗତ ସୋମବାର ଠାରୁ ଆରମ୍ଭ ହୋଇଛି ଗଜଲକ୍ଷ୍ମୀ ପୂଜା। ଏହି ପୂଜା ବିଧି ମତେ ପାଞ୍ଚ ଦିନ ଧରି ଚାଲିବ। ଏହି ପାଞ୍ଚ ଦିନ ମଧରେ ପଡୁଥିବା ଆଦ୍ୟ ଗୁରୁବାର (୯/ ୧୦ ରିଖ ) ଦିନ ମା'ଙ୍କ ନିକଟରେ ବିଶେଷ ପୂଜାର ଆୟୋଜନ କରାଯିବା ସହ ପ୍ରାୟ ପାଞ୍ଚ ହଜାର ଶ୍ରଦ୍ଧାଳୁ ଭକ୍ତମାନଙ୍କ ପାଇଁ ପ୍ରତି ବର୍ଷ ଭଳି ଏହି ବର୍ଷ ମଧ ପ୍ରସାଦ ସେବନର ଆୟୋଜନ କରାଯାଇ ଅଛି। ଶୁକ୍ରବାର ରାତିରେ ପୂଜା ସମାପନ ପରେ ମାଁଙ୍କର ବିସର୍ଜନ କାର୍ଯ୍ୟ କରାଜିବ । ପ୍ରତ୍ୟକ ସଂଧାରେ ସାଂସ୍କୃତିକ କାର୍ଯ୍ୟକ୍ରମର ବ୍ୟବସ୍ଥା କରାଯାଉଅଛି। ବୃଦ୍ଧିପଡ଼ା ପୂଜା ଅନୁଷ୍ଠାନ ଦ୍ୱାରା ଚ଼ତୁଃର୍ଦଶ ବର୍ଷରେ ପଦାର୍ପଣ କରିଛି ମା ଙ୍କର ଏହି ପୂଜା କାର୍ଯ୍ୟକ୍ରମ। ପୁରଣପଧାନ ଗ୍ରାମ ପଞ୍ଚାୟତର ସୁନାମଧନ୍ୟ ଯୁବ ଭାସ୍କର୍ଯ୍ୟ ଶିଳ୍ପୀ ଦେବେନ୍ଦ୍ର ବାରିକଙ୍କ ନିଖୁଣ କାରିଗରୀରେ ପ୍ରତିବର୍ଷ ଏହି ମୃଣ୍ମୟୀ ପ୍ରତିମା ବିନା ପାରିଶ୍ରମିକରେ ଶ୍ରଦ୍ଧାର ସହ ନିର୍ମାଣ କରି ଆସୁଛନ୍ତି। ସ୍ଥାନୀୟ ଅଞ୍ଚଳର ପଣ୍ଡିତ ଆଚ଼ାର୍ଯ୍ୟ ମନୁ ଦାଶଙ୍କ ଦ୍ୱାରା ନିଷ୍ଠାର ସହ ମାଙ୍କର ପୂଜାବିଧି କାର୍ଯ୍ୟ ଅନୁଷ୍ଠିତ ହେଉଛି। ପୂଜା କମିଟିର ଅଧକ୍ଷ ଜୁବସମାଜ ସେବୀ ଶିବ ବେହେରା, ଗ୍ରାମ କମିଟିର ସଭାପତି ଗୋବିନ୍ଦ ଚନ୍ଦ୍ର ପ୍ରଧାନ , ସଂପାଦକ ପ୍ରତାପ ଚନ୍ଦ୍ର ବେହେରା, କୋଷାଧକ୍ଷ ବାମଦେବ ନାୟକ, ଆବାହକ ବିଜୟ ବେହେରା ଓ ଗନ୍ଧର୍ବ ଜେନାଙ୍କ ସମେତ ସ୍ଥାନୀୟ ଯୁବକ ସଂଘ ଏବଂ ଗ୍ରାମବାସୀଙ୍କ ଉଦ୍ୟମରେ ଏହି ଅନୁଷ୍ଠାନର କଳେବର ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି।

ଏସଆଇ ପରୀକ୍ଷା ସ୍କାମ୍

## ୧୧୯ ଜଣଙ୍କ ଜାମିନ ଖାରଜ

**ବ୍ରହ୍ମପୁର,୮।୧୦ (ସଂଚାର ବ୍ୟୁରୋ):** ପୁଲିସ୍ ଏସ୍ଆଇ ନିଯୁକ୍ତି ପରୀକ୍ଷା ଜାଲିଆତି ଘଟଣାରେ ୧୧୯ ଜଣ ଗିରଫଙ୍କ ଜାମିନ ଖାରଜ ହୋଇଛି। ବ୍ରହ୍ମପୁର ଜେଏମଏଫସି ଗ୍ରାମ୍ୟାଞ୍ଚଳ କୋର୍ଟ ଗିରଫଙ୍କ ଜାମିନ ଆବେଦନ ଖାରଜ କରିଛନ୍ତି। ସୂଚନାଯୋଗ୍ୟ ଯେ, ପୁଲିସ ଏସ୍ଆଇ ନିଯୁକ୍ତି ପରୀକ୍ଷା ଜାଲିଆତି ଘଟଣାରେ ପର୍ଯ୍ୟାୟ କ୍ରମେ ୧୧୯ ଜଣଙ୍କୁ କ୍ରାଇମବ୍ରାଞ୍ଚ ଗିରଫ କରିଛି। ୧୧୪ ପରୀକ୍ଷାର୍ଥୀଙ୍କ ସହ ୫ ଜଣ ଦଲାଲଙ୍କୁ ଗିରଫ କରି ଜେଲ୍ ପଠାଇଛି। ବୁଧବାର ୧୧୯ ଜଣଙ୍କ ଜାମିନ ଆବେଦନ କରାଯାଇଥିବା ବେଳେ ସମସ୍ତଙ୍କ ଜାମିନ ଆବେଦନ ଖାରଜ କରାଯାଇଛି । ବ୍ରହ୍ମପୁର ଜେଏମଏଫସି ଗ୍ରାମ୍ୟାଞ୍ଚଳ କୋର୍ଟ ସମସ୍ତଙ୍କ ଜାମିନ ଖାରଜ କରିଛନ୍ତି । ଏନେଇ ପି ପି ବିଶ୍ୱଜିତ ବରାଳ ସୂଚନା ଦେଇଛନ୍ତି।

## ଜାତୀୟ ବରିଷ୍ଠ ଟେନିକଏଟ୍ ପ୍ରତିଯୋଗିତା ଲାଗି ୪ ଖେଳାଳି ମନୋନୀତ

**ଭଦ୍ରକ, ୮।୧୦ (ସଂଚାର ବ୍ୟୁରୋ):** ଦିଲ୍ଲୀ ସ୍ଥିତ ନୋଏଡା ଶାରିରିକ ଶିକ୍ଷା ଶିକ୍ଷକ ବିଦ୍ୟାଳୟରେ ଆରମ୍ଭ ହେବାକୁ ଯାଉଥିବା ଜାତୀୟ ବରିଷ୍ଠ ଟେନିକଏଟ ପ୍ରତିଯୋଗିତାଟି ୮ ଅକ୍ଟୋବରରୁ ଆରମ୍ଭ ହୋଇ ୧୨ ଅକ୍ଟୋବର ୨୦୨୫ ରେ ସମାପ୍ତ ହେବ। ଏହି ପ୍ରତିଯୋଗିତା ନିମନ୍ତେ ଓଡ଼ିଶା ଟେନିକଏଟ୍ ସଂଘ ତରଫ ୬ ଜଣ ଲେଖାଏଁ ପୁରୁଷ ଓ ମହିଳା ଖେଳାଳିଙ୍କ ନାମ ଘୋଷଣା କରିଛି। ଏହି ପୁରୁଷ ଦଳରେ ଭଦ୍ରକ ଜିଲ୍ଲାରୁ ନାରାୟଣ ବେହେରା, ରାଜେସ୍ ନାୟକ, ଓ ନିର୍ମିଳ ସେନ୍ ଓ ମହିଳା ବିଭାଗରେ ମଧୁସ୍ମିତା ନାୟକ ପ୍ରମୁଖ ଖେଳାଳିମାନେ ସ୍ଥାନ ପାଇଛନ୍ତି। ଏହି ଖେଳାଳିମାନେ ରାଜ୍ୟ ସ୍ତରୀୟ ଟେନିକଏଟ ପ୍ରତିଯୋଗୀତାରେ ପୁରୁଷ ବିଭାଗରେ ରାଜେସ ନାୟକ ଚାମ୍ପିଆନ୍, ନିର୍ମିଳ ସେନ୍ ରନର୍ସ ଅପ୍, ନାରାୟଣ ବେହେରା ଚତୁର୍ଥ ଓ ମହିଳା ବିଭାଗରେ ମଧୁସ୍ମିତା ନାୟକ ତୃତୀୟ ସ୍ଥାନ ହାସଲ କରିଥିଲେ। ଏହି ସଫଳତା ନିମନ୍ତେ ଭଦ୍ରକ ଜିଲ୍ଲା ଟେନିକଏଟ୍ ସଂଘର ସମ୍ପାଦକ ମନୋଜ କୁମାର ସାହୁ, ସଭାପତି ଗୋଲକ ନାୟକ, ସୁବାସ ଦିକ୍ଷୀତ୍, ଭବେଶ ଦାସ, ଚନ୍ଦନ ଦେ, ରାଜତିଲକ୍ ସ୍ୱାଇଁ, ସତ୍ୟଜିତ୍ ପରମାଣିକ୍, ଗୁରୁ ଚରଣ ପହି, ବିଶ୍ୱରଞ୍ଜନ ସାହୁ, ଲକ୍ଷ୍ମୀ ନାରାୟଣ ମହାନ୍ତି, ଶିବ ଚରଣ ସୌରଭ, ରାଜେଶ୍ ଦାସ୍, ସମସ୍ତ ସଦସ୍ୟ ଓ ବରିଷ୍ଠ ଖେଳାଳିମାନେ ଶୁଭେଚ୍ଛା ଜଣାଇଛନ୍ତି।

## କାଳିମେଳା ବନାଞ୍ଚଳରେ ବନ୍ୟପ୍ରାଣୀ ସପ୍ତାହ ପାଳିତ

**ମାଲକାନଗିରି, ୮।୧୦ (ସଂଚାର ବ୍ୟୁରୋ):** ମାଲକାନଗିରି ଜିଲ୍ଲା କାଳିମେଳା ବନାଞ୍ଚଳ ସଭାଗୃହ ଠାରେ ୭୧ ତମ ବନ୍ୟପ୍ରାଣୀ ସପ୍ତାହ ଗତକାଲି ପାଳିତ ହୋଇଯାଇଛି। ଏହି ଅବସରରେ ବନ୍ୟଜନ୍ତ ତଥା କଇଁଛ ଓ ସାପ ଭଳି ପ୍ରାଣୀଙ୍କ ସୁରକ୍ଷା ବିଷୟରେ ଆଲୋଚନା ହେବା ସହ ସହ ସେମାନଙ୍କ ସୁରକ୍ଷା ଓ ଅବାଧ ଶିକାରକୁ ନେଇ ଆଲଚନା ହୋଇଥିଲା। ବଣ ନିକଟରେ ରହୁଥିବା ଗ୍ରାମ ଗୁଡିକରେ ବର୍ଷା ସମୟରେ ବିଭିନ୍ନ ସରୀସୃପ ଦେଖା ଦେବା ସହ ଆକ୍ରମଣ କରୁଥିବା ନଜିର ରହିଛି। ବିଶେଷ କରି ଭାରତରେ ୨୭୬ ପ୍ରକାରର ସାପ ଦେଖାଯାଉଥିବା ବେଳେ ଓଡ଼ିଶାରେ ମାତ୍ର ୮୦ପ୍ରକାର ରହିଛନ୍ତି! ମାଲକାନ ଗିରି ଜିଲ୍ଲାର ପଡ଼ିଆ ଓ କାଳି ମେଳା ଅଞ୍ଚଳରେ ସର୍ପଘାତ ଅଧିକା ରହିଛି। ଏହି ଅଞ୍ଚଳରେ ବ୍ୟାପକ ସଚତନତାର ଆବଶ୍ୟକ ଏହାର ପ୍ରତିକାର ବାବଦରେ ଆଲୋଚନା କରାଯାଇଥିଲା ଓ ପାରମ୍ପରିକ ଚିକିତ୍ସା ଯଥା ଚେରମୂଳି ପ୍ରୟୋଗ, ବିଷକୁ ମୁହଁ ଲଗାଇ ବାହାର ବାହାର କରିବା, ଗୁଣିଗାରେଡିର ପ୍ରୟୋଗ କରିବା, ପ୍ରଭାବିତ ସ୍ଥାନକୁ କୌଣସି ଧାରୁଆ ଅସ୍ତ୍ରରେ କାଟିବା ଭଳି କାର୍ଯ୍ୟ ନକରିବାକୁ ପରାମର୍ଶ ଦିଆଯାଇଥିଲା। ସେହିଭଳି କଇଁଛକୁ ସାଧାରଣ ଲୋକେ ଖାଦ୍ୟ ଭାବେ ଗ୍ରହଣ କରିଥିବାରୁ ଏ ବାବଦରେ ସଚେତନାର ଆବଶ୍ୟକ ରହିଛି ବୋଲି ଅଧିକାରୀ ମାନେ ପ୍ରକାଶ କରିଥିଲେ।

## ସେମରଡ଼ିହି ଜଙ୍ଗଲରୁ ଚିତାବାଘ ଶବ ଉଦ୍ଧାର

**ନବରଂଗପୁର/ରାଇଘର,୮।୧୦ (ସଂଚାର ବ୍ୟୁରୋ):** କୁନ୍ଦେଇ ସେମରଡ଼ିହି ଜଙ୍ଗଲରୁ ମୃତ ଚିତବାଘ ଉଦ୍ଧାର। ରାଇଘର ବ୍ଲକ କୁନ୍ଦେଇ ବନବିଭାଗ ଅଧୀନରେ ଥିବା ସେମାରଡ଼ିହି ଜଙ୍ଗରେ ଦେଖିବାକୁ ମିଳିଥିଲା ଏକ ମରି ପଡି ଥିବା ଚିତାବାଘ। ଏକ ମକା ବାଡ଼ରେ ମିଳିଥିଲା ଶବ। ସକାଳେ ପ୍ରାୟ ୭ଟା ସମୟରେ ଗ୍ରାମ ଲୋକେ ଦେଖିବା ପରେ ଖବର କରିଥିଲେ କୁନ୍ଦେଇ ବନ ବିଭାଗକୁ। ବନବିଭାଗ କର୍ମଚାରୀ ପହଁଚିବା ପରେ ଉଚ୍ଚ ପଦସ୍ତ ଅଧିକାରୀଙ୍କୁ ଖବର କରି ଅପରାହ୍ନ ୩ଟା ପର୍ଯ୍ୟନ୍ତ ଜଗି ରହିଥିଲେ। ଘଟଣାସ୍ଥଳରେ ନବରଙ୍ଗପୁରରୁ ଡିଏଫଓ ପହଁଚି ଥିଲେ।



ଖବର ପାଇ ଗଣମାଧମ ପ୍ରତିନିଧିମାନେ ପହଞ୍ଚିବାରୁ ଘଟଣା ସ୍ଥଳକୁ ଯିବାକୁ ବାରଣ କରିଥିଲା କୁନ୍ଦେଇ ବନ ବିଭାଗ। ଏହାପରେ ଡିଏଫ୍ଓ ଘଟଣାସ୍ଥଳରେ ପହଂଚିବାର ଅଧ ଘଣ୍ଟା ପରେ ଅନୁମତି ମିଳିଥିଲା ଗଣମାଧମ ପ୍ରତିନିଧିଙ୍କୁ। ଘଟଣାସ୍ଥଳକୁ ଯିବାକୁ ଏଭଳି ଆଚାରଣକୁ ଦେଖି ଅଞ୍ଚଳବାସି କେଁଉ କାରଣରୁ ଗଣମାଧମ ପ୍ରତିନିଧିଙ୍କୁ ଘଟଣାସ୍ଥଳକୁ ଯିବାକୁ ବାରଣ କରିବା ସହ ବାଘ ମରିବାର ପ୍ରକୃତ ତଥ୍ୟ ବନ ବିଭାଗ ଲୁଚାଉଥିବା ଅଂଚଳରେ ଆଲୋଚନା ହେଉଛି। ଏହି ବିଷୟରେ ଡିଏଫ୍ଓ ଶୁଭେନ୍ଦୁ ବେହେରାଙ୍କୁ ପଚାରିବାରୁ ବାଘ ବ୍ୟବଛେଦ ପରେ ମୃତ୍ୟୁର ପ୍ରକୃତ କାରଣ ଜଣାପଡିବ। ଏହି ବାଘ ଛତିଶଗଡ଼ ଅଞ୍ଚଳରୁ ଆସିଥିବା ଜଣା ଅନୁମାନ କରାଯାଉଥିବା କହିଥିଲେ।

## ନାବାଳିକାଙ୍କୁ ଅସଦାଚରଣ ଅଭିଯୋଗରେ ଯୁବକ ଗିରଫ




**କାକଟପୁର / ଅସ୍ତରଙ୍ଗ,୮।୧୦ (ସଂଚାର ବ୍ୟୁରୋ):** ପୁରୀ ଜିଲ୍ଲା କାକଟପୁର ଥାନା ଅନ୍ତର୍ଗତ ଏକ ଗ୍ରାମର ୧୩ବର୍ଷୀୟ ନାବାଳିକା ଝିଅ ନିଜ ଘରୁ ଚାଲି ଚାଲି ଗ୍ରୋସରୀ ଦୋକାନକୁ ସଉଦା ପାଇଁ ଯାଉଥିବା ବେଳେ ଘର ଠାରୁ କିଛି ଦୂରରେ ଥିବା କଲଭେଟ ନିକଟରେ ଜଣେ ଯୁବକ ପାଖୁଡି କିଆରୀକୁ ଘୋଷାଡ଼ି ନେଲା ବେଳେ ଝିଅଟିଏ ବଡ଼ ପାଟିରେ ଚିତ୍କାର କରିବାରୁ ଝିଅର ମା' ଦୌଡ଼ି ଆସିବା ବେଳକୁ ଯୁବକ ଜଣକ ନାବାଳିକାକୁ ଛାଡି ଦୌଡ଼ି ପଳାଇ ଥିଲେ। କିନ୍ତୁ ଏକ ଗାଡି ଛାଡି ଯାଇଥିଲା। ଏ ନେଇ ନାବାଳିକା ଝିଅର ମା' କାକଟପୁର ଥାନାରେ ମଙ୍ଗଳବାର ଦିନ ଅଭିଯୋଗ କରିବା ପରେ ପୁଲିସ ଘଟଣା ତଦନ୍ତ କରି ଅଭିଯୁକ୍ତ ସନ୍ତୋଷ ନାୟକ ଓରଫ ହାପି (୩୫)ଙ୍କୁ ଥାନା କେଶ ନମ୍ବର ୨୯୪/୨୫ମାମଲା ରୁଜୁ କରିବା ସହ ପୋକ୍ସ ଆକ୍ଟ, ଭାରତୀୟ ନ୍ୟାୟ ସଂହିତା ଧାରା ୧୨୬(୨), ୧୨୭(୨), ୧୧୫(୨), ୭୪, ୭୫, ୩୫୧(୨)ମାମଲା ରୁଜୁ କରି ଅଦାଲତ ଚାଲାଣ କରାଯାଇଛି ବୋଲି କାକଟପୁର ଥାନା ଅଧିକାରୀ ବସନ୍ତ କୁମାର ସାହୁ ସୂଚନା ଦେଇଛନ୍ତି। ଘଟଣାସ୍ଥଳରୁ ସୋମବାର ପୂର୍ବାହ୍ନ ସମୟରେ କାକଟପୁର ପୋଲିସ ବ୍ଲୁ ରଙ୍ଗର ହିରୋ ଗ୍ଲାମର ଏକ୍ସ ଗାଡି ଜବତ କରିଛି।

## ବାଇକ ଦୁର୍ଘଟଣାରେ ଯୁବକ ମୃତ, ଜଣେ ଗୁରୁତର



**ରାଇଘର,୮।୧୦ (ସଂଚାର ବ୍ୟୁରୋ):** ଏକ ମର୍ମାନ୍ତୁଦ ସଡ଼କ ଦୁର୍ଘଟଣା ରେ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ଆଉ ଜଣେ ଆରୋହୀ କୋରାପୁଟ ମେଡିକାଲରେ ଜୀବନ ମରଣ ସହ ଲଢ଼େଇ କରୁଥିବା ଦେଖିବାକୁ ମିଳିଛି। ସୂଚନା ଅନୁଯାଇ ନବରଙ୍ଗପୁର ଜିଲ୍ଲା ରାଇଘର ବ୍ଲକ ଛେଳିଡଙ୍ଗରୀ ପଞ୍ଚାୟତ ଅନ୍ତର୍ଗତ ସରଗୁଲୀ ଡିଏନ୍‌କେ ଗ୍ରାମର ତାରକ ମଣ୍ଡଳ ଓ ଚିରଞ୍ଜିତ ଭକ୍ତ ଏକ ପଲସର ବାଇକ ଯୋଗେ କୌଣସି ଏକ କାର୍ଯ୍ୟରେ ରାଇଘରକୁ ଆସି ରାତ୍ରି ପ୍ରାୟ ୯.୩୦ରେ ସମୟରେ ନିଜ ଗ୍ରାମ ଅଭିମୁଖେ ଫେରୁଥିବା ସମୟରେ କୁମୁଲୀ ପେଟ୍ରୋଲ ପମ୍ପ ନିକଟରେ ରାସ୍ତା କଡ଼ରେ ଥିବା ଏକ ଗଛ ଦେହରେ ଯାଇ ପିଟି ହୋଇ ଛିଟିକି ପଡ଼ିଥିଲେ। ସ୍ଥାନୀୟ ଲୋକେ ଆମ୍ବୁଲାନ୍ସକୁ ଯୋଗେ ଦୁହିଁଙ୍କୁ ରାଇଘର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠେଇଥିଲେ। ରାଇଘର ଡାକ୍ତରଖାନାରେ ତାରକ ମଣ୍ଡଳଙ୍କୁ ମୃତ ବୋଲି ଘୋଷଣା କରିବା ସହିତ ପ୍ରଶ୍ନଜିତକୁ କୋରାପୁଟ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି।

ସାପ କାମୁଡ଼ାରେ ଯାଜପୁରର କଳା ଚିତ୍ର

## ୧୦ ବର୍ଷରେ ମଲେଣି ୩୭୪

**ଯାଜପୁର,୮।୧୦ (ସଂଚାର ବ୍ୟୁରୋ):** ସାପ କାମୁଡ଼ାରେ ୧୦ ବର୍ଷରେ ୩୭୪ ଜଣ ଲୋକ ମୃତ୍ୟୁବରଣ କଲେଣି। ୩୭୪ ଗୋଟି ପରିବାରରେ ଅନାଥ, ଅନ୍ଧାର, ଓ ଦୁଃଖ କାରଣ ମାତ୍ର ସାପ କାମୁଡ଼ା। ବିଜ୍ଞାନର ଯୁଗରେ ଯେଉଁଠାରେ ପ୍ରତିଦିନ ନୂତନ ଆବିଷ୍କାର ହେଉଛି, ସେଇଠି ଆଜି ବି ଲୋକମାନେ ଝଡ଼ାଫୁଙ୍କାରେ ଆସ୍ଥା ରଖି ଜୀବନକୁ ବଳିଦାନ କରୁଛନ୍ତି- ଏହା କିବା ସଭ୍ୟ ସମାଜର ଲକ୍ଷଣ? ସଂଖ୍ୟାଗୁଡ଼ିକ ନିଷ୍ପଟ କିନ୍ତୁ କ୍ରୁର। ୨୦୧୯ରେ ୬୭, ୨୦୨୦ରେ ୪୬, ୨୦୨୩ରେ ୪୪, ଏବେ ୨୦୨୫ରେ ମଧ ୬ଜଣ ପ୍ରତ୍ୟେକ ହାରାଣିଥିବା ଜୀବନ ପଛରେ ରହିଛି ସରକାରୀ ବ୍ୟବସ୍ଥାର ଆଳସ୍ୟ, ଲୋକଙ୍କ ଅସଚେତନତା ଓ ଅନ୍ଧବିଶ୍ୱାସର ଛାୟା।ରାଜ୍ୟ ପ୍ରତିବର୍ଷ ୪ହଜାର ଇଂଜେକସନ୍ ପଠାଉଛି, ଜିଲ୍ଲାର ୧୨ଟି ସ୍ୱାସ୍ଥ୍ୟକେନ୍ଦ୍ରରେ ଔଷଧ ମହଜୁଦ ଅଛି। ତଥାପି, ଲୋକମାନେ ହସ୍ପିଟାଲ ପହଁଚିବା ପୂର୍ବରୁ ଜୀବନ ହାରୁଛନ୍ତି। ଏହା କିବା ସଚେତନତାର ଅଭାବ, କିମ୍ବା ପ୍ରଶାସନର ଅସମର୍ଥତା ତାହା ପ୍ରଶ୍ନ ବାଚୀ। ଯାଜପୁର ଜିଲ୍ଲା ପ୍ରଶାସନ ୮ଜଣ ପଞ୍ଜିକୃତ ସାପଧରାଳିଙ୍କୁ ଅନୁମୋଦନ ଦେଇଛି। କିନ୍ତୁ, କେବଳ ସାପ ଧରିଲେ ସମସ୍ୟା ସମାଧାନ ହେବ କି? ଏହାକୁ ରୋକ୍ ଦେବାପାଇଁ ଆବଶ୍ୟକ ହେଉଛି- ୧. ଗ୍ରାମସ୍ତରରେ ସଚେତନତା ଶିବିର,୨. ସ୍ୱାସ୍ଥ୍ୟକେନ୍ଦ୍ରରେ ତତ୍କ୍ଷଣାତ୍ ସେବା,୩. ଅନ୍ଧବିଶ୍ୱାସକୁ ଭାଙ୍ଗିବା ପାଇଁ ସାମାଜିକ ଅଭିଯାନ।୧୦ ବର୍ଷରେ ୩୭୪ ଗୋଟି ମୃତ୍ୟୁ -ଏହା କେବଳ ସଂଖ୍ୟା ନୁହେଁ, ଏହା ଅପରାଧ ସମାନ। ସମାଜ ନିଜେ ଯଦି ସଚେତନ ହୁଏ, ପ୍ରଶାସନ ଯଦି ଦୃଢ଼ ପଦକ୍ଷେପ ନେବାକୁ ସାହସ କରିଥାଏ, ତେବେ ଆସନ୍ତା ୧୦ ବର୍ଷରେ "ସାପ କାମୁଡ଼ାରେ ମୃତ୍ୟୁ" ଖବରଟି କେବଳ ଇତିହାସ ହେଇଯିବ



## ଜିଲ୍ଲାସ୍ତରୀୟ 'ପୋଷଣ ମାସ' ଉଦ୍‌ଘାଟିତ



**ଯାଜପୁର,୮।୧୦ (ସଂଚାର ବ୍ୟୁରୋ):** ଯାଜପୁର ଜିଲ୍ଲାରେ ଓଡ଼ିଶା ସରକାରଙ୍କ ମହିଳା ଓ ଶିଶୁ ବିକାଶ ବିଭାଗ ପକ୍ଷରୁ ଆଜି ମିଶନ ଶକ୍ତି ଭବନ ପରିସରରେ ଜିଲ୍ଲା ସ୍ତରୀୟ "ପୋଷଣ ମାସ-୨୦୨୫" ଉଦଘାଟନ କରାଗଲା। ଅତିରିକ୍ତ ଜିଲ୍ଲାପାଳ ଯୁଧିଷ୍ଠିର ନାଏକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପୋଷଣ ମାସର ଗୁରୁତ୍ୱ ବିଷୟରେ କହିଥିଲେ ପୋଷଣ କେବଳ ଖାଦ୍ୟ ନୁହେଁ, ଏହା ଜୀବନ ଓ ସ୍ୱାସ୍ଥ୍ୟର ଭିତ୍ତି। ସେ କହିଲେ ଯେ, ପ୍ରତ୍ୟେକ ମା' ଓ ଶିଶୁଙ୍କ ସୁପୋଷଣ ସୁନିଶ୍ଚିତ କରିବା ଆମ ସମସ୍ତଙ୍କ ଦାୟିତ୍ୱ। ସୁସ୍ଥ ମା' ହେଉଛି ସୁସ୍ଥ ଶିଶୁର ଆଧାର ଓ ସୁପୋଷିତ ଶିଶୁ ହେଉଛି ଦେଶର ଭବିଷ୍ୟତ ଶକ୍ତି।

ଏହି ଅବସରରେ ଅତିରିକ୍ତ ଜିଲ୍ଲା ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡ଼ା. ଗୋପାଳ ଚନ୍ଦ୍ର ମଲ୍ଲିକ କହିଥିଲେ ଯେ, ପୋଷଣ ମାସ ହେଉଛି ଏକ ସାମାଜିକ ଆନ୍ଦୋଳନ, ଯାହା ମା' ଓ ଶିଶୁ ସ୍ୱାସ୍ଥ୍ୟ ସଚେତନତା ବୃଦ୍ଧିରେ ମହତ୍ତ୍ୱପୂର୍ଣ୍ଣ ଭୂମିକା ନେଉଛି। ସେ କହିଲେ, ଗର୍ଭବତୀ ମହିଳା ଓ କିଶୋରୀମାନଙ୍କ ପୋଷଣ ଉନ୍ନତି ପାଇଁ ସମସ୍ତ ସରକାରୀ ବିଭାଗ ଓ ମିଶନ ଶକ୍ତି ଗୋଷ୍ଠୀମାନଙ୍କ ମିଳିତ ଉଦ୍ୟମ ଆବଶ୍ୟକ। ଉପସ୍ଥିତ ଅତିଥିମାନଙ୍କ ମଧରେ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ କାମିନୀ ରଞ୍ଜନ ପଟ୍ଟନାୟକ, ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀମାନେ ଚନ୍ଦନା ମିଶ୍ର (ବଡ଼ଚଣା), ସୁଜାତା ମହାନ୍ତି (ସୁକିନ୍ଦା), ନଳିନୀ ପ୍ରଭା ଲେଙ୍କା (ଦାନଗଦି) ଓ ରୁକ୍ମଣୀ ସାହୁ (ବିଂଝାରପୁର) ସହିତ ଜିଲ୍ଲା ସ୍ୱାସ୍ଥ୍ୟ ସଂଯୋଜକ ମାନସ ରଞ୍ଜନ ସାମଲ ଯୋଗ ଦେଇ ଶିଶୁ ଓ ମା'ଙ୍କ ପୋଷଣ ନିରାପତ୍ତା, ରକ୍ତହୀନତା ନିବାରଣ ଓ ସ୍ୱାସ୍ଥ୍ୟ ସଚେତନତା ବିଷୟରେ ଆଲୋଚନା କରିଥିଲେ।

## ଜିଲ୍ଲା ଓକିଲ ସଂଘର କଲମଛାଡ ଆନ୍ଦୋଳନ

**ଖୋର୍ଦ୍ଧା,୮।୧୦ (ସଂଚାର ବ୍ୟୁରୋ):** ବ୍ରହ୍ମପୁର ସହରର ପ୍ରତିଷ୍ଠିତ ଆଇନଜୀବୀ ତଥା ରାଜ୍ୟ ଆଇନଜିବୀ ପରିଷଦ ସଦସ୍ୟ ପିତବାସ ପଣ୍ଡାଙ୍କୁ ଗୁଳିକରି ହତ୍ୟା କରିବା ମାମଲା ରେ ରାଜ୍ଯ ଆଇନଜିବୀ ପରିଷଦ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛି। ପରିଷଦ ନିଷ୍ପତ୍ତି କ୍ରମେ ଆଜି ରାଜ୍ୟ ବ୍ୟାପୀ ଆଇନଜୀବୀମାନେ କଲମଛାଡ ଆନ୍ଦୋଳନ କରିଛନ୍ତି। ଏହାର ପ୍ରତିବାଦ ରେ ଖୋର୍ଦ୍ଧା ଜିଲା ଓକିଲ ସଂଘ ପକ୍ଷରୁ କଲମ ଛାଡ ଆନ୍ଦୋଳନ କରାଯାଇଛି ।

ଏ ସଂପର୍କରେ ଆଜି ଖୋର୍ଦ୍ଧା ଜିଲ୍ଲା ଓକିଲ ସଂଘ କାର୍ଯ୍ୟାଳୟ ଠାରେ ଏକ ସାଧାରଣ ସଭା ଆୟୋଜିତ ହୋଇଥିଲା। ବୈଠକରେ ପିତବାସ ପଣ୍ଡାଙ୍କୁ ଗୁଳିକାଣ୍ଡ ଘଟଣା ର ତୀବ୍ର ନିନ୍ଦା କରିବା ସହ ତାଙ୍କ ପରିବାର ପ୍ରତି ସମବେଦନା ଜଣାଇଛନ୍ତି। ଆଇନଜୀବୀ ମାନଙ୍କ ସୁରକ୍ଷା ପ୍ରଦାନ ନେଇ ସଙ୍ଘ ପକ୍ଷରୁ ଦାବୀ କରାଯାଇଛି। ପିତବାସ ଙ୍କୁ ଗୁଳିକାଣ୍ଡ କରିବା ଘଟଣା ଏକ ସୁଚିନ୍ତିତ ଷଡଯନ୍ତ୍ର। ଏହି ଗୁଳିକାଣ୍ଡ ମାମଲାର ସଂପୃକ୍ତ ଅଭିଯୁକ୍ତ ଙ୍କୁ ତୁରନ୍ତ ଗିରଫ କରାଯିବ ସହ ଏହି ମାମଲାର ବିଚାର ବିଭାଗୀୟ ତଦନ୍ତ ଦାବି କରିଛନ୍ତି ଖୋର୍ଦ୍ଧା ଜିଲ୍ଲା ଓକିଲ ସଂଘ ସଭାପତି ଜୀବନଜ୍ୟୋତି ମିଶ୍ର ଓ ସମ୍ପାଦକ କ୍ଷୀରୋଦ ମୋହନ ସ୍ୱାଇଁ ।

ଆଇନଜୀବୀ ମାନଙ୍କ କଲମ ଛାଡ଼ ଆନ୍ଦୋଳନ ଯୋଗୁଁ କୋର୍ଟ କାର୍ଯ୍ୟ ବାଧାପ୍ରାପ୍ତ ହୋଇଥିଲା ।



## ଆଇନଜୀବୀ ପୀତବାସ ପଣ୍ଡାଙ୍କୁ ନ୍ୟାୟ ଦାବିରେ ଜିଲ୍ଲା ଓକିଲ ସଂଘର କଲମ ଛାଡ଼

**ଜଗତସିଂହପୁର,୮।୧୦ (ସଂଚାର ବ୍ୟୁରୋ):** ରାଜ୍ୟ ଆଇନଜିବି ପରିଷଦର ସଦସ୍ୟ ତଥା ବ୍ରହ୍ମପୁରର ବରିଷ୍ଠ ଆଇନଜୀବି ପୀତବାସ ପଣ୍ଡାଙ୍କ ହତ୍ୟା ପ୍ରତିବାଦରେ ଏବଂ ଓଡ଼ିଶା ରାଜ୍ୟ ଆଇନଜିବି ପରିଷଦର ଆହ୍ୱାନ କ୍ରମେ ଆଜି ଜିଲ୍ଲା ଓକିଲ ସଂଘ, ଜଗତସିଂହପୁର ପକ୍ଷରୁ କଲମଛାଡ ସ୍ୱରୂପ ପ୍ରତିବାଦ କରାଯାଇଥିଲା। ଆଇନଜିବି ସ୍ୱର୍ଗତ ପୀତବାସ ପଣ୍ଡାଙ୍କ ହତ୍ୟାକୁ ଦୁର୍ଭାଗ୍ୟଜନକ କହିବା ସହିତ ଓକିଲ ସଂଘ ପକ୍ଷରୁ ଏହାର ଦୃଢ଼ ନିନ୍ଦା କରାଯାଇଥିଲା । ଏହି ଅବସରରେ ସ୍ୱର୍ଗତ ଆଇନଜିବି ପୀତବାସ ପଣ୍ଡାଙ୍କ ହତ୍ୟାକାରୀକୁ ଶୀଘ୍ର ଗିରଫ କରି କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ସଂଘ ପକ୍ଷରୁ ଦାବି କରାଯାଇଥିଲା। ଏଥିସହିତ ମୃତ ଆଇନଜିବିଙ୍କ ପରିବାରକୁ ଏକ କୋଟି ଟଙ୍କାର କ୍ଷତିପୂରଣ ଦାବି ସହିତ ଆଇନଜୀବି ସୁରକ୍ଷା ଆଇନ ପ୍ରଣୟନ ପାଇଁ ଉପସ୍ଥିତ ଆଇନଜୀବି ମାନେ ଦାବୀ କରିଥିଲେ।

ବରିଷ୍ଠ ଆଇନଜୀବି ଗୋରାଚାନ୍ଦ୍ କାନୁନଗୋ, ଅତୁଲ୍ୟ ଚନ୍ଦ୍ର ଦାସ, ସୌରୀ ପ୍ରସାଦ ସ୍ୱାଇଁ, ପ୍ରମୋଦ ସ୍ୱାଇଁ, ଶ୍ରୀକାନ୍ତ ନନ୍ଦ, ପୀତାମ୍ବର ପଣ୍ଡା,ଗଗନ ଚନ୍ଦ୍ର ଦାଶ, ସୁବ୍ରତ ଶତପଥୀ, ରବିନ୍ଦ୍ର କୁମାର ସ୍ୱାଇଁ, ଚନ୍ଦ୍ର ଶେଖର ନାୟକ, ସରୋଜ କୁମାର ବିଶ୍ୱାଳ, ପ୍ରସନ୍ନ କୁମାର ମହାନ୍ତି, ନରେଶ ଦାସ,ନାରାୟଣ ମହାନ୍ତି, ଜ୍ଞାନ ରଞ୍ଜନ ମହାନ୍ତି,ରଞ୍ଜିତ ସ୍ୱାଇଁ, ନୃସିଂହ ଚରଣ ବାରିକ,ଯୁଗଳ କିଶୋର ମହାନ୍ତି, ଜୀବନ କୁମାର ଦାସ ପ୍ରମୁଖ ଶତାଧିକ ଆଇନଜୀବି ଯୋଗଦେଇଥିଲେ।

## 'କୁଆଁର ପୁନେଇ ଜହ୍ନଲୋ' କାର୍ଯ୍ୟକ୍ରମ

- ମୁଖ୍ୟ ଆକର୍ଷଣ ଥିଲା କୁଚିପୁଡି ନୃତ୍ୟ




**ବ୍ରହ୍ମପୁର,୮।୧୦ (ସଂଚାର ବ୍ୟୁରୋ):** ସ୍ଥାନୀୟ ଆଇଟିଆଇ ପ୍ରେକ୍ଷାଳୟ ଠାରେ ମଧୁମାୟା ପାଣିଗ୍ରାହୀ ଫାଉଣ୍ଡେସନ୍ ଅନୁକୂଲ୍ୟରେ ୧୬ ତମ କୁଆଁର ପୁନେଇ ଜହ୍ନଲୋ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଏଥିରେ ଅତିଥି ଭାବେ ଜିରାଙ୍ଗ ବୁଦ୍ଧ ମନ୍ଦିରର ମୁଖ୍ୟ ଗୁରୁ ଖେନ ପେମା ତେନଫେଲ, ଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ପ୍ରସନ୍ନ କୁମାର ସ୍ୱାଇଁ,ପ୍ରତିଧ୍ୱନିର ପ୍ରତିଷ୍ଠାତା ପ୍ରତାପ କୁମାର ନାୟକ ଯୋଗ ଦେଇ ସଂସ୍କୃତି ଓ ପରମ୍ପରାକୁ ବଞ୍ଚାଇ ରଖିବାକୁ ହେଲେ ଏଭଳି କାର୍ଯ୍ୟକ୍ରମର ଆବଶ୍ୟକତା ଥିବା ମତ ରଖିଥିଲେ।

ପ୍ରଖ୍ୟାତ ଉଦଘୋଷକ ହୃଷିକେଶ ପାଣିଗ୍ରାହୀ ଓ ସୁଦୀପ୍ତା ପାଣିଗ୍ରାହୀ ସ୍ୱାଗତ ଭାଷଣ ସହ ସଭା ସଂଯୋଜନା କରିଥିଲେ। ସଂସ୍କୃତିକ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ ଡ. ମିହିର କୁମାର ତ୍ରିପାଠୀ। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଆକର୍ଷଣ ଥିବା ଆନ୍ଧ୍ର ପ୍ରଦେଶର ତାନାକୁସ୍ଥତ ଅମ୍ବିକା ଡ୍ୟାନ୍ସ ଏକାଡେମୀର ନୃତ୍ୟାଙ୍ଗନାଙ୍କ ଚିତାକର୍ଷକ କୁଚିପୁଡି ନୃତ୍ୟକୁ ଦର୍ଶକ ବେଶ ଉପଭୋଗ କରିଥିଲେ। ସେହିପରି ସୁନ୍ଦରଗଡର ମୟୂରୀ ଲୋକନୃତ୍ୟ ଅନ୍ୟତମ ଆକର୍ଷଣ ପାଲଟିଥିଲା। ପୂର୍ବରୁ ଗ୍ରାମୀଣ କ୍ରୀଡା ପ୍ରତିଯୋଗିତାର କୃତି ପ୍ରତିଯୋଗୀଙ୍କ ଦ୍ୱାରା ଠିଆ ପୁଚି ନାରଙ୍ଗ ଏବଂ ପାରମ୍ପରିକ କୁଆଁର ପୁନେଇ ଜହ୍ନଲୋ ନୃତ୍ୟ ପରିବେଷଣ ହୋଇଥିଲା। ସହ୍ମିତା ପାଣିଗ୍ରାହୀଙ୍କ ଦ୍ୱାରା ଆବାହନୀ ଦେବୀ ନୃତ୍ୟ, ଶରତ ମହାପାତ୍ର ଓ ଟିମ୍ ଦ୍ୱାରା ଶଙ୍ଖ ଧ୍ୱନୀ,ମାନସି ରାଉତରାୟ ଓ ଦଳଙ୍କ ଦ୍ୱାରା ଓଡ଼ିଶୀ ନୃତ୍ୟ, କେ.ଇରା କିଶୋର ଓ ମହିଳା ସଂଗୀତ ଟିମ୍ ଦ୍ୱାରା ସଂଗୀତ ମୂର୍ଚ୍ଛନା ପ୍ରଦର୍ଶିତ ହୋଇଥିଲା।

# ସମସ୍ୟାରେ ଅସ୍ତରଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର

**ଡାକ୍ତର ଓ କର୍ମଚାରୀ ଅଭାବ, ରୋଗୀ ହନ୍ତସନ୍ତ**

**କାକଟପୁର/ଅସ୍ତରଙ୍ଗ,୮।୧୦ (ସଂଚାର ବ୍ୟୁରୋ):** ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ଟି ୧୫ଗୋଟି ପଂଚାୟତ ରହିଥିବା ବେଳେ ପ୍ରାକୃତିକ ସୌନ୍ଦର୍ଯ୍ୟ ରେ ଭରା ପୀରଜାହାନିଆ, ଗଙ୍ଗାଦେବୀ ବୁଲିବାକୁ ରାଜ୍ୟ ର କୋଣ ଅନୁକୋଣରୁ ପର୍ଯ୍ୟଟକ ଆସୁଛନ୍ତି। ବିଭିନ୍ନ ସମୟରେ ପୀରଜାହାନିଆ ନିକଟ ବେଳାଭୂମି ରେ ପର୍ଯ୍ୟଟକ ସ୍ନାନ ସମୟରେ ବୁଡିଯାଇ ମୃତ୍ୟୁ ବରଣ କରିଥିବା ପୂର୍ବରୁ ମଧ ନଜିର ରହିଛି।କିନ୍ତୁ ଅସ୍ତରଙ୍ଗ ବ୍ଲକ ଅଧୀନ ଅସ୍ତରଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରଟି ଦୀର୍ଘ ବର୍ଷ ଧରି ବିଭିନ୍ନ ସମସ୍ୟା ମଧଦେଇ ଗତି କରୁଛି। ଏଠାରେ ବିଶେଷଜ୍ଞ ଡକ୍ଟର ନଥିବା ବେଳେ ରୋଗୀ ଅସୁବିଧା ସମ୍ମୁଖୀନ ହେଉଛନ୍ତି। ସ୍ୱାସ୍ଥ୍ୟ କେନ୍ଦ୍ରରେ ଏମ୍ ବି ବି ଏସ ଡକ୍ଟରଙ୍କ ବ୍ୟତୀତ ଜଣେ ବି ବିଶେଷଜ୍ଞ ଡକ୍ଟର ନାହାନ୍ତି। ଭେଷଜ, ଶଲ୍ୟ, ଶିଶୁ, ଚିକିତ୍ସକ ପଦ ଗୁଡିକ ବର୍ଷ ବର୍ଷ ଧରି ଖାଲି ପଡିଛି। ଜଣେ ପ୍ରସୂତି ଓ ସ୍ତ୍ରୀ ରୋଗ ବିଶେଷଜ୍ଞ ନଥିବାରୁ ମହିଳା ରୋଗୀ ମାନେ ଅସୁବିଧା ର ସମ୍ମୁଖୀନ ହେଉଥିବା ବେଳେ ଜରୁରୀ କାଳୀନ ପରିସ୍ଥିତିରେ ରୋଗୀ ଙ୍କ ସମ୍ପର୍କୀୟ ନାନା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବିଶେଷ କରି ପ୍ରସୂତି କାଳୀନ ସେବା ପାଇବାରୁ ବଂଚିତ ହେଉଥିବାରୁ ମହିଳା ମାନେ ପରିସ୍ଥିତି ଦୃଷ୍ଟିରୁ ବାଧ୍ୟ ହୋଇ ଘରୋଇ କ୍ଲିନିକ ନତୁବା ଚାରିଛକ, ଭୁବନେଶ୍ୱର କ୍ୟାପିଟାଲ ଉପରେ ସର୍ବଦା ନିର୍ଭର କରୁଛନ୍ତି। ତେଣୁ ସ୍ୱାସ୍ଥ୍ୟ କେନ୍ଦ୍ରରେ ଜଣେ ଦକ୍ଷ ପ୍ରସୂତି ଓ ସ୍ତ୍ରୀ ରୋଗ ବିଶେଷଜ୍ଞ ତୁରନ୍ତ ନିଯୁକ୍ତି ଦେବାକୁ ଅସ୍ତରଙ୍ଗ ବ୍ଲକ ଅଞ୍ଚଳବାସୀ ଦାବୀ କରିଛନ୍ତି।ମନ୍ତ୍ରୀ ଦୃଷ୍ଟି ଦେବାକୁ ଅସ୍ତରଙ୍ଗ ବ୍ଲକ ଅଞ୍ଚଳବାସୀ ଦାବୀ କରିଛନ୍ତି। ଅସ୍ତରଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧିକାରୀ ଡ଼ଃ ସଞ୍ଜୟ ପ୍ରଧାନ କହିଛନ୍ତି, ସ୍ୱାସ୍ଥ୍ୟ କେନ୍ଦ୍ର ରେ ଦେଖା ଦେଇଥିବା ଅସୁବିଧା ସମ୍ପର୍କରେ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଓ ଲୋକ ପ୍ରତିନିଧି ଙ୍କୁ ଦୃଷ୍ଟି ଆକର୍ଷଣ କରିଛୁ।ଅପର ପକ୍ଷେ ବୁଦ୍ଧିଜୀବୀ ମତ ଅନୁସାରେ ରାଜନୈତିକ ଇଚ୍ଛା ଶକ୍ତିର ଅଭାବ ଅସ୍ତରଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ବିଭିନ୍ନ ସମସ୍ୟା ସମାଧାନରେ ମୁଖ୍ୟ ପ୍ରତିବନ୍ଧକ ସାଜିଥିବା ନେଇ ସାଧାରଣରେ ଆଲୋଚନା ହେଉଛି।




## ମହର୍ଷି ବାଲ୍ମିକୀଙ୍କ ଜୟନ୍ତୀ ପାଳିତ

**ମାଲକାନଗିରି, ୮।୧୦ (ସଂଚାର ବ୍ୟୁରୋ):** ମାଲକାନଗିରି ଜିଲ୍ଲା ସଦର ବ୍ଲକ ଅନ୍ତର୍ଗତ ଗୋରାଖୁଣ୍ଟା ପଞ୍ଚାୟତର କୃଷ୍ଣୁ ୱାଡ଼ା ଗ୍ରାମରେ ସାରା ଭାରତରେ ଘରେ ଘରେ ପରିଚିତ ରାମାୟଣ ମହାକାବ୍ୟର ସଂସ୍କୃତ ଭାଷାରେ ରଚୟିତା ମହର୍ଷି ବାଲ୍ମିକୀଙ୍କ ଜନ୍ମ ଦିନ ବହୁ ଆଡ଼ମ୍ବରରେ ପାଳିତ ହୋଇଯାଇଛି। କେଉଁ ଆଦିମ କାଳରୁ ବାଲ୍ମୀକିଙ୍କ ବଂଶଧର କହୁଥିବା ଲୋକମାନେ ମାଲକାନଗିରି ଜିଲ୍ଲାରେ ୩୫ ରୁ ଅଧିକ ଗ୍ରାମରେ ରହି ଆସୁଛନ୍ତି। ପ୍ରତିବର୍ଷ ପରି ଏହି ବର୍ଷ କୃଷ୍ଣୁୱାଡା ଗ୍ରାମର ବାଲ୍ମିକୀ ପରିବାରର ସମସ୍ତେ ମିଶି ସ୍ଥାନୀୟ ଶ୍ରୀ ରାମ ମନ୍ଦିରରେ ଏକତ୍ରିତ ହୋଇ ଜନ୍ମ ଜୟନ୍ତୀ ବା ପ୍ରକଟ ଦିବସ ପାଳନ କରିଛନ୍ତି। ସେମାନଙ୍କ ପୂର୍ବଜଙ୍କୁ ମନେ ପକାଇ ଭଜନ, କୀର୍ତ୍ତନ, ନାମ ସ୍ମରଣ, ଜ୍ଞାନ ଯଜ୍ଞ, ଅନ୍ନ ଦାନ ପ୍ରଭୃତି କାର୍ଯ୍ୟକରି ଜନ୍ମ ଦିନ ପାଳିତ ହୋଇଥିଲା। ରାମାୟଣ ପରି ଗ୍ରନ୍ଥ କୁ ସଂସ୍କୃତ ଭାଷାରେ ପଦ୍ୟ ର ପ୍ରଥମେ ରଚନା କରିଥିବାରୁ ଏହି ବଂଶଧରଙ୍କୁ ଆଜିର ସମାଜରେ ସମସ୍ତେ ଆଦର କରିଥାନ୍ତି।

## ପାଣିରେ ବୁଡ଼ି ଯୁବକ ମୃତ

**ଭଦ୍ରକ, ୮।୧୦ (ସଂଚାର ବ୍ୟୁରୋ):** ନିଜ ଜେଜ ମା'ର ଅନ୍ତେଷ୍ଟି କ୍ରିୟା ସାରି ପୋଖରୀରେ ଗାଧୋଉଥିବା ବେଳେ ବୁଡ଼ିଯାଇ ଯୁବକର ମୃତୁ ହୋଇ ଯାଇଛି। ଏହି ଜିଲାର ଭଣ୍ଡାରିପୋଖରୀ ଥାନା କୁଶଗଡ଼ିଆ ଗାଁର ଏହି ମୃତ ଯୁବକଙ୍କ ନାମ ବିକ୍ରମ ମଲ୍ଲିକ ୨୮ବୋଲି ଜଣାଯାଇଛି। ସେ ଛତାବର୍ ନେଉଳିଆ ଟୋଲ ଗେଟ ରେ କର୍ମଚାରି ଥିବାର ଜଣାଯାଇଛି। ଏହି ମୃତ୍ୟୁରେ ନେରଡା ପଞ୍ଚାୟତରେ ଶୋକର ଛାୟା ଖେଳିଯାଇଛି।

### ଓୟୁଟିଆରର ଚତୁର୍ଥ ପ୍ରତିଷ୍ଠା ଦିବସରେ ଯୋଗଦେଲେ ରାଜ୍ୟପାଳ

# ଛାତ୍ରଛାତ୍ରୀମାନେ ନବସୃଜନର ନେତୃତ୍ୱ ନେବାକୁ ଆହ୍ୱାନ

**ଭୁବନେଶ୍ୱର, ୮।୧୦(ସଂଚାର ବ୍ୟୁରୋ):** ଛାତ୍ରଛାତ୍ରୀମାନେ ଶିକ୍ଷାର ଉପଯୋଗ କରି ଭାରତର ଆତ୍ମନିର୍ଭରଶୀଳତାକୁ ସୁଦୃଢ଼ କରିବା ପାଇଁ ଅର୍ଥପୂର୍ଣ୍ଣ ନବସୃଜନ ଏବଂ ସ୍ଥାୟୀ ସମାଧାନ ସୃଷ୍ଟି କରିବାକୁ ରାଜ୍ୟପାଳ ଡ଼. ହରି ବାବୁ କମ୍ଭମପାଟି ଆହ୍ୱାନ ଜଣାଇଛନ୍ତି । ଓଡ଼ିଶା ପ୍ରଯୁକ୍ତିବିଦ୍ୟା ଏବଂ ଗବେଷଣା ବିଶ୍ୱବିଦ୍ୟାଳୟ (ଓୟୁଟିଆର) ର ଚତୁର୍ଥ ପ୍ରତିଷ୍ଠା ଦିବସ ସମାରୋହରେ ମୁଖ୍ୟ ଅତିଥି ଭାବେ ଯୋଗଦେବା ସହ ଉଦବୋଧନ ଦେଇ ରାଜ୍ୟପାଳ କହିଛନ୍ତି ଯେ, ଭାରତ କେବଳ 'ମେକ୍ ଇନ୍ ଇଣ୍ଡିଆ' ନୁହେଁ ବରଂ 'ଡିଜାଇନ୍ ଇନ୍ ଇଣ୍ଡିଆ' ଏବଂ 'ଇନୋଭେଟ ଫର ଦ ୱାର୍ଲଡ' ଦିଗରେ ମଧ୍ୟ ଲକ୍ଷ୍ୟ ରଖିବା ଉଚିତ।




ରାଜ୍ୟପାଳ କହିଥିଲେ ଯେ, ଶିକ୍ଷା କେବଳ ଜ୍ଞାନ ଆହରଣ ନୁହେଁ ଏହା ବୁଦ୍ଧି, ସାଧୁତା ଏବଂ କଳ୍ପନାକୁ ବିକଶିତ କରିବା ପାଇଁ ଉଦ୍ଦିଷ୍ଟ। ପ୍ରକୃତ ଶିକ୍ଷା ଦାୟିତ୍ୱବାନ ଏବଂ କରୁଣାଶୀଳ ନାଗରିକଙ୍କୁ ଗଠନ କରେ। ଇଞ୍ଜିନିୟରିଂ, ଯୋଜନା, ସ୍ଥାପତ୍ୟ, ପରିଚାଳନା ଏବଂ ଗବେଷଣାକୁ ପ୍ରୋତ୍ସାହିତ କରିବା ପାଇଁ ଓୟୁଟିଆର ର ପଦକ୍ଷେପକୁ ରାଜ୍ୟପାଳ ପ୍ରଶଂସା କରିବା ସହିତ ଏହା ବିଶ୍ୱବିଦ୍ୟାଳୟର ସାମଗ୍ରିକ ଶିକ୍ଷା ପ୍ରତି ପ୍ରତିବଦ୍ଧତାକୁ ପ୍ରତିଫଳିତ କରେ ବୋଲି ଅବତାରଣା କରିଥିଲେ। ମାତ୍ର ଚାରି ବର୍ଷ ମଧ୍ୟରେ ଓୟୁଟିଆର ଜ୍ଞାନ ଏବଂ ନବସୃଜନର ଏକ ସ୍ପନ୍ଦନଶୀଳ କେନ୍ଦ୍ରରେ ପରିଣତ ହୋଇଥିବାରୁ ରାଜ୍ୟପାଳ ବିଶ୍ୱବିଦ୍ୟାଳୟର ନେତୃତ୍ୱ, ଅଧ୍ୟାପକ/ଅଧ୍ୟାପିକା, କର୍ମଚାରୀ ଏବଂ ଛାତ୍ରଛାତ୍ରୀମାନଙ୍କୁ ଅଭିନନ୍ଦନ ଜଣାଇଛନ୍ତି। କମ ସମୟ ମଧ୍ୟରେ ଓୟୁଟିଆର ସୃଜନଶୀଳତା ଏବଂ ଉତ୍କର୍ଷତାର କେନ୍ଦ୍ର ପାଲଟି ଯୁବବର୍ଗଙ୍କୁ ନବସୃଜନକାରୀ ଏବଂ ରାଷ୍ଟ୍ର ନିର୍ମାତା ହେବା ପାଇଁ ପ୍ରୋତ୍ସାହିତ କରିପାରିଛି ବୋଲି ରାଜ୍ୟପାଳ କହିଥିଲେ ।



■ ମା' ସମଲେଶ୍ୱରୀ ପୀଠ ବିକାଶ କାର୍ଯ୍ୟ ବିଶ୍ୱସ୍ତରୀୟ କରିବାକୁ ପରାମର୍ଶ

# ବିସ୍ଥାପିତଙ୍କ ଥଇଥାନକୁ ମୁଖ୍ୟମନ୍ତ୍ରୀଙ୍କ ଗୁରୁତ୍ୱ

**ଭୁବନେଶ୍ୱର, ୮।୧୦(ସଂଚାର ବ୍ୟୁରୋ):** ଆଜି ଲୋକସେବା ଭବନଠାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସମ୍ବଲପୁର ମା' ସମଲେଶ୍ୱରୀ ପୀଠର ବିକାଶ କାର୍ଯ୍ୟର ସମୀକ୍ଷା କରିଛନ୍ତି। ସମୀକ୍ଷା ବୈଠକରୁ ଜଣାଯାଇଛି ଯେ, ମା' ସମଲେଶ୍ୱରୀ ମନ୍ଦିର ବିକାଶ କାମ ୩୧୬ କୋଟି ଟଙ୍କା ବିନିଯୋଗରେ ୮୨ ଏକର ପରିମିତ ଅଞ୍ଚଳରେ ଦୁଇଟି ପର୍ଯ୍ୟାୟରେ କାର୍ଯ୍ୟକାରୀ ହେଉଛି। ପ୍ରଥମ ପର୍ଯ୍ୟାୟରେ ମନ୍ଦିର ଚତୁର୍ପାର୍ଶ୍ୱର କରିଡର ନିର୍ମାଣ, ଗୋପାଳଜିଉ ମଠର ବିକାଶ, ଦୀପ ଘର, ପାର୍କିଂ ସୁବିଧା, ରିଭର ଫ୍ରଣ୍ଟ ଡେଭଲପମେଣ୍ଟ ସହିତ ଅନ୍ୟାନ୍ୟ ଯାତ୍ରୀ ଓ ଦର୍ଶନାର୍ଥୀ ସୁବିଧା ଉପଲବ୍ଧ କରାଯାଇଛି।

ଦ୍ୱିତୀୟ ପର୍ଯ୍ୟାୟରେ ଭକ୍ତ ନିବାସ, ଲେକ୍ ଜୋନ୍, ଦୋକାନ ଗୃହ, ଫୁଡ ପାର୍କ, ପାର୍କିଂ ଏବଂ ପ୍ରବେଶ ପଥ ବିକଶିତ କରାଯିବ। ମୁଖ୍ୟମନ୍ତ୍ରୀ ସମସ୍ତ କାର୍ଯ୍ୟକୁ ବିଶ୍ୱସ୍ତରୀୟ କରିବା ପାଇଁ ପରାମର୍ଶ ଦେଇଥିଲେ। ଏଥିସହିତ ନିର୍ମାଣ ହେବାକୁ ଥିବା ଭକ୍ତ ନିବାସରେ ଅଧିକ ସଂଖ୍ୟକ ଭକ୍ତଙ୍କ ରହଣି ସୁବିଧା ପାଇଁ, ଆବଶ୍ୟକସ୍ଥଳେ ବହୁତଳ ବିଶିଷ୍ଟ କରିବା ପାଇଁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଥିଲେ। ମନ୍ଦିର ବିକାଶ କାର୍ଯ୍ୟ ପାଇଁ ବିସ୍ଥାପିତ ହେଉଥିବା ବାସିନ୍ଦାଙ୍କ ଉପଯୁକ୍ତ ଥଇଥାନ ପ୍ରତି ଯତ୍ନବାନ ହେବାକୁ ମୁଖ୍ୟମନ୍ତ୍ରୀ କହିଥିଲେ।

ବୈଠକରେ ପୂର୍ତ୍ତ ଓ ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ପୂର୍ତ୍ତ ବିଭାଗର ପ୍ରମୁଖ ଶାସନ ସଚିବ ସଂଜୟ କୁମାର ସିଂ, ମୁଖ୍ୟମନ୍ତ୍ରୀଙ୍କ ପ୍ରମୁଖ ଶାସନ ସଚିବ ଶାଶ୍ୱତ ମିଶ୍ର ଏବଂ ପୂର୍ତ୍ତ ବିଭାଗର ବରିଷ୍ଠ ଅଧିକାରୀ ଓ ଯନ୍ତ୍ରୀମାନେ ଉପସ୍ଥିତ ଥିଲେ।

### ଜିଲ୍ଲା କୋର୍ଟକୁ ଗଲା ବାଲେଶ୍ୱର ଏଫ୍‌ଏମ୍ ଛାତ୍ରୀ ଆତ୍ମାହୁତି ଘଟଣା

# କୋର୍ଟରେ ହାଜର ହେଲେ ଅଭିଯୁକ୍ତ

**ବାଲେଶ୍ୱର,୮।୧୦(ସଂଚାର ବ୍ୟୁରୋ) :** କୋର୍ଟରେ ହାଜର ହେଲେ ଛାତ୍ରୀ ଆତ୍ମାହୁତି ଘଟଣାର ଅଭିଯୁକ୍ତ। ବାଲେଶ୍ୱର ଏଫଏମ ଅଟୋନୋମସ କଲେଜ ଛାତ୍ରୀ ଆତ୍ମାହୁତି ଘଟଣାରେ ୪ ଅଭିଯୁକ୍ତଙ୍କୁ ବାଲେଶ୍ୱର ଏସଡିଜେଏମଙ୍କ କୋର୍ଟରେ ହାଜର ହୋଇଛନ୍ତି। ପୂର୍ବତନ ଅଧ୍ୟକ୍ଷ ଦିଲ୍ଲୀପ ଘୋଷ, ଅଧ୍ୟାପକ ସମୀର ସାହୁ, ଛାତ୍ରନେତା ଶୁଭ୍ର ସମ୍ବିତ ନାୟକ ଓ ଜ୍ୟୋତି ପ୍ରକାଶ ବିଶ୍ୱାଳଙ୍କୁ କୋର୍ଟରେ ହାଜର କରାଯାଇଥିଲା। ଛାତ୍ରୀ ଆତ୍ମାହୁତି ଘଟଣାରେ ୪ ଜଣ ବିଚାର ବିଭାଗୀୟ ହାଜତରେ ବିଚାରାଧୀନ କଏଦୀ ଭାବରେ ରହିଛନ୍ତି। କେସକୁ ତ୍ୱରାନ୍ୱିତ କରିବାକୁ ଏସଡିଜେଏମ ତଳ କୋର୍ଟରୁ ଜିଲ୍ଲା ଜର୍ଜଙ୍କ କୋର୍ଟଙ୍କ ବିଚାର ପାଇଁ ସ୍ଥାନାନ୍ତର କରିଛନ୍ତି। ଲାଇଫ ସପୋର୍ଟ ସିଷ୍ଟମରେ ରଖି ଚିକିତ୍ସା ଚାଲିଥିଲା। ୧୦ ଜଣିଆ ବିଶେଷଜ୍ଞ ଦଳ ଛାତ୍ରୀଙ୍କ ସ୍ୱାସ୍ଥ୍ୟାବସ୍ଥା ଉପରେ ନଜର ରଖିଥିଲେ । ଛାତ୍ରୀଙ୍କରଶ୍ୱାସନଳୀ, ବୃକକ, ହୃତପିଣ୍ଡ ସମେତ ଗୁରୁତ୍ୱପୂର୍ଣ୍ଣ ଅଙ୍ଗପ୍ରତ୍ୟଙ୍ଗ ଅକାମୀ ହୋଇପଡ଼ିଥିଲା। ତେବେ ଡାକ୍ତରଙ୍କ ସମସ୍ତ ପ୍ରୟାସ ସତ୍ତ୍ୱେ ଛାତ୍ରୀଙ୍କ ସ୍ୱାସ୍ଥ୍ୟାବସ୍ଥାରେ କୌଣସି ଉନ୍ନତି ପରିଲକ୍ଷିତ ହୋଇନଥିଲା। ଶେଷରେ ସେ ଜୀବନ ହାରିଥିଲେ।

# ବନ୍ୟପ୍ରାଣୀ ସପ୍ତାହରେ ହାତୀ-ମଣିଷ ସହାବସ୍ଥାନ ନେଇ ଆଲୋଚନା




**କେନ୍ଦୁଝର,୮।୧୦(ସଂଚାର ବ୍ୟୁରୋ):** କେନ୍ଦୁଝର ପାର୍କ ଲାଇନସ୍ଥିତ ଅଡିଟରିଅମରେ ବନ୍ୟପ୍ରାଣୀ ସପ୍ତାହ ପାଳନ ଅବସରରେ ହାତୀ ଓ ମଣିଷ ସହାବସ୍ଥାନ ସମ୍ପର୍କରେ ଆଲୋଚନା ହୋଇଛି। ଏଥିରେ ଅତିଥି ଭାବେ ତେଲକୋଇ ବିଧାୟକ ଡକ୍ଟର ଫକୀର ଚରଣ ନାୟକ, କେନ୍ଦୁଝରଗଡ଼ ପୌରାଧ୍ୟକ୍ଷା ନିକୁ ସାହୁ, ଏସ୍‌ପି ନୀତିନ କୁଶଲକର ଯୋଗ ଦେଇଥିବା ବେଳେ କେନ୍ଦୁଝର ବନଖଣ୍ଡ ଅଧିକାରୀ ଧନରାଜ ଏଚ୍. ଡି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସମ୍ପ୍ରତି ବିଶ୍ୱ ପ୍ରାଣୀ ସପ୍ତାହ ପାଳିତ ହେଉଥିବା ବେଳେ ବନ୍ୟପ୍ରାଣୀଙ୍କ ସୁରକ୍ଷା ସାମ୍ପ୍ରତିକ ସମୟରେ ଏକ ବଡ଼ ଚ୍ୟାଲେଞ୍ଜ ଭାବେ ଉଭା ହୋଇଛି। ବିଶେଷକରି କେନ୍ଦୁଝର ଭଳି ଖଣିଖାଦାନଭରା ଜିଲ୍ଲାରେ ହାତୀ ଉପଦ୍ରବ, ମଣିଷ ଓ ହାତୀ ମଧ୍ୟରେ ବୃଦ୍ଧି ପାଉଥିବା ତିକ୍ତତା ଉଦ୍‌ବେଗଜନକ ପରିସ୍ଥିତି ସୃଷ୍ଟି କରିଛି। ଏଣୁ ହାତୀ ଓ ମଣିଷ ମଧ୍ୟରେ କିପରି ସମନ୍ୱୟ ରକ୍ଷା କରାଯାଇ ଉଭୟଙ୍କୁ ସୁରକ୍ଷା ଦିଆଯାଇପାରିବ, ସେନେଇ ଏହି କାର୍ଯ୍ୟକ୍ରମରେ ଆଲୋଚନା ହୋଇଛି। ମୁଖ୍ୟବକ୍ତା ଭାବେ ପୂର୍ବତନ ସାଂସଦ ତଥାଗତ ସତପଥୀ ଯୋଗଦେଇ ସାମ୍ପ୍ରତିକ ପରିସ୍ଥିତିରେ ହାତୀ ଓ ମଣିଷ କିଭଳି ସୁରକ୍ଷିତ ରହିପାରିବେ, ଏଥିପାଇଁ ସରକାରୀ ସ୍ତରରେ କ'ଣଓ ପଦକ୍ଷେପ ନିଆଯାଇପାରିବ, ତା' ଉପରେ ମତାମତ ଦେଇଥିଲେ। ଏହି ଅବସରରେ 'ଐରାବତ' ଶୀର୍ଷକ ଏକ ଥିଏଟର ଶୋ' ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ପଞ୍ଚାୟତ ଲୋକପ୍ରତିନିଧି, ବନ ସୁରକ୍ଷା ସମିତି ସଭାପତି, ଗଜସାଥୀ, ବନ ବିଭାଗ କର୍ମଚାରୀଙ୍କ ସମେତ ସ୍ୱେଚ୍ଛାସେବୀ ସଂଗଠନର ପ୍ରତିନିଧିମାନେ ଯୋଗଦେଇଥିଲେ।

# ଓଏଏସ୍ ପାଇ କାର୍ଯ୍ୟରେ ଯୋଗଦେଲେ ଚାଷୀଙ୍କ ଝିଅ



**ନୂଆପଡା,୮।୧୦(ସଂଚାର ବ୍ୟୁରୋ):** ଚାଷୀଘର ମାଟିରୁ ସ୍ଥଳପଦ୍ମ ପରି ଫୁଟି ବାହାରିଲା। ନାଁ ଚଞ୍ଚଳା। ପାଠ ପଢି ଉଚ୍ଚ ପଦସ୍ଥ ଅଧିକାରୀ ହେଲେ ଆଉ ବାପାଙ୍କର ନାଁ ବି ରଖିଲେ। ଓଡ଼ିଶା ପ୍ରଶାସନିକ ସେବା ପରୀକ୍ଷାରେ ୨୦୮ ନମ୍ବର ରାଙ୍କ ରଖିଛନ୍ତି ନୂଆପଡା ଜିଲ୍ଲା ଖଡିଆଳ ବ୍ଲକ ଭୁଲିଆସିକୁଆଁ ଗାଁର ଚଞ୍ଚଳା ମେହେର। ନୂଆପଡା ଜିଲ୍ଲା ଖଡିଆଳ ବ୍ଲକ ଭୁଲିଆସିକୁଆଁ ଗାଁର ଚାଷୀ ମୁରଲିଧର ମେହେରଙ୍କ ଝିଅ ଚଞ୍ଚଳା ମେହେର ଚଳିତବର୍ଷ ଓଡିଶା ପ୍ରଶାସନିକ ସେବା ଆୟୋଗ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ତାଙ୍କର ଏହି ସଫଳତା ପାଇଁ ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ ଛୁଟିବାରେ ଲାଗିଛି। ସେ ଭୁବନେଶ୍ୱର ବରମୁଣ୍ଡା ସ୍ଥିତ ଯୁଗ୍ମ ନିର୍ଦ୍ଦେଶକ ଭାବେ ପ୍ଲାଣ୍ଟ ପ୍ରୋଟେକ୍ସନ ଅଫିସରେ ଅତିରିକ୍ତ କୃଷି ଅଧିକାରୀ ଭାବେ କାର୍ଯ୍ୟରତ ଅଛନ୍ତି। ତାଙ୍କର ସଫଳତାର ଶ୍ରେୟ ସେ ତାଙ୍କ ବାପା- ମାଆ ଓ ତାଙ୍କ ସ୍ୱାମୀ ଆଦିତ୍ୟ କୁମାରଙ୍କୁ ଦେଇଛନ୍ତି। ଓଡିଶା ପ୍ରଶାସନିକ ସେବା ଆୟୋଗରେ ଚଞ୍ଚଳା ମେହେର ଭୁଲିଆସିକୁଆଁ ଗାଁର ପ୍ରଥମ ମହିଳା ଭାବେ ଉତ୍ତୀର୍ଣ୍ଣ ହୋଇ ଗାଁର ଗୌରବ ଆଣିଥିବାରୁ ତାଙ୍କ ପରିବାରଲୋକେ ତଥା ଗ୍ରାମବାସୀ ବେଶ ଖୁସୀ ବ୍ୟକ୍ତ କରିଛନ୍ତି ।

● ଆକାଶରୁ ଖସିଲା ମୃତ୍ୟୁ

# ପୂଜା ବେଳେ ଟଳିପଡ଼ିଲେ ନନା



**ସିମୁଳିଆ,୮।୧୦(ସଂଚାର ବ୍ୟୁରୋ):** କୁହାଯାଏ, ଜୀବନ ଉପରେ କାହାର ବି ଭରସା ନାହିଁ। ଠିକ୍ ସେମିତି ଏକ ଖବର ଆସିଛି ବାଲେଶ୍ୱର ସିମୁଳିଆ ଅଞ୍ଚଳରୁ । ଯେଉଁଠି ପୂଜା କରୁକରୁ ଟଳିପଡ଼ିଛନ୍ତି ପୂଜକ। ଆଉ ମାଆ ଲକ୍ଷ୍ମୀଙ୍କ ଆଗରେ ସଙ୍ଗେ ସଙ୍ଗେ ଚାଲିଗଲା ଜୀବନ। ମଇତାପୁର ପଞ୍ଚାୟତର ରାମବିନ୍ଧା ଗ୍ରାମର ପଦ୍ମଲୋଚନ ଦାଶଙ୍କ ୨୪ ବର୍ଷର ପୁଅ ତଥା ପୂଜକ ସୁରେନ୍ଦ୍ର ଦାଶ କଳାଶୁଣିରେ ପୂଜା କରୁଥିବା ସମୟରେ ବ୍ରଜପାତରେ ପ୍ରାଣ ହରାଇଛନ୍ତି। କଳାଶୁଣିରେ ଲକ୍ଷ୍ମୀପୂଜା କରୁଥିବା ବେଳେ ତାଙ୍କର ମୃତ୍ୟୁ ହୋଇଛି। ଲକ୍ଷ୍ମୀପୂଜା ବେଳେ ପୂଜକ ସୁରେନ୍ଦ୍ର ଦାଶ ହାତରେ ମାଇକ୍ରୋଫୋନ ଧରିଥିବା ବେଳେ ଅପରାହ୍ନରେ ହଠାତ ବଜ୍ରାଘାତ ହୋଇଥିଲା। ଆଉ ସେହି ବଜ୍ରାଘାତରେ ମାଇକ୍ରୋଫୋନଟି ଚାର୍ଜ ହୋଇଯାଇଥିଲା। ବିଜୁଳିର ଜୋରଦାର ଝଟକା ପରେ ନନା ସେହିଠାରେ ହିଁ ଟଳିପଡ଼ିଥିଲେ। କିଛି ସମୟ ଆଗରୁ ଯେଉଁଠି ଧନଲକ୍ଷ୍ମୀଙ୍କ ପୂଜା ପାଇଁ ମନ୍ତ୍ର ଶ୍ଳୋକରେ ପରିବେଶ ଉଛୁଳି ପଡୁଥିଲା, ବାସ୍ କିଛି ସମୟ ପରେ ହିଁ ସେହି ସ୍ଥାନ କାନ୍ଦବୋବାଳିରେ ଫାଟିପଡିଲା। ଆଧ୍ୟାତ୍ମିକ ପରିବେଶଟା ଶୋକାକୁଳ ପରିବେଶ ସୃଷ୍ଟିକଲା। ଗାଁରେ ପୂରା ଖବର ଖେଳିଗଲା। ଘଟଣା ପରେ ପୂଜକଙ୍କୁ ଭଦ୍ରକ ଡାକ୍ତରଖାନା ନେଇଯାଇଥିଲେ ହେଁ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

# ଜଳିଗଲା ୩୦ ଇଭି

**ଗୋପ,୮।୧୦(ସଂଚାର ବ୍ୟୁରୋ) :** ବ୍ୟାଟେରୀ ଚାଳିତ ଗାଡ଼ି ସୋରୁମରେ ଘଟିଲା ଅଗ୍ନିକାଣ୍ଡ। ଜଳିଗଲା ପ୍ରାୟ ୩୦ରୁ ଅଧିକ ବ୍ୟାଟେରୀ ଚାଳିତ ମଟର ସାଇକେଲ। ଘଟଣାସ୍ଥଳରେ ଅଗ୍ନିଶମ ବାହିନୀ ଆସି ନିଆଁକୁ ଆୟତ୍ତ କରିଲା ବେଳେକୁ ଜଳିଯାଇଥିଲା ସମସ୍ତ ଗାଡ଼ି। ଆଜି ଅପରାହ୍ନରେ ହଠାତ ନିଆଁ ଜଳିଥିଲା କୋଣାର୍କ ମାଧିପୁର ଛକରେ ରହିଥିବା ବ୍ୟାଟେରୀ ଚାଳିତ ଗାଡ଼ି ସୋରୁମ ଠାରେ। ସେଠାରେ ଉପସ୍ଥିତ ଲୋକେ ଅଗ୍ନିଶମ ବାହିନୀକୁ ଖବର ଦେଇଥିଲେ ହେଲେ ଅଗ୍ନିଶମ ବାହିନୀ ପହଁଚିଲା ବେଳକୁ ସୋରୁମରେ ଥିବା ସବୁ ଗାଡ଼ି ଜଳିପୋଡ଼ି ଯାଇଥିଲା। ଅଗ୍ନିକାଣ୍ଡ କିପରି ହେଲା ତାହା ଏବେବି ଅସ୍ପଷ୍ଟ ରହିଛି । ସୋରୁମ ରେ ପ୍ରାୟ ୨୦ ରୁ ଅଧିକ ବ୍ୟାଟେରୀ ଚାଳିତ ଗାଡ଼ି ରହିଥିଲା ବୋଲି ଅନୁମାନ କରାଯାଉଛି । ଯାହାର ଆନୁମାନିକ ମୂଲ୍ୟ ୨୫/୩୦ ଲକ୍ଷ ହେବ ବୋଲି ଆକଳନ କରାଯାଉଛି ।

● କଟକରେ ହିନ୍ଦୁଙ୍କ ଉପରେ ପୋଲିସର ଦମନଲୀଳାକୁ ଭିଏଚ୍‌ପିର ବିରୋଧ

# ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯାଉ

**ଭୁବନେଶ୍ୱର,୮।୧୦(ସଂଚାର ବ୍ୟୁରୋ):** ଅଶୋକ ନଗର ସ୍ଥିତ ହୋଟେଲ୍ ଆଡ଼ଭେଞ୍ଚର ଠାରେ ବିଶ୍ୱ ହିନ୍ଦୁ ପରିଷଦ ପକ୍ଷରୁ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଯେଉଁଥିରେ କଟକରେ ହିନ୍ଦୁମାନଙ୍କ ଆରାଧ୍ୟ ଦେବୀ ମା' ଦୁର୍ଗାଙ୍କ ଭସାଣୀ ଉତ୍ସବ ବେଳେ ବିଧର୍ମୀ ମୁସଲମାନ ଆକ୍ରମଣକାରୀମାନଙ୍କ ଦ୍ୱାରା ହିନ୍ଦୁମାନଙ୍କ ଉପରେ ଟେକା ପଥର ମାଡ଼ ସହ ମରଣାତ୍ମକ ଅସ୍ତ୍ର ମାଧ୍ୟମରେ ହିନ୍ଦୁମାନଙ୍କ ଉପରେ ଆକ୍ରମଣ କରାଯାଇ ମାଆ ଦୁର୍ଗାଙ୍କ ମୂର୍ତ୍ତି ଓ ମେଢକୁ ଭାଙ୍ଗିବାର ଅପ ପ୍ରୟାସ କରାଗଲା ଏବଂ ଏହାର ପ୍ରତିବାଦରେ ଗତ ରବିବାର ସମଗ୍ର ହିନ୍ଦୁ ସମାଜର ଆକ୍ରୋଶର ଫଳ ସ୍ୱରୂପ ଯେଉଁ ଶୋଭାଯାତ୍ରା ବାହାରିଲା ଏବଂ ଯେଉଁ ପ୍ରକାରର ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହେଲା, ପୋଲିସ ଉପରେ ଆକ୍ରମଣ ହେଲା ଏବଂ ଯାହା ଯାହା ଦୁର୍ଘଟଣାମାନ ଘଟିଲା ତାକୁ ବିଶ୍ୱ ହିନ୍ଦୁ ପରିଷଦ ଦୃଢ଼ ଭାବରେ ନିନ୍ଦା କରିବା ସହ ଦୁଃଖ ପ୍ରକାଶ କରୁଛି। ବିଶେଷ ଭାବରେ ପୋଲିସ ଉପରେ ଆକ୍ରମଣକୁ ନାପସନ୍ଦ କରୁଛି। ଯେଉଁମାନେ ଏହି ଘଟଣାର ସଂପୃକ୍ତ ସେମାନଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ନିଆଯାଉ ବୋଲି ମଧ୍ୟ ଭିଏଚପି ପ୍ରଶାସନ ନିକଟରେ ଦାବି କରୁଛି। ଟେକା ପଥର ମାଡ଼ର ଶିକାର ହୋଇଥିବା ହିନ୍ଦୁମାନେ କେଉଁଠି , ପୋଲିସ ସ୍ପଷ୍ଟକରୁ। ଏତେବଡ଼ ଘଟଣା ଘଟିଲା ବେଳେ ଗୋଇନ୍ଦା ବିଭାଗ କରୁଥିଲା କଣ ? ଯଦି ବି ଏଭଳି ଘଟଣା ଘଟିଗଲା ପୋଲିସ ପ୍ରଶାସନ ତତକ୍ଷଣାତ୍ ପଦକ୍ଷେପ ନେଲାନି କାହିଁକି ? ମୂଳ ପ୍ରସଙ୍ଗ ବଦଳରେ ହିନ୍ଦୁମାନଙ୍କୁ ଜୋରଜବରଦସ୍ତ ଗିରଫ କରି ପ୍ରଶାସନ ଏ ଘଟଣାକୁ ଚାପେଇବାକୁ ଯେଉଁ ଅପପ୍ରୟାସ କରୁଛି ତାହାକୁ ତାକୁ ଘୋର ନିନ୍ଦା କରୁଛି ଏବଂ ଏଥିରୁ ଜିଲା ପ୍ରଶାସନ ଓ ଜିଲା ପୋଲିସ ପ୍ରଶାସନ କ୍ଷାନ୍ତ ରୁହନ୍ତୁ ବୋଲି ଭିଏଚପି ପରାମର୍ଶ ଦେଇଛି।

ଏହି ସାମ୍ବାଦିକ ସମ୍ମୀଳନୀରେ ଭିଏଚପିର ପୂର୍ବ ପ୍ରାନ୍ତର କାର୍ଯ୍ୟକାରୀ ସଭାପତି ପବିତ୍ର କୁମାର ସ୍ୱାଇଁ , ପୂର୍ବ ପ୍ରାନ୍ତର ସଙ୍ଗଠନ ସମ୍ପାଦକ ଶରତ ଚନ୍ଦ୍ର ପ୍ରଧାନ, ପ୍ରାନ୍ତ ପ୍ରଚାର ପ୍ରସାର ପ୍ରମୁଖ ସୁଜିତ୍ କୁମାର ନାୟକ, ଭୁବନେଶ୍ୱର ଜିଲା ସମ୍ପାଦକ ଶୁଭ୍ରାଂଶୁ ଶେଖର ଶତପଥି ଏବଂ ପ୍ରଳୟ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

● ସରକାରୀ ନୀତିକୁ ନିଗମଗୁଡିକର ଖୋଲା ଉଲ୍ଲଂଘନ

# ନିଗମ ଯନ୍ତ୍ରୀସଂଘ ଶକ୍ତିମନ୍ତ୍ରୀଙ୍କ ହସ୍ତକ୍ଷେପ ଲୋଡିଲା

**ଭୁବନେଶ୍ୱର,୮।୧୦(ସଂଚାର ବ୍ୟୁରୋ):** ସରକାରୀ ନିଗମ ଓଏଚପିସି ଓ ଶକ୍ତିକ୍ଷେତ୍ରରେ କାର୍ଯ୍ୟ କରୁଥିବା ଅନ୍ୟାନ ନିଗମର ପରିଚାଳନା ମଣ୍ଡଳୀ ବା ବୋର୍ଡକୁ ଓଡିଶା ସରକାର ନିଯୁକ୍ତ କରୁଥିଲେ ବି ରାଜ୍ୟ ସରକାର ପ୍ରଣିତ କରିଥିବା ମାନବସମ୍ବଳ ନୀତିକୁ ଖୋଲାଖୋଲି ଉଲ୍ଲଂଘନ କରୁଛନ୍ତି। ନିଗମଗୁଡିକ ସ୍ୱଜନପୋଷଣ ନୀତିରେ ନିଗମଗୁଡିକୁ ପରିଚାଳନା କରୁଛନ୍ତି। ଫଳରେ ନିଯୁକ୍ତି ଓ ପଦୋନ୍ନତି କ୍ଷେତ୍ରରେ ଯୋଗ୍ୟ ପାର୍ଥୀଙ୍କ ରାଜ ଦକ୍ଷତା, ମେଧା ଓ ପ୍ରତିଭା ମୂଲ୍ୟହୀନ ହୋଇପଡିଛି। ଯନ୍ତ୍ରୀ ମାନଙ୍କର ନିଯୁକ୍ତି ଓ ପଦୋନ୍ନତି ପାଇଁ ଜଳସମ୍ପଦ ବିଭାଗ ପ୍ରଣିତ କରିଥିବା କ୍ୟାଡର ନୀତିରେ କର୍ମଚାରୀ ମାନଙ୍କର ଦକ୍ଷତା ଓ ପାରଦର୍ଶିତା ବୃଦ୍ଧିପାଇଁ କୌଣସି ପ୍ରତିବନ୍ଧକ ନାହିଁ। କିନ୍ତୁ ବିଡମ୍ବନା ହେଉଛି ସ୍ୱଜନପୋଷଣ ନୀତିରେ ପରିଚାଳିତ ଓଏଚପିସି ତାହାକୁ ସମ୍ପୂର୍ଣ୍ଣ ପ୍ରତ୍ୟାଖାନ କରିଆସୁଛି। ନିଗମରେ କାର୍ଯ୍ୟ କରୁଥିବା ଦକ୍ଷ, ଯୋଗ୍ୟ ଓ ମେଧାବୀ ଡିପ୍ଲୋମା ଯନ୍ତ୍ରୀମାନଙ୍କର ପଦୋନ୍ନତିକୁ ଏଜିଏମ ପଦରେ ସୀମିତ ରଖିବା ଦ୍ୱାରା ବିଦ୍ୟୁତ କ୍ଷେତ୍ରର ବିକାଶରେ ପ୍ରତିବନ୍ଧକ ହୋଇଛି। ଦ୍ୱିତୀୟରେ ଜଳସମ୍ପଦ ବିଭାଗ କନିଷ୍ଠ ଯନ୍ତ୍ରୀ ଓ ସହାୟକ ଯନ୍ତ୍ରୀଙ୍କ କ୍ୟାଡର ନିଯୁକ୍ତି ଅନୁପାତ ୪୦:୬୦ ଧାର୍ଯ୍ୟ କରି ଅଧିନିୟମ ଜାରି କରିଥିବା ବେଳେ ନିଗମଗୁଡିକ ତାହାକୁ ପ୍ରତ୍ୟାଖାନ କରି ୩୩:୬୭ ଅନୁପାତ ସ୍ଥିରକରି ନିଗମ ପରିଚାଳନା କରୁଛନ୍ତି। ଏହାକୁ ବିରୋଧ କରି ଓଡିଶା ରାଜ୍ୟ ବିଦ୍ୟୁତ ନିଗମ ଯନ୍ତ୍ରୀ ସଂଘ ଆଜି ଏକ ସ୍ମାରକ ପତ୍ର ମାଧ୍ୟମରେ ଶକ୍ତିମନ୍ତ୍ରୀଙ୍କୁ ଅବଗତ କରିବା ସହିତ ତୁରନ୍ତ ପ୍ରତିକାରାତ୍ମକ ପଦକ୍ଷେପ ଗ୍ରହଣ କରିବା ପାଇଁ ନିବେଦନ କରିଛନ୍ତି।

### ପୌର ଉପାଧ୍ୟକ୍ଷା ଅନାସ୍ଥା ପ୍ରସ୍ତାବ ମାମଲା

# ହ୍ୱିପ୍ ଜାରିକଲା ବିଜେଡି

**ରାୟଗଡ଼ା,୮।୧୦(ସଂଚାର ବ୍ୟୁରୋ):** ରାୟଗଡ଼ା ପୌରପରିଷଦ ଉପାଧ୍ୟକ୍ଷାଙ୍କ ବିରୋଧରେ ୧୯ଜଣ କାଉନସିଲର ସେପ୍ଟେମ୍ବର ୧୨ ତାରିଖରେ ଅନାସ୍ଥା ପ୍ରସ୍ତାବ ଆଣିଥିଲେ। ଏହି ମାମଲାରେ ବିଜେଡି ରାଜ୍ୟ ସଭାପତି ନବୀନ ପଟ୍ଟନାୟକ ସମସ୍ତ ୧୯ଜଣ କାଉନସିଲରଙ୍କୁ ହ୍ୱିପ୍ ଜାରି କରିଛନ୍ତି। ଉକ୍ତ ହ୍ୱିପ୍ ନୋଟିସରେ ଅନାସ୍ଥା ପ୍ରସ୍ତାବ ପାଇଁ ଗୁରୁବାର ହେବାକୁ ଥିବା ଭୋଟିଂରେ ଉପସ୍ଥିତ ରହି ଅନାସ୍ଥା ବିରୋଧରେ ଭୋଟିଂ କରିବା ପାଇଁ ନୋଟିସ୍ ଜାରି କରିଛନ୍ତି। ଏଥିସହିତ ଯଦି କୌଣସି କାଉନସିଲର ଏହି ନିର୍ଦ୍ଦେଶ ବିରୋଧରେ ଯାଆନ୍ତି ତେବେ ଓ ମ୍ୟୁନିସିପାଲ ଆମେଣ୍ଡମେଣ୍ଟ ନିୟମାବଳୀ ୨୦୧୮ର ରୁଲ୍ ୪୬(ଖ) ଅନୁଯାୟୀ ଦଳ ପଦକ୍ଷେପ ଗ୍ରହଣ କରିବ ବୋଲି ଉକ୍ତ ଚିଠିରେ ଲିଖିତ ରହିଛି।

ବିଜେଡି ଜିଲା ସଭାପତି ଘୋଷଣା ହେବା ପରେ ଗତ ସେପ୍ଟେମ୍ବର ମାସରେ ଦଳରେ ଦୀର୍ଘବର୍ଷ ଧରି ରହିଥିବା ଗୋଷ୍ଠୀ କନ୍ଦଳ ପଦାରେ ପଡ଼ିଛି। ପୂର୍ବତନ ମନ୍ତ୍ରୀ ଜଗନ୍ନାଥ ସାରକା ଜିଲା ସଭାପତି ହେବା ପରେ ଦଳର ବରିଷ୍ଠ ନେତା ତଥା ରାଜ୍ୟସଭା ପୂର୍ବତନ ସଦସ୍ୟ ଏନ୍.ଭାସ୍କର ରାଓ, ପୂର୍ବତନ ମନ୍ତ୍ରୀ ଲାଲବିହାରୀ ହିମିରିକାଙ୍କ ସମେତ ବହୁ ସମିତିସଭ୍ୟ, ବରିଷ୍ଠ ନେତା ଓ ବିଜେଡି ସମର୍ଥିତ କାଉନସିଲରମାନେ ଦଳ ଛାଡ଼ିଥିଲେ। ଏନେଇ କାଉନସିଲରମାନେ ବିଧିବଦ୍ଧ ଭାବେ ଜିଲା ସଭାପତି ଓ ରାଜ୍ୟ ନେତୃବୃନ୍ଦଙ୍କୁ ଚିଠି ମାଧ୍ୟମରେ ଜଣାଇଥିଲେ। ଏହାପରେ ସେପ୍ଟେମ୍ବର ୧୨ତାରିଖରେ ରାୟଗଡ଼ା ପୌର ପରିଷଦର ୧୯ଜଣ କାଉନସିଲର ପୌର ଉପାଧ୍ୟକ୍ଷା ଶୁଭ୍ରା ପଣ୍ଡାଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ଆଣିଥିଲେ। ଏନେଇ ଜିଲାପାଳ ଆଶୁତୋଷ କୁଲକର୍ଣ୍ଣିଙ୍କୁ ଲିଖିତ ଜଣାଇଥିଲେ। ଉକ୍ତ ଅନାସ୍ଥା ପ୍ରସ୍ତାବକୁ ଆବେଦନ ପତ୍ରକୁ ବିଚାରକୁ ନେଇ ସେପ୍ଟେମ୍ବର ୧୨ରେ ଜିଲାପାଳ ଆଶୁତୋଷ କୁଲକର୍ଣ୍ଣିଙ୍କୁ ଲିଖିତ ପ୍ରସ୍ତାବପତ୍ର ଦେଇଥିଲେ। ଏହାପରେ ଜିଲାପାଳଙ୍କ ନିର୍ଦ୍ଦେଶ ଅନୁଯାୟୀ, ସେପ୍ଟେମ୍ବର ୨୦ରେ ଉକ୍ତ ୧୯ଜଣ କାଉନସିଲରଙ୍କ ଦସ୍ତଖତ ଯାଞ୍ଚ କରି ଉପଜିଲାପାଳ ରମେଶ କୁମାର ଜେନା ଜିଲାପାଳ କୁଲକର୍ଣ୍ଣିଙ୍କୁ ରିପୋର୍ଟ ଦାଖଲ କରିଥିଲେ। ତେବେ ଗୁରୁବାର ଭୋଟିଂ ପରେ ଜଣାପଡ଼ିବ ଅନାସ୍ଥା କାଟ୍ ଖାଇ ବିଜେଡି ସପକ୍ଷରେ ରହୁଛି ନା ବିରୋଧୀଙ୍କ ହାତକୁ ଯାଉଛି।

### ଖଣି ପ୍ରଭାବିତ ଅଞ୍ଚଳର ବିକାଶରେ ଓଡ଼ିଶା

# ଶତ ପ୍ରତିଶତ ସୁବିଧା ସୁନିଶ୍ଚିତ ଉପରେ ଗୁରୁତ୍ୱ

■ ଡିଏମଏଫର ପ୍ରଭାବୀ ଉପଯୋଗ ଜରୁରୀ

■ ୩ ଜିଲ୍ଲା ଖଣିଜ ପ୍ରତିଷ୍ଠାନର କାର୍ଯ୍ୟ ନେଇ ଆଲୋଚନା



**ଭୁବନେଶ୍ୱର, ୮।୧୦(ସଂଚାର ବ୍ୟୁରୋ):** ଓଡ଼ିଶା ସରକାରଙ୍କ ଯୋଜନା ଏବଂ ସଂଯୋଜନ ବିଭାଗ ଦ୍ୱାରା 'ଜିଲ୍ଲା ଖଣିଜ ପ୍ରତିଷ୍ଠାନର କାର୍ଯ୍ୟ ଏବଂ ଅନୁଗୋଳ, ଯାଜପୁର ଏବଂ ଝାରସୁଗୁଡା ଜିଲ୍ଲାରେ ଡିଏମଏଫ୍ ପ୍ରକଳ୍ପର କାର୍ଯ୍ୟାନ୍ୱୟନ ସଂପର୍କରେ ଏକଦିବସୀୟ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। କର୍ମଶାଳାରେ ପ୍ରକଳ୍ପ କାର୍ଯ୍ୟକାରିତା ସଂପର୍କିତ ସମକାଳୀନ ମୂଲ୍ୟାଙ୍କନର ଫଳାଫଳ ବିଷୟରେ ବିସ୍ତୃତ ଆଲୋଚନା କରାଯାଇଥିଲା। ଏହି କର୍ମଶାଳାରେ ରାଜ୍ୟ ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ଅଧ୍ୟକ୍ଷତା କରିଥିଲେ।

ଓଡିଶାରେ ଖଣି ପ୍ରଭାବିତ କ୍ଷେତ୍ରରେ ସମାବେଶୀ ବିକାଶ ପାଇଁ ଏକ ପରିବର୍ତ୍ତନଶୀଳ ବ୍ୟବସ୍ଥା ସୃଷ୍ଟି ହୋଇଛି। ଏପର୍ଯ୍ୟନ୍ତ ରାଜ୍ୟର ଡିଏମଏଫ୍ ଜିଲ୍ଲାମାନଙ୍କରେ ମୋଟ ୩୨,୦୦୦ରୁ ଅଧିକ ପ୍ରକଳ୍ପକୁ ମଞ୍ଜୁର କରାଯାଇଛି। ତନ୍ମଧ୍ୟରୁ ୧୩,୨୪୪ଟି ପ୍ରକଳ୍ପ ଏବଂ ଗ୍ରାମର ନମୁନା ଅଧ୍ୟୟନ ଓ ମୂଲ୍ୟାଙ୍କନ ପାଇଁ ନିଆଯାଇଥିଲା। ଏସବୁ ମୁଖ୍ୟତଃ ସ୍ୱାସ୍ଥ୍ୟ, ଶିକ୍ଷା, ଜୀବିକା, ପାନୀୟ ଜଳ, ଭିତ୍ତିଭୂମି ବିକାଶ ଏବଂ ଗୁରୁତ୍ୱପୂର୍ଣ୍ଣ ସଂସାଧନ ଅଭାବକୁ ଦୂରକରିବା କ୍ଷେତ୍ରରେ କେନ୍ଦ୍ରିତ ଥିଲା। ମୂଲ୍ୟାଙ୍କନରେ ଦେଖାଯାଇଛି ଯେ, ପାଇପ ଜଳ ଯୋଗାଣ, ରାସ୍ତା, ସ୍ୱାସ୍ଥ୍ୟ ସୁବିଧା ଏବଂ କୌଶଳ ବିକାଶ କାର୍ଯ୍ୟକ୍ରମ ଭଳି ନିବେଶରୁ ଉଚ୍ଚ ସାମାଜିକ- ଆର୍ଥିକ ବିକାଶ ଫଳାଫଳ ମିଳୁଛି। ଖଣିଜ ପ୍ରଭାବିତ ଗ୍ରାମଗୁଡିକରେ ବିଶେଷ କରି ଶିକ୍ଷା ଓ ସ୍ୱଚ୍ଛତା ପ୍ରକଳ୍ପଗୁଡ଼ିକ ସ୍ଥାନୀୟ ସମ୍ପ୍ରଦାୟ ଉପରେ ଦୃଢ଼ ପ୍ରଭାବ ପକାଇବା ଦ୍ୱାରା ସେମାନେ ବିଶେଷ ଉପକୃତ ହୋଇଛନ୍ତି। ପ୍ରକଳ୍ପଗୁଡ଼ିକର କାର୍ଯ୍ୟକାରିତାରେ ଖର୍ଚ୍ଚ ଅନୁପାତରେ ସୁଫଳ ମିଳିଥିବା ଯୋଗୁଁ ଡିଏମଏଫର କାର୍ଯ୍ୟ ତ୍ୱରାନ୍ୱିତ ହୋଇଥିବା ଦର୍ଶାଉଛି।

ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟ ଯୋଜନା ଓ ସଂଯୋଜନ ବିଭାଗ ସମେତ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ, ଗ୍ରାମ୍ୟ ଉନ୍ନୟନ ବିଭାଗ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗ, ମହିଳା ଓ ଶିଶୁ ବିକାଶ ବିଭାଗ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ସମେତ ସଂପୃକ୍ତ ବିଭିନ୍ନ ବିଭାଗର ସଚିବ, ନିର୍ଦ୍ଦେଶକ ଏବଂ ବରିଷ୍ଠ ଅଧିକାରୀମାନେ ଯୋଗଦେଇଥିଲେ। ଅନୁଗୋଳ ଓ ଯାଜପୁର ଜିଲ୍ଲାର ଜିଲ୍ଲାପାଳ ଏବଂ ଝାରସୁଗୁଡା ଜିଲ୍ଲାର ଅତିରିକ୍ତ ଜିଲ୍ଲାପାଳ ଆଲୋଚନାରେ ଅଂଶଗ୍ରହଣ କରି ଡିଏମଏଫ୍ ପ୍ରକଳ୍ପ କାର୍ଯ୍ୟାନୁଷ୍ଠାନରେ ରହୁଥିବା ବିଭିନ୍ନ ସମସ୍ୟା ଏବଂ ଆହ୍ୱାନ ସଂପର୍କରେ ଆଲୋକପାତ କରିବା ସହ ମତ ଓ ପ୍ରସ୍ତାବ ରଖିଥିଲେ।

# ରାଜ୍ୟରେ ୯ ଯାଏଁ ବଜ୍ରପାତ ଜନିତ ବର୍ଷା

**ଭୁବନେଶ୍ୱର ୮।୧୦(ସଂଚାର ବ୍ୟୁରୋ):** ଦକ୍ଷିଣ ବାଂଲାଦେଶ ଓ ପାଖାପାଖି ଅଞ୍ଚଳରେ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହୋଇଛି। ଆସନ୍ତା ୯ ତାରିଖ ଯାଏଁ ଏହା ସକ୍ରିୟ ରହିବା ସହ ରାଜ୍ୟରେ ବଜ୍ରପାତ ଜନିତ ବର୍ଷା ଜାରି ରହିବ। ବିଶେଷକରି ଉପକୂଳ ଓ ଉତ୍ତର-ଆଭ୍ୟନ୍ତରୀଣ ଓଡ଼ିଶାରେ ତୀବ୍ରତା ଅଧିକ ରହିପାରେ, ତେବେ ଆଗାମୀ ୩ରୁ ୪ ଦିନ ପର୍ଯ୍ୟନ୍ତ ଏହାର ପ୍ରଭାବ ଜାରି ରହିବ। ଆସନ୍ତା ୨୪ ଘଣ୍ଟା ପାଇଁ ୨୪ଟି ଜିଲ୍ଲା ପାଇଁ ଘଡଘଡି ସହ ବର୍ଷା ନେଇ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ଏଥିସହ ଆସନ୍ତା ୧୦ ତାରିଖ ବେଳକୁ ଉତ୍ତର-ବଙ୍ଗୋପସାଗର ଅଞ୍ଚଳରେ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହେବାର ସମ୍ଭାବନା ରହିଛି। ଏହା ବିଶେଷ ଘନୀଭୂତ ହେବାର ସମ୍ଭାବନା ନାହିଁ। ସାଧାରଣତଃ ଓଡ଼ିଶାରୁ ମୌସୁମୀ ବିଦାୟ ନେବାର ସମୟ ୧୫ ତାରିଖ ହୋଇଥିବା ବେଳେ ଆଗାମୀ ୫ ଦିନରେ ମୌସୁମୀ ବିଦାୟ ନେବା ପାଇଁ ପାଗ ଅନୁକୂଳ ନଥିବା ଆଞ୍ଚଳିକ ପାଣିପାଗ ବିଭାଗ ନିର୍ଦ୍ଦେଶିକା ମନୋରମା ମହାନ୍ତି ସୂଚନା ଦେଇଛନ୍ତି। ପାଣିପାଗ ବିଶେଷଜ୍ଞଙ୍କ ଆକଳନ ୧୭ ଅକ୍ଟୋବର ପରେ ମୌସୁମୀ ବାୟୁ ବିଦାୟ ନେବା ପାଇଁ ପାଗ ଅନୁକୂଳ ହେବ।




ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ
Published by Sri Rudra Pratap Das at Plot No.312, Flat No.003,Green High Appartment, Kharvel Nagar, Bhubaneswar, Dist-Khorda-751001 and Owned by Sri Saroj Kumar Nayak of Plot No.495, Nilakantha Nagar, Nayapalli, Bhubaneswar-751012 and printed by Sri Sudhir Kumar Panda at Nijukti Khabar Prakashan, TS 3/191, Mancheswar Industrial Estate, Bhubaneswar-751010, Dist-Khurda (Odisha) Ph. No. 8093008776
Editor: Himanshu Bhusan Kar
ସମ୍ପାଦକ: ହିମାଂଶୁ ଭୂଷଣ କର




# ଇଭି ସ୍କୁଟରର କମ୍ ହେଉଛି କି ରେଞ୍ଜ

**ନୂଆଦିଲ୍ଲୀ,୮।୧୦:** ବର୍ତ୍ତମାନ ଘରେ ଘରେ ଇଭି ସ୍କୁଟର। ଏହାର ଚାହିଦା ବେଶ୍ ବଢିବାରେ ଲାଗୁଛି । କିନ୍ତୁ ପ୍ରାୟତଃ ଦେଖିବାକୁ ମିଳୁଛି ଯେ ଇଭି ସ୍କୁଟରର ରେଞ୍ଜ କମ୍ ହେଉଛି । ଏହା ପଛରେ କାରଣ କଣ ? ଆସନ୍ତୁ ଜାଣିବା... ହଠାତ୍ ଫୁଲ୍ ଥ୍ରୋଟଲ୍ ଦିଅନ୍ତୁନି । ଏପରି କରିବା ଦ୍ୱାରା ବ୍ୟାଟେରୀ ଶୀଘ୍ର ଶୁଷ୍କ ହୋଇଯାଏ । ତେଣୁ ସବୁବେଳେ ଧୀରେ ଧୀରେ ସ୍ପିଡ ବଢ଼ାନ୍ତୁ । ହଠାତ୍ ବ୍ରେକ୍ ଲଗାଇବା ଦ୍ୱାରା ମଟରରେ ଚାପ ବଢ଼ିଥାଏ । ଧୀରେ ଧୀରେ ଏବଂ କଣ୍ଟ୍ରୋଲ୍ କରି ବ୍ରେକ୍ ଲଗାନ୍ତୁ । ଚକାରେ କମ୍ ପ୍ରେସର ହେବା ଦ୍ୱାରା ଟାୟାର ଘର୍ଷଣ ବୃଦ୍ଧି କରେ ଏବଂ ବ୍ୟାଟେରୀକୁ ଅଧିକ ଶୁଷ୍କ କରେ । କମ୍ପାନୀ ଦ୍ୱାରା କରାଯାଇଥିବା ସୁପାରିଶ PSI ବଜାୟ ରଖନ୍ତୁ ଏବଂ ନିୟମିତ ଯାଞ୍ଚ କରନ୍ତୁ । ବ୍ୟାଟେରୀକୁ 0% ପର୍ଯ୍ୟନ୍ତ କରନ୍ତୁ ନାହିଁ । କାରଣ ଏପରି କରିବା ଦ୍ୱାରା



ବ୍ୟାଟେରୀ ଖରାପ ହୁଏ। ସବୁବେଳେ ଗାଡିରେ ୨୦% ଥିବା ବେଳେ ଚାର୍ଜ କରିବା ଆରମ୍ଭ କରନ୍ତୁ । ବ୍ୟାଟେରୀକୁ ୧୦୦% ଚାର୍ଜ କରନ୍ତୁନି । ବ୍ୟାଟେରୀକୁ ୮୦% ପର୍ଯ୍ୟନ୍ତ ଚାର୍ଜ କରିବା ଭଲ । ସ୍କୁଟରରେ ନିର୍ଦ୍ଧାରିତ ଲୋଡ୍ ଠାରୁ ଅଧିକ ଲୋଡ୍ କରନ୍ତୁନି । ଏପରି କରିବା ଦ୍ୱାରା ବ୍ୟାଟେରୀ ଏବଂ ମଟର ଉପରେ ଚାପ ପଡ଼ିଥାଏ । ତେଣୁ ହାଲୁକା ଲୋଡ୍ ସହିତ ସ୍କୁଟର ଚଲାଇବା ଭଲ । ଲୋକାଲ୍ କିମ୍ବା ନନ୍-କ୍ୟାପାଟିବଲ ଚାର୍ଜର ବ୍ୟାଟେରୀକୁ କ୍ଷତି ପହଞ୍ଚାଇପାରେ । ତେଣୁ କମ୍ପାନୀଠୁ ମିଳିଥିବା ଚାର୍ଜରକୁ ସବୁବେଳେ ବ୍ୟବହାର କରନ୍ତୁ। ବ୍ରେକ୍, ଟାୟାର ଏବଂ ମୋଟରକୁ ଟାଇମ-ଟୁ-ଟାଇମ୍ ସର୍ଭିସିଂ କରନ୍ତୁ । ଏପରି କରିବା ଦ୍ୱାରା ପର୍ଫମାନ୍ସ ଏବଂ ରେଞ୍ଜ ଉନ୍ନତ ହୋଇଥାଏ । ଗାଡ଼ି ଚଲାଇବା ସମୟରେ ଇକୋ ମୋଡ୍ ବ୍ୟବହାର କରନ୍ତୁ ।

## ବିନା ରେୟାର ଆର୍ଥ ମୋଟର ଆଣିଲା ଓଲା

● ସରକାରଙ୍କ ମିଳିଲା ମଞ୍ଜୁରି




**ନୂଆଦିଲ୍ଲୀ,୮।୧୦:** ଇଭି କମ୍ପାନି ଓଲା ଇଲେକ୍ଟ୍ରିକ ଦେଶର ପ୍ରଥମ ରେୟାର ଆର୍ଥ ମେଟାଲ ବିହୀନ ୨ ଚକିଆ ଫେରାଇଟ୍ ମୋଟର ବନାଇଛି । ଏହି ମୋଟରକୁ ସରକାର ମଞ୍ଜୁରି ପ୍ରଦାନ କରିଛନ୍ତି । ଏବେ ଭାରତ ଇଲେକ୍ଟ୍ରିକ ଭେଇକିଲ ମୋଟର ବନାଇବା ଲାଗି ଚୀନ ଉପରେ ନିର୍ଭର କରୁଛି । ଚୀନ ରେୟାର ଆର୍ଥ ମେଟାଲ ରପ୍ତାନି ଉପରେ ରୋକ ଲଗାଇଲେ ଭାରତ ଉପରେ ଏହାର ପ୍ରଭାବ ପଡ଼ୁଛି । ଏଭଳି ସ୍ଥିତିରେ ଓଲା ଇଲେକ୍ଟ୍ରିକର ନୂଆ ଉଦ୍ଭାବନ ଦେଶ ପାଇଁ ଲାଭ ଆଣିବ । ଚୀନ ଉପରେ ନିର୍ଭରତା କମିବ। ଓଲା ଇଲେକ୍ଟ୍ରିକ ସୂଚନା ମୁତାବକ, କମ୍ପାନିର ତାମିଲନାଡୁ ସ୍ଥିତ ଗ୍ଲୋବାଲ ଅଟୋମୋଟିଭ ରିସର୍ଚ୍ଚ ସେଣ୍ଟରକୁ ଏହି ଉଦ୍ଭାବନ ଲାଗି ସରକାର ପ୍ରମାଣପତ୍ର ପ୍ରଦାନ କରିଛନ୍ତି । ସଡ଼କ ପରିବହନ ମନ୍ତ୍ରଣାଳୟର ଏଆଇଏସ୍ ୦୪୧ ନିୟମ ମୁତାବକ, ଓଲାର ଏହି ମୋଟରକୁ ପରୀକ୍ଷଣ କରାଯାଇଛି ।

## ଆଜିର ସୁନା ଦର



ଧୀରେ ଧୀରେ ବଢ଼ୁଛି ସୁନା ଏବଂ ସ୍ଥିର ରହିଛି ରୁପା ଦର । ଗହଣା କିଣିବା ପୂର୍ବରୁ ନଜର ପକାନ୍ତୁ କେଉଁ ସହରରେ କେତେ ରହିଛି ସୁନା ଦର । ତେବେ ଯଦି ଆପଣ ଆଜି ସୁନା କିଣିବାକୁ ଚାହୁଁଛନ୍ତି ବା ଯୋଜନା କରିଛନ୍ତି ତେବେ ପ୍ରଥମେ ଜାଣି ନିଅନ୍ତୁ ଆଜି ସୁନା ଦର । ଆଜି ଭାରତୀୟ ବଜାରରେ ୨୪ କ୍ୟାରେଟ ସୁନା ୧, ୨୩,୧୭୦ ଟଙ୍କା ରହିଛି । ସେହିପରି ୨୨ କ୍ୟାରେଟ ସୁନା ଦର ୧, ୧୨,୯୦୦ ଟଙ୍କା ଛୁଇଁଛି । ସେହିପରି ରାଜଧାନୀ ଭୁବନେଶ୍ୱରରେ ୨୪ କ୍ୟାରେଟ୍ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୧, ୨୩,୧୭୦ ଟଙ୍କା ରହିଥିବା ବେଳେ ୨୨ କ୍ୟାରେଟ୍ ସୁନାର ମୂଲ୍ୟ ହଜାର ୧, ୧୨,୯୦୦ ଟଙ୍କାକୁ ପହଞ୍ଚିଛି । ସେହିପରି ମୁମ୍ବାଇରେ ୨୪ କ୍ୟାରେଟ୍ ମୂଲ୍ୟ ୧, ୨୩,୧୭୦ ଟଙ୍କା ଓ ୨୨ କ୍ୟାରେଟ୍ ମୂଲ୍ୟ ୧, ୧୨,୯୦୦ ଟଙ୍କା ରହିଛି । ନୂଆଦିଲ୍ଲୀରେ ୨୪ କ୍ୟାରେଟ୍ ୧,୨୩,୩୨୦ ଟଙ୍କା ଓ ୨୨ କ୍ୟାରେଟ୍ ୧,୧୩,୦୫୦ ଟଙ୍କା ରହିଛି । ଦକ୍ଷିଣ ଭାରତର ପ୍ରମୁଖ ସହର ଚେନ୍ନାଇରେ ୨୪ କ୍ୟାରେଟ ମୂଲ୍ୟ ୧, ୨୩,୨୮୦ ଟଙ୍କା ଥିବା ବେଳେ ୨୨ କ୍ୟାରେଟ ମୂଲ୍ୟ ୧, ୧୩,୦୦୦ ଟଙ୍କା ରହିଛି । ପୂର୍ବ ଭାରତର ପ୍ରମୁଖ ସହର କୋଲକାତାରେ ଯଥାକ୍ରମେ ୧, ୨୩, ୧୭୦ ଓ ୧, ୧୨,୯୦୦ ଟଙ୍କା ରହିଛି ।

# ଟ୍ରମ୍ପଙ୍କ ଏଚ୍୧ବି ଭିସା ବିସ୍ଫୋରଣ ପ୍ରଭାବ

## ଭାରତରେ ଏନ୍ଆର୍ଆଇ ବରଙ୍କ ଚାହିଦା କମିଛି

**ନୂଆଦିଲ୍ଲୀ ୦୮/୧୦:** ଡୋନାଲ୍ଡ ଟ୍ରମ୍ପଙ୍କ ଦ୍ୱାରା ଫୁଟାଯାଇଥିବା ଏଚ୍୧ବି ଭିସା ବମ୍ ଇଫେକ୍ଟ ଏବେ ସବୁଠି ପଡିଛି । ଖାସ୍ କରି ବୋମାର ପ୍ରଭାବ ଭାରତରେ ପଡ଼ିବା ଆରମ୍ଭ ହୋଇଛି । ଏହାର ସବୁଠାରୁ ବଡ଼ ପାର୍ଶ୍ୱ ପ୍ରତିକ୍ରିୟା ଦେଖିବାକୁ ମିଳିଛି ଭାରତୀୟ ବିବାହ ଉପରେ ଦେଖିବାକୁ ମିଳିଛି । ହଁ, ଏହି ଭିସା ପାଇଁ ଆବେଦନକାରୀଙ୍କ ପାଇଁ ଫି $୧୦୦,୦୦୦ (ପ୍ରାୟ ୮୮ ଲକ୍ଷ ଟଙ୍କା) ବୃଦ୍ଧି କରିବା ମାତ୍ରେ, ଭାରତରେ ଆମେରିକାରେ କାମ କରୁଥିବା ଏନ୍ଆରଆଇ ବରଙ୍କ ଚାହିଦା ହ୍ରାସ ପାଇଲା । ରିପୋର୍ଟ ଅନୁଯାୟୀ, ଯେଉଁ ପରିବାରଗୁଡ଼ିକ ଏପର୍ଯ୍ୟନ୍ତ ସେମାନଙ୍କ ପିଲାମାନଙ୍କ ପାଇଁ ଆନ୍ତର୍ଜାତୀୟ ଜୀବନସାଥୀ ଖୋଜିବାରେ ବ୍ୟସ୍ତ ଥିଲେ । ସେମାନେ ଏବେ ଟ୍ରମ୍ପଙ୍କ ନୀତି ଯୋଗୁଁ ଏପରି ଏନ୍ଆରଆଇଙ୍କ ଚାକିରି ବିପଦକୁ ନେଇ ଚିନ୍ତିତ । ସେମାନେ ସେମାନଙ୍କର ଯୋଜନା ପରିବର୍ତ୍ତନ କରୁଛନ୍ତି। ଟ୍ରମ୍ପଙ୍କ ଏଚ୍୧ବି ଭିସା ବୋମା କ'ଣ? ଏଚ୍୧ବି ଭିସା ହେଉଛି ଆମେରିକାର ଏକ ଅଣ-ଆବାସିକ ଭିସା ଯାହା କମ୍ପାନୀଗୁଡ଼ିକୁ ପ୍ରଯୁକ୍ତିବିଦ୍ୟା, ଇଞ୍ଜିନିୟରିଂ, ଔଷଧ, ଅର୍ଥ ଏବଂ ଶିକ୍ଷା ଭଳି ନିର୍ଦ୍ଦିଷ୍ଟ କ୍ଷେତ୍ରରେ ବିଦେଶୀ କର୍ମଚାରୀଙ୍କୁ ନିଯୁକ୍ତି ଦେବାକୁ ଅନୁମତି ଦିଏ । ଟ୍ରମ୍ପଙ୍କ ନୂତନ ନିୟମ ଅନୁଯାୟୀ ଆମେରିକୀୟ କମ୍ପାନୀଗୁଡ଼ିକ ଜଣେ ବିଦେଶୀ କର୍ମଚାରୀଙ୍କ ପ୍ରବେଶ କିମ୍ବା ପୁନଃପ୍ରବେଶ ପାଇଁ ପ୍ରତ୍ୟେକ ଏଚ୍୧ବି ଆବେଦନ ପାଇଁ $୧୦୦,୦୦୦ (ପ୍ରାୟ ୮୮.୧୦




ଲକ୍ଷ ଟଙ୍କା) ଆଦାୟ କରିବେ। ଟ୍ରମ୍ପଙ୍କ ଭିସା ବିସ୍ଫୋରଣ ଭାରତ ପାଇଁ ଏକ ଆଘାତ ପ୍ରମାଣିତ ହେଉଛି କାରଣ ଏହି ଭିସା ସହିତ ଆମେରିକାରେ କାମ କରୁଥିବା ଲୋକଙ୍କ ମଧ୍ୟରୁ ସର୍ବାଧିକ ସଂଖ୍ୟା ଭାରତୀୟ । ସଂଖ୍ୟା ଭିନ୍ନ ହେଲେ ମଧ, ରିପୋର୍ଟଗୁଡ଼ିକ ସୂଚିତ କରେ ଯେ ରେ ମୋଟ ଅନୁମୋଦିତ ଏଚ୍୧ବି ଭିସା ହିତାଧିକାରୀଙ୍କ ମଧ୍ୟରୁ ୭୧% ଭାରତୀୟ ଥିଲେ । ତଥାପି, ଏହି ପରିବର୍ତ୍ତନକୁ ନେଇ ଉତ୍ତେଜନା ମଧ୍ୟରେ, ହ୍ୱାଇଟ୍ ହାଉସ୍ ସମ୍ପ୍ରତି ପରିସ୍ଥିତି ସ୍ପଷ୍ଟ କରିଛି । ପ୍ରେସ୍ ସଚିବ କାରୋଲିନ୍ ଲେଭିଟ୍ କହିଛନ୍ତି ଯେ ଏହି ଭିସା ଶୁଳ୍କ ପୂର୍ବରୁ ଥିବା ଭିସା ଧାରକଙ୍କ ଉପରେ ଲାଗୁ ହେବ । ବରଂ କେବଳ ନୂତନ ଆବେଦନ ଉପରେ ଲାଗୁ ହେବ । ଏହା ବ୍ୟତୀତ, ନବୀକରଣ ଉପରେ ଏହି ଶୁଳ୍କ ପ୍ରଯୁଜ୍ୟ ନୁହେଁ।

# ଘରେ ବସି ପରିବର୍ତ୍ତନ କରିପାରିବେ କନଫର୍ମ ଟିକେଟର ତାରିଖ

**ନୂଆଦିଲ୍ଲୀ,୮।୧୦:** ଭାରତୀୟ ରେଳବାଇରେ କନଫର୍ମ ଟିକେଟ ପାଇବା ସହଜ କଥା ନୁହେଁ । ବେଳେବେଳେ ଟିକେଟ୍ ବୁକ୍ କରିବା ସମୟରେ ଭୁଲ ତାରିଖରେ ଟିକେଟ ବୁକ୍ ହୋଇଯାଏ । ପ୍ରଥମତଃ ଟିକେଟ୍ ମିଳିବା ମୁସ୍କିଲ ତା ଉପରକୁ ଭୁଲ୍ ତାରିଖ ଯାତ୍ରୀଙ୍କ ଚିନ୍ତା ବଢ଼ାଇଦିଏ । ଯଦି ଆପଣଙ୍କ ସହ ଏମିତି କିଛି ଘଟିଛି, ତେବେ ଚିନ୍ତା କରିବାର କୌଣସି ଆବଶ୍ୟକତା ନାହିଁ। ରିପୋର୍ଟ ଅନୁସାରେ ଭାରତୀୟ ରେଳବାଇ ଖୁବ୍ ଶୀଘ୍ର ଏହାର ଯାତ୍ରୀମାନଙ୍କୁ ଏକ ନୂଆ ସୁବିଧା ପ୍ରଦାନ କରିବ। ଏହି ସୁବିଧା ଯାତ୍ରୀମାନଙ୍କୁ ସେମାନଙ୍କର କନଫର୍ମ ଟିକେଟରେ ତାରିଖ ପରିବର୍ତ୍ତନ କରିବାକୁ ଅନୁମତି ଦେବ। ଏଥିପାଇଁ ଆପଣଙ୍କର



ଆର୍ଥିକ କ୍ଷତି ବି ହେବ ନାହିଁ । ଟ୍ରେନ ଯାତ୍ରୀମାନେ ଯାତ୍ରା ସମୟରେ ସବୁବେଳେ ବିଭିନ୍ନ ସୁବିଧା ଆବଶ୍ୟକ କରନ୍ତି , କିନ୍ତୁ ଆପଣ ସେହି ସୁବିଧାଗୁଡ଼ିକର ଲାଭ କିପରି ଉଠାଇବେ ତାହା ସଠିକ୍ ଭାବରେ ଜାଣିବା ଉଚିତ । ମିଳିଥିବା ଖବର ଅନୁସାରେ ଏବେ ଆପଣ ଘରେ ବସି କନଫର୍ମ ଟିକେଟର ତାରିଖ ପରିବର୍ତ୍ତନ କରିପାରିବେ ତାହା ପୁଣି ସମ୍ପୂର୍ଣ୍ଣ ମାଗଣା। ଯାତ୍ରୀମାନଙ୍କ ସୁବିଧା ପାଇଁ ଭାରତୀୟ ରେଳବାଇ ଏକ ବଡ଼ ପରିବର୍ତ୍ତନ ଆଣିବାକୁ ପ୍ରସ୍ତୁତ ହେଉଛି । ଏହି ପରିବର୍ତ୍ତନ ଯାତ୍ରୀମାନଙ୍କ ପାଇଁ ଆଶ୍ୱସ୍ତିକର ହେବ । ଯାତ୍ରୀମାନଙ୍କୁ କନଫର୍ମ ଟିକେଟରେ ତାରିଖ ପରିବର୍ତ୍ତନ କରିବାର ଅପ୍ସନ ଦିଆଯିବ, ଏବଂ ଖାସ୍ କଥା ହେଉଛି, ଏହା କରିବା ପାଇଁ ଆପଣଙ୍କର କୌଣସି ଟଙ୍କା କଟିବ ନାହିଁ ।

## ଆଜିର ପେଟ୍ରୋଲ, ଡିଜେଲ୍ ଦର

ପେଟ୍ରୋଲ ଏବଂ ଡିଜେଲ ଦାମ୍ ପ୍ରତିଦିନ ବଦଳିଥାଏ । ଆଜି ଅର୍ଥାତ୍ ଅଏଲ ମାର୍କେଟିଂ କମ୍ପାନୀମାନେ ଦେଶର ସମସ୍ତ ରାଜ୍ୟ ପାଇଁ ପେଟ୍ରୋଲ-ଡିଜେଲ ଦାମ୍ ଜାରି କରିଦେଇଛନ୍ତି । ତେବେ ପ୍ରମୁଖ ସହର ଗୁଡିକରେ ପେଟ୍ରୋଲ ଓ ଡିଜେଲ ମୂଲ୍ୟରେ ପରିବର୍ତ୍ତନ ହୋଇଛି । କିଛି ସହରରେ ଦାମ ଅପରିବର୍ତ୍ତିତ ରହିଛି । ପ୍ରତିଦିନ ତେଲର ନୂଆ ଦର ନିର୍ଦ୍ଧାରଣ କରାଯାଇଥାଏ । ଆଜି ଭୁବନେଶ୍ୱରରେ ପେଟ୍ରୋଲ ଦର ୧୦୧ .୧୦ ପଇସା ରହିଥିବା ବେଳେ ଡିଜେଲ ଦାମ୍ ପ୍ରତି ଲିଟର ପିଛା ୯୨.୬୮ ପଇସା ରହିଛି । ସେହିପରି ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୯୪ ଟଙ୍କା ୭୭ ପଇସା ଓ ଡିଜେଲ ଦର ୮୭ ଟଙ୍କା ୬୭ ପଇସା ହୋଇଛି । ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ୧୦୩ ଟଙ୍କା ୫୦ ପଇସା ହୋଇଥିବା ବେଳେ ଡିଜେଲ ଲିଟର ପିଛା ୯୦.୦୩ ଟଙ୍କା ରହିଛି । ସେହିପରି କୋଲକାତାରେ ପେଟ୍ରୋଲ ଦର ୧୦୫. ୪୧ ଟଙ୍କା ଥିବାବେଳେ ଡିଜେଲ ଦର ୯୨ ଟଙ୍କା ୦୨ ପଇସା ରହିଛି ।



# ଲଞ୍ଚ ହେଲା ନୂଆ ନିଞ୍ଜା ହେଲମେଟ୍

**ନୂଆଦିଲ୍ଲୀ,୮।୧୦:** ପ୍ରତିବର୍ଷ ଭାରତରେ ଲକ୍ଷ ଲକ୍ଷ ସଡ଼କ ଦୁର୍ଘଟଣା ଘଟେ, ଯାହା ଫଳରେ ଅନେକ ଲୋକଙ୍କର ମୃତ୍ୟୁ ହୁଏ । ଏହି ଦୁର୍ଘଟଣା ମଧ୍ୟରୁ ଅଧିକାଂଶ ଦୁଇ ଚକିଆ ଯାନଗୁଡ଼ିକ ସହିତ ହିଁ ହୋଇଥାଏ। ଯେଉଁମାନେ ହେଲମେଟ୍ ବିନା ଯାତ୍ରା କରନ୍ତି ସେମାନେ ଅଧିକ ଆହତ ହୋଇଥାନ୍ତି। ଏହାକୁ ଦୃଷ୍ଟିରେ ରଖି ଷ୍ଟଡ୍ସ ବଜେଟ୍ ସେଗମେଣ୍ଟରେ ଏକ ନୂଆ ହେଲମେଟ୍ ଷ୍ଟଡ୍ସ ନିଞ୍ଜା କୋମେଟ୍ ଲଞ୍ଚ କରିଛି । ଏହି ନୂଆ ହେଲମେଟକୁ ଉଭୟ ଫୁଲ୍ ଏବଂ ହାପ୍ ଫେସ୍ ହେଲମେଟ ଭାବରେ ବ୍ୟବହାର କରାଯାଇପାରିବ। ତେବେ ଆସନ୍ତୁ ଏହାର ଫିଚର୍ସ ଏବଂ ଦାମ୍ କେତେ ଜାଣିବା। ଏହାର ବିଶେଷତ୍ୱ କ'ଣ? ଷ୍ଟୁଡେଣ୍ଟ ନିଞ୍ଜା କୋମେଣ୍ଟ ହେଲମେଟକୁ ଭାରତୀୟ ଗରମକୁ ଦୃଷ୍ଟିରେ ରଖି ଡିଜାଇନ୍ କରାଯାଇଛି।




ଏହା ଭେଣ୍ଟିଲେସନ୍ ଏବଂ ଉନ୍ନତ ରାଇଡ଼ର କମଫର୍ଟ ପ୍ରଦାନ କରେ । ଏହାର ଭିତର ଆସ୍ତରଣ ହାଇପୋଲାର୍ଜେନିକ୍, ଯାହା ଲମ୍ବା ଯାତ୍ରା ପରେ ମଧ୍ୟ ଭଲ ଅଭିଜ୍ଞତା ପ୍ରଦାନ କରେ । ଏହା ଉଭୟ ଗରମ ଏବଂ ଆର୍ଦ୍ର ଜଳବାୟୁ ପାଇଁ ମଧ୍ୟ ଉପଯୁକ୍ତ । ଏହା କେତେ ସୁରକ୍ଷିତ? ନିର୍ମାତାଙ୍କ ଅନୁଯାୟୀ, ଏହି ହେଲମେଟରେ ଏକ ବିଲ୍ଟ-ଇନ୍ ସନ୍ ଭାଇଜର ରହିଛି । ଏହା ଇପିଏସ୍ ରୁ ମଧ୍ୟ ନିର୍ମିତ, ଯାହା ସମସ୍ତ ପରିସ୍ଥିତିରେ ଉତ୍କୃଷ୍ଟ ସୁରକ୍ଷା ପ୍ରଦାନ କରେ । ଏହା ସୁରକ୍ଷା ପାଇଁ ISI ପ୍ରମାଣିତ ମଧ୍ୟ । ଷ୍ଟଡ୍ସ ଇଣ୍ଡିଆର ପରିଚାଳନା ନିର୍ଦ୍ଦେଶକ ସିଦ୍ଧାର୍ଥ ଭୂଷଣ ଖୁରାନା କହିଛନ୍ତି, "ବିଶ୍ୱସନୀୟ ନିଞ୍ଜା ସିରିଜରୁ ବିକଶିତ ହୋଇ ଏହି ନୂଆ ମଡେଲ ଉନ୍ନତ ଆରାମ ଏବଂ ସୁରକ୍ଷାର ପ୍ରତିଶ୍ରୁତି ଦିଏ । ଯାହା ସର୍ବଦା ଆମର ଲକ୍ଷ୍ୟ ରହିଆସିଛି । ଏହା ସବୁଠାରୁ ଲୋକପ୍ରିୟ ସିରିଜ ମଧ୍ୟରୁ ଗୋଟିଏ ଭାବରେ ପରିଚିତ ।

## ଭାରତୀୟ ବଜାର ଉପରେ ବ୍ରିଟେନ ହ୍ୱିସ୍କି ନିର୍ମାତାଙ୍କ ଲୋଲୁପ ଦୃଷ୍ଟି




**ମୁମ୍ବାଇ, ୮।୧୦:** ସ୍କଚ୍ ହ୍ୱିସ୍କି ଆସୋସିଏସନ ଏବଂ ବ୍ରିଟେନର ନିର୍ମାତାମାନେ ପ୍ରଧାନମନ୍ତ୍ରୀ କୀର ଷ୍ଟାର୍ମରଙ୍କ ଭାରତ ବାଣିଜ୍ୟ ମିଶନରେ ସାମିଲ ହୋଇଛନ୍ତି। ଭାରତ-ବ୍ରିଟେନ ମୁକ୍ତ ବାଣିଜ୍ୟ ଚୁକ୍ତି (ଏଫଟିଏ) ଯୋଗୁଁ ସ୍କଚ୍ ହ୍ୱିସ୍କି ଶିଳ୍ପ ବଡ଼ ଲାଭାର୍ଥୀ ହେବ ବୋଲି ଆଶା କରାଯାଉଛି, ଯାହା ସ୍କଟଲ୍ୟାଣ୍ଡର ଅର୍ଥନୀତିକୁ ବାର୍ଷିକ ୧୯୦ ମିଲିୟନ ପାଉଣ୍ଡ ବୃଦ୍ଧି କରିବ। ବିଶ୍ୱର ସର୍ବବୃହତ ହ୍ୱିସ୍କି ବଜାର ଭାରତରେ ସ୍କଚ୍ ଉପରେ ଆମଦାନୀ ଶୁଳ୍କ ହ୍ରାସ ପାଇବ, ଯାହା ବାର୍ଷିକ ବିକ୍ରିକୁ ୧ ବିଲିୟନ ପାଉଣ୍ଡକୁ ବୃଦ୍ଧି କରିପାରେ। ବ୍ରିଟିଶ ପ୍ରତିନିଧି ଦଳ ଭାରତୀୟ ସରକାରୀ ମନ୍ତ୍ରୀ ଓ ବ୍ୟବସାୟୀଙ୍କ ସହ ଗୁରୁତ୍ୱପୂର୍ଣ୍ଣ ବୈଠକ କରି ସ୍କଟଲ୍ୟାଣ୍ଡ ଓ ଭାରତ ମଧ୍ୟରେ ବାଣିଜ୍ୟ ଓ କୂଟନୈତିକ ସମ୍ପର୍କକୁ ଗଭୀର କରିବେ। ବ୍ରିଟେନ ସ୍କଟଲ୍ୟାଣ୍ଡ ସେକ୍ରେଟାରୀ ଅଫ ଷ୍ଟେଟ ଡଗଲାସ ଆଲେକ୍ସାଣ୍ଡର କହିଛନ୍ତି, "ଏହି ଐତିହାସିକ ବାଣିଜ୍ୟ ଚୁକ୍ତି ସ୍କଟଲ୍ୟାଣ୍ଡ, ବିଶେଷକରି ହ୍ୱିସ୍କି ଶିଳ୍ପ ପାଇଁ ଉତ୍ତମ ଖବର। ଏବେ ଏହାକୁ କାର୍ଯ୍ୟକାରୀ କରିବା ଆମର ଦାୟିତ୍ୱ।" ଆଗାମୀ ବର୍ଷ ବ୍ରିଟିଶ ସଂସଦରେ ଏଫଟିଏ ଅନୁମୋଦନ ପରେ ସ୍କଚ୍ ଉପରେ ଆମଦାନୀ ଶୁଳ୍କ ୧୫୦%ରୁ ୭୫%, ପରେ ୪୦%କୁ ହ୍ରାସ ପାଇବ। ତେବେ ଏହା ଭାରତୀୟ ରାଜ୍ୟଗୁଡ଼ିକର ଅବକାରୀ ଓ ମୂଲ୍ୟ ନୀତି ଉପରେ ନିର୍ଭର କରିବ। ଏହି ଚୁକ୍ତି ଭାରତରେ ବୋତଲରେ ମିଳୁଥବା ହ୍ୱିସ୍କି ଉତ୍ପାଦନକୁ ବ୍ରିଟେନରୁ ଫେରାଇ ଆଣିପାରେ, ଯାହା ଉତ୍ପାଦନ ଖର୍ଚ୍ଚ ହ୍ରାସ କରିବ। ସ୍କଚ୍ ହ୍ୱିସ୍କି ଆସୋସିଏସନର ମୁଖ୍ୟ କାର୍ଯ୍ୟନିର୍ବାହୀ ମାର୍କ କେଣ୍ଟ କହିଛନ୍ତି, "ଭାରତକୁ ରପ୍ତାନୀରେ ଉଦାରୀକୃତ ଶୁଳ୍କ ବିଶ୍ୱର ବୃହତ୍ତମ ହ୍ୱିସ୍କି ବଜାରକୁ ପ୍ରବେଶ ସୁଗମ କରିବ ଏବଂ ଭାରତୀୟ ଗ୍ରାହକଙ୍କୁ ଅଧିକ ବିକଳ୍ପ ପ୍ରଦାନ କରିବ।" ଏହି ଚୁକ୍ତି ଦ୍ୱାରା ଭାରତ ସହ ଦ୍ୱିପାକ୍ଷିକ ବାଣିଜ୍ୟ ୨୫.୫ ବିଲିୟନ ପାଉଣ୍ଡ, ବ୍ରିଟେନର ଜିଡିପି ୪.୮ ବିଲିୟନ ପାଉଣ୍ଡ ଏବଂ ମଜୁରୀ ବୃଦ୍ଧି ପାଇବ ବୋଲି ବ୍ରିଟେନ ଆକଳନ କରିଛି।

## ଏଣିକି ଗୋଟିଏ ଘଣ୍ଟାରେ ବିଦେଶକୁ ପହଞ୍ଚିବ ପାର୍ସଲ

**ନୂଆଦିଲ୍ଲୀ,୮।୧୦:** ଆଜିକାଲି ଦ୍ରୁତ ବାଣିଜ୍ୟ କମ୍ପାନୀଗୁଡ଼ିକ ପାର୍ସଲ ଡେଲିଭରି ଜଗତରେ ଚହଳ ସୃଷ୍ଟି କରୁଛନ୍ତି। କେତେକ କମ୍ପାନୀ ୧୦ ରୁ ୧୫ ମିନିଟ ମଧ୍ୟରେ ଘରକୁ ସାମଗ୍ରୀ ପହଞ୍ଚାଉଛନ୍ତି ତ ଆଉ କେତେକ ଗୋଟିଏ ସହରରୁ ଅନ୍ୟ ସହରକୁ ଗୋଟିଏରୁ ଦୁଇ ଦିନ ମଧ୍ୟରେ ପାର୍ସଲ ପଠାନ୍ତି। ଅନ୍ତର୍ଜାତୀୟ ପାର୍ସଲଗୁଡ଼ିକ ସାଧାରଣତଃ ପାଞ୍ଚରୁ ଦଶ ଦିନ ସମୟ ନେଇଥାଏ। ତଥାପି, ଏକ ଆମେରିକୀୟ କମ୍ପାନୀ ଲଜିଷ୍ଟିକ୍ସ ଜଗତରେ ଏକ ସମ୍ପୂର୍ଣ୍ଣ ନୂତନ ଏବଂ କ୍ରାନ୍ତିକାରୀ ପଦକ୍ଷେପ ନେଇଛି। ଏହା ମାଧ୍ୟମରେ, ଆପଣଙ୍କର ପାର୍ସଲ କେବଳ ଗୋଟିଏ ଘଣ୍ଟାରେ ବିଶ୍ୱର ଯେକୌଣସି କୋଣରେ ପହଞ୍ଚିବ। କମ୍ପାନୀର ନାମ ଇନଭର୍ସନ। ଏରୋସ୍ପେସ ଏବଂ ପ୍ରତିରକ୍ଷା କ୍ଷେତ୍ରରେ କାମ କରୁଥିବା ଏହି କମ୍ପାନୀ ବିଶ୍ୱର ପ୍ରଥମ ମହାକାଶ ଡେଲିଭରି ଯାନ ବିକଶିତ କରିଛି, ଯାହାକୁ ଆର୍କ ଯାନ କୁହାଯାଏ। ଏହା ଏକ ପୁନଃପ୍ରବେଶ ଯାନ, ଅର୍ଥାତ୍ ଏହା ମହାକାଶକୁ ଯାଇପାରିବ ଏବଂ ତା'ପରେ ବାୟୁମଣ୍ଡଳକୁ ଫେରିପାରିବ। ଏହା ଥରକେ ୨୨୭ କିଲୋଗ୍ରାମ ପର୍ଯ୍ୟନ୍ତ ମାଲ ବହନ କରିପାରିବ। ଏହି ପ୍ରଯୁକ୍ତିବିଦ୍ୟାରେ, ଆର୍କ ଯାନରେ ସାମଗ୍ରୀ ଲୋଡ କରାଯାଏ। ଏହା ପରେ ମହାକାଶକୁ ଉଠେ, ପୃଥିବୀଠାରୁ ୧୦୦୦ କିଲୋମିଟର ଉଚ୍ଚତାରେ ପହଞ୍ଚିଥାଏ, ଏବଂ ତା'ପରେ ବିତରଣ ବିନ୍ଦୁରେ ପହଞ୍ଚିଥାଏ।

## ଜବରଦସ୍ତ ବାଇକ୍ ଲଞ୍ଚ କଲା ଟିଭିଏସ୍

**ନୂଆଦିଲ୍ଲୀ,୮।୧୦:** ବାଇକ୍ ଲର୍ଭସଙ୍କ ପାଇଁ ଆସିଲା ଗୁଡ୍ ନ୍ୟୁଜ୍। ଟିଭିଏସ୍ ଲଞ୍ଚ କଲା ଏକ ଜବରଦସ୍ତ ବାଇକ୍ । ଯାହାର ରହିଛି ଦମଦାର୍ ଫିଚର୍ସ । ତେବେ ଆସନ୍ତୁ ଜାଣିବା ଏହି ବାଇକର ସମ୍ପୂର୍ଣ୍ଣ ଡିଟେଲ୍ସ । ଟିଭିଏସ୍ ଏହାର ପପୁଲାର ୧୨୫ସିସି ବାଇକ ରେଡର୍କୁ ଏକ ନୂଆ ଏବଂ ଆଡଭାନ୍ସ ଭାରିଆଣ୍ଟରେ ଲଞ୍ଚ କରିଛି । କମ୍ପାନୀ ନୂଆ ଟିଭିଏସ୍ ରାଇଡରକୁ 'ଦି ୱିକେଡ୍ ଟ୍ରୋଇକା' ନାମ ଦେଇଛି । ଏହା ଭାରତର ପ୍ରଥମ ୧୨୫ ସିସି ବାଇକ୍ ଯେଉଁଥିରେ ବୁଷ୍ଟ ମୋଡ୍, ଡୁଆଲ୍ ଡିସ୍କ ବ୍ରେକ୍ ଏବଂ ଗ୍ଲାଇଡ୍ ଥ୍ରୁ ଟେକ୍ନୋଲୋଜି (ଜିଏସ୍ଟି) ଭଳି ସେଗମେଣ୍ଟ-ପ୍ରଥମ ଫିଚର୍ସ ରହିଛି। ନୂଆ ରାଇଡର କେବଳ ଏକ ମୋଟରସାଇକେଲ୍ ନୁହେଁ, ଏହା ଯୁବପିଢ଼ିଙ୍କ ପାଇଁ ପାୱାର, ଷ୍ଟାଇଲ୍ ଏବଂ ଟେକ୍ନୋଲୋଜିର ଏକ ଉତ୍ତମ କମ୍ବିନେସନ୍ । ତେବେ ଆସନ୍ତୁ ଏହାର ପାୱାରଫୁଲ୍ ଫିଚର୍ସଗୁଡ଼ିକ ଉପରେ ନଜର ପକାଇବା ।



# ମୁଷାନାଳ ଘାଟି ଅଞ୍ଚଳରେ ଚାଲିଛି ବେଆଇନ ଧର୍ମାନ୍ତରୀକରଣ

● ହିନ୍ଦୁ ସଂଗଠନ ପକ୍ଷରୁ ତେଜୁଛି ଆନ୍ଦୋଳନ ● ଧର୍ମାନ୍ତରୀକରଣ ଉପରେ କେବେ ପଡିବ ପୂର୍ଣ୍ଣଛେଦ?



**ଭବାନିପାଟଣା,୮।୧୦ (ସଂଚାର ବ୍ୟୁରୋ):** କଳାହାଣ୍ଡି ଜିଲ୍ଲା ଉପାନ୍ତ ଘାଟି ଅଞ୍ଚଳରେ ଚାଲିଛି ବେଆଇନ ଧର୍ମାନ୍ତରୀକରଣ। କଳାହାଣ୍ଡି ଜିଲ୍ଲା ବିଶ୍ୱନାଥପୁର ଥାନା ଅଧୀନରେ ଥିବା ଲାଞ୍ଜିଗଡ଼ ବ୍ଲକର ମୁଶାନାଳ ସମେତ ୧୩ଟି ପଞ୍ଚାୟତ, ଘାଟି ଅଞ୍ଚଳରେ ପ୍ରଲୋଭନ ଦେଖାଇ ଧର୍ମାନ୍ତରୀକରଣ ଚାଲିଥିବା ଅଭିଯୋଗ ହେଉଛି। ନିରିହ ଆଦିବାସୀ, ହରିଜନ ଓ ଗରିବ ଶ୍ରେଣୀର ଲୋକଙ୍କୁ ପ୍ରଲୋଭନ ଦେଖାଇ ବିଦେଶୀ ଅର୍ଥରେ ଧର୍ମର ପରିବର୍ତ୍ତନ ହେଉଛି।

ଲାଞ୍ଜିଗଡ଼ ବ୍ଲକର ମୁଷାନାଳ ଠାରୁ ଆରମ୍ଭ କରି ୧୩ଟି ପଞ୍ଚାୟତ ଘାଟି ଅଞ୍ଚଳ ରହିଛି। ଏହି ଅଞ୍ଚଳ ମାନଙ୍କରେ ସ୍ଥାନୀୟ ମୁଷାନାଳର କର୍ଣ୍ଣ ସେଠ୍, ଅଙ୍ଗଦ ନାଏକ, କୃଷ୍ଣ ସେଠ ନାମକ ତିନି ଜଣ ଖ୍ରୀଷ୍ଟିଆନ ପାଷ୍ଟର ସମ୍ପୃକ୍ତ ରହି ବେଆଇନ ଧର୍ମ ପରିବର୍ତ୍ତନ ଚଳାଇଥିବା ନେଇ ହିନ୍ଦୁ ସଂଗଠନ ସଦସ୍ୟମାନେ ଅଭିଯୋଗ କରିଛନ୍ତି । ଯେଉଁମାନେ ଧର୍ମ ପରିବର୍ତ୍ତନ କରିବା ପାଇଁ ନିରିହ ଲୋକମାନଙ୍କୁ ପ୍ରଲୋଭିତ କରୁଛନ୍ତି। ସେମାନେ ହିନ୍ଦୁ କୋଟାରେ ସରକାରଙ୍କ ବିଭିନ୍ନ ଯୋଜନାର ସୁବିଧା ପାଉଛନ୍ତି। ତେଣୁ ସେମାନଙ୍କ ସମସ୍ତ ସରକାରୀ ସୁବିଧାକୁ ରଦ୍ଦ କରିବା ପାଇଁ ହିନ୍ଦୁ ସଂଗଠନ ସରକାରଙ୍କ ପାଖରେ ଅନୁରୋଧ କରିଛନ୍ତି।

ଅଞ୍ଚଳରେ ଧର୍ମାନ୍ତରୀକରଣ ବନ୍ଦ ପାଇଁ ଅଣ୍ଟା ଭିଡିଛନ୍ତି ହିନ୍ଦୁ ସଂଗଠନର ଶତାଧିକ ସଦସ୍ୟ। ବେଆଇନ ଧର୍ମାନ୍ତରୀକରଣକୁ ବନ୍ଦ କରିବା ପାଇଁ ଜିଲ୍ଲା ପ୍ରଶାସନ ଆଉ ପୁଲିସ ପ୍ରଶାସନ ନିକଟରେ ଦାବି କରିଛନ୍ତି। ଯଦି ଆଗାମୀ ଦିନରେ କୌଣସି କାର୍ଯ୍ୟାନୁଷ୍ଠାନ ନନେଲେ ଆନ୍ଦୋଳନକୁ ଓହ୍ଲାଇବ ହିନ୍ଦୁ ସଂଗଠନ। ସେଥିପାଇଁ ପ୍ରଶାସନ ଦାୟୀ ରହିବେ ବୋଲି ହିନ୍ଦୁ ସଂଗଠନର ସଦସ୍ୟମାନେ କହିଛନ୍ତି।

ସାନ୍ଦୁଲ ନଦୀର ଅସ୍ଥାୟୀ ପୋଲ ଭାଙ୍ଗିବା ପ୍ରସଙ୍ଗ

## ସ୍ଥିତି ଅନୁଧ୍ୟାନ କଲେ ବିଡ଼ିଓ ଓ ଉପାଧ୍ୟକ୍ଷ



**ଲାଞ୍ଜିଗଡ,୮।୧୦ (ସଂଚାର ବ୍ୟୁରୋ):** ଲଗାଣ ବର୍ଷା ଯୋଗୁଁ ଗତ ଗୁରୁବାର ରାତିରେ ସାନ୍ଦୁଲ ନଦୀର ଅସ୍ଥାୟୀ ପୋଲ ଭାଙ୍ଗି ଯିବାରୁ ୩ଟି ପଞ୍ଚାୟତ ଅନ୍ତର୍ଗତ ୮ଟି ଗାଁର ୪୨୦ ପରିବାର ଜଳବନ୍ଦି ଅବସ୍ଥାରେ ରହିଥିବା ଘଟଣା ବିଭିନ୍ନ ଗଣମାଧ୍ୟମରେ ପ୍ରକାଶିତ ହେବାପରେ ଲାଞ୍ଜିଗଡ଼ ବିଡ଼ିଓ ଶଶାଙ୍କ ପାତ୍ର ଏବଂ ଉପାଧ୍ୟକ୍ଷ ସଂଜୀବ ନାୟକ ଖଜୁରୀଗୁଡ଼ା ଗ୍ରାମକୁ ଯାଇ ପରିସ୍ଥିତି ଅନୁଧ୍ୟାନ କରିଛନ୍ତି। ଆପ୍ରୋଚ୍ ରୋଡର ତୁରନ୍ତ ମରାମତି ଏବଂ ନିର୍ମାଣ ପାଇଁ ବିଭାଗୀୟ ଯନ୍ତ୍ରୀ ଏବଂ ଆରଡବ୍ଲୁଡି ସହିତ ଫୋନରେ ଯୋଗାଯୋଗ କରିଥିଲେ। କ୍ଷତିଗ୍ରସ୍ତ ଅଂଶର ମରାମତି ଏବଂ ସେତୁ କାର୍ଯ୍ୟ ଶୀଘ୍ର ସମାପ୍ତ କରିବା ପାଇଁ ଏସ୍.ଇ ଆରଡବ୍ଲୁଡିକୁ ଆବଶ୍ୟକୀୟ ନିର୍ଦ୍ଦେଶ ଜାରି କରିବାକୁ ଅନୁରୋଧ କରିଥିଲେ।

ସୂଚନା ଅନୁସାରେ ଦୀର୍ଘ ବର୍ଷର ଅଭିଯୋଗ ପରେ ସାନ୍ଦୁଲ ନଦୀ ବ୍ରିଜ ନିର୍ମାଣ ୨୦୨୩ ମସିହାରେ ହିଁ କାମ ଆରମ୍ଭ ହୋଇଥିଲା ହେଲେ ଏ ପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ହୋଇପାରି ନାହିଁ। ଲୋକଙ୍କ ଯିବା ଆସିବା ପାଇଁ ପୁରୁଣା ରାସ୍ତାରେ ଏକ ଅସ୍ଥାୟୀ ପୋଲ ନିର୍ମାଣ କରାଯାଇଥିଲା। ହେଲେ ଗତ ଗୁରୁବାର ରାତିରେ ଲଘୁଚାପ ଜନିତ ୧୧୦.୪ ମିଲିମିଟର ଲଗାଣ ବର୍ଷା ହେବା ଯୋଗୁଁ ନଦୀର ବନ୍ୟା ପାଣି ଅସ୍ଥାୟୀ ପୋଲକୁ ଭାଙ୍ଗି ଦେଇଥିଲା। ଫଳରେ ବିଜେପୁର ପଞ୍ଚାୟତର ଖଜୁରୀଗୁଡା ଗାଁ ରହିଥିବା ବେଳେ ମାଲିଯୁବାଙ୍ଗ ପଞ୍ଚାୟତର ସେରକୋଝୁଲା,ପାନପଦର,ଦୁର୍ଲାବଣ୍ଡେଲ,ସାକେସ, କୁଣ୍ଡରୁ ଓ ପାହାଡ଼ପଦର ପଞ୍ଚାୟତର ଜିରା,ପୁଞ୍ଜାମ ଓ ଡଙ୍ଗ ପଦର ଗାଁର ୪୨୦ ପରିବାର ବାହ୍ୟ ଜଗତରୁ ବିଚ୍ଛିନ୍ନ ହୋଇଯାଇଛନ୍ତି।

## କଳାହାଣ୍ଡି ଜିଲ୍ଲାସ୍ତରୀୟ କପା କ୍ରୟ କମିଟି ବୈଠକ




**ଭବାନୀପାଟଣା,୮।୧୦ (ସଂଚାର ବ୍ୟୁରୋ):** କଳାହାଣ୍ଡି ଜିଲ୍ଲାସ୍ତରୀୟ କପା କ୍ରୟ କମିଟି ବୈଠକ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସ୍ଥିତ ସଦଭାବନା ସଭାଗୃହଠାରେ ଜିଲ୍ଲାପାଳ ପାୱାର ସଚିନ ପ୍ରକାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ପ୍ରାରମ୍ଭରେ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ସମସ୍ତଙ୍କୁ ସ୍ୱାଗତ ଜଣାଇ ଆଗାମୀ କପା ସଂଗ୍ରହ ପାଇଁ ଜିଲ୍ଲା ପ୍ରଶାସନ ନେଇଥିବା ଆବଶ୍ୟକ ପଦକ୍ଷେପ ସମ୍ପର୍କରେ ସୂଚନା ଦେଇଥିଲେ। ବୈଠକରେ ନିଷ୍ପତ୍ତି କ୍ରମେ ଆସନ୍ତା ନଭେମ୍ବର ୨୭ ତାରିଖରୁ ଜିଲ୍ଲାର ୨ଟି କପା ମଣ୍ଡି ଯଥା- ଭବାନୀପାଟଣା ବ୍ଲକ ସ୍ଥିତ କର୍ଲାପଡା ଏବଂ କେସିଙ୍ଗା ବ୍ଲକ ସ୍ଥିତ ଉତ୍କେଲା ଠାରେ କପା ସଂଗ୍ରହ ପ୍ରକ୍ରିୟା ଆରମ୍ଭ କରାଯିବ ଏବଂ ଗୋଲାମୁଣ୍ଡା ବ୍ଲକ ସ୍ଥିତ ଉଚ୍ଛଲା ମଣ୍ଡିକୁ ବନ୍ଦ କରି ସେ ଅଞ୍ଚଳର କପା ଚାଷୀମାନଙ୍କୁ କର୍ଲାପଡା ମଣ୍ଡିରେ କପା ବିକ୍ରୟ କରିବା ପାଇଁ ଜିଲ୍ଲାପାଳ ପରାମର୍ଶ ଦେଇଥିଲେ ।

ଚଳିତ ବର୍ଷ କପା ବିକ୍ରୟ ପାଇଁ ଅନଲାଇନ ପଞ୍ଜୀକରଣ ଶେଷ ତାରିଖ ଅକ୍ଟୋବର ୩୧ ତାରିଖ ଥିବାବେଳେ ବର୍ତ୍ତମାନ ସୁଦ୍ଧା କମ୍ ସଂଖ୍ୟକ କପା ଚାଷୀ ମଣ୍ଡିରେ କପା ବିକ୍ରୟ ପାଇଁ ପଞ୍ଜୀକରଣ କରିଛନ୍ତି। ତେଣୁ କିପରି ଅଧିକରୁ ଅଧିକ ଚାଷୀ ଅନଲାଇନ ମାଧ୍ୟମରେ ପଞ୍ଜୀକରଣ କରିବେ ସେଥିପାଇଁ ଚାଷୀ ମାନଙ୍କୁ ସଚେତନ କରିବା ପାଇଁ ସମସ୍ତ ସମ୍ପାଦକ, ଆର୍.ଏମ୍.ସିଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ । ଚଳିତ ୨୦୨୫-୨୬ ବର୍ଷରେ ମଧ୍ୟମ ଧରଣର କପା କ୍ୱିଣ୍ଟାଲ ପିଛା ଟ. ୭,୭୧୦ ଏବଂ ଉଚ୍ଚ ଧରଣର କପା କ୍ୱିଣ୍ଟାଲ ପିଛା ଟ. ୮,୧୧୦ ଟଙ୍କା ସରକାର ଧାର୍ଯ୍ୟ କରିଛନ୍ତି ।

## ସୋନମ ୱାଙ୍ଗଚୁକଙ୍କୁ ନିସର୍ତ୍ତ ମୁକ୍ତ ପାଇଁ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଦାବିପତ୍ର

**ବାଲିଆପାଳ,୮।୧୦ (ସଂଚାର ବ୍ୟୁରୋ):** କେନ୍ଦ୍ର ସରକାର କର୍ପୋରେଟ୍ ହାଉସ, ଶିଳ୍ପପତି ଓ ପୁଞ୍ଜିପତିଙ୍କ କଥାରେ ପରିଚାଳିତ ହୋଇ ବିଶିଷ୍ଟ ସମାଜସେବୀ ପରିବେଶବିତ୍ ସମାଜ ସଂସ୍କାରକ ସମ୍ବିଧାନ ରକ୍ଷକ, ବୈଜ୍ଞାନିକ ସୋନମ ୱାଙ୍ଗଚୁକଙ୍କ ବିରୁଦ୍ଧରେ କେନ୍ଦ୍ର ସରକାର ଦେଶଦ୍ରୋହ ମାମଲା ରୁଜୁ କରି ଗିରଫ କରିଛନ୍ତି। ତାଙ୍କୁ ନିସର୍ତ୍ତ ଏବଂ ଯଥାଶୀଘ୍ର ଜେଲରୁ ମୁକ୍ତ କରିବା ଦାବିରେ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଆଜି ପୂର୍ବାହ୍ନରେ ବାଲିଆପାଳ ଭିଟାମାଟି ସୁରକ୍ଷା କମିଟି ଓ ନାଗରିକ ଅଧିକାର ସୁରକ୍ଷା ମଞ୍ଚର ମିଳିତ ଉଦ୍ୟମରେ କୃଷକ ନେତା ଅରୁଣ ଜେନାଙ୍କ ନେତୃତ୍ୱରେ ବାଲିଆପାଳ ବିଡିଓଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଏନେଇ କେନ୍ଦ୍ର ସରକାରଙ୍କ ବିରୋଧରେ ଏକ ପ୍ରତିବାଦ ସଭା ବ୍ଲକ ସମ୍ମୁଖରେ ଅନୁଷ୍ଠିତ ହୋଇଥିଲା। ଏଥିରେ ସ୍ୱାଭିମାନ ମଞ୍ଚର ସଭାପତି ସତ୍ୟକାମ ମହାନ୍ତି, ବସ୍ତା ନିର୍ବାଚନ ମଣ୍ଡଳୀର ଯୁବ କଂଗ୍ରେସ ସଭାପତି ତୀର୍ଥ କୁମାର ନାଗ, ସୂଚନା ଅଧିକାର ସଂଘର ସଭାପତି ଅନୁଜ ମହାପାତ୍ର, କାଳିପଦା ଗଣଚେତନା ମଞ୍ଚର ସଭାପତି କୁଶଧ୍ୱଜ ଜେନା, ଗୌତମ ପାତ୍ର, ବିଜୟ ନାୟକ, ସେକ କମିରୁଦ୍ଦିନ, ହରେକୃଷ୍ଣ ସେନାପତି, ନରହରି ଜେନା ପ୍ରମୁଖ ଉପସ୍ଥିତ ରହି କେନ୍ଦ୍ର ସରକାରଙ୍କ ବିରୁଦ୍ଧରେ ବର୍ଷିଥିଲେ। ଶ୍ରୀ ୱାଙ୍ଗଚୁକଙ୍କୁ ନିସର୍ତ୍ତ ଏବଂ ଯଥାଶୀଘ୍ର ମୁକ୍ତ କରାନଗଲେ ଆଗାମି ଦିନରେ ରାଜ୍ୟ ବ୍ୟାପି ଜନ ଆନ୍ଦୋଳନ କରାଯିବ ବୋଲି ଶ୍ରୀ ଜେନା କହିଛନ୍ତି।




## ବାଲି ଚୋରି, ୩ ଡଙ୍ଗା ସହ ସାମଗ୍ରୀ ଜବତ



**ବାଲିଆପାଳ,୮।୧୦ (ସଂଚାର ବ୍ୟୁରୋ):** ବାଲେଶ୍ୱର ଜିଲ୍ଲା ବାଲିଆପାଳ ତହସିଲ ଅନ୍ତର୍ଗତ ସୁବର୍ଣ୍ଣରେଖା ନଦୀରୁ ଡଙ୍ଗା ସାହାଯ୍ୟରେ ବେଆଇନ ଭାବରେ ବାଲି ଉତ୍ତୋଳନ କରୁଥିବା ସମୟରେ ଲଘୁ ଖଣିଜ ସମ୍ପଦ ବିଭାଗ ଏବଂ ରାଜସ୍ୱ ବିଭାଗର ମିଳିତ ଚଢଉ କରାଯାଇ ତିନୋଟି ଯନ୍ତ୍ର ଚାଳିତ ଡଙ୍ଗା ସମେତ ଲକ୍ଷାଧିକ ଟଙ୍କାର ସାମଗ୍ରୀ ଜବତ ହୋଇଛି। ସୁବର୍ଣ୍ଣରେଖା ନଦୀର ବିଭିନ୍ନ ସ୍ଥାନରେ ବେଆଇନ ଭାବରେ ବାଲି ଉତ୍ତୋଳନ ହେଉଥିବା ନେଇ ସ୍ଥାନୀୟ ଲୋକେ ବାରମ୍ବାର ଅଭିଯୋଗ କରି ଆସୁଥିଲେ। ବେଆଇନ ଭାବରେ ବାଲି ଉତ୍ତୋଳନ କରି ମାଫିଆମାନେ ଚଢା ଦରରେ ବିକ୍ରି କରି ମାଲେମାଲ ହେଉଥିବା ବେଳେ ବେଳେ ରାଜସ୍ୱ ହରାଉଛନ୍ତି ସରକାର। ଆଜି ସୁବର୍ଣ୍ଣରେଖା ନଦୀର ଚଡ ବଢାପାଳ ଏବଂ ଛୋଟ ଖାନପୁର ନିକଟରେ ବାଲି ମାଫିଆମାନେ ଡଙ୍ଗା ସାହାଯ୍ୟରେ ବାଲି ଉତ୍ତୋଳନ କରୁଥିବା ସମୟରେ କୌଣସି ସୂତ୍ରରୁ ଖବର ପାଇ ଖଣିଜ ସମ୍ପଦ ବିଭାଗ ଏବଂ ରାଜସ୍ୱ ବିଭାଗ ମିଳିତ ଚଢଉ କରିଥିଲେ। ବାଲି ମାଫିଆମାନେ ଘଟଣାସ୍ଥଳରୁ ଚମ୍ପଟ ମାରିଥିବା ବେଳେ ୩ଟି ୩ଟି ଯନ୍ତ୍ର ଚାଳିତ ଡଙ୍ଗା ଜବତ କରି କରିଛି ପ୍ରଶାସନ। ଏହି ଚଢଉ ସମୟରେ ଲଘୁ ଖଣିଜ ସମ୍ପଦ ବିଭାଗର ଅଧିକାରୀ, ବାଲିଆପାଳ ଖଣି ଅଧିକାରୀଙ୍କ ନେତୃତ୍ୱରେ ସତ୍ୟ ଚିନ୍ମୟ ଜେନା, ଜଳେଶ୍ୱରସ୍ଥିତ କନିଷ୍ଠ ଖଣି ଅଧିକାରୀ ଜିତେନ୍ଦ୍ର ଜେନା, ବାଲିଆପାଳ ଥାନା ପୁଲିସ ଅଧିକାରୀ, ବାଲି ଚୋରି କରିପାରୁନଥିବା ବାଲି ମାଫିଆ ପ୍ରମୁଖ ସାମିଲ ଥିଲେ। ବାଲିଆପାଳ ତହସିଲଦାର ଦାର ଜ୍ୟୋତ୍ସ୍ନାରାଣୀ ନାୟକ ମଧ ଉପସ୍ଥିତ ଥିଲେ।

## ଭାଲୁ ଆକ୍ରମଣରେ ଜଣେ ମହିଳା ମୃତ



**ନୀଳଗିରି,୮।୧୦ (ସଂଚାର ବ୍ୟୁରୋ):** ଭାଲୁ ଆକ୍ରମଣରେ ଜଣେ ମହିଳାଙ୍କ ମୃତ୍ୟୁ। ମୃତ ମହିଳା ଜଣକ ହେଲେ ବାଲେଶ୍ୱର ଜିଲା ନୀଳଗିରି ବ୍ଲକ ଅନ୍ତର୍ଗତ ସଜନାଗଡ ପଞ୍ଚାୟତ ଅଧିନସ୍ଥ ପାଣବନ୍ଧ ଗାଁର ଚନ୍ଦ୍ରମୋହନ ନାୟକ ଙ୍କ ସ୍ତ୍ରୀ ଶାନ୍ତିଲତା (୫୪) ବୋଲି ଜଣାପଡିଛି। ସୂଚନା ମୁତାବକ, ବୁଧବାର ସକାଳେ ୧୧ଟା ସମୟରେ ଗାଁ ନିକଟସ୍ଥ ତିନିକୋଶିଆ ସଂରକ୍ଷିତ ଜଙ୍ଗଲକୁ ସ୍ୱାମୀ, ସ୍ତ୍ରୀ ଛତୁ ତୋଳିବାକୁ ଯାଇଥିବାବେଳେ ଜଙ୍ଗଲ ଭିତରେ ଅଚାନକ ଏକ ଭାଲୁ ମହିଳାଙ୍କୁ ଅତର୍କିତ ଆକ୍ରମଣ କରିଥିଲା। ଶାନ୍ତିଲତା ଙ୍କ ଚିତ୍କାର ରେ ଭାଲୁଟି ସେଠାରୁ ଛାଡି ପଳାଇଥିବା ବେଳେ ମହିଳାଙ୍କ ବେକକୁ ଝାମ୍ପି ଥିବା ଯୋଗୁଁ ଗଭୀର କ୍ଷତ ସୃଷ୍ଟି କରିଥିଲା। ସ୍ୱାମୀ ଚନ୍ଦ୍ରମୋହନ ପ୍ରଥମେ ୧୦୮ ଆମ୍ବୁଲେନ୍ସ କୁ ଯୋଗାଯୋଗ କରିଥିଲେ ଆମ୍ବୁଲେନ୍ସର ସୁବିଧା ନହେବାରୁ ଶାନ୍ତିଲତା ଙ୍କୁ ରକ୍ତ ଜୁଡୁବୁଡୁ ଅବସ୍ଥାରେ କାନ୍ଧରେ କାନ୍ଧେଇ ସଜନାଗଡ ମେଡିକାଲ କୁ ଆଣିଥିବା ବେଳେ ଅବସ୍ଥା ଗୁରୁତର ହେବାରୁ ଭଡା ଟେମ୍ପୁ ରେ ନୀଳଗିରି ମେଡିକାଲ୍ ରେ ଭର୍ତ୍ତି କରାଯାଇଥିଲା। ହେଲେ ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଛନ୍ତି।

## ସ୍ୱଚ୍ଛ ଭାରତ ଦିବସ ଓ ପୁରସ୍କାର ବିତରଣ ଉତ୍ସବ



**ସୁବର୍ଣ୍ଣପୁର,୮।୧୦ (ସଂଚାର ବ୍ୟୁରୋ):** ସୁବର୍ଣ୍ଣପୁର ଜିଲ୍ଲାର ସୋନପୁର ମ୍ୟୁନିସିପାଲଟି ଦ୍ୱାରା ସ୍ୱଚ୍ଛ ଭାରତ ଦିବସ ସହିତ ପୁରସ୍କାର ବିତରଣ ସ୍ୱଚ୍ଛ ଉତ୍ସବ - ୨୦୨୫ ସ୍ଥାନୀୟ ଟାଉନ ହଲ ଠାରେ ପାଳିତ ହୋଇଛି। ଏହି ସ୍ୱଚ୍ଛ ଭାରତ ଦିବସ ସହିତ ପୁରସ୍କାର ବିତରଣ - ସ୍ୱଚ୍ଛ ଉତ୍ସବ - ୨୦୨୫ରେ ଜିଲ୍ଲାପାଳ, ସୁବର୍ଣ୍ଣପୁର, ଡ଼ ନୃପରାଜ ସାହୁ, ମୁଖ୍ୟ ଅତିଥି ଭାବେ ଯୋଗଦାନ କରିଥିବା ବେଳେ ଆରକ୍ଷୀ ଅଧିକ୍ଷକ, ସୁବର୍ଣ୍ଣପୁର, ନାରାୟଣ ନାଏକ, ଅତିରିକ୍ତ ଜିଲ୍ଲାପାଳ, ରାଜସ୍ୱ, ସୁବର୍ଣ୍ଣପୁର, ରାଜେନ୍ଦ୍ର ମାଝୀ, ଉପ ଜିଲ୍ଲାପାଳ, ସୋନପୁର ସୋମ୍ୟାରୁପା ତଥା, ସୋନପୁର ମ୍ୟୁନିସିପାଲିଟିର ଅଧକ୍ଷା ତାମସି ତାମସ୍ମିତା ନାୟକ, ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ, ସୁବର୍ଣ୍ଣପୁର, ଉଷାରାଣୀ ଦାଶ ସମ୍ମାନିତ ଅତିଥି ଭାବରେ ଯୋଗଦାନ କରିଥିଲେ। ସ୍ୱଚ୍ଛ ଭାରତ ଦିବସ - ସ୍ୱଚ୍ଛ ଉତ୍ସବ - ୨୦୨୫ ପାଳନ ଉପଲକ୍ଷେ ସୋନପୁର ମ୍ୟୁନିସିପାଲିଟି ଅନ୍ତର୍ଗତ ସମସ୍ତ ପ୍ରାଥମିକ, ଉଚ୍ଚ ପ୍ରାଥମିକ ଓ ଉଚ୍ଚ ବିଦ୍ୟାଳୟସ୍ତରରେ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ରଚନା ଲିଖନ, ବକ୍ତୃତା, ଚିତ୍ରାଙ୍କନ ଅନ୍ୟାନ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏହି ପ୍ରତିଯୋଗିତା କୃତକାର୍ଯ୍ୟ ହୋଇଥିବା ଛାତ୍ର ଛାତ୍ରୀ ମାନଙ୍କୁ ମୁଖ୍ୟ ଅତିଥି ଓ ସମ୍ମାନିତ ଅତିଥି ମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ଏହି ଅବସରରେ ସୋନପୁର ମ୍ୟୁନିସିପାଲିଟିର ସ୍ୱଚ୍ଛ ସାଥୀ ମାନଙ୍କୁ ସମ୍ମାନିତ ଓ ସମ୍ବର୍ଦ୍ଧିତ କରାଯାଇଥିଲା।

## ଶ୍ୟାମାକାଳୀ ପୂଜା ପାଇଁ ପ୍ରଶାସନର ପ୍ରସ୍ତୁତି ବୈଠକ

**ଯାଜପୁର ରୋଡ଼,୮।୧୦ (ସଂଚାର ବ୍ୟୁରୋ):** ଆସନ୍ତା ୨୦ ତାରିଖ ଠାରୁ ବ୍ୟାସନଗର ସହରରେ ଅନୁଷ୍ଠିତ ହେବାକୁ ଯାଉଛି ମା' ଶ୍ୟାମାକାଳୀଙ୍କ ପୂଜା ଉତ୍ସବ। ଏହି ପରିପ୍ରେକ୍ଷୀରେ ପ୍ରଶାସନ ତରଫରୁ ସହରର ସମସ୍ତ କାଳୀପୂଜା କମିଟିର କର୍ମକର୍ତ୍ତାମାନଙ୍କୁ ନେଇ ବ୍ୟାସଦେବ ଟାଉନ ହଲ ଠାରେ ଏକ ପ୍ରସ୍ତୁତି ବୈଠକର ଆୟୋଜନ କରାଯାଇଥିଲା। ଏହି ବୈଠକରେ କଳିଙ୍ଗନଗର ଅତିରିକ୍ତ ଜିଲ୍ଲାପାଳ ସପନ କୁମାର ନନ୍ଦ ଅଧକ୍ଷତା କରିଥିବା ବେଳେ ଅନ୍ୟ ପ୍ରଶାସନିକ ଅଧିକାରୀମାନେ



ଉପସ୍ଥିତ ରହି କିଭଳି ଭାବେ ପୂଜା ଶାନ୍ତି ଶୃଙ୍ଖଳା ସହ ସମାପନ କରାଯିବା ସେ ବିଷୟରେ ଆଲୋଚନା ହୋଇଥିଲା। ଚଳିତ ବର୍ଷ ୧୮ ଗୋଟି ମେଢ଼ ସହରରେ ପୂଜା ପାଉଥିବା ବେଳେ ଏହି ପୂଜା ଆସନ୍ତା ୩୧ତାରିଖ ଦିନ ସମାପନ ହୋଇ ଭସାଣି କାର୍ଯ୍ୟକ୍ରମ କରାଯିବା ନେଇ ସ୍ଥିର କରାଯାଇଥିଲା। ପୂଜା ଉତ୍ସବ ପୂର୍ବରୁ ରାସ୍ତା ଘାଟ, ଆଲୋକୀକରଣ, ଡ୍ରେନ, ସଫେଇ କାର୍ଯ୍ୟକ୍ରମ ସରାଯିବା ନେଇ ବିଭାଗୀୟ ଅଧିକାରୀଙ୍କୁ ଏଡିଏମ ପରାମର୍ଶ ଦେଇଥିଲେ।

## ଶାଳଗାଁରେ ବନ୍ୟପ୍ରାଣୀ ସପ୍ତାହ ପାଳିତ



**ବେତନଟୀ,୮।୧୦ (ସଂଚାର ବ୍ୟୁରୋ):** ବଡସାହି ବ୍ଲକ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ ଶାଳଗାଁର ରାଜ୍ୟ ଅବସରପ୍ରାପ୍ତ ଜଙ୍ଗଲ ପଦାଧିକାରୀ କଲ୍ୟାଣ ସଂଘ ଓଡ଼ିଶା ଓ ଇକୋ କ୍ଲବ ଶାଳଗାଁ ମିଳିତ ଆନୁକୁଲ୍ୟରେ ୭୧ତମ ବନ୍ୟପ୍ରାଣୀ ସପ୍ତାହ ୨୦୨୫ ପାଳିତ ହୋଇଯାଇଅଛି। ବନ୍ୟପ୍ରାଣୀ ଜଙ୍ଗଲର ଏକ ଆବିଚ୍ଛେଦ ଅଙ୍ଗ ପ୍ରତ୍ୟେକ ଜୀବ ଜନ୍ତୁଙ୍କୁ ସୁରକ୍ଷା କରିବା ଜନସାଧାରଣଙ୍କର କର୍ତ୍ତବ୍ୟ, ପରିବେଶ ର ସନ୍ତୁଳନ ପାଇଁ ବନ୍ୟପ୍ରାଣୀ ସୁରକ୍ଷାର ଆବଶ୍ୟକତା ଅଛି, ହାତୀ ଯେଉଁଭଳି ଭାବରେ ଆମ ଅଞ୍ଚଳରେ ପ୍ରବେଶ କରି ଧନ ଜୀବନ ଓ କୃଷି କ୍ଷେତ୍ର ନଷ୍ଟ କରୁଛନ୍ତି ତାର ସୁରକ୍ଷା କଲେ ଆମ୍ଭେମାନେ ମଧ ସୁରକ୍ଷିତ ରହିପାରିବା ଓ ଏ ବର୍ଷର ପ୍ରସଙ୍ଗ - ମନୁଷ୍ୟ ଓ ବନ୍ୟପ୍ରାଣୀ ସହାବସ୍ଥାନ ସମ୍ବନ୍ଧରେ ଅତିଥିବୃନ୍ଦ ଆଲୋକପାତ କରିଥିଲେ । ଛାତ୍ରଛାତ୍ରୀ, ଅତିଥି ବୃନ୍ଦ ଶିକ୍ଷକ ଶିକ୍ଷୟତ୍ରୀଙ୍କ ଦ୍ୱାରା ପ୍ଲାକାର୍ଡ ଧରି ସଚେତନତା ରାଲି କରାଯାଇଥିଲା ।

## ରେଳବାଇ ଅଣ୍ଡର ପାସ ପ୍ରତିଶ୍ରୁତି ପାଣିରେ ଗାର

**ବୈଶିଙ୍ଗା,୮।୧୦ (ସଂଚାର ବ୍ୟୁରୋ):** ବୈଶିଙ୍ଗା ଉପକଣ୍ଠ ଯୁଗପୁରା ରେଳ ଷ୍ଟେସନର ମାତ୍ର ୫୦୦ ମିଟର ଦୂରରେ ଥିବା ଈଶାଣପୁର ଓ ଯୁଗପୁରା ଅଞ୍ଚଳର ବାସିନ୍ଦାଙ୍କ ସମସ୍ୟା ସମ୍ପର୍କରେ ଅନୁଧ୍ୟାନ କରିବା ପାଇଁ ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀଙ୍କ ସହ ଦକ୍ଷିଣ ପୂର୍ବ ରେଳବାଇ ର ଡିଆରଏମ୍ ଗତ ବର୍ଷ ଫେବୃଆରୀ ମାସରେ ଗସ୍ତ କରି ଦୀର୍ଘ ଦିନର ସମସ୍ୟା ସମ୍ପର୍କରେ ଅନୁଧ୍ୟାନ କରିଥିଲେ। ସୂଚନାଯୋଗ୍ୟ ଯେ ଈଶାଣପୁର ଗ୍ରାମକୁ ସଂଯୋଗ କରୁଥିବା ୭ନଂ ଗେଟ୍ ରାସ୍ତାଟିକୁ ରେଳବାଇ ପକ୍ଷରୁ ବନ୍ଦ କରି ଦିଆଯାଇଛି। ଅନ୍ୟ ପକ୍ଷରେ ଗ୍ରାମବାସୀଙ୍କ ପାଇଁ କୌଣସି ବିକଳ୍ପ ବ୍ୟବସ୍ଥା କରାଯାଇ ନଥିବା କାରଣରୁ ଏଠାକାର ଲୋକେ ନାହିଁ ନଥିବା ଦୁର୍ଦ୍ଦଶାର ସମ୍ମୁଖୀନ ହେଉଛନ୍ତି।

ଗ୍ରାମବାସୀଙ୍କ ନିଜସ୍ୱ ଅର୍ଥରେ ୩୦୦ ମିଟର ଦୂରରେ ଥିବା ଛତର ରେଳ ଫାଟକ ପର୍ଯ୍ୟନ୍ତ ରେଳ ଲାଇନ ପାର୍ଶ୍ୱରେ ମାଟି ରାସ୍ତା ତିଆରି କରି ଚଳପ୍ରଚଳ କରୁଥିଲେ। ମାତ୍ର ଏହାକୁ ବେଆଇନ ଦର୍ଶାଇ ରେଳ ଅଧିକାରୀମାନେ ବିରୋଧ କରି ଆସୁଛନ୍ତି ଏବଂ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଧମକ ଚମକ ମଧ ଦେଉଛନ୍ତି। ଫଳରେ ଗ୍ରାମ ଭିତରକୁ କୌଣସି ଗାଡ଼ି ମଟର ଚଳାଚଳ ବ୍ୟାହତ ହୋଇଛି। ଏମିତିକି

### ବଢୁଛି ଅସନ୍ତୋଷ

ଜରୁରୀକାଳୀନ ସ୍ଥିତିରେ ଆମ୍ବୁଲାନ୍ସ କିମ୍ବା ଦମକଳ ଗାଡ଼ି ମଧ ଯାଇ ପାରୁନାହିଁ। ଏ ସମ୍ପର୍କରେ ବହୁବାର ରେଳବାଇ ନିକଟରେ ଅଭିଯୋଗ ହୋଇଥିଲେ ମଧ କୌଣସି ସୁଫଳ ମିଳିନଥିଲା। ଶେଷରେ ରେଳରୋକ କରାଯିବା ନେଇ ଅଧିକାରୀଙ୍କୁ ଲିଖିତ ଭାବେ ଜଣାଇ ଦିଆଯାଇଥିଲା। ଫଳରେ ମୟୂରଭଞ୍ଜ ଲୋକସଭା ପୂର୍ବତନ ସାଂସଦ ତଥା ତତ୍କାଳୀନ କେନ୍ଦ୍ର ଜଳଶକ୍ତି ମନ୍ତ୍ରୀ ବିଶେଶ୍ୱର ଟୁଡୁ ଏବଂ ବାଲେଶ୍ୱର ଲୋକସଭା ସାଂସଦ ତଥା ପୂର୍ବତନ କେନ୍ଦ୍ରମନ୍ତ୍ରୀ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀଙ୍କ ହସ୍ତକ୍ଷେପ ପରେ ରେଳ ବିଭାଗ ଡିଆରଏମ୍ ସମ୍ପୃକ୍ତ ଗ୍ରାମ ପରିଦର୍ଶନ କରି ତୁରନ୍ତ ଏଠାରେ ଏକ ଅଣ୍ଡର୍ ପାସ୍ ରାସ୍ତା ବ୍ୟବସ୍ଥା କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ।

ଏହି ଗସ୍ତ ସମୟରେ ରେଳ ଅଧିକାରୀଙ୍କ ସହ ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ, ଯୁଗପୁରା ଷ୍ଟେସନ ସୁରକ୍ଷା କମିଟିର ଅଶ୍ୱିନୀ କୁମାର ମହାରଣା, ଗିରିଶ ଚନ୍ଦ୍ର ରାଉତ, ରତିକାନ୍ତ ମହାନ୍ତ ଙ୍କ ସମେତ ବହୁସଂଖ୍ୟକ ମହିଳା ମଧ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଏହା ଭିତରେ ଦୁଇ ବର୍ଷ ବିତି ଯାଇଥିଲେ ମଧ ଏଥିପାଇଁ ଅର୍ଥ ମଞ୍ଜୁରୀ ମିଳିନାହିଁ କିମ୍ବା କାର୍ଯ୍ୟ ଆରମ୍ଭ ହୋଇନାହିଁ। ପ୍ରତ୍ୟେକ ମୁହୂର୍ତ୍ତରେ ସମସ୍ୟାର ସାମନା କରୁଛନ୍ତି ଅଞ୍ଚଳବାସୀ।

## ଦିଶା ବୈଠକ ଅନୁଷ୍ଠିତ




**ବଲାଙ୍ଗିର,୮।୧୦ (ସଂଚାର ବ୍ୟୁରୋ):** ଆଜି ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ବଲାଙ୍ଗିର ଜିଲ୍ଲା ଉନ୍ନୟନ ସମନ୍ୱୟ ଏବଂ ପର୍ଯ୍ୟାଲୋଚନା କମିଟି (ଦିଶା)ର ବୈଠକ କମିଟିର ଅଧକ୍ଷା ତଥା ବଲାଙ୍ଗିର ଲୋକସଭା ସାଂସଦ ସଂଗୀତା କୁମାରୀ ସିଂହଦେଓଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ କଣ୍ଟାବାଞ୍ଜି ବିଧାୟକ, ଲକ୍ଷ୍ମଣ ବାଗ, ଜିଲ୍ଲାପାଳ ଗୌରବ୍ ଶିୱାଜୀ ଇସଲୱାର, ବଲାଙ୍ଗିର ଉପଜିଲ୍ଲାପାଳ ଆଲୋକ କୁମାର ପଟେଲ, ପାଟଣାଗଡ ଉପଜିଲ୍ଲାପାଳ ସୁନୀଲ କୁମାର ମେହେର ଏବଂ ବିଧାୟକ ମାନଙ୍କ ପ୍ରତିନିଧି ପ୍ରମୁଖ ଉପସ୍ଥିତ ଥିଲେ। ସେମାନଙ୍କ ସହ ବିଭିନ୍ନ ପଞ୍ଚାୟତ ସମିତିର ଅଧକ୍ଷ ଅଧକ୍ଷା, ଦିଶା କମିଟିର ମନୋନୀତ ସଦସ୍ୟ ସଦସ୍ୟାଙ୍କ ସମେତ ବିଭିନ୍ନ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ । ବୈଠକରେ ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡକ ଯୋଜନାରେ ରାସ୍ତା ଓ ପୋଲ ନିର୍ମାଣ, ରୂପାନ୍ତରିତ ହେଉଥିବା ରେଳ ଷ୍ଟେସନର କାର୍ଯ୍ୟର ଅଗ୍ରଗତି, ଆମ୍ବୁଲାନ୍ସ ସେବା, ସ୍ୱାସ୍ଥ୍ୟ ଭିତ୍ତିଭୂମି ଉନ୍ନତି, କୃଷି, ମୃତ୍ତିକା ସଂରକ୍ଷଣ ତଥା ଜୈବିକ ପଦ୍ଧତିରେ ଚାଷ, ଜଳସେଚନ, ଶିକ୍ଷା, ଗୋପାଳନ, ଗୋଶାଳା ନିର୍ମାଣ, ସମବାୟ ସମିତି, ତୁଷୁରା ବିମାନ ଅବତରଣ ସ୍ଥଳ / ବିମାନବନ୍ଦର ତଥା ବିଭିନ୍ନ ପରିଯୋଜନାରେ କାର୍ଯ୍ୟକାରୀ ହେଉଥିବା ଯୋଜନା ଗୁଡିକର କାର୍ଯ୍ୟକାରିତା ଓ ଅଗ୍ରଗତି ସମ୍ପର୍କରେ ପୁଙ୍ଖାନୁପୁଙ୍ଖ ଭାବେ ସମୀକ୍ଷା ହୋଇଥିଲା।

## ମହିଳାଙ୍କ ଗୋଡ଼ ଉପରେ ଚଢ଼ିଗଲା ପିକଅପ ଭ୍ୟାନ

**ନୀଳଗିରି,୮।୧୦ (ସଂଚାର ବ୍ୟୁରୋ):** ମହିଳାଙ୍କ ଗୋଡ଼ ଉପରେ ଚଢ଼ିଗଲା ପିକଅପ ଭ୍ୟାନ, ରକ୍ତ ରଞ୍ଜିତ ହେଲା ରାଜରାସ୍ତା। ଏଭଳି ଘଟଣା ବୁଧବାର ନୀଳଗିରି-ପଞ୍ଚଲିଙ୍ଗେଶ୍ୱର-ବଉଳଗଡିଆ (ପି.ଡବ୍ଲ୍ୟୁ.ଡି) ରାସ୍ତାରେ ଘଟିଛି। ନୀଳଗିରି ଉପଖଣ୍ଡ ଶ୍ୟାମସୁନ୍ଦରପୁର ପଞ୍ଚାୟତ ରାଉଳଖୁଣ୍ଟା ଗ୍ରାମର ମୁରଲୀଧର ନାୟକଙ୍କ ଝିଅ ସେବତୀ ସ୍କୁଟିରେ ନୀଳଗିରିରୁ ଘରକୁ ଫେରିଥିଲେ। ଗୋପଛକ ସ୍କୁଲ ନିକଟରେ ରାସ୍ତା ଖରାପ କାରଣରୁ ଭାରସାମ୍ୟ ହରାଇ ତଳେ ଛିଟିକି ପଡ଼ିଥିଲେ। ପଛରୁ ଆସୁଥିବା ଏକ ପିକଅପ ଭ୍ୟାନ ତାଙ୍କ ଗୋଡ ଉପରେ ଚଢ଼ି ଯାଇଥିଲା। ଫଳରେ ତାଙ୍କର ଗୋଡ଼ଟି ଗୁଣ୍ଡ ହୋଇଯାଇଥିଲା। ପ୍ରବଳ ରକ୍ତଶ୍ରାବ ହେବାରୁ ତାଙ୍କୁ ଗୁରୁତର ଭାବେ ବାଲେଶ୍ୱର ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ତାଙ୍କର ଜୀବନ ପ୍ରତି ବିପଦ ଥିବାରୁ ଗୋଡ଼ଟି କଟାଯିବ ବୋଲି ଜଣାପଡିଛି।

## ବିଶ୍ୱ ହୃତପିଣ୍ଡ ଦିବସ ପାଳିତ



**ସୁବର୍ଣ୍ଣପୁର,୮।୧୦ (ସଂଚାର ବ୍ୟୁରୋ):** ଜିଲ୍ଲା ପ୍ରଶାସନ ଦ୍ୱାରା ବିଶ୍ୱ ହୃତପିଣ୍ଡ ଦିବସ ସୁବର୍ଣ୍ଣପୁର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସ୍ଥିତ ସମ୍ମିଳନୀ କକ୍ଷରେ ପାଳିତ ହୋଇଛି। ସାଧାରଣତଃ ପ୍ରତି ବର୍ଷ ସେପ୍ଟେମ୍ବର ୨୯ ତାରିଖ ବିଶ୍ୱ ହୃତପିଣ୍ଡ ଦିବସ ପାଳିତ ହୁଏ। କିନ୍ତୁ ବର୍ତ୍ତମାନର ଆବଶ୍ୟକତାକୁ ଦୃଷ୍ଟିରେ ରଖି ଓ ଜନସାଧାରଣଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ପାଇଁ ଆଜି ବିଶ୍ୱ ହୃତପିଣ୍ଡ ଦିବସ ଜିଲ୍ଲା ସ୍ତରରେ ଜିଲ୍ଲା ପ୍ରଶାସନ ଦ୍ୱାରା ପାଳିତ ହୋଇଛି।

ଏହି ବିଶ୍ୱ ହୃତପିଣ୍ଡ ଦିବସ ପାଳନ ଅବସରରେ ବିଭିନ୍ନ ବିଭାଗ ଜିଲ୍ଲା ସ୍ତରୀୟ ଅଧିକାରୀ ବୃନ୍ଦ ଓ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗର ବରିଷ୍ଠ ଡାକ୍ତର ବୃନ୍ଦ ଓ କର୍ମଚାରୀ ବୃନ୍ଦ ଉପସ୍ଥିତ ଥିଲେ। ଏହି ବିଶ୍ୱ ହୃତପିଣ୍ଡ ଦିବସରେ ହୃତପିଣ୍ଡ ଓ ତାର କାର୍ଯ୍ୟ, କିପରି ହୃତପିଣ୍ଡ ଯତ୍ନନେବା, ହୃତପିଣ୍ଡର ସୁସ୍ଥତା ପାଇଁ ଆବଶ୍ୟକୀୟ ଦିନଚର୍ଯ୍ୟା ଉପରେ ମୁଖ୍ୟ ଅତିଥି ତଥା ଜିଲ୍ଲାପାଳ, ସୁବର୍ଣ୍ଣପୁର, ସମ୍ମାନିତ ଅତିଥି, ଉପଜିଲ୍ଲାପାଳ, ସୋନପୁର, ଡ଼. ଜିତାରାମ୍ ବିଦ, ଡ. ରମେଶ ଚନ୍ଦ୍ର ସ୍ୱାଇଁ, ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ, ଡ଼ ରଞ୍ଜନ କୁମାର ଦାସ,ଶ୍ରୀ ଉମାକାନ୍ତ ନାଗ, ଅଧ୍ୟାପକ, ଜୀବ ବିଜ୍ଞାନ, ସୋନପୁର ମହାବିଦ୍ୟାଳୟ ବକ୍ତବ୍ୟ ମାଧ୍ୟମରେ ସୂଚନା ଦେଇ ଉପସ୍ଥିତ ଥିବା ସମସ୍ତଙ୍କୁ ଅବଗତ କରିଥିଲେ।

## ପୋଖରୀରେ ବୁଡି ଯୁବକର ମୃତ୍ୟୁ

**ବାରିପଦା,୮।୧୦ (ସଂଚାର ବ୍ୟୁରୋ):** ମୟୂରଭଂଜ ଜିଲ୍ଲାର ବାଦାମ ପାହାଡ଼ ଥାନା ଅନ୍ତର୍ଗତ କାଶିଆବେଡା ଗ୍ରାମରେ ଜନୈକ ଚାଷୀ ଭଞ୍ଜ ପିଙ୍ଗୁଆ(୩୦) ଗ୍ରାମ୍ୟ ପୋଖରୀରେ ବୁଡି ମୃତ୍ୟୁ ହୋଇଅଛି ।ସୂଚନାଯୋଗ୍ୟ କାଶିଆବେଡା ଗ୍ରାମର ଭଂଜ ପିଙ୍ଗୁଆ ବିଲକାମ ସାରି ଅପରାହ୍ନରେ ପାଖାପାଖି ସମୟରେ ଗାଁ ପୋଖରୀରେ ଗାଧୋଉଥିବା ବେଳେ ଗୋଡ ଖସି ଯାଇଥିଲା ।ସେ ପାଣିରେ ବୁଡି ଯାଇଥିଲେ ।ସେଠାରେ ମଧ୍ଯ ତାଙ୍କ ପତ୍ନୀ ଘର ବାସନକୁସନ ଧୁଆ ଧୋଇ କରୁଥିଲେ ।କିଛି ଛୋଟପିଲା ମଧ ସେଠାରେ ଖେଳାଖେଳି କରୁଥିଲେ ।ସେମାନେ ଲୋକଟି ବୁଡି ଯାଉଥିବା ଦେଖି ଚିତ୍କାର କରିଥିଲେ ।ତଦସହ ପୋଖରୀ ଭିତରେ ପଶି ପାଣିରୁ ଲୋକଟିକୁ ଉଦ୍ଧାର କରି ବାଦାମ ପାହାଡ଼ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଆଣିଥିଲେ। ପରେ ପରିସ୍ଥିତି ଗୁରୁତର ହେବାରୁ ରାଇରଙ୍ଗପୁର ଉପଖଣ୍ଡ ଚିକିତ୍ସାଳୟକୁ ଆଣୁଥିବା ସମୟରେ ରାସ୍ତାରେ ପ୍ରାଣବାୟୁ ଉଡିଯାଇଥିଲା । ପରେ ରାଇରଙ୍ଗପୁର ହସ୍ପିଟାଲରେ ଡାକ୍ତର ମୃତ ଘୋଷଣା କରିଥିଲେ।

## ଅଲ୍ ଓଡ଼ିଶା ସିଡୁଲ୍ଡ କାଷ୍ଟ ଫେଡେରେସନର ସଚେତନତା କାର୍ଯ୍ୟକ୍ରମ



**ଲାଞ୍ଜିଗଡ଼,୮।୧୦ (ସଂଚାର ବ୍ୟୁରୋ):** କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ଼ ବ୍ଲକ ଅନ୍ତର୍ଗତ ଲାଞ୍ଜି ପଞ୍ଚାୟତ ସ୍ଥିତ ମୁସାନାଲ ବଜାର ପଡ଼ିଆ ଠାରେ ରାଜ୍ୟ ସଭାପତି ଧନଞ୍ଜୟ ଦୀପ୍‌ଙ୍କ ନେତୃତ୍ୱରେ ପାଞ୍ଚଟି ପଞ୍ଚାୟତର ଏସ୍.ସି ସମାଜର ଲୋକଙ୍କୁ ମାନଙ୍କୁ ନେଇ ଏକ ସାମାଜିକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସମାଜକୁ ନୀଶା, କୁସଂସ୍କାର ଓ ଅନ୍ଧବିଶ୍ୱାସରୁ ଦୁରେଇ ରଖି ଶିକ୍ଷାକୁ ପ୍ରାଧାନ୍ୟ ଦେବା ଏବଂ ସଙ୍ଗଠିତ ସମାଜ ତିଆରି କରିବା ପାଇଁ ସମସ୍ତେ ସଂଘର୍ଷ କରିବା ବୋଲି ମତ ରଖିଛନ୍ତି।

ଏହି ସଚେତନତା କାର୍ଯ୍ୟକ୍ରମରେ ଜିଲ୍ଲା କାର୍ଯ୍ୟକାରୀ ସଭାପତି ତେଜରାଜ ବେହେରା, ମହାସଚିବ ଶତ୍ରୁଘ୍ନ ନାଏକ, ମୁରଲୀଧର ନାଏକ, ଶ୍ୟାମ ବିଭାର, ପବିତ୍ର ବାଗ, ଉଦ୍ଦଳ ସେଠ, ଅରବିନ୍ଦ ସୁନା, କୈଳାସ ହରିଜନ ସମେତ ସତାଧିକ ସଦସ୍ୟ ପ୍ରମୁଖ ଉପସ୍ଥିତ ରହିଥିଲେ।

# ଦର୍ଶକଙ୍କ ମନ ମୋହୁଛି 'କାନ୍ତାରା'





ଅଭିନେତା ରିଷଭ ଶେଟ୍ଟୀଙ୍କ 'କାନ୍ତାରାଃ ଚାପ୍ଟର ୧' ଫିଲ୍ମ ଗତ ୨ ତାରିଖରେ ରିଲିଜ୍ ହୋଇଥିଲା। ରିଲିଜ୍ ହେବାର ୪ ଦିନ ମଧ୍ୟରେ ଏହି ଫିଲ୍ମ ବିଶ୍ୱବ୍ୟାପୀ ୩୩୫ କୋଟି ଟଙ୍କା ରୋଜଗାର କରିଛି। କେବଳ ଭାରତୀୟ ସିନେମା ହଲଗୁଡ଼ିକରୁ ଏହି ଫିଲ୍ମ ୨୨୩.୭୫ କୋଟି ଟଙ୍କାର ବ୍ୟବସାୟ କରିଛି। ଗୁରୁବାର ରିଲିଜ୍ ହେବା ଦିନ ଏହି ଫିଲ୍ମ ଘରୋଇ ବକ୍ସ ଅଫିସରୁମ ୬୧.୮୫ କୋଟି ଟଙ୍କା ରୋଜଗାର କରିଥିଲା। ସେହିପରି ଶୁକ୍ରବାର, ଶନିବାର ଏବଂ ରବିବାର ଏହି ଫିଲ୍ମ ଭାରତୀୟ ସିନେମାହଲ୍‌ଗୁଡ଼ିକରୁ ଯଥାକ୍ରମେ ୪୫.୪, ୫୫ ଏବଂ ୬୧.୫ କୋଟି ଟଙ୍କା ବ୍ୟବସାୟ କରିଛି। ଏହାସହ 'କାନ୍ତାରାଃ ଚାପ୍ଟର ୧' ଫିଲ୍ମ ଚଳିତ ବର୍ଷ ବିଶ୍ୱବ୍ୟାପୀ ସର୍ବାଧିକ ରୋଜଗାର କରିଥିବା ୫ ଭାରତୀୟ ଫିଲ୍ମ ମଧ୍ୟରେ ସ୍ଥାନ ପାଇଛି। ଦେଶବ୍ୟାପୀ ଚହଳ ସୃଷ୍ଟି କରିଥିବା ୨୦୨୨ ମସିହାର 'କାନ୍ତାରା' ଚଳଚ୍ଚିତ୍ରର କିଛି ଶତାବ୍ଦୀ ପୂର୍ବ ସମୟର କାହାଣୀକୁ ନେଇ ମୁକ୍ତିଲାଭ କରିଛି 'କାନ୍ତାରା ଚାପ୍ଟର ୧' । ପ୍ରଥମ ଚଳଚ୍ଚିତ୍ର ଭଳି ଏହା ମଧ ଇତିହାସ, ପୁରାଣ ଓ କାଳ୍ପନିକ ଗାଥାର ସମ୍ମିଶ୍ରଣ। ଏଥିରେ ଶକ୍ତି, ସଂଘର୍ଷ, ପ୍ରତିରୋଧ, ବିଶ୍ୱାସଘାତକତା ଭଳି ବିଷୟଗୁଡ଼ିକର ଅବତାରଣା କରାଯାଇଛି । ଏହାର ଏକ ପ୍ରଶଂସନୀୟ ଦିଗ ହେଲା ନିର୍ମାତା ତଥା ମୁଖ୍ୟ ଅଭିନେତା ଋଷଭ ଶେଟ୍ଟୀ ଏହି ନୂଆ ଚଳଚ୍ଚିତ୍ର ଜରିଆରେ ଏକ ଅରଖ ନୂଆ କାହାଣୀ ଦର୍ଶକଙ୍କୁ ଭେଟି ଦେଇଛନ୍ତି । ବିଶେଷ କରି ଏହାର ଆକ୍ସନ ଦୃଶ୍ୟଗୁଡ଼ିକ ଦର୍ଶକମାନଙ୍କୁ ଖୁବ୍ ଆମୋଦିତ କରୁଛି । କାନ୍ତାରା ନାମକ ରହସ୍ୟମୟ ଘଞ୍ଚ ଜଙ୍ଗଲ ଭିତରେ ଅବସ୍ଥାନ କରୁଥିବା ଆଦିବାସୀ ସଂପ୍ରଦାୟ ଏହି କାହାଣୀର କେନ୍ଦ୍ରରେ ଅଛି । ଏହି ସଂପ୍ରଦାୟ ପ୍ରକୃତି ସହିତ ଓତପ୍ରୋତ ଭାବେ ଜଡ଼ିତ । ନାୟକ ବର୍ମେ (ଋଷଭ ଶେଟ୍ଟୀ) କାନ୍ତାରା ଜଙ୍ଗଲରେ ବଡ଼ ହେବାପରେ ପ୍ରଥମ ଥର ପାଇଁ ଜଙ୍ଗଲରୁ ବାହାରି ବାଗ୍ରା ବନ୍ଦରକୁ ଯାଉଛି । ତେବେ ସେଠାରେ ଭିନ୍ନ ଭିନ୍ନ ଗୋଷ୍ଠୀଙ୍କ ପକ୍ଷରୁ ତାକୁ ଆକ୍ରମଣର ସମ୍ମୁଖୀନ ହେବାକୁ ପଡୁଛି । ଜଙ୍ଗଲ ସହିତ ଘନିଷ୍ଠ ସମ୍ପର୍କ ଯୋଗୁଁ ଚମତ୍କାର ଢଙ୍ଗରେ ଏକ ବାଘ ତାକୁ ବିପଦରୁ ରକ୍ଷା କରୁଛି । ଏହା ଜରିଆରେ ପ୍ରକୃତି ପ୍ରଦାନ କରୁଥିବା ସୁରକ୍ଷା ସମ୍ପର୍କରେ ଦର୍ଶକଙ୍କୁ ବାର୍ତ୍ତା ମିଳିଥାଏ । ସିନେମାର ଦ୍ୱିତୀୟାର୍ଦ୍ଧରେ ବର୍ମେ ପୁଣି ଥରେ ବାଗ୍ରା ଫେରୁଛି ଯେଉଁଠାରେ ଘମାଘୋଟ ଲଢ଼େଇର ସୂତ୍ରପାତ ହେଉଛି । କ୍ରମେ ବାଗ୍ରାର ରାଜା କାନ୍ତାରାର ଅଧିବାସୀଙ୍କୁ ଗଣହତ୍ୟା କରି ଜଙ୍ଗଲ ଜମିକୁ ହଡ଼ପ କରିନେବା ଉଦ୍ଦେଶ୍ୟରେ ଆକ୍ରମଣ ଆରମ୍ଭ କରିଦେଉଛି କିନ୍ତୁ ବର୍ମେ ତା' ସଂପ୍ରଦାୟ ଓ ଜଙ୍ଗଲର ସୁରକ୍ଷା ପାଇଁ ଆପ୍ରାଣ ଲଢ଼େଇ କରୁଛି ।

# ନଅ ବର୍ଷ ହେଲା ପୂଜାରେ ନାହାନ୍ତି



ଥର ଦଶହରା ସିନେମାରେ ନାୟକ ଅନୁଭବ ଓ ଅର୍ଦ୍ଧେନ୍ଦୁ ଏବଂ ନାୟିକା ଅନୁରାଧା, ଶିବାନୀ, ଏଲିନା ଓ ଲିପିଙ୍କୁ ଦେଖିବାକୁ ମିଳିଛି। ହେଲେ ଏଥରକୁ ମିଶାଇ ୯ ବର୍ଷ ହେଲା ପୂଜା ବଜାରରେ ଓଲିଉଡ୍‌ର ସୋବର୍ ବୟ ସବ୍ୟସାଚୀଙ୍କ ଅଭିନୀତ ସିନେମା ରିଲିଜ୍ ହୋଇନାହିଁ। ଅର୍ଥାତ, ୨୦୧୭ରୁ ୨୦୨୫ ମଧ୍ୟରେ ଦଶହରାରେ ମୁକ୍ତିଲାଭ କରିଥିବା ଛବିଗୁଡ଼ିକ ମଧ୍ୟରେ ସବ୍ୟସାଚୀଙ୍କ କୌଣସି ଫିଲ୍ମ ନାହିଁ। ଶେଷ ଥର ପାଇଁ ୨୦୧୬ ପୂଜା ବଜାରରେ ସବ୍ୟସାଚୀଙ୍କୁ ଦର୍ଶକ ମଞ୍ଜରୀ ମୁଭିଜ୍ ପ୍ରଯୋଜିତ ତଥା ମୃତ୍ୟୁଞ୍ଜୟ ସାହୁଙ୍କ ନିର୍ଦ୍ଦେଶିତ 'ଛାତି ତଳେ ଡିଂ ଡଙ୍ଗ୍'ରେ ଦର୍ଶକ ଦେଖିବାକୁ ପାଇଥିଲେ। ଏହି ଫିଲ୍ମରେ ସମ୍ବିତ୍, ବର୍ଷା ପ୍ରିୟଦର୍ଶିନୀ, ଅର୍ଚ୍ଚିତା ଓ ଶକ୍ତି କପୁରଙ୍କ ଭଳି ନାମୀ ତାରକା ମଧ୍ୟ ଥିଲେ। ତେବେ ସବ୍ୟସାଚୀ ଆଗରୁ ଅନେକ ଥର ପୂଜା ବଜାରର ସିନେମାରେ ନଜର ଆସିଛନ୍ତି। ତାଙ୍କ ଅଭିନୀତ 'ମତେ ଆଣି ଦେଲ ଲକ୍ଷେ ଫଗୁଣ', 'ବନ୍ଦେ ଉତ୍କଳ ଜନନୀ', 'ଲଭ୍ ଡଟ୍ କମ୍' ଓ 'ଚାନ୍ଦିନୀ ଆଇ ମିସ୍ ୟୁ' ପୂଜା ବଜାରରେ ମୁକ୍ତିଲାଭ କରିଥିଲା।

ନଅ ବର୍ଷ ହେଲା ପୂଜାରେ ମୁକ୍ତିଲାଭ କରିଥିବା କୌଣସି ଓଡ଼ିଆ ଛବିରେ ନଜର ଆସିନାହାନ୍ତି ଓଲିଉଡ୍‌ର ଆଗଧାଡ଼ିର ନାୟକ ସବ୍ୟସାଚୀ ଓ ନାୟିକା ବର୍ଷା ପ୍ରିୟଦର୍ଶିନୀ।

ଠିକ୍ ସେହିପରି ଓଲିଉଡ୍‌ର ଲୋକପ୍ରିୟ ନାୟିକା ବର୍ଷା ପ୍ରିୟଦର୍ଶିନୀଙ୍କର ବି ୯ ବର୍ଷ ହେଲା ପୂଜା ବଜାରରେ କୌଣସି ଓଡ଼ିଆ ଛବି ମୁକ୍ତିଲାଭ କରିନାହିଁ। ତାଙ୍କୁ ଶେଷ ପୂଜା ଛବି ଥିଲା ୨୦୧୬ର 'ଛାତି ତଳେ ଡିଂ ଡଙ୍ଗ୍'। ପ୍ରଖ୍ୟାତ ନିର୍ଦ୍ଦେଶକ ଶିଶିର ମିଶ୍ରଙ୍କ 'ସାବତ ମା' ଥିଲା ବର୍ଷା ପ୍ରିୟଦର୍ଶିନୀଙ୍କର ପ୍ରଥମ ପୂଜା ସିନେମା। ଏହାପରେ ତାଙ୍କୁ 'ନେଇ ଯାରେ ମେଘ ମତେ', 'ପର୍ଶୁରାମ' , 'କେହି ଜଣେ ଭଲ ଲାଗେରେ' ଓ 'ମେଣ୍ଟାଲ୍' ଆଦି ପୂଜାରେ ମୁକ୍ତିପ୍ରାପ୍ତ ସିନେମାରେ ଦେଖିବାକୁ ପାଇଥିଲେ ଦର୍ଶକ।

# ଧନଶ୍ରୀ କହିଥିଲେ ଧୋକା ଦେଉଥିଲେ ଚହଲ

୨୦୨୦ ଡିସେମ୍ବର ୨୨ ରେ ବିବାହ କରିଥିଲେ ଭାରତୀୟ କ୍ରିକେଟର ଯୁଜବେନ୍ଦ୍ର ଚହଲ ଏବଂ କୋରିଓଗ୍ରାଫର୍ ଧନଶ୍ରୀ ବର୍ମା । କିନ୍ତୁ ଦୁହିଁଙ୍କ ସମ୍ପର୍କ ଅଧିକ ସମୟ ଧରି ତିଷ୍ଠି ପାରିନଥିଲା ଏବଂ ୨୦ ମାର୍ଚ୍ଚ ୨୦୨୫ ରେ ଦୁହେଁ ଅଲଗା ହୋଇଯାଇଥିଲେ । ତେବେ ବର୍ତ୍ତମାନ ଧନଶ୍ରୀ ଏକ ରିଆଲିଟି ଶୋ'ରେ ଭାଗ ନେଇଛନ୍ତି ଯେଉଁଥିରେ ଚହଲ ତାଙ୍କୁ ପ୍ରତାରଣା କରିଥିବା କଥା ମଧ ସେ କହିଛନ୍ତି । ଧନଶ୍ରୀଙ୍କ ଏହି ଅଭିଯୋଗର ଜବାବ ବର୍ତ୍ତମାନ ଦେଇଛନ୍ତି କ୍ରିକେଟର ଯୁଜବେନ୍ଦ୍ର ଚହଲ । ସେ ଧନଶ୍ରୀଙ୍କ ଦ୍ୱାରା ଲଗାଯାଇଥିବା ସମସ୍ତ ଅଭିଯୋଗକୁ ଖଣ୍ଡନ କରିଛନ୍ତି । ଜାତୀୟ ଗଣମାଧ୍ୟମ ସହିତ କଥାବାର୍ତ୍ତା ସମୟରେ ଚହଲ କହିଛନ୍ତି, " ମୁଁ ଜଣେ ଖେଳାଳି ଏବଂ ମୁଁ ଠକିବା ଶିଖି ନାହିଁ କି କାହାକୁ ଠକି ନାହିଁ । ଯଦି କେହି ଦୁଇ ମାସ ମଧ୍ୟରେ ଠକିଦିଏ, ତେବେ



ସମ୍ପର୍କ କେତେ ଦିନ ରହିବ ? ମୋ ପାଇଁ ଧନଶ୍ରୀଙ୍କ ଅଧ୍ୟାୟ ଶେଷ ହୋଇଯାଇଛି । ମୁଁ ମୋ ଜୀବନ ସହିତ ଆଗକୁ ବଢ଼ିଛି ଏବଂ ଅନ୍ୟମାନଙ୍କୁ ମଧ ଏଭଳି କରିବା ଉଚିତ । " ଚହଲ ଆହୁରି କହିଛନ୍ତି, " ଆମର ବିବାହ ସାଢ଼େ ୪ ବର୍ଷ ଚାଲିଲା । ଯଦି ମତେ ଦୁଇ ମାସ ମଧ୍ୟରେ ଠକାମିର ଶିକାର କରାଯାଏ ତେବେ କିଏ ଆଗକୁ ବଢ଼ିବ ? ମୁଁ ପୂର୍ବରୁ କହିସାରିଛି ଯେ ମୁଁ ଅତୀତରୁ ଆଗକୁ ବଢ଼ିଯାଇଛି । କିନ୍ତୁ କିଛି ଲୋକ ଏବେ ବି ସେଠାରେ ଫସି ରହିଛନ୍ତି । ମୋ ନାଁରେ ସେମାନଙ୍କ ଘର ଚଳୁଛି ତେଣୁ ସେମାନେ ଏହା ଜାରି ରଖିପାରିବେ । ମୁଁ ଏହାକୁ ନେଇ ଚିନ୍ତିତ ନୁହେଁ ଏବଂ ମତେ କିଛି ଫରକ ପଡ଼େ ନାହିଁ । ତେବେ ଧନଶ୍ରୀ କିଛି ଦିନ ପୂର୍ବରୁ ରିଆଲିଟି ଶୋ' ରାଇଜ ଆଣ୍ଡ ଫଲରେ ଚହଲଙ୍କୁ ପରୋକ୍ଷରେ ଅଭିଯୋଗ କରିଥିଲେ । ଅଭିନେତ୍ରୀ କୁବ୍ରା ସୈତ ଧନଶ୍ରୀଙ୍କୁ ପଚାରିଥିଲେ ଯେ ସେ କେବେ ଜାଣିଲେ ଯେ ତାଙ୍କ ବିବାହ ଭାଙ୍ଗୁଛି । ଏହାର ଉତ୍ତରରେ ଧନଶ୍ରୀ କହିଥିଲେ " ମୁଁ ଚହଲଙ୍କୁ ବିବାହର ଦେଢ଼ ବର୍ଷ ଭିତରେ ଧରିଥିଲି ।"

# କରନଙ୍କ ଅପ୍‌କମିଂ ଲଭ୍‌ଷ୍ଟୋରୀରେ ଆଲିୟା

ବଡ଼ ପରଦାରେ ପୁଣି ଥରେ ପ୍ରେମ କାହାଣୀର ମ୍ୟାଜିକ୍ ଦେଖାଇବା ପାଇଁ ପ୍ରସ୍ତୁତ ହେଉଛନ୍ତି କରନ ଜୋହର । ୨୦୨୩ ମସିହାରେ ମୁକ୍ତିପ୍ରାପ୍ତ 'ରକି ଔର୍ ରାନୀ କି ପ୍ରେମ୍ କାହାନୀ'ର ସଫଳତା ପରେ ସେ ନୂଆ ପ୍ରୋଜେକ୍ଟରେ କାମ କରୁଛନ୍ତି । ଏଥିରେ ମୁଖ୍ୟ ଭୂମିକାରେ ଅଭିନୟ କରିବେ ତାଙ୍କର ଅତି ପ୍ରିୟ ନାୟିକା ଆଲିୟା ଭଟ୍ଟ । ରିପୋର୍ଟ ଅନୁସାରେ, କରନ ଏହି ଫିଲ୍ମରେ ପ୍ରଥମେ ଆଲିୟାଙ୍କୁ ଫିମେଲ ଲିଡ୍ ଭାବେ କାଷ୍ଟ୍ କରିଛନ୍ତି । ରଣବୀର କପୁର ଓ ଭିକି କୌଶଲଙ୍କୁ ମେଲ୍ ଲିଡ୍ ଭାବେ କାଷ୍ଟ୍ କରିବା ପାଇଁ ଆଲୋଚନା ଚାଲିଛି । 'ଷ୍ଟୁଡେଣ୍ଟ୍ ଅଫ୍ ଦ ଇୟର' ଓ 'ରକି ଔର୍ ରାନୀ କି ପ୍ରେମ୍ କାହାନୀ' ପରେ ଏହା କରନଙ୍କର ଆଲିୟାଙ୍କ ସହ ୩ୟ ପ୍ରୋଜେକ୍ଟ ହେବ। ତେବେ ପ୍ରୋଜେକ୍ଟକୁ ନେଇ ଏପର୍ଯ୍ୟନ୍ତ ଔପଚାରିକ ଘୋଷଣା ହୋଇନାହିଁ । କିନ୍ତୁ ଆଲିୟାଙ୍କୁ ଫିଲ୍ମରେ କାଷ୍ଟ୍ କରିବା କଥା ଇଣ୍ଟର୍‌ନେଟ୍‌ରେ ଚର୍ଚ୍ଚାର ବିଷୟ ହୋଇଛି । ଉଭୟ ରଣବୀର ଓ ଭିକି ଫିଲ୍ମ ପାଇଁ ରାଜି ହୋଇଥିବା ଚର୍ଚ୍ଚା ମଧ ଜୋର ଧରିଛି ।





ଚାଷୀଙ୍କୁ କାଳ ନିମ୍ନମାନର ଧାନବିହନ

# ବିହନ ପକାଇ ବିତିଗଲା ୯୦ ଦିନ, ତଥାପି କ୍ଷେତରେ ବାହାରିଲାନି ଧାନ



**ଢେଙ୍କାନାଳ,୮।୧୦(ସଂଚାର ବ୍ୟୁରୋ):** ସରକାରୀ ବିହନ ନମିଳିବାରୁ ଘରୋଇ ସଂସ୍ଥା ଠାରୁ ବିହନ ଆଣି ବୁଣିଥିଲେ ଢେଙ୍କାନାଳ ଜିଲ୍ଲା ମହାବିରୋଡ଼ ଅଞ୍ଚଳର ଗୋଳାଗାଡ଼ିଆ ଗାଁ । ୧୦ କିଲୋ ପିଛା ୮୦୦ ଟଙ୍କା ଦେଇ କଳାଚମ୍ପା ଧାନ ପାଇଁ ବିହନ କିଣିଥିଲେ ଚାଷୀ । ହେଲେ ବିହନ ବୁଣିବାର ୯୦ରୁ ଅଧିକ ଦିନ ପରେ ବି ଅଧାରୁ ଅଧିକ କେଣ୍ଡାରେ ଧାନ ଫଳିନି । ଯାହାକୁ ନେଇ ଚାଷୀ ଚିନ୍ତାରେ ପଡ଼ିଛି । ଉକ୍ତ ଘରୋଇ ସଂସ୍ଥା ଉପରେ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି ହୋଇଛି। ଚଳିତବର୍ଷ ସରକାରଙ୍କ ତରଫରୁ ସୋସାଇଟିକୁ ଅଳ୍ପ ବିହନ ଆସିଥିଲା । ଫଳରେ ପ୍ରାୟ ଚାଷୀ ବାଧ୍ୟରେ ବାହାରୁ ବିହନ କିଣିଥିଲେ । ୧୫୦ ଦିନ ମଧ୍ୟରେ ଧାନ ଅମଳ ହେବା ନେଇ କମ୍ପାନୀ ତରଫରୁ କୁହାଯାଇଥିଲା । ହେଲେ ବିହନ ବୁଣିବାର ୯୦ ଦିନ ପରେ ବି ଫାଙ୍କା ଅବସ୍ଥାରେ ଧାନକେଣ୍ଡା । ଗୋଟିଏ ପଟେ ନିମ୍ନମାନର ବିହନ, ଅନ୍ୟପଟେ ଅଳ୍ପ ଅମଳ । ସରକାରୀ ସ୍ତରରେ ସହାୟତା ପ୍ରଦାନ ପାଇଁ ଦାବି ହୋଇଛି । ବର୍ଷସାରା ବନ୍ୟଜନ୍ତୁ, ହାତୀ, ମାଙ୍କଡ଼, ଓ ପ୍ରତିକୂଳ ପରିସ୍ଥିତି ସହ ସଂଘର୍ଷ କରି ନିଜ ପରିବାରର ପ୍ରତିପୋଷଣ ପାଇଁ ଧାରକରଜ କରିଥିବା ଚାଷୀ ଏବେ ଚିନ୍ତାରେ ପଡ଼ିଛି ।

## ବାୟୁ ସେନା ଦିବସ ପାଳିତ

**ବୈଶିଙ୍ଗା,୮।୧୦(ସଂଚାର ବ୍ୟୁରୋ):** ବୈଶିଙ୍ଗା ଥାନା ଅନ୍ତର୍ଗତ ମହୁରୀ ଗ୍ରାମର ଅବସରପ୍ରାପ୍ତ ସୈନିକ ନରହରି ବିଶ୍ୱାଳ ଙ୍କ ସହଯୋଗରେ ମୟୁରଭଞ୍ଜ ଜିଲା ଅବସର ପ୍ରାପ୍ତ ସୈନିକ ସଂଘ ଆନୁକୂଲ୍ୟରେ ବେତନଟୀ ବ୍ଲକ(ଜୋନ)ରେ ଥିବା ଅବସରପ୍ରାପ୍ତ ସୈନିକ ମାନେଏକତ୍ରିତ ହୋଇ ଅକ୍ଟୋବର ୮ ତାରିଖ ବୁଧବାର ୯୩ ତମ ବାୟୁସେନା ଦିବସ 'ଏକାଠି ୮୯' ପରିସରରେ ଆଇନଜୀବୀ ପ୍ରବୀର କୁମାର ବାରିକ ଙ୍କ ସହଯୋଗରେ ପାଳନ କରାଯାଇଥିଲା । ଜୋନ ସଭାପତି ଦୈତାରୀ ଚରଣ ପରିଡାଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମର ପ୍ରାରମ୍ଭରେ ଜାତୀୟ ପତାକାକୁ ଚେୟାର ପାର୍ସନ ଜନାର୍ଦନ ମହାନ୍ତ ଉତ୍ତୋଳନ କରିଥିଲେ । ଉପସ୍ଥିତ ଅବସରପ୍ରାପ୍ତ ସେନା ମଣ୍ଡଳୀ ଜାତୀୟ ସଂଗୀତ ଗାନ କରିଥିଲେ । ପରେ ସେନା ଅଧିକାରୀ ମାନେ ଏକ ବୈଠକରେ ଉପସ୍ଥିତ ହୋଇଥିଲେ।

ଭାଙ୍ଗିଦେଲା ଚାଷୀର ମେରୁଦଣ୍ଡ

# ଅଦିନିଆ ବର୍ଷା ଉଜାଡ଼ିଦେଲା ଫସଲ

**ବଲାଙ୍ଗୀର,୮।୧୦ (ସଂଚାର ବ୍ୟୁରୋ):** ଅନେକ ଆଶା ଆକାଂକ୍ଷା ନେଇ ମାଣ୍ଡିଆ, କୋଦୋ ଓ ବାଜରା ଚାଷ କରିଥିଲା ଚାଷୀ । ଉଦ୍ଦେଶ୍ୟ ଭଲ ଦୁଇ ପଇସା ରୋଜଗାର ହେଲେ ପରିବାର ଚଳିବ। ହେଲେ ଅଦିନିଆ ଲଘୁଚାପ ବର୍ଷା ସବୁ ସାରିଦେଇଛି। ଅମଳ ପୂର୍ବରୁ ନଷ୍ଟ ହୋଇଯାଇଛି ଏକର ଏକର ମିଲେଟ୍ ଚାଷ । ଫୁଲ ଧରିଥିବା ମାଣ୍ଡିଆ କଳା ପଡ଼ିଯାଇଛି।



ଉଜୁଡ଼ା କ୍ଷେତକୁ ଦେଖି ମୁଣ୍ଡରେ ହାତ ଦେଇ ବସିଛି ବଲାଙ୍ଗୀର ଜିଲ୍ଲା ବଙ୍ଗୋମୁଣ୍ଡା ବ୍ଲକର ଚାଷୀ ।

ଶ୍ରୀ ଅନ୍ନ ଯୋଜନାରେ ବ୍ଲକର ଅନେକ ଗାଁର ଚାଷୀ ଚଳିତ ବର୍ଷ ମାଣ୍ଡିଆ, କୋଦୋ, ବାଜରା ଭଳି ଚାଷ କରିଥିଲେ। ଅମଳ ହୋଇ ସରକାରୀ ଦରରେ ବିକ୍ରି କରିଥିଲେ ଲକ୍ଷ ଲକ୍ଷ ଟଙ୍କା ରୋଜଗାର ହୋଇଥାନ୍ତା । ହେଲେ ଏବେ ସରକାର ମଣ୍ଡିରେ ଏସବୁ ନଷ୍ଟ ଫସଲକୁ ଗ୍ରହଣ କରିବେ ନାହିଁ । ଯାହା ଚାଷୀର ଚିନ୍ତାକୁ ଦ୍ୱିଗୁଣିତ କରିଛି। ଅନ୍ୟପଟେ ବ୍ଲକ କୃଷି କାର୍ଯ୍ୟାଳୟରେ ଅଭିଯୋଗ ଆସିଲା ପରେ ତଦନ୍ତ କରି କ୍ଷତିପୂରଣ ଦିଆଯିବ ବୋଲି କହିଛନ୍ତି ଅଧିକାରୀ । ଧାନ ଚାଷ ପରେ ସରକାର ମିଲେଟ୍ ଜାତୀୟ ଫସଲକୁ ଅଧିକ ଗୁରୁତ୍ୱ ଦେଇଛନ୍ତି । ହେଲେ ଏବେ ଫସଲ ନଷ୍ଟ ହେବା ପରେ ସରକାରଙ୍କ କ୍ଷତିପୂରଣକୁ ଅପେକ୍ଷା କରିଛି ଚାଷୀ ।

## ନୂତନ ପଞ୍ଚାୟତ ଗଠନ ଦାବିରେ ଉପଜିଲ୍ଲାପାଳଙ୍କ ଦ୍ୱାରସ୍ଥ



**ବାରିପଦା,୮।୧୦ (ସଂଚାର ବ୍ୟୁରୋ):** ମୟୂରଭଂଜ ଜିଲ୍ଲାର ବାମନଘାଟୀ ଉପଖଣ୍ଡର ବହଳଦା ବ୍ଲକର ଯଶିପୁର ପଞ୍ଚାୟତର ଜନସଂଖ୍ୟା ୭୫୦୦ ରୁ ଊର୍ଦ୍ଧ୍ୱ। ସରକାର ପୁରୁଣା ଗାଇଡ ଲାଇନ ଅନୁସାରେ ଗୋଟିଏ ପଞ୍ଚାୟତ ଗଠନ ପାଇଁ ୨୦୦୦ ରୁ ଊର୍ଦ୍ଧ୍ୱ ଲୋକେ ବସବାସ କରୁଥିବା ଦରକାର। ତେଣୁ ସେହି ନିୟମ ଅନୁସାରେ ଯଶିପୁର ପଞ୍ଚାୟତକୁ ଦୁଇଭାଗ କରି କୁଦରସାହି କୁ ଏକ ନୂତନ ପଞ୍ଚାୟତ ଗଠନ ପାଇଁ ପାଞ୍ଚ ଖଣ୍ଡ ଗ୍ରାମବାସୀ ମିଳିତ ଭାବେ ଦାବି କରୁଛନ୍ତି। ଭୌଗଳିକ ଦୃଷ୍ଟିରୁ ବଣ ଜଙ୍ଗଲ ଘେରା ଅବସ୍ଥିତ ଏହି ପାଞ୍ଚ ଟି ଗ୍ରାମ ଯାହାର ଲୋକସଂଖ୍ୟା ୨୫୦୦ ରୁ ଊର୍ଦ୍ଧ୍ୱ। ଏହି ପାଞ୍ଚ ଟି ଗ୍ରାମ ହେଲା ସାପଘରା, ନୂଆଗାଁ, କୁଦରସାହି, ଅସୁରଘାଟି ଓ ରଙ୍ଗାମାଟିଆ। ୨୦୨୨ରେ ଯଶିପୁର ଗ୍ରାମ ପଞ୍ଚାୟତକୁ ଦୁଇ ଭାଗରେ ବିଭକ୍ତ କରିବା ପାଇଁ ସର୍ଭେ ହୋଇଥିଲା। କିନ୍ତୁ ଏ ଯାଏଁ ତାହା କାର୍ଯ୍ୟକାରୀ ହୋଇ ପାରୁ ନାହିଁ।ସାଂପ୍ରତିକ ପରିସ୍ଥିତିରେ ଦୁର୍ଗମ ପାହାଡିଆ ଅଞ୍ଚଳରେ ରହୁଥିବା ବୟସାଧିକ ଲୋକ, ଦିବ୍ୟାଙ୍ଗ, ଅସୁରଘାଟି ପାହାଡ଼ରେ ରହୁଥିବା ୧୦୦ ରୁ ଊର୍ଦ୍ଧ୍ୱ ଘଂଟିଆ ପରିବାର ଲୋକେ ରାସନ୍ ସାମଗ୍ରୀ, ସରକାରୀ ଯୋଜନାର ସୁଫଳ, ରାସ୍ତାଘାଟ, ବିଜୁଳି, ପାନୀୟ ଜଳ ନେବା ପାଇଁ ନାହିଁ ନଥିବା ଅସୁବିଧାରେ ସମ୍ମୁଖୀନ ହେଉଛନ୍ତି। ତେଣୁ ସେହି ପାଞ୍ଚ ଗ୍ରାମର ଶତାଧିକ ଗ୍ରାମବାସୀ ଆଜି ବୁଧବାର ଦିନ ରାଇରଙ୍ଗପୁର ଉପଜିଲ୍ଲାପାଳ କାର୍ଯ୍ୟାଳୟକୁ ଆସି ଉପ ଜିଲ୍ଲାପାଳଙ୍କ ଅନୁପସ୍ଥିତିରେ ଅତିରିକ୍ତ ଉପଜିଲ୍ଲାପାଳ ବାସନ୍ତୀ ଲାକ୍ରାଙ୍କୁ କୁଦରସାହିକୁ ନୂତନ ପଞ୍ଚାୟତ ଗଠନ ନେଇ ଏକ ଲିଖିତ ଦାବି ପ୍ରଦାନ କରିଛନ୍ତି।

## ବିଦ୍ୟାଳୟ ଶ୍ରେଣୀଗୃହ ତାଲାଭାଙ୍ଗି ଚୋରି

**ଗଞ୍ଜାମ,୮।୧୦(ସଂଚାର ବ୍ୟୁରୋ):** ଗଞ୍ଜାମ ବ୍ଲକ ଅନ୍ତର୍ଗତ ସାନ ରାମଚନ୍ଦ୍ରପୁର ପଞ୍ଚାୟତର ଡିଆଁଡେଇଁ ଗ୍ରାମରେ ଥିବା ପ୍ରାଥମିକ ବିଦ୍ୟାଳୟରେ ଚୋରି ହୋଇଛି। ଦଶହରା ଛୁଟି ସରିବା ପରେ ସ୍କୁଲ କର୍ତ୍ତୃପକ୍ଷ ଏକ ଶ୍ରେଣୀଗୃହର ତାଲା ଭାଙ୍ଗି ଦୁର୍ବୃତ୍ତମାନେ ବହିପତ୍ର ଏବଂ କିଛି ଜରୁରୀ କାଗଜପତ୍ର ଏଣେତେଣେ ପକାଇଥିବା ଦେଖିବାକୁ ପାଇଛନ୍ତି। ଏହା ପୂର୍ବରୁ ପଞ୍ଚାୟତ ନିର୍ବାଚନ ସମୟରେ ଲଗାଯାଇଥିବା ସିସିଟିଭି କ୍ୟାମେରା ମଧ୍ୟ ଚୋରି ହୋଇଯାଇଥିଲା। ପୁନର୍ବାର ସେଭଳି ଏକ ଚୋରି ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଆତଙ୍କ ସୃଷ୍ଟି ହୋଇଛି। ବିଦ୍ୟାଳୟ ହେଉଛି ଶିକ୍ଷାର ମନ୍ଦିର। ପିଲାମାନେ ଏଠାକୁ ବିଦ୍ୟାଲାଭ କରିବାକୁ



ଆସୁଥିବା ବେଳେ ଏବେ ଏହାର ସୁରକ୍ଷା ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ସ୍କୁଲ କର୍ତ୍ତୃପକ୍ଷ ଏବଂ ବିଦ୍ୟାଳୟ ପରିଚାଳନା କମିଟି ପକ୍ଷରୁ ରମ୍ଭା ଥାନାରେ ଅଭିଯୋଗ ଦାୟର କରାଯାଇଛି। ସ୍ଥାନୀୟ ଲୋକମାନେ ଏହି ଚୋରିର ପଛରେ କୌଣସି ରାଜନୈତିକ କାରଣ ଥାଇପାରେ ବୋଲି ସନ୍ଦେହ କରୁଛନ୍ତି, କାରଣ ପୂର୍ବରୁ ସିସିଟିଭି ଚୋରି ହୋଇଥିଲା। ପୋଲିସ ଏହି ଘଟଣାର ତଦନ୍ତ କରି ଦୋଷୀମାନଙ୍କୁ ଧରିବାକୁ ପ୍ରତିଶ୍ରୁତି ଦେଇଛି। ଏହି ଘଟଣା ଗ୍ରାମର ଅଭିଭାବକମାନଙ୍କୁ ଚିନ୍ତାରେ ପକାଇଛି। ସେମାନେ ବିଦ୍ୟାଳୟର ସୁରକ୍ଷା ବଢ଼ାଇବାକୁ ଦାବି କରୁଛନ୍ତି।

## ଝାଡ଼ାବାନ୍ତିରେ ଚାଷୀ ମୃତ୍ୟୁ

**ବାରିପଦା,୮।୧୦ (ସଂଚାର ବ୍ୟୁରୋ):** ଦିର୍ଘ ୫ ମାସ ଧରି ଲଗାଣ ବର୍ଷା ଲାଗି ଜାରି ରହିଛି। ଗଡ଼ିଆ, ପୋଖରୀ, ନଦୀ ନାଳ ଜଳାର୍ଣ୍ଣବ । ଜଳସ୍ତର ପ୍ରଦୂଷଣ ହୋଇଯାଇଛି । ଯାହା ଫଳରେ ଲୋକମାନେ ଥଣ୍ଡା, ଜ୍ୱର, କାଶ, କଫ, ଝାଡ଼ାବାନ୍ତି, ମେଲେରିଆ,ଡେଙ୍ଗୁ ରେ ଆକ୍ରାନ୍ତ ହେଉଛନ୍ତି। ମୟୂରଭଂଜ ଜିଲ୍ଲାର ଯାମଦା ଗୋଷ୍ଠୀ ସ୍ୱାସ୍ଥ୍ୟ ଅନ୍ତର୍ଗତ ସିମାନ୍ତ ତାରଣା ପଞ୍ଚାୟତ ର ପାହାଡପୁର ଗ୍ରାମରେ ଜଣେ ଚାଷୀ ଲକ୍ଷ୍ମଣ ମୁର୍ମୁ(୪୫) ଦୁଇ ତିନି ଦିନହେଲା ଝାଡାବାନ୍ତି ରେ ଆକ୍ରାନ୍ତ ହୋଇ ଉପଖଣ୍ଡ ଚିକିତ୍ସାଳୟରେ ଚିକିତ୍ସିତ ହେଉଥିଲେ । ଆଜି ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଯାଇଛି। ରୋଜଗାରିଆ ପରିବାରର ମୁଖ୍ୟଙ୍କୁ ହରାଇ ପରିବାର ଲୋକେ ଭାଙ୍ଗି ପଡିଛନ୍ତି ।

## କଲମ ଛାଡ଼ ଆନ୍ଦଳନରେ ସାମିଲ ହେଲେ ଓକିଲ ସଂଘ



**ଜୟପୁର,୮।୧୦ (ସଂଚାର ବ୍ୟୁରୋ):** ରାଜ୍ୟ ଆଇନ ସେବା ପରିଷଦ ସଭ୍ୟ ତଥା ବ୍ରହ୍ମପୁର ର ବରିଷ୍ଠ ଆଇନଜୀବୀ ପୀତବାସ ପଣ୍ଡା ଙ୍କୁ ଦୁବୃତ ମାନେ ଗୁଳି କରି ହତ୍ୟା କରିବା ପରେ ମଧ୍ୟ ପୋଲିସ ଦୃର୍ବତ ମାନଂକୁ ଧରିବାରେ ବିଫଳ ହୋଇଥିବାରୁ ରାଜ୍ୟ ଅକିଲ ସଙ୍ଘ ର ପେନ ବନ୍ଦ ଡାକରା ରେ ଜୟପୁର ଓକିଲ ସଙ୍ଘ ସାମିଲ ହୋଇଛନ୍ତି। ଆଜି ଜୟପୁର ବାର ସଭାପତି ସରୋଜ ଦାସ ଙ୍କ ସଭାପତିତ୍ୱ ରେ ସଭା ଗୃହ ଠାରେ ସ୍ୱର୍ଗତ ପୀତବାସ ପଣ୍ଡା ଙ୍କ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ରାଜ୍ୟ ଆଇନ ପରିଷଦ ର ସଭ୍ୟ ସମତେ ସମସ୍ତ କର୍ମକର୍ତା ଏବଂ ଓକିଲ ଉପସ୍ଥିତି ରହିଥିଲେ। ପ୍ରଥମେ ସ୍ୱର୍ଗତ ପଣ୍ଡା ଙ୍କ ଆତ୍ମା ର ସଦଗତି ନିମନ୍ତେ ନୀରବ ପାର୍ଥନା ସହ ଫୋଟୋ ଚିତ୍ରରେ ପୁଷ୍ପ ଅର୍ପଣ କରିଥିଲେ। ଏବଂ ଜଣେ ଓକିଲ ଙ୍କୁ ଉପରେ ଆକ୍ରମଣ କୁ ନିନ୍ଦା କରବା ସହ ଦୃର୍ବତ ମାନଂକୁ ତୁରନ୍ତ ଗିରଫ ସହ ମୃତ୍ୟୁ ପୀତବାସ ପଣ୍ଡା ଙ୍କ ପରିବାର ଙ୍କୁ ଏକ କୋଟି ଅନୁକମ୍ପା ରାଶି ପ୍ରଦାନ ନିମନ୍ତେ ଦାବି କରିଛନ୍ତି। ଏବଂ ରାଜ୍ୟ ସଙ୍ଘ ର ଡାକରା କ୍ରମ ରେ ଦୃର୍ବତ ଗିରଫ ନ ହେବା ପର୍ଯ୍ୟନ୍ତ କଲମ ଛାଡ଼ ଆନ୍ଦଳନ କୁ ସମର୍ଥମନ କରିବା ସହ ଜୟପୁର ଜିଲ୍ଲା କୋର୍ଟ ର ସମସ୍ତ ଓକିଲ କଲମ ଛାଡ଼ ଆନ୍ଦୋଳନ ରେ ସାମିଲ ରହିବେ ବୋଲି ସଂପାଦକ ସଚ୍ଚିଦାନନ୍ଦ ମିଶ୍ର ସୂଚନା ଦେଇଛନ୍ତି ।

## ଆଇନଜୀବୀଙ୍କ କଲମଛାଡ ଆନ୍ଦୋଳନ



**ବେତନଟୀ,୮।୧୦ (ସଂଚାର ବ୍ୟୁରୋ):** ବ୍ରହ୍ମପୁରର ବରିଷ୍ଠ ଆଇନଜୀବୀ ତଥା ରାଜ୍ୟ ବାର କାଉନସିଲ ସଦସ୍ୟ ପୀତବାସ ପଣ୍ଡାଙ୍କୁ ଜଘନ୍ୟ ହତ୍ୟାର ପ୍ରତିବାଦରେ ସମଗ୍ର ରାଜ୍ୟର ଆଇନ୍‌ଜୀବୀଗଣ ଆନ୍ଦୋଳନକୁ ତୀବ୍ର କରିଛନ୍ତି।ଫଳସ୍ୱରୂପ, ରାଜ୍ୟର ସମସ୍ତ ବିଚାର ବିଭାଗୀୟ କୋର୍ଟ ପ୍ରାୟତଃ ଆଜି ୮ ତାରିଖ ବନ୍ଦ ରହିଥିଲା। ତଦନୁଯାୟୀ ବେତନଟୀ ୧ମଶ୍ରେଣୀ ବିଚାର ବିଭାଗୀୟ ଅଦାଲତ ତଥା ଜେ. ଏମ.ଏଫ୍. ସି. କୋର୍ଟରେ ଆଇନଜୀବୀଗଣ ଏକତ୍ରିତ ହୋଇ ମାନନୀୟା ବିଚାରପତି ରଶ୍ମି ନାରାୟଣୀ ମିଶ୍ରଙ୍କୁ ଲିଖିତ ଭାବେ ଆଜି ଦିନକ ମାତ୍ର 'କଲମଛାଡ ଆନ୍ଦୋଳନ'କରୁଥିବାର ଜଣାଇଥିଲେ। ଏଥିରେ ବେତନଟୀବାରର ସଭାପତି ଓ ସଂପାଦକଙ୍କ ସମେତ ଅନେକ ସଦସ୍ୟଗଣ ଉପସ୍ଥିତ ଥିଲେ।

## ପଞ୍ଚାୟତରେ ସ୍ୱତନ୍ତ୍ର ଗ୍ରାମ ସଭା ପ୍ରହସନ ପାଲଟିଛି

**ବୈଶିଙ୍ଗା,୮।୧୦ (ସଂଚାର ବ୍ୟୁରୋ):** ପ୍ରତି ପଞ୍ଚାୟତରେ ଉନ୍ନତ୍ତି ମୂଳକ କାର୍ଯ୍ୟକ୍ରମ କରାଯିବା ପାଇଁ ପଲ୍ଲୀସଭା ଏବଂ ପରେ ଗ୍ରାମସଭା କରାଯାଇ ବିଭିନ୍ନ ପ୍ରକଳ୍ପ ମଞ୍ଜୁରୀ କରାଯିବା ସହିତ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କ ଅନୁମୋଦନ ପ୍ରାପ୍ତ କରାଯାଇ ଥାଏ। ପଲ୍ଲୀ ସଭାର ସିଦ୍ଧାନ୍ତ ଅନୁଯାଇ ଗ୍ରାମରେ ବଛା ଯାଇଥିବା ବ୍ୟକ୍ତିବିଶେଷ କ୍ରମାନ୍ୱୟରେ କାର୍ଯ୍ୟାଦେଶ ପାଇ ପ୍ରକଳ୍ପ କାର୍ଯ୍ୟ କରିଥାନ୍ତି। ମାତ୍ର ବିଡମ୍ବନା ର ବିଷୟ ଯେ ଗତ ପଞ୍ଚାୟତ ନିର୍ବାଚନ ପର ଠାରୁ ଆଜି ପର୍ଯ୍ୟନ୍ତ ଗ୍ରାମମାନଙ୍କରେ ପଲ୍ଲୀସଭା ଅନୁଷ୍ଠିତ ହୋଇ ପାରି ନାହିଁ। କେବଳ ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟରେ ପଞ୍ଚାୟତବାସୀ ଙ୍କ ଅଗୋଚରରେ ନିଜ ଇଚ୍ଛା ମୁତାବକ ପ୍ରକଳ୍ପ ଦିଆଯାଉଥିବାର ଅଭିଯୋଗ ହୋଇ ଆସୁଛି। କେବଳ ଗାନ୍ଧି ଜୟନ୍ତୀ ଏବଂ ସ୍ୱାଧୀନତା ଦିବସ ଅବସରରେ ରାଜ୍ୟର ପ୍ରତି ପଞ୍ଚାୟତରେ ସ୍ୱତନ୍ତ୍ର ଗ୍ରାମସଭା କରାଯିବା ସହିତ ପ୍ରକଳ୍ପ ଗୁଡ଼ିକର ସିଦ୍ଧାନ୍ତ ନିଆଯିବା ର ସରକାରୀ ବ୍ୟବସ୍ଥା ରହିଛି। ଏଥିପାଇଁ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଏକ ଡେଙ୍ଗୁରା ଦିଆ ଯିବାର ବ୍ୟବସ୍ଥା ରହିଛି। ମାତ୍ର ଡେଙ୍ଗୁରା ନ ଦେବା ଯୋଗୁଁ କୌଣସି ଗ୍ରାମବାସୀ ଜାଣି ନ ପାରିବାର ଅଭିଯୋଗ ମଧ୍ୟ ରହିଛି। ଏଥିପାଇଁ ଜନ ସାଧାରଣଙ୍କ ମଧ୍ୟରେ ଅସନ୍ତୋଷ ର ଦାନା ବାନ୍ଧିବାରେ ଲାଗିଛି।ଉନ୍ନତ୍ତି ମୂଳକ କାର୍ଯ୍ୟରେ ଫଳକ ନ ଲଗାଇ ମନଇଚ୍ଛା କାର୍ଯ୍ୟ କରାଯିବାକୁ ପ୍ରଶାସନର ଅବହେଳା ବୋଲି ମତ ପ୍ରକାଶ ପାଇଛି। ସ୍ଥାନୀୟ ସରପଞ୍ଚ ଏଥି ପ୍ରତି ଧ୍ୟାନ ଦେବାକୁ ଦାବୀ ହେଉଛି।

## ଜିଲ୍ଲା ଯାଦବ ମହାସଭାର ବାର୍ଷିକ ଉତ୍ସବ

**ସୁବର୍ଣ୍ଣପୁର,୮।୧୦ (ସଂଚାର ବ୍ୟୁରୋ):** ସୁବର୍ଣ୍ଣପୁର ଜିଲ୍ଲା ଯାଦବ ସମାଜର ବାର୍ଷିକ ଉତ୍ସବ ସ୍ଥାନୀୟ ସମେଲେଇଶ୍ୱରି ମନ୍ଦିର ପରିସର ରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପ୍ରଥମେ ମାଁ ବୁଢ଼ିସମଲେଇ ମନ୍ଦିରରୁ ଏକ ପାରମ୍ପାରିକ ବାଡିଖେଲର ଏକ ବିରାଟ ଶୋଭାଯାତ୍ରା ବାହାରି ସହର ପରିକ୍ରମା କରି ସମଲେଇଶ୍ୱରି ମନ୍ଦିର ରେ ପହଂଚିଥିଲେ। ପରେ ମାଁ ସମଲେଶ୍ୱରିଙ୍କ ପୂଜାର୍ଚ୍ଚନା ପରେ ମନ୍ଦିର ପରିସରରେ ଏକ ସଭା ଆୟୋଜିତ ହୋଇଯାଇଛି। ଏହି ଉତ୍ସବରେ ଜିଲ୍ଲା ସଭାପତି ତପନ ଜୁଆଡି ଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉତ୍ସବରେ ମୁଖ୍ୟ ଅତିଥି ଭାବରେ ସୁବର୍ଣ୍ଣପୁର ଜିଲ୍ଲାପରିଷଦ ଅଧ୍ୟକ୍ଷା ସୂପାର ଠେଲା ଯୋଗ ଦେଇ ଯାଦବ ସମାଜର ଉନ୍ନତି ତଥା ମଙ୍ଗଳ କାମନା କରିବା ସହିତ ଯାଦବ ସମାଜର ମହିଳା ମାନଙ୍କୁ ସମାଜର ମୁଖ୍ୟ ସ୍ରୋତ ରେ ସାମିଲ ହେବାପାଇଁ ପ୍ରବର୍ତ୍ତାଇ ଥିଲେ। ଏହି ଉତ୍ସବରେ ପଡୋଶି, ବରଗଡ଼, ବରପାଲି, ସମ୍ବଲପୁର ବଲାଙ୍ଗିର, ବୌଦ୍ଧ ଆଦି ଜିଲ୍ଲାର ସଭାପତି ମାନେ ସମ୍ମାନିତ ଅତିଥି ଭାବରେ ଯୋଗଦେଇଥିବା ବେଳେ ଜିଲ୍ଲାର ଛଅଗୋଟି ବ୍ଲକର ସଭାପତି, ଉପସଭାପତି ଓ ସମ୍ପାଦକ ମାନେ ଯୋଗଦେଇ ଜାଦବ ସମାଜରେ ଥିବା ବିଭିନ୍ନ ପ୍ରକାର କୁସଂସ୍କାର କୁ ପ୍ରତିହତ କରିବା ସହିତ ସମାଜରେ ଥିବା ଅବହେଳିତ ପରିବାର ସମୂହକୁ ସମାଜର ମୁଖ୍ୟ ସ୍ରୋତରେ ସାମିଲ କରିବା ପାଇଁ ଜିଲ୍ଲା ଯାଦବ ସମାଜ ପକ୍ଷରୁ ସହଯୋଗ କରିବା ପାଇଁ ପ୍ରତିବଦ୍ଧ ଥିବା କହିଥିଲେ।

## ଚାରାରୋପଣ ଓ ବଣ୍ଟନ

**ବାଲିଆପାଳ,୮।୧୦ (ସଂଚାର ବ୍ୟୁରୋ):** ବାଲିଆପାଳ ବ୍ଲକରେ ଆଜାଦ୍ ହିନ୍ଦ୍ ଫାଉଣ୍ଡେସନ ପକ୍ଷରୁ ଚାରା ରୋପଣ ଏବଂ ଚାରା ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି।ଆମେ ବଞ୍ଚିବା ଜୀବ ଜଗତକୁ ବଞ୍ଚାଇବା, ପରିବେଶ ଆମର ଦାୟିତ୍ୱ, ପରିବେଶ ସୁରକ୍ଷା ଜୀବନ ରକ୍ଷା, ପୃଥିବୀ ଉତ୍ତାପ ପାଇଁ ଦାୟୀ କିଏ ନାରା ଦେଇ ବାଲିଆପାଳର ବିଭିନ୍ନ ସ୍ଥାନରେ ୫୦୦ରୁ ଊର୍ଦ୍ଧ୍ୱ ବୃକ୍ଷ ରୋପଣ କରିବା ସହିତ ଚାରା ବଣ୍ଟନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଫାଉଣ୍ଡେସନର ପ୍ରତିଷ୍ଠାତା ପ୍ରଦ୍ୟୁମ୍ନ ମହାଲ୍ଲିକ, ସଭାପତି ସନାତନ ଗଙ୍ଗାଇ, ସଂମ୍ପାଦକ ବିଶ୍ୱ ରଞ୍ଜନ ସେଠି, ଉପସଭାପତି ପ୍ରଭାତ ରଞ୍ଜନ ଦାସ, ଉପସମ୍ପାଦକ ଭୋଳା ସିଂହ, ସଦସ୍ୟ ସଞ୍ଜୟ ଦାସ, ମଦନ ମୋହନ ଦାସ, ଦେବପ୍ରସାଦ ଦାସ, ବିକ୍ରମ ଦେ, ଅନୁଜ କୁମାର ରାଉତ, କମଳ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ବନ୍ୟପ୍ରାଣୀ ସପ୍ତାହ ପାଳିତ

**ନୀଳଗିରି,୮।୧୦ (ସଂଚାର ବ୍ୟୁରୋ):** କୁଲଡିହା ବନଖଣ୍ଡ ବିଭାଗ ତରଫରୁ ୭୧ ତମ ବନ୍ୟପ୍ରାଣୀ ସପ୍ତାହ ପାଳିତ ହୋଇଯାଇଛି। ଶ୍ୟାମସୁନ୍ଦରପୁର ପଞ୍ଚାୟତର ଦଳଦଳି ଗ୍ରାମର ବୁଧବାର ସକାଳ ୧୦ ଘଟିକା ସମୟରେ ଓଡିଶା ସରକାରଙ୍କ ଜଙ୍ଗଲ ପରିବେଶ ଏବଂ ଜଳବାୟୁ ପରିବର୍ତ୍ତନ ବିଭାଗ ଆନୁକୁଲ୍ୟରେ ଉକ୍ତ କାର୍ଯ୍ୟକ୍ରମରେ ପଞ୍ଚଲିଙ୍ଗେଶ୍ୱର ଫରେଷ୍ଟର ହୃଷିକେଶ ପ୍ରଧାନ ଅତିଥି ପରିଚୟ ପ୍ରଦାନ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଜିଲ୍ଲା ବନଖଣ୍ଡ ଅଧିକାରୀ ପ୍ରଫୁଲ୍ଲ କୁମାର ମଲ୍ଲିକ, ସ୍ଥାନୀୟ ବିଧାୟକ ସନ୍ତୋଷ ଖଟୁଆ, କମଳ ଲୋଚନ ପଣ୍ଡା ପ୍ରମୁଖ ଉପସ୍ଥିତ ରହି ଜଙ୍ଗଲ ଓ ଜୀବଜନ୍ତୁଙ୍କ ସୁରକ୍ଷା ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଶେଷରେ ଏକ ବିରାଟ ପଟୁଆର ରେ ଗ୍ରାମ ପରିକ୍ରମା କରାଯାଇ ଜନସାଧାରଣଙ୍କୁ ସଚେତନ କରାଯାଇଥିଲା।

## ଆନ୍ତର୍ଜାତିକ ବରିଷ୍ଠ ନାଗରିକ ଦିବସ

**ବାଲିଆପାଳ,୮।୧୦ (ସଂଚାର ବ୍ୟୁରୋ):** ବାଲିଆପାଳ ବ୍ଲକ ସଭାଗୃହ ମଧ୍ୟରେ ବୁଧବାର ଅପରାହ୍ନରେ ଆନ୍ତର୍ଜାତିକ ବରିଷ୍ଠ ଦିବସ ପାଳିତ ହୋଇଯାଇଛି। ବାଲିଆପାଳ ବ୍ଲକ ଉପାଧ୍ୟକ୍ଷ ରାଜେଶ ଚୌଧୁରୀଙ୍କ ପୌରହିତରେ ମୁଖ୍ୟ ଅତିଥି ଭାବେ ଏବିଡିଓ ଶରତ ଚନ୍ଦ୍ର ମୁଦୁଲି, ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ପାର୍ଥ ସାରଥି ସାହୁ ଯୋଗଦେଇ ପ୍ରତ୍ୟେକ ପରିବାରର ଥିବା ବରିଷ୍ଠ ନାଗରିକ ମାନଙ୍କୁ ସମ୍ମାନ ଦେବା ସହିତ ପ୍ରତ୍ୟେକ କ୍ଷେତ୍ରରେ ଗୁରୁତ୍ୱ ଦେବାର ଆବଶ୍ୟକତା ରହିଛି ବୋଲି କହିଥିଲେ। ଏହି ଅବସରରେ ବାଲିଆପାଳ ବରିଷ୍ଠ ନାଗରିକ ମଞ୍ଚର ସଭାପତି ନାରାୟଣ ପ୍ରସାଦ ସାହୁ, ଡଃ ବଙ୍କିମ ଚନ୍ଦ୍ର ଜେନା, କୃଷ୍ଣ ଚନ୍ଦ୍ର ରାଉଳ, ଅଜୟ କୁମାର ଭୂୟାଁ ଙ୍କୁ ଉପଢୌକନ ଓ ଫୁଲ ତୋଡା ଦେଇ ସମ୍ବର୍ଦ୍ଧନା ଦିଆଯାଇଥିଲା। ଏହାକୁ ଦୃଷ୍ଟିରେ ରଖି ଅକ୍ଟୋବର ଏକ ତାରିଖରେ ବାଲିଆପାଳ ଗୋଷ୍ଠୀ ଶିକ୍ଷା ଅଧିକାରଙ୍କ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଥିବା ବ୍ଲକ ସ୍ତରୀୟ ପ୍ରବନ୍ଧ ପ୍ରତିଯୋଗିତାରେ ପିଏଲ ସରକାରୀ ଉଚ୍ଚବିଦ୍ୟାଳୟ ଜଗାଇର ଛାତ୍ରୀ ନିବେଦିତା ରାଜ, ଏସବିଏସଏନ ଉଚ୍ଚବିଦ୍ୟାଳୟ ନିଖିରାର ଛାତ୍ର ଭବଶଙ୍କର ଦାସ, କେଭି ଉଚ୍ଚବିଦ୍ୟାଳୟ ନାରାୟଣପୁର ଛାତ୍ର ସୁଶ୍ରୀ ମାମାଲି ଗିରି ପ୍ରଥମ, ଦ୍ୱିତୀୟ, ତୃତୀୟ ସ୍ଥାନ ଅଧିକାର କରିଥିଲେ ଓ ସେମାନଙ୍କୁ ପୁରସ୍କୃତ କରାଯାଇଥିଲା। ପ୍ରୋଗ୍ରାମ ଆସିଷ୍ଟାଣ୍ଟ ଭବେଶ ଦାସ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

## ବନଖଣ୍ଡ ବିଭାଗ ପକ୍ଷରୁ ବିଶ୍ୱ ବନ୍ୟପ୍ରାଣୀ ସପ୍ତାହ ପାଳିତ



**ସୁବର୍ଣ୍ଣପୁର,୮।୧୦ (ସଂଚାର ବ୍ୟୁରୋ):** ସୁବର୍ଣ୍ଣପୁର ଜିଲ୍ଲା ବନଖଣ୍ଡ ବିଭାଗ ପକ୍ଷରୁ ବିଭାଗ ର ସଭା ଗୃହ ଠାରେ ୭୧ ତମ ବିଶ୍ୱ ବନ୍ୟ ପ୍ରାଣୀ ସପ୍ତାହ ମହା ସମାରୋହରେ ପାଳିତ ହୋଇଛି । ଏଥିରେ ମୁଖ୍ୟ ଅତିଥି ଭାବରେ ଜିଲ୍ଲାପାଳ ଡ଼. ନୃପ ରାଜ ସାହୁ ଯୋଗ ଦେଇ ସଧାରଣ ଜନତା ସଚେତନ ନ ହେଲେ , ପ୍ରଶାସନ ସହ ସମସ୍ତେ ମିଶି ବନ୍ୟ ପ୍ରାଣୀ ଓ ଜଙ୍ଗଲ ର ସୁରକ୍ଷା ନ କଲେ ପ୍ରାକୃତିକ ବିପର୍ଯ୍ୟୟ ଆହୁରି ବଢି ବଢି ଚାଲିବ , ମଣିଷ ସମାଜ ବଞ୍ଚିବା କଷ୍ଟକର ହୋଇଯିବ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବରେ ଏସପି ନାରାୟଣ ନାଏକ ଓ ଡି ଏଫ୍ ଓ ମଦନ ଲାଲ ଶର୍ମା ଯୋଗ ଦେଇ ପୃଥିବୀ ରେ ପ୍ରଥମେ ବନ୍ୟ ପ୍ରାଣୀ ହିଁ ସୃଷ୍ଟି ହୋଇ ଥିଲେ, କିନ୍ତୁ ଆମେ ମଣିଷ ପୃଥିବୀ ରେ ପରେ ଅବସ୍ଥାପିତ ହୋଇ ବନ୍ୟ ପ୍ରାଣୀ ଙ୍କ ବାସ ଗୃହ ସହ ଜଙ୍ଗଲ କ୍ଷୟ କ୍ଷତି କରି ତାଙ୍କୁ ମାରିବା ପାଇଁ ମଧ୍ୟ ପଛାଉ ନାହିଁ ବୋଲି କହି ମଣିଷ ସମାଜ ବନ୍ୟ ପ୍ରାଣୀ ପ୍ରତି ସହନଶୀଳତା ଉଦାରତା ଭାବ ପ୍ରଦର୍ଶନ ନ କଲେ ଜଙ୍ଗଲ ଓ ବନ୍ୟ ପ୍ରାଣୀ ସୁରକ୍ଷା ଅସମ୍ଭବ ବୋଲି କହିଥିଲେ । ନିମନ୍ତ୍ରିତ ଅତିଥି ଭାବରେ ସୋନପୁର କଲେଜ ପ୍ରାଧ୍ୟାପକ ଉମାକାନ୍ତ ନାଗ, ସମାଜ ସେବୀ ଗୋବିନ୍ଦ ମହାରଣା ଯୋଗ ଦେଇ ବନ୍ୟ ପ୍ରାଣୀ ସୁରକ୍ଷା ଉପରେ ସୁ ଚିନ୍ତିତ ମତାମତ ରଖିଥିଲେ। ସୋନପୁର ସି ଏଫ୍ ଗିରିଧାରୀ ନାଗ, ବୀର ମହାରାଜ ପୁର ଏ ସି ଏଫ୍ ଅବିନାଶ ବରିହା, ସୋନପୁର ରେଞ୍ଜ ଅଫିସର ସୁଭାଷ ମହାପାତ୍ର, ଫରେଷ୍ଟର ଭକ୍ତ ବନ୍ଧୁ ମିଶ୍ର ଉତ୍ସବ ଆୟୋଜନ ରେ ସହଯୋଗ କରିଥିବା ବେଳେ ଜିଲ୍ଲା ର ସମସ୍ତ ଫରେଷ୍ଟ ଓ ରେଞ୍ଜ ସର୍କିଲ ର ଅଫିସର କର୍ମଚାରୀ ଉପସ୍ଥିତ ରହି ନିଜ ନିଜ ଅଞ୍ଚଳ ର ସମସ୍ୟା ଓ ଅନୁଭୂତି ପ୍ରକାଶ କରି ସଚେତନ କରି ଥିଲେ ।

## ଅନାସ୍ଥା ପରେ ଦାୟିତ୍ୱ ନେଲେ ବ୍ଲକ ନୂତନ ଅଧ୍ୟକ୍ଷ



**କୁନ୍ଦୁରା,୮।୧୦(ସଂଚାର ବ୍ୟୁରୋ):** କୋରାପୁଟ ଜିଲା କୁନ୍ଦୁରା ବ୍ଲକଠାରେ କୁନ୍ଦୁରା ବ୍ଲକ ଇତିହାସରେ ପ୍ରଥମ ଥର ହୋଇଥିବା ଅନାସ୍ଥା ପ୍ରସ୍ତାବ ଭୋଟ ପରେ ନୂତନ ଅଧ୍ୟକ୍ଷ ଭାବେ ଦାୟିତ୍ୱ ନେଇଛନ୍ତି ତରୁଣୀସେନ ବିଷୋୟୀ। ଗତ ଦୁଇ ମାସ ଧରି ଧରି ଚାଲିଥିବା ବାଦ ବିବାଦରେ ପଡିଛି ଯବନିକା। କୁନ୍ଦୁରା ପଞ୍ଚାୟତ ସମିତିର ଉପାଧ୍ୟକ୍ଷ ଭାବେ ରହିଥିବା ତରୁଣୀସେନଙ୍କୁ ଦଳଗତ ନିର୍ବିଶେଷରେ ମନୋନୀତ କରାଯାଇଥିବା ଜିଲା ପରିଷଦ ଉପାଧ୍ୟକ୍ଷ ରାଧା ବିନୋଦ ସାମନ୍ତରାୟ ସୂଚନା ଦେଇଛନ୍ତି। ଗତ ଅଗଷ୍ଟ ମାସରେ କୁନ୍ଦୁରା ବ୍ଲକ ଅଧୀନରେ ରହିଥିବା ୧୬ ଟି ପଞ୍ଚାୟତ ମଧ୍ୟରୁ ୧୪ ଟି ପଞ୍ଚାୟତର ୨୬ ଜଣ ସରପଞ୍ଚ ଏବଂ ସମିତି ସଭ୍ୟା ଜୟପୁର ଉପ ଜିଲାପାଳଙ୍କ ନିକଟରେ ଅନାସ୍ଥା ପ୍ରସ୍ତାବ ଆବେଦନ କରିଥିଲେ।

## ଓକିଲ ସଂଘ ପକ୍ଷରୁ କଲମ ଛାଡ଼ ଆନ୍ଦୋଳନ

**ଦାରିଙ୍ଗବାଡି, ୮।୧୦(ସଂଚାର ବ୍ୟୁରୋ):** ବ୍ରହ୍ମପୁରଠାରେ ବରିଷ୍ଠ ଓକିଲ ତଥା ଓକିଲ ସଙ୍ଘର ରାଜ୍ୟ ପରିଷଦ ସଦସ୍ୟ ପୀତବାସ ପଣ୍ଡାଙ୍କୁ ଦୁର୍ବୃତ୍ତମାନେ ଗୁଳି କରି ହତ୍ୟା କରିଥିଲେ। ଏହାର ପ୍ରତିବାଦରେ ଦାରିଙ୍ଗବାଡି ଓକିଲ ସଙ୍ଘ ପକ୍ଷରୁ ବୁଧବାର କଲମ ଛାଡ଼ ଆନ୍ଦୋଳନ କରାଯାଇଛି। ଚଫଳରେ ଦାରିଙ୍ଗବାଡି ପ୍ରଥମଶ୍ରେଣୀ ବିଚାର ବିଭାଗକୁ ଆସୁଥିବା ବିଭିନ୍ନ ଲୋକ ନିଜ ଓକିଙ୍କ ଦ୍ୱାରା ରହିଥିବା କାର୍ଯ୍ୟ ଅଟକିଯାଇଛି। ଓକିଲ ସଙ୍ଘ ପକ୍ଷରୁ ଏହି ପ୍ରତିବାଦ କରୁଥିବା ନେଇ ସଙ୍ଘ ପକ୍ଷରୁ ପ୍ରଥମଶ୍ରେଣୀ ବିଚାରପତି ଙ୍କୁ ଲିଖିତ ଜଣାଇଥିବା ସଂଘ ର ସଭାପତି ପ୍ରଦୀପ କୁମାର ସାହୁ ସୂଚନା ଦେଇଛନ୍ତି।

## ଜିଲ୍ଲା ଓକିଲ ସଂଘ ପକ୍ଷରୁ ଶୋକସଭା

**ଜଗତସିଂହପୁର,୮।୧୦ (ସଂଚାର ବ୍ୟୁରୋ):** ଜିଲ୍ଲା ଓକିଲ ସଂଘର ସଦସ୍ୟ ଆଇନଜୀବି ସ୍ୱର୍ଗତ ଦେବକାନ୍ତ ମିଶ୍ରଙ୍କ ଗତ ତିନି ତାରିଖରେ ମଞ୍ଚରେ ନାଟକରେ ଅଭିନୟ କରିବା ସମୟରେ ହୃଦଘାତରେ ଅକାଳ ବିୟୋଗ ଘଟିଛି। ମୃତ୍ୟୁ ବେଳକୁ ତାଙ୍କୁ ୪୯ ବର୍ଷ ବୟସ ହୋଇଥିଲା। ସ୍ୱର୍ଗତ ଦେବକାନ୍ତ ମିଶ୍ର ଜଣେ ସରଳ, ଅମାୟିକ, ମେଳାପି, କ୍ରୀଡ଼ାପ୍ରେମୀ, ନାଟ୍ୟ ପ୍ରେମୀ ବ୍ୟକ୍ତିଭାବେ ସମସ୍ତଙ୍କର ପ୍ରିୟପାତ୍ର ଥିଲେ। ଏହି ଅବସରରେ ଏକ ଶୋକସଭା ଜିଲ୍ଲା ଓକିଲ ସଂଘ ଗୃହରେ ଅନୁଷ୍ଠିତ ହୋଇଯାଇଛି। ଶୋକସଭାରେ ଜଗତସିଂହପୁର ଜିଲ୍ଲା ଓକିଲ ସଂଘ ଉପସଭାପତି ସରୋଜ କୁମାର ବିଶ୍ୱାଳ ସଭାପତିତ୍ୱ କରିଥିଲେ। ବରିଷ୍ଠ ଆଇନଜୀବି ଗୋରାଚାନ୍ଦ୍ କାନୁନଗୋ, ଅତୁଲ୍ୟ ଚନ୍ଦ୍ର ଦାସ, ବିଳାସ ଚନ୍ଦ୍ର ଲେଙ୍କା, ସୌରୀପ୍ରସାଦ ସ୍ୱାଇଁ, ପିତାମ୍ବର ପଣ୍ଡା, ଯୁଧିଷ୍ଠିର ମିଶ୍ର, ରବିନ୍ଦ୍ର କୁମାର ସ୍ୱାଇଁ, ସୁଧାଂଶୁ ମୋହନ ମିଶ୍ର, ପାର୍ଥସାରଥୀ ଦାସ, ସୁବ୍ରତ ଶତପଥୀ, ଗଗନ୍ ଚନ୍ଦ୍ର ଦାଶ, ସଂପାଦକ ପ୍ରସନ୍ନ କୁମାର ମହାନ୍ତି, ଯୁଗ୍ମ ସମ୍ପାଦକ ଜ୍ଞାନ ରଞ୍ଜନ ମହାନ୍ତି, ଶାରଦା ପ୍ରସାଦ ଦାସ, ନରେଶ ଦାସ, ପ୍ରକାଶ ଚନ୍ଦ୍ର ପ୍ରଧାନ, ପ୍ରକାଶ ଚନ୍ଦ୍ର ରାୟ, ଶକ୍ତିଧର ମିଶ୍ର, ସୁଧାଂଶୁ ଶେଖର ପାତ୍ର ପ୍ରମୁଖ ସ୍ୱର୍ଗତ ଆଇନଜୀବୀ ଦେବକାନ୍ତ ମିଶ୍ରଙ୍କ ସ୍ମୃତି ଉଦ୍ଦେଶ୍ୟରେ ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ। ପ୍ରାରମ୍ଭରେ ସ୍ୱର୍ଗତ ଆତ୍ମାର ସଦଗତି କାମନା ନିମନ୍ତେ ଦୁଇ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା।

## ୧ କ୍ୱିଣ୍ଟାଲ ୬୭ କେଜି ଗଞ୍ଜେଇ ଜବତ୍, ୨ ଗିରଫ



**ସୁବର୍ଣ୍ଣପୁର,୮।୧୦ (ସଂଚାର ବ୍ୟୁରୋ):** ପୋଲିସ ଜାଲରେ ଫସିଲା ଗଞ୍ଜେଇ ମାଫିଆ। ସୋନପୁର ବ୍ଲକ ବୁରୋମୁଣ୍ଡା ଠାରେ କରିଥିବା ଗଞ୍ଜେଇ ଗୋଦାମ ରେ ଚଢ଼ାଉ କଲା ସୋନପୁର ପୋଲିସ। ଜିଲ୍ଲା ଆରକ୍ଷୀ ଅଧିକାରୀ ନାରାୟଣ ନାୟକ ଙ୍କ ସୂତ୍ରରୁ ପ୍ରକାଶ ଯେ ଗତକାଲି ସକାଳ ୧୦.୩୦ ସମୟରେ ସୋନପୁର ଥାନାର ଏକ ଟିମ୍ ଏସଆଇ ଦୀପ୍ତି ରଞ୍ଜନ ଦିଗାଲ ଙ୍କ ନେତୃତ୍ୱରେ ପେଟ୍ରୋଲିଂ କରୁଥିବା ବେଳେ ବିଶ୍ୱସ୍ତ ସୂତ୍ରରୁ ଏକ ଧଳା ରଙ୍ଗର ଇଣ୍ଡିଗୋ କାରରେ ଗଞ୍ଜେଇ ଚାଲାଣ ହେଉଥିବାର ଖବର ପାଇ ଉକ୍ତ ଗାଡିର ସନ୍ଧାନ ପାଇ ତାର ପିଛା କରିଥିଲେ। ଉକ୍ତ ଗାଡି ସୋନପୁର-ବଲାଙ୍ଗିର ରାସ୍ତାର ହରାଡଖୋଲ ଗ୍ରାମ ଦେଇ ବୁରୋମୁଣ୍ଡା ଗ୍ରାମକୁ ଦ୍ରୁତ ଗତିରେ ପଳେଇ ଥିବା ବେଳେ କୌଶଳ କ୍ରମେ ପୁଲିସ ଟିମ ତାହାର ପିଛା କରିଥିଲେ। ସେହି ଗାଡିଟି ବୁରୋମୁଣ୍ଡା ଗୁଲୁ ସାହୁଙ୍କ ଗୋଦାମ ଘରକୁ ଯାଇ ସେଠାରେ ଗାଡିରୁ ଗଞ୍ଜେଇ ବସ୍ତା ଓଲ୍ଲାଇ ଗୋଦାମ ଭିତରେ ଦୁଇ ଜଣ ଲୋକ ରଖୁଥିବା ବେଳେ ସେମାନଙ୍କ ଠାରୁ ୨ ଟି ବସ୍ତାରେ ଥିବା ୫୧ କେଜି ୨୦୦ ଗ୍ରାମ ଗଞ୍ଜେଇ ସହ ଇଣ୍ଡିଗୋ ଇସିଏସ କାର ନଂ ଓଡି୩୧-୫୯୫୫ କୁ ଜବତ କରାଯିବା ସହ ଡ୍ରାଇଭର ବୌଦ୍ଧ ଜିଲ୍ଲା କଣ୍ଢାମାଳ ଥାନା ମାର୍ଡୋଲ ଗ୍ରାମର ବିଶିକେଶନ୍ ଭୋଇ (୪୫) ଓ ବୁରୋମୁଣ୍ଡା ଗ୍ରାମର ଗୌରୀଶଙ୍କର ମଲ୍ଲିକ (୪୦) ଙ୍କୁ ସୋନପୁର ପିଏସ କେସ ନଂ ୨୫୦/ତା ୦୭.୧୦.୨୫U/s-20(b) (ii) C/25/29 ଏନଡ଼ିପିଏସ ଆକ୍ଟ ଅନୁସାରେ ଗିରଫ କରାଯାଇ ସେମାନଙ୍କୁ ଆଜି କୋର୍ଟ ଚାଲାଣ କରାଯାଇଛି। ପ୍ରଥମ କେସର ତଦନ୍ତ ସାରି ପୁଲିସ ଟିମ ଅଭିଯୁକ୍ତ ମାନଙ୍କୁ ଧରି ବୁରୋମୁଣ୍ଡା ଗ୍ରାମରୁ ବାହାରୁଥିବା ବେଳେ ବିଶ୍ୱସ୍ତ ସୂତ୍ରରୁ ଖବର ମିଳିଲା ଯେ ଉକ୍ତ ଅଭିଯୁକ୍ତ ଗୌରିଶଙ୍କର ମଲ୍ଲିକ ଯାହାର ଘର ଉକ୍ତ ଗୁଲୁ ସାହୁ (ଦେବେନ୍ଦ୍ର) ର ଗୋଦାମ ଘର ସାମନାରେ ଅବସ୍ଥିତ ଏହି ଘରେ ଗୌରିଶଙ୍କର ଓ ଗୁଲୁ ସାହୁ ମିଶି ଆହୁରି ଗଞ୍ଜେଇ ବେଆଇନ ଭାବେ ରଖିଛନ୍ତି।